ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଜୁନ୍ ୨୧/୨୦୨୧ (୧୨ ପୃଷ୍ଠା) | Bhubaneswar, Monday, June 21/2021 | ★★★★★★
୪୭ଶ ଭାଗ ୨୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ୪ ଲକ୍ଷ ଦେବାକୁ ମନାକଲେ

## କୋଭିଡ୍ ମୃତକଙ୍କ ପରିବାରକୁ କ୍ଷତିପୂରଣ: ହାତ ଟେକିଦେଲା କେନ୍ଦ୍ର

ନୂଆଦିଲ୍ଲୀ,୨୦।୬

ମୃତ୍ୟୁ ପ୍ରମାଣପତ୍ର କହୁଛି, ଫୁସ୍‌ଫୁସ୍ ଓ ହାର୍ଟ ସମସ୍ୟା ଯୋଗୁ ରୋଗୀଙ୍କ ଜୀବନ ଯାଇଛି। ମୃତକଙ୍କ ପରିବାର ସରକାରୀ ସହାୟତା ପାଇଁ ଧାଇଁ ଧାଇଁ ନୟାନ୍ତ। କରୋନା ପୀଡ଼ିତଙ୍କ ଜୀବନ ଗଲେ ତାଙ୍କ ମୃତ୍ୟୁ ପ୍ରମାଣପତ୍ର ଜାରି



କରିବା ନେଇ କୌଣସି ଏକକ ନିୟମ କିମ୍ବା ଗାଇଡ୍‌ଲାଇନ୍ ରହିଛି କି ବୋଲି କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ କେନ୍ଦ୍ର କହିଛି, ଭାରତର ପ୍ରତିଟି କରୋନାଜନିତ ମୃତ୍ୟୁକୁ ଗୁରୁତ୍ୱ ସହ ଗ୍ରହଣ କରାଯାଇ ଏହାକୁ ସତ୍ୟ ବୋଲି ପ୍ରମାଣିତ କରାଯିବ। ଯେଉଁ ଡାକ୍ତର ଏପରି କରିବାରେ ବିଫଳ ହେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନେକ ରାଜ୍ୟ ମୃତ୍ୟୁସଂଖ୍ୟା ଲୁଚାଉଥିବା ନେଇ ଅଭିଯୋଗ ଆସିବା ପରେ ପ୍ରତ୍ୟେକ କୋଭିଡ୍-୧୯ ମୃତ୍ୟୁକୁ ପ୍ରମାଣୀକୃତ କରିବା ଲାଗି କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଥିବା ଶନିବାର ରାତିରେ ସୁପ୍ରିମକୋର୍ଟରେ ଦାଖଲ କରିଥିବା ୧୮୩ ପୃଷ୍ଠା ସମ୍ବଳିତ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଏଥିସହ କରୋନା ଲକ୍‌ଡାଉନ୍ ଯୋଗୁ ଆର୍ଥିକ ସ୍ଥିତି ଦୋହଲିଯାଇଥିବାରୁ କୋଭିଡ୍ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ସମ୍ଭବ ନୁହେଁ। ବର୍ତ୍ତମାନ ସ୍ଥିତିରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଗୁଡ଼ିକ ଏହି ବୋଝ ସହିବା ଅବସ୍ଥାରେ ନାହାନ୍ତି ବୋଲି କେନ୍ଦ୍ର କହିଛି। କେନ୍ଦ୍ର ସରକାର ପୂର୍ବରୁ କୋଭିଡ୍ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯିବା ନେଇ ଚିନ୍ତା କରାଯାଉଛି ବୋଲି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଥିଲେ। ଏବେ ନିଜ ମୁଣ୍ଡରେ କ୍ଷତିପୂରଣ ଅର୍ଥ ବୋଝ ପଡ଼ିବା ଆଶଙ୍କା କରି କେନ୍ଦ୍ର ଏପରି ଯୁକ୍ତି ବାଢ଼ିଥିବା କୁହାଯାଉଛି।

ସୁପ୍ରିମକୋର୍ଟରେ ନିକଟରେ ଏକ ପିଟିଶନ ଦାଏର ହୋଇଥିଲା। କରୋନାରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମୃତ୍ୟୁ ☞ପୃଷ୍ଠା-୪

### ସୁପ୍ରିମକୋର୍ଟରେ ସତ୍ୟପାଠ

- କରୋନା ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସମ୍ଭବ ନୁହେଁ
- ରୋଗୀ ନିଜ ଘରେ ମରିଥିଲେ ବି ମୃତ୍ୟୁ ପ୍ରମାଣପତ୍ରରେ 'କୋଭିଡ୍' ଉଲ୍ଲେଖ ଅନିବାର୍ଯ୍ୟ
- ଖିଲାପ କଲେ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ
- ୫ ରାଜ୍ୟର ରେକର୍ଡରେ ନାହିଁ ୪.୮ ଲକ୍ଷ ମୃତ୍ୟୁର କାରଣ

# ଆଜିଠୁ କ୍ୟାମ୍ପେନ୍ ମୋଡ୍‌ରେ ଟିକାକରଣ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ସାରା ରାଜ୍ୟରେ ସୋମବାରଠାରୁ କ୍ୟାମ୍ପେନ୍ ମୋଡ୍‌ରେ ଟିକାକରଣ ଆରମ୍ଭ ହେବ। ପୂର୍ବରୁ ରାଜ୍ୟରେ ଦୈନିକ ଦେଢ଼ ଲକ୍ଷ ଲୋକଙ୍କୁ ଟିକାକରଣ କରାଯାଉଥିବାବେଳେ ଏହା ଦୁଇଗୁଣ ହେବ। ଅର୍ଥାତ୍ ଏଣିକି ଦୈନିକ ୩ ଲକ୍ଷ ଟିକାକରଣ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ରାଜ୍ୟରେ ମୋଟ୍ ୩,୦୯,୮୫,୫୩୮ ହିତାଧିକାରୀଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିମଧ୍ୟରେ ୧୮ରୁ ୪୪ବର୍ଷ ବର୍ଗର ୧,୯୩,୮୧,୬୯୩ ଜଣ ଏବଂ ୧,୧୬,୦୩,୮୪୫ଜଣ ୪୫ବର୍ଷ ଓ ଏହାଠାରୁ ଊର୍ଦ୍ଧ୍ୱ ବୟସର ହିତାଧିକାରୀ ରହିଛନ୍ତି। ଏବେ ଦୈନିକ ୩ଲକ୍ଷ ଟିକାକରଣ ପାଇଁ ସରକାର ନିର୍ଦ୍ଦେଶ ଦେଇଥିବାରୁ କେଉଁ ଜିଲାରେ କେତେଜଣ ହିତାଧିକାରୀ ଟିକା ନେବେ ସେ ନେଇ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ତାଲିକା ପ୍ରସ୍ତୁତ କରିଛି। କେନ୍ଦ୍ର ସରକାର ପଠାଇଥିବା ଓ ରାଜ୍ୟ ସରକାର ☞ପୃଷ୍ଠା-୪

# ଅନାଥ ଶିଶୁଙ୍କ ପାଇଁ 'ଆଶୀର୍ବାଦ'

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

କୋଭିଡ୍‌ରେ ମା', ବାପାଙ୍କୁ ହରାଇଥିବା ଶିଶୁଙ୍କ ପାଇଁ ରାଜ୍ୟ ସରକାର ନୂଆ ଯୋଜନା 'ଆଶୀର୍ବାଦ' ଆରମ୍ଭ କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଘୋଷଣା କରିଛନ୍ତି। ପରିବାର ମୁଖ୍ୟ ଉପାର୍ଜନକାରୀଙ୍କୁ ହରାଇଥିବା ଶିଶୁ ମଧ୍ୟ ଏହି ଯୋଜନାରେ ଉପକୃତ ହେବେ। ଉଭୟ ମା', ବାପା କିମ୍ବା ଜଣଙ୍କୁ ହରାଇଥିଲେ ବି ପିଲାଙ୍କୁ ମିଳିବ ସୁବିଧା। ଉଭୟଙ୍କୁ ହରାଇଥିଲେ ଭରଣପୋଷଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ବାବଦକୁ ମାସିକ ୨୫ଶହ ଟଙ୍କା ଦେବେ ସରକାର। ପିଲାଙ୍କ ଦାୟିତ୍ୱ ନେଉଥିବା ଆତ୍ମୀୟଙ୍କ ବ୍ୟାଙ୍କ ଖାତାରେ ଏହି ଟଙ୍କା ଜମା କରାଯିବ। ସେହିଭଳି ମୁଖ୍ୟ ଉପାର୍ଜନକାରୀ ବାପା କିମ୍ବା ମା'ଙ୍କୁ ହରାଇଥିଲେ ମାସକୁ ୧୫ଶହ ଟଙ୍କା ମିଳିବ। ଏହି ଟଙ୍କା ବଞ୍ଚିଥିବା ମା', ବାପା କିମ୍ବା ପିଲାର ବ୍ୟାଙ୍କ ଖାତାରେ ଜମା କରାଯିବ। ୨୦୨୦ ଏପ୍ରିଲ ୧ ଠାରୁ କୋଭିଡ୍‌ର ପରେ ଅନାଥ ହୋଇଥିବା ଶିଶୁଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହ ସେମାନଙ୍କୁ ୧୮ବର୍ଷ ହେବା ପର୍ଯ୍ୟନ୍ତ ଏହି ଆର୍ଥିକ ସହାୟତା ମିଳିବ। କେହି ପୋଷ୍ୟ ଭାବେ ଗ୍ରହଣ କଲେ ଆଉ ସହାୟତା ଦିଆଯିବ ନାହିଁ। ତେବେ ଜଣେ ବି ଅନାଥ ପିଲା ଯେପରି ଯୋଜନାରୁ ବଞ୍ଚିତ ନ ହେବେ, ସେଥିଲାଗି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ନିୟମିତ ☞ପୃଷ୍ଠା-୪

### ଘୋଷଣା କଲେ ମୁଖ୍ୟମନ୍ତ୍ରୀ

- ମା, ବାପାଙ୍କୁ ହରାଇଥିଲେ ମିଳିବ ୨,୫୦୦
- ଜଣଙ୍କୁ ହରାଇଥିଲେ ୧,୫୦୦
- ସ୍ୱାସ୍ଥ୍ୟ ବୀମା, ଆବାସ ଓ ଜାତୀୟ ଖାଦ୍ୟ ଯୋଜନା ସୁବିଧା
- ପ୍ରତିବର୍ଷ ଜିଲାପାଳ କରିବେ ସ୍ୱତନ୍ତ୍ର ଅଭିଯାନ

# ୭ ସପ୍ତାହରେ ପେଟ୍ରୋଲ ୬.୮୬, ଡିଜେଲ ୭.୮୯ ଟଙ୍କା ବଢ଼ିଲାଣି

### ପେଟ୍ରୋଲ ୨୯, ଡିଜେଲ ୩୧ ପଇସା ବୃଦ୍ଧି

ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୦।୬

ଦିନକର ବିରତି ପରେ ପୁଣି ଥରେ ତୈଳ ଦର ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍)ର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୨୯ ପଇସା ଏବଂ ଡିଜେଲରେ ୩୧ ପଇସା ବଢ଼ିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୭.୯୮ ଟଙ୍କା ଏବଂ ଡିଜେଲ ୯୫.୮୭ ଟଙ୍କାରେ ବିକ୍ରି ହେଉଛି। ଫଳରେ ଗତ ୭ ସପ୍ତାହ ମଧ୍ୟରେ ୨୭ ଥର ତେଲଦର ବୃଦ୍ଧି ଘଟିଲାଣି। ଏହି ସମୟ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୬.୮୬ ଟଙ୍କା ଏବଂ ଡିଜେଲ ୭.୮୯ ଟଙ୍କା ବଢ଼ିଛି। ସେହିଭଳି କଟକ ସହରରେ ପେଟ୍ରୋଲ ଲିଟର ପିଛା ୯୮.୩୧ ଟଙ୍କା ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ମିଛ ହେଲାଣି କାଳ

### ଆଜିର ମନ୍ତବ୍ୟ

"୧୩୫ କୋଟି ଜନସଂଖ୍ୟାରୁ ୮୦ କୋଟି 'ଗରିବ କଲ୍ୟାଣ' ଯୋଜନାରେ ମାଗଣା ଖାଦ୍ୟଶସ୍ୟ ଆବଶ୍ୟକ କରିବା ନରେନ୍ଦ୍ର ମୋଦି ସରକାରଙ୍କ 'ବିକାଶ'ର ଅନ୍ୟତମ ଯନ୍ତ୍ରଣାଦାୟକ ଦୃଷ୍ଟାନ୍ତ।

–ରାହୁଲ ଗାନ୍ଧୀ, କଂଗ୍ରେସ ନେତା







**ଡେଲ୍ଟା ପ୍ଲସ୍ ଭାରିଆଣ୍ଟ ଚିନ୍ତାଜନକ**
ଭାରତରେ କୋଭିଡ୍-୧୯ ସଂକ୍ରମଣର ଦ୍ୱିତୀୟ ଲହରକୁ ବ୍ୟାପକ କରିଥିବା ଭୂତାଣୁର ଡେଲ୍ଟା ଭାରିଆଣ୍ଟ (ବି.୧.୬୧୭.୨ ଷ୍ଟ୍ରେନ୍)ର ନୂଆ ରୂପ ଡେଲ୍ଟା ପ୍ଲସ୍। ଏହାର ଆହୁରି ଦ୍ରୁତ ବେଗରେ ସଂକ୍ରମଣ ହେବାକୁ ଥିବାରୁ ଅଧିକ ଚିନ୍ତାଜନକ ବୋଲି ଏମ୍ସ ନିର୍ଦ୍ଦେଶକ ଡ. ରଣଦୀପ୍ ଗୁଲେରିଆ କହିଛନ୍ତି। କେ୪୧୭ଏନ୍ ନାମକ ଏହି ଭାରିଆଣ୍ଟକୁ ଯଦି ରୋକା ନ ଯାଏ ତେବେ ଆଗାମୀ ଦିନରେ ପୁଣିଥରେ ସଂକ୍ରମଣ ବୃଦ୍ଧି ପାଇବ। ବ୍ରିଟେନରେ ଏହି ଭାରିଆଣ୍ଟ ସଂକ୍ରମଣ ବଢ଼ାଇଥିବାରୁ ଭାରତ ଏହାର ମୁକାବିଲା ନେଇ ସେଠାରୁ ଶିକ୍ଷାଗ୍ରହଣ କରିବା ଆବଶ୍ୟକ ବୋଲି ଗୁଲେରିଆ କହିଛନ୍ତି।

## ସଂକ୍ଷେପରେ

### ଆମେରିକା-ମେକ୍ସିକୋ ସୀମାରେ ଗୁଳି: ୧୫ ନିହତ

**ସିଉଡାଡ୍ ଭିକ୍ଟୋରିଆ, ୨୦।୬:** ମେକ୍ସିକୋର ସୀମାନ୍ତ ସହର ରେନୋସାର ବିଭିନ୍ନ ସ୍ଥାନରେ ଶନିବାର ବନ୍ଧୁକଧାରୀମାନେ ଆକ୍ରମଣ କରିଛନ୍ତି। ଏହି ସଂଘର୍ଷରେ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ସୀମାରେ ଆତଙ୍କ ସୃଷ୍ଟି ହୋଇଛି। ଆମେରିକାର ଟେକ୍ସାସ୍ ସୀମାକୁ ଲାଗିଥିବା ଏହି ସହରରେ ଶନିବାର ଅପରାହ୍ନରୁ ଆକ୍ରମଣ ଆରମ୍ଭ ହୋଇଥିଲା। ଗୁଳିକାଣ୍ଡ ପରେ ଘଟଣାସ୍ଥଳକୁ ସୈନ୍ୟବାହିନୀ, ନ୍ୟାଶନାଲ ଗାର୍ଡ, ରାଜ୍ୟ ପୋଲିସ ଓ ଅନ୍ୟ ସୁରକ୍ଷା ସଂସ୍ଥାକୁ ପଠାଯାଇଛି। ସେମାନେ ୩ଟି ଗାଡ଼ି ଜବତ କରିବା ସହ ଜଣଙ୍କୁ ଗିରଫ କରିଛନ୍ତି। ତାଙ୍କ କାର୍ ଡିକିରୁ ୨ ଜଣ ମହିଳା ମିଳିଛନ୍ତି। ସେମାନଙ୍କୁ ଅପହୃତ ହୋଇଥିବା ସନ୍ଦେହ କରାଯାଉଛି।

### ସ୍ୱାସ୍ଥ୍ୟ ଭିତ୍ତିଭୂମି, ଟିକାକରଣ ବଢ଼ାଅ: ଡବ୍ଲ୍ୟୁଏଚ୍ଓ

**ନୂଆଦିଲ୍ଲୀ, ୨୦।୬(ପି.ଟି.):** କୋଭିଡ୍ -୧୯ର ଆଉ ଏକ ଲହରକୁ ରୋକିବାକୁ ହେଲେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ବଢ଼ାଇବା ସହ ଟିକାକରଣକୁ ବ୍ୟାପକ କରିବା ଏବଂ କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକୁ ପରାମର୍ଶ ଦେଇଛି। ପୂର୍ବରୁ ଭାରତ, ବାଂଲାଦେଶ, ଇଣ୍ଡୋନେସିଆ, ନେପାଳ, ଶ୍ରୀଲଙ୍କା, ଥାଇଲାଣ୍ଡରେ ନୂଆ ଭାରିଆଣ୍ଟ ସଂକ୍ରମଣ ଚିନ୍ତାଜନକ ହୋଇଥିବାବେଳେ ଚଳିତ ସପ୍ତାହରେ ମାଳଦ୍ୱୀପ ଏବଂ ମ୍ୟାନ୍ମାରରେ ଏଭଳି ଭାରିଆଣ୍ଟ ସଂକ୍ରମଣ ବଢ଼ିଥିବା ଡବ୍ଲ୍ୟୁଏଚ୍ଓ କହିଛି। ସେଥିପାଇଁ ଆମକୁ ଟେଷ୍ଟିଂ, ଟ୍ରେସିଂ ଏବଂ ଆଇସୋଲେଶନକୁ କ୍ରମାଗତ ଭାବେ ବଢ଼ାଇବାକୁ ହେବ। ଶାରୀରିକ ଦୂରତ୍ୱ, ହାତ ଧୋଇବା, ଉପଯୁକ୍ତ ଭାବେ ମାସ୍କ ପିନ୍ଧିବା ନିୟମକୁ କଡ଼ାକଡ଼ି ପାଳନ କରିବାକୁ ହେବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରାମର୍ଶ ଦେଇଛି।

### ବିଏସ୍‌ପି ଛାଡ଼ିଲେ ଅମ୍ବିକା ଚୌଧରୀ



**ନୂଆଦିଲ୍ଲୀ, ୨୦।୬:** ବିଏସ୍‌ପିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅମ୍ବିକା ଚୌଧରୀ ଦଳ ଛାଡ଼ିଛନ୍ତି। ଫଳରେ ଉତ୍ତରପ୍ରଦେଶରେ ମାୟାବତୀଙ୍କ ଦଳକୁ ଶକ୍ତ ଧକ୍କା ଲାଗିଛି। ଦଳରେ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଇ ନ ଥିବା ଏବଂ ନୈତିକ କାରଣ ଦର୍ଶାଇ ସେ ଦଳ ଛାଡ଼ିଥିବା କହିଛନ୍ତି। ସେ ସମାଜବାଦୀ ପାର୍ଟିରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତାଙ୍କ ପୁଅ ଆନନ୍ଦ ଚୌଧରୀଙ୍କୁ ଶନିବାର ସମାଜବାଦୀ ପାର୍ଟି ବାଲିଆ ଜିଲା ପରିଷଦ ଅଧକ୍ଷ ପଦ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା। ମୁଲାୟମ ସିଂ ଯାଦବ ଏବଂ ଅଖିଳେଶ ଯାଦବ ସରକାରରେ ଅମ୍ବିକା କ୍ୟାବିନେଟ ମନ୍ତ୍ରୀ ଥିଲେ। ତେବେ ଉକ୍ତ ଦଳରେ ପାରିବାରିକ ଦ୍ୱନ୍ଦ୍ୱ କାରଣରୁ ସେ ୨୦୧୭ରେ ବିଏସ୍‌ପିରେ ଯୋଗ ଦେଇଥିଲେ।

### ମାଙ୍କଡର ମେଟ୍ରୋ ଯାତ୍ରା

**ନୂଆଦିଲ୍ଲୀ, ୨୦।୬:** ଦିଲ୍ଲୀ ମେଟ୍ରୋ ଟ୍ରେନ୍‌ରେ ଏକ ମାଙ୍କଡ ଯାତ୍ରା କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମାଙ୍କଡଟି ସିଟ୍‌ରେ ବସିବା ପୂର୍ବରୁ ଟ୍ରେନ୍ ମଧ୍ୟରେ ଏଣେତେଣେ ବୁଲୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଟ୍ରେନ୍ ଆନନ୍ଦବିହାରରୁ ଦ୍ୱାରକା ଅଭିମୁଖେ ଯାଉଥିବାବେଳେ ମାଙ୍କଡଟିକୁ ସେଠାରେ ଠାବ କରାଯାଇଥିଲା।

### ବ୍ରାଜିଲରେ କୋଭିଡ୍ ମୃତ୍ୟୁ ୫ ଲକ୍ଷ ଟପିଲା

**ବ୍ରାସିଲିଆ, ୨୦।୬(ଆଇଏଏନ୍‌ଏସ୍)** ବ୍ରାଜିଲ୍‌ରେ କରୋନାଜନିତ ମୃତ୍ୟୁସଂଖ୍ୟା ୫ ଲକ୍ଷ ଅତିକ୍ରମ କରିଛି। ଗତ ୨୪ ଘଣ୍ଟାରେ ସେଠାରେ ୨,୩୦୧ ଜଣଙ୍କ ମୃତ୍ୟୁ ଘଟିବା ପରେ ମୋଟ ମୃତ୍ୟୁସଂଖ୍ୟା ୫,୦୦,୮୦୦ରେ ପହଞ୍ଚିଛି। କୋଭିଡ୍ ମୃତ୍ୟୁସଂଖ୍ୟା ୫ ଲକ୍ଷ ଟପିବାରେ ଆମେରିକା ପରେ ବ୍ରାଜିଲ ଦ୍ୱିତୀୟ ରାଷ୍ଟ୍ର। ସେଠାରେ ଗତ ୨୪ ଘଣ୍ଟାରେ ୮୨,୨୮୮ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୭୮,୮୩,୭୫୦ରେ ପହଞ୍ଚିଛି। ସଂକ୍ରମଣରେ ଆମେରିକା, ଭାରତ ପରେ ବ୍ରାଜିଲ୍ ତୃତୀୟ ସ୍ଥାନରେ ରହିଛି।

## ଗାନ୍ଧୀ ଡକ୍ୟୁମେଣ୍ଟାରି ପୁରସ୍କୃତ




ମହାତ୍ମା ଗାନ୍ଧୀଙ୍କ ଉପରେ ନିର୍ମିତ ଡକ୍ୟୁମେଣ୍ଟାରି 'ଅହିଂସା ଗାନ୍ଧୀ: ଦି ପାୱାର ଅଫ୍ ଦି ପାୱାର ଲେସ୍' ନ୍ୟୁୟର୍କ ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲରେ ସର୍ବଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଫିଚର ପୁରସ୍କାର ହାସଲ କରିଛି। ଅନ୍ତର୍ଜାତୀୟସ୍ତରର ଖ୍ୟାତନାମା ଦକ୍ଷିଣ ଆଫ୍ରିକୀୟ ଫିଲ୍ମ ନିର୍ମାତା ଅନନ୍ତ ସିଂଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ରମେଶ ଶର୍ମାଙ୍କ ଲିଖିତ ଏବଂ ନିର୍ଦ୍ଦେଶିତ ଏହି ଫିଲ୍ମ ସିଂଙ୍କ ଭିଡିଓ ଭିଜନ କମ୍ପାନୀ ଦ୍ୱାରା ୨୦୧୯ରେ ଗାନ୍ଧିଜୀଙ୍କ ୧୫୦ ତମ ଜନ୍ମ ଦିବସ ସ୍ମୃତିରେ ନିର୍ମିତ ହୋଇଥିଲା। ଗାନ୍ଧିଜୀ ବିଶ୍ୱସ୍ତରୀୟ ଆଦର୍ଶ ହୋଇଥିଲେ ହେଁ ଦକ୍ଷିଣ ଆଫ୍ରିକା ସହ ତାଙ୍କର ବିଶେଷ ସମ୍ପର୍କ ରହିଥିଲା ବୋଲି ସିଂ କହିଛନ୍ତି।

## କିଶୋର କୁମାରଙ୍କ ଗୀତ ଗାଇଲେ ସୋଏବ



ପାକିସ୍ତାନର ପୂର୍ବତନ କ୍ରିକେଟର ସୋଏବ ଅଖତର ଭାରତୀୟ ସିନେମାର ବର୍ଷୀୟାନ ଗାୟକ କିଶୋର କୁମାରଙ୍କ ଗୀତ ଗାଉଥିବାର ଏକ ଭିଡିଓ ୟୁଟ୍ୟୁବରେ ଅପଲୋଡ୍ ହୋଇଛି। ହାପେନ୍‌ଡହାଟ୍ ଆକାଉଣ୍ଟରେ ଶେୟାର ହୋଇଥିବା ୫ ମିନିଟ୍‌ର ଏହି ଭିଡିଓକୁ ୫୫ ହଜାରରୁ ଅଧିକ ଥର ଦେଖାସରିଲାଣି। ସୋଏବ ଏକ ପାର୍ଟିରେ ଥିବାବେଳେ ତାଙ୍କ ବନ୍ଧୁମାନେ ଗୀତ ଗାଇବାକୁ ଅନୁରୋଧ କରିବାରୁ ସେ କିଶୋରକୁମାରଙ୍କ ୧୯୭୭ର 'ଆତେ ଜାତେ ଖୁବ୍‌ସୁରତ ଆୱାରା' ଗୀତ ଗାଇଥିଲେ। ଏଥିସହ 'ମେରେ ନସିବ୍ ମେ ୟେ ଦୋସ୍ତ'ର ମଧ୍ୟ କିଛି ଲାଇନ ସେ ଗାଇଥିଲେ। ତାଙ୍କ ସ୍ୱରଙ୍କୁ ପ୍ରଶଂସକମାନେ ବେଶ୍ ପ୍ରଶଂସା କରି କମେଣ୍ଟ କରିଛନ୍ତି।

# କଶ୍ମୀରକୁ ଫେରିବ କି ରାଜ୍ୟ ମାନ୍ୟତା

## ୨୪ରେ ମୋଦି ଡାକିଛନ୍ତି ସର୍ବଦଳୀୟ ବୈଠକ

**ନୂଆଦିଲ୍ଲୀ/ଶ୍ରୀନଗର, ୨୦।୬**


୨୦୧୯ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟିବାବେଳେ ଶ୍ରୀନଗରସ୍ଥିତ ଲାଲଚୌକର ଦୃଶ୍ୟ।

୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ସହ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରତ୍ୟାହାର କରିଥିଲେ। ଉପଯୁକ୍ତ ସମୟରେ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ ବୋଲି ସେତେବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଆସନ୍ତା ଅଗଷ୍ଟରେ ଏହି ପଦକ୍ଷେପକୁ ୨ ବର୍ଷ ପୂରିବାକୁ ଯାଉଥିବାବେଳେ କଶ୍ମୀର ଉପରେ କେନ୍ଦ୍ର କିଛି ବଡ଼ ନିଷ୍ପତ୍ତି ନେଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଏଭଳି ଚର୍ଚ୍ଚାକୁ ବଳ ଦେଇଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଜୁନ୍ ୨୪ ବୈଠକ। ଏହି ସର୍ବଦଳୀୟ ବୈଠକରେ ସାମିଲ ହେବା ପାଇଁ ଜମ୍ମୁ-କଶ୍ମୀରର ୧୪ ନେତାଙ୍କୁ ଆମନ୍ତ୍ରଣ କରାଯାଇଛି। ଗତ ୨ ବର୍ଷ ମଧ୍ୟରେ ଏଭଳି ବୈଠକ କେବେ କରାଯାଇ ନ ଥିବାରୁ ମୋଦି ସରକାର ମନରେ କ'ଣ ଅଛି ତାହା ଜାଣିବା ପାଇଁ ସମସ୍ତଙ୍କ ଉତ୍ସୁକତା ବଢ଼ିବାରେ ଲାଗିଛି। କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇଦେବା ପାଇଁ ଦାବି କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ବୈଠକ ମାନ୍ୟତା ଫେରସ୍ତ ପାଇଁ ନୁହେଁ, ବରଂ ଏହି କେନ୍ଦ୍ରଶାସିତ ଅଞ୍ଚଳର ପୁନର୍ଗଠନ ଉଦ୍ଦେଶ୍ୟରେ ଡକାଯାଇଥିବା ସୂତ୍ରରୁ ଜଣାପଡ଼ିଛି।

ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ସମୟ ଆସିନାହିଁ। ଜୁନ୍ ପ୍ରଥମ ସପ୍ତାହରେ ଆରମ୍ଭ ହୋଇଥିବା ପ୍ରଶାସନିକ କସରତ ଲାଗି ରାଜନୈତିକ ବୈଧତା ହାସଲ ଉଦ୍ଦେଶ୍ୟରେ ଏହା କେନ୍ଦ୍ରର ଏକ ପଦକ୍ଷେପ। ବର୍ତ୍ତମାନ କେନ୍ଦ୍ର ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ପ୍ରସ୍ତୁତ, ଯେଉଁଥିପାଇଁ ପ୍ରଥମେ ପୁନର୍ଗଠନ ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ। ଏହି ପ୍ରକ୍ରିୟାରେ ଏକ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ଓ ଲୋକ ସଭା ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ କରାଯାଇଥାଏ। ଗତବର୍ଷ ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇ(ଅବସରପ୍ରାପ୍ତ ବିଚାରପତି)ଙ୍କ ଅଧ୍ୟକ୍ଷତାରେ ଗଠିତ ଡିଲିମିଟେଶନ କମିଶନ ଏଥିପାଇଁ ସମସ୍ତ ଜିଲାପାଳଙ୍କୁ ମୌଳିକ ତଥ୍ୟ ମାଗିଛନ୍ତି। ତେବେ ଉକ୍ତ ବୈଠକରେ ରାଜ୍ୟ ମାନ୍ୟତା ଫେରାଇବା ନେଇ ମଧ୍ୟ ଆଲୋଚନା ହୋଇପାରେ। ଏଥିରେ ୮ ରାଜନୈତିକ ଦଳର ୧୪ ନେତା ସାମିଲ ହୋଇପାରନ୍ତି। ସେମାନଙ୍କ ମଧ୍ୟରୁ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍ତି ବୈଠକରେ ଯୋଗଦେବା ପାଇଁ ଦିଲ୍ଲୀ ଯିବେ ବୋଲି କହିଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମୁଖ୍ୟ ଫାରୁକ୍ ଅବ୍‌ଦୁଲ୍ଲା ଏନେଇ ପିପୁଲ୍ସ ଆଲାଏନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ (ପିଏଜିଡି)ରେ ସାମିଲ ଥିବା ୬ ରାଜନୈତିକ ଦଳ ସହ ଆଲୋଚନା କରିଛନ୍ତି। ଅନ୍ୟ ଦଳଗୁଡ଼ିକ ହେଲେ ପିଡିପି, ସିପିଏମ୍, ଆୱାମି ନ୍ୟାଶନାଲ କନ୍‌ଫରେନ୍ସ, ସିପିଆଇ ଏବଂ ଜମ୍ମୁ-କଶ୍ମୀର ପିପୁଲ୍ସ ମୁଭ୍‌ମେଣ୍ଟ। କେନ୍ଦ୍ରର ନିମନ୍ତ୍ରଣ ଉପରେ ଗୁପ୍‌କାର ମେଣ୍ଟ ମଙ୍ଗଳବାର ନିଷ୍ପତ୍ତି ନେବ। ରବିବାର ଉପରାଜ୍ୟପାଳ ମନୋଜ ସିହ୍ନା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କୁ ଭେଟିଛନ୍ତି। ଶୁକ୍ରବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଦେଶର ସୁରକ୍ଷା ସଂସ୍ଥାଗୁଡ଼ିକର ମୁଖ୍ୟଙ୍କୁ ନେଇ ଏକ ବୈଠକ କରିଥିଲେ।



କରୋନା ମହାମାରୀ ଜମ୍ମୁ-କଶ୍ମୀରରେ ଶିଳ୍ପାୟନ ଯୋଜନାର ଗତିକୁ ରୋକିଦେଇଛି। ଏହି କେନ୍ଦ୍ରଶାସିତ ଅଞ୍ଚଳର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ହିଁ ପ୍ରଶାସନର ଏକମାତ୍ର ଉଦ୍ଦେଶ୍ୟ।

**-ମନୋଜ ସିହ୍ନା, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ**



ଭାରତର ୨୦୧୯ ଅଗଷ୍ଟ ୫ ପଦକ୍ଷେପକୁ ପାକିସ୍ତାନ ବିରୋଧ କରି ଜାତିସଂଘ ସୁରକ୍ଷା ପରିଷଦ ସମେତ ଅନ୍ତର୍ଜାତୀୟ ମଞ୍ଚଗୁଡ଼ିକରେ ଉଠାଇଛି। କଶ୍ମୀରକୁ ବିଭାଜନ କରି ଏହାର ଜନସଂଖ୍ୟାଗତ ଭୂଗୋଳକୁ ପରିବର୍ତ୍ତନ କଲେ ଆମେ ବିରୋଧ କରିବୁ।

**- ଶାହା ମେହମୁଦ କ୍ୟୁରେଶୀ, ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ**

### ଗୁପ୍‌କାର ମେଣ୍ଟର ନିଷ୍ପତ୍ତି ଉପରେ ନଜର


ଏନ୍‌ସି ମୁଖ୍ୟ ଫାରୁକ୍ ଅବଦୁଲ୍ଲା

## ଆଜିଠୁ ସାବାଳକଙ୍କୁ ମାଗଣା ଟିକା

**ନୂଆଦିଲ୍ଲୀ, ୨୦।୬**

କେନ୍ଦ୍ର ସରକାରଙ୍କ ନୂଆ ଟିକା ନୀତି ଅନୁଯାୟୀ ସୋମବାରଠାରୁ ୧୮ରୁ ୪୪ ବର୍ଷ ବୟସ ବର୍ଗର ହିତାଧିକାରୀଙ୍କୁ ମାଗଣାରେ କୋଭିଡ୍ ଭାକ୍ସିନ ଦିଆଯିବ। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାସ ଆରମ୍ଭରେ ଘୋଷଣା କରିଥିଲେ। ୪୫ ବର୍ଷରୁ ଊର୍ଦ୍ଧ୍ୱ ଲୋକମାନଙ୍କୁ ମାଗଣାରେ ଟିକା ଦିଆଯାଉଥିବାବେଳେ ୧୮ରୁ ୪୪ ବର୍ଷ ବୟସ ବର୍ଗର ବ୍ୟକ୍ତିଙ୍କଠାରୁ ଏଥିପାଇଁ ଅର୍ଥ ଦାବି କରାଯିବା ମନମାନି ଓ ଯୁକ୍ତିସଙ୍ଗତ ନୁହେଁ ବୋଲି ସୁପ୍ରିମକୋର୍ଟ କହିବା ପରେ କେନ୍ଦ୍ର ସରକାର ଟିକା ନୀତିରେ ପରିବର୍ତ୍ତନ କରିଥିଲେ। ନୂଆ ନୀତି ଅନୁଯାୟୀ କେନ୍ଦ୍ର ସରକାର ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କ ଟିକାକରଣ ପାଇଁ ଭାକ୍ସିନ କିଣି ରାଜ୍ୟଗୁଡ଼ିକୁ ମାଗଣାରେ ଯୋଗାଇଦେବେ। କମ୍ପାନୀ ଉତ୍ପାଦନ କରୁଥିବା ମୋଟ ଟିକାର ୭୫ ପ୍ରତିଶତ କେନ୍ଦ୍ର କିଣି ରାଜ୍ୟ ସରକାରଙ୍କୁ ଯୋଗାଇବ। ଭାକ୍ସିନ କିଣାରେ ରାଜ୍ୟ ସରକାରଙ୍କୁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ଘରୋଇ ହସ୍ପିଟାଲଗୁଡ଼ିକ କମ୍ପାନୀଠାରୁ ୨୫ ପ୍ରତିଶତ ଟିକା କିଣିବେ ଏବଂ କମ୍ପାନୀ ଧାର୍ଯ୍ୟ କରିଥିବା ଦାମ୍ ସହ ୧୫୦ ଟଙ୍କା ପର୍ଯ୍ୟନ୍ତ ସର୍ଭିସ୍ ଚାର୍ଜ ନେବେ। ରାଜ୍ୟ ସରକାର ଟିକାକରଣର ତଦାରଖ କରିବେ। ସରକାରୀ ଓ ଘରୋଇ ଟିକାକେନ୍ଦ୍ରଗୁଡ଼ିକ ସେହିଠାରେ ସିଧାସଳଖ ହିତାଧିକାରୀଙ୍କ ପଞ୍ଜୀକରଣ କରିପାରିବେ।



# ଅଯୋଧ୍ୟା ଜମି ଦୁର୍ନୀତିର ତଦନ୍ତ ହେଉ

## ସାନି ଅଭିଯୋଗ ଆଣିଲା କଂଗ୍ରେସ

**ନୂଆଦିଲ୍ଲୀ, ୨୦।୬**

ଅଯୋଧ୍ୟା ରାମମନ୍ଦିର ଟ୍ରଷ୍ଟ ଜମି କିଣାରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି କଂଗ୍ରେସ ଏହାର ତଦନ୍ତ ଦାବି କରିଛି। ସତ୍ୟ ପଦାକୁ ଆଣିବାକୁ ହେଲେ ଅଦାଲତଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସୁପ୍ରିମକୋର୍ଟଙ୍କ ଦାୟିତ୍ୱ ବୋଲି କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ଭଗବାନ ରାମଙ୍କ ନାମରେ ସଂଗୃହୀତ ଅର୍ଥ ଲୁଟ୍ ହେଉଛି। ଏଥିରେ ଅଯୋଧ୍ୟାର ସ୍ଥାନୀୟ ନେତା ସମ୍ପୃକ୍ତ। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଓ ସୁପ୍ରିମକୋର୍ଟଙ୍କ ନୀରବତାକୁ ନେଇ ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ଭାଜପା ନେତା ଫେବୃୟାରୀରେ ୨୦ ଲକ୍ଷ ଟଙ୍କାରେ ଅଯୋଧ୍ୟାରେ ଜମି କିଣି ଏହାକୁ ୨.୫ କୋଟି ଟଙ୍କାରେ ରାମମନ୍ଦିର ଟ୍ରଷ୍ଟକୁ ବିକ୍ରି କରିଛନ୍ତି। ମାତ୍ର ୭୯ ଦିନରେ ଭାଜପା ନେତା ଉକ୍ତ ଜମିରୁ ୧୨୫୦ ପ୍ରତିଶତ ଲାଭ ଉଠାଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ରାମ ମନ୍ଦିର ନିର୍ମାଣ ହେଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ଟ୍ରଷ୍ଟ ଗଠନ କରିଛନ୍ତି। ତେଣୁ ସତ୍ୟ ଲୋକଲୋଚନକୁ ଆଣିବା ସୁପ୍ରିମକୋର୍ଟ ଓ ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱ ନୁହେଁ କି ବୋଲି ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଟ୍ରଷ୍ଟର ସମସ୍ତ କାରବାରର ଅଡିଟ୍ କରାଯାଇ ଦୋଷୀଙ୍କୁ ଦଣ୍ଡ ଦିଆଯାଉ ବୋଲି କଂଗ୍ରେସ ମୁଖପାତ୍ର କହିଛନ୍ତି। ରାମଙ୍କ ନାମରେ ସଂଗୃହୀତ ଚାନ୍ଦା ଲୁଟ୍ ହେଲେ ଲୋକେ କଦାପି କ୍ଷମା ଦେବେନାହିଁ। ସୂଚନାଯୋଗ୍ୟ ଗତ ମାର୍ଚ୍ଚ ୧୮ରେ ଦୁଇଜଣ ରିଅଲ ଇଷ୍ଟେଟ ବ୍ୟବସାୟୀ ୨ କୋଟି ଟଙ୍କାରେ କିଣିଥିବା ଜମିକୁ ମାତ୍ର କେଇ ମିନିଟ ପରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ୧୮.୫ କୋଟି ଟଙ୍କାରେ ବିକିଥିଲେ। ୬ ଦିନ ତଳେ ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଏବଂ ସମାଜବାଦୀ ପାର୍ଟି ନେତା ପୱନ ପାଣ୍ଡେ ଏହି ଜମି ଦୁର୍ନୀତି ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀକୁ ସୂଚନା ଦେଇଥିଲେ।


ରଣଦୀପ୍ ସୁର୍ଜେୱାଲା

## ଡାକ୍ତରଙ୍କ ଘରୁ ନକଲି ବ୍ଲାକ୍ ଫଙ୍ଗସ୍ ଇଞ୍ଜେକ୍‌ଶନ ଜବତ

**ନୂଆଦିଲ୍ଲୀ, ୨୦।୬**



୧୦ ଗିରଫ

ଦିଲ୍ଲୀର ଜଣେ ଡାକ୍ତରଙ୍କ ଘରୁ ୩,୨୯୩ ଭାଏଲ୍ ନକଲି ବ୍ଲାକ୍ ଫଙ୍ଗସ୍ ଇଞ୍ଜେକ୍‌ଶନ ଜବତ ହୋଇଛି। ଏହି ନକଲି ଲିପୋସୋମାଲ ଆମ୍ଫୋଟେରିସିନ୍-ବି ଇଞ୍ଜେକ୍‌ଶନ ଉତ୍ପାଦନ ଓ ବିକ୍ରି ଅଭିଯୋଗରେ ଦିଲ୍ଲୀ ପୋଲିସର କ୍ରାଇମ୍‌ବ୍ରାଞ୍ଚ ୨ ଜଣ ଡାକ୍ତରଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଛି। ଦକ୍ଷିଣପୂର୍ବ ଦିଲ୍ଲୀରେ ରହୁଥିବା ଡାକ୍ତର ଅଲ୍‌ତମାସ ହୁସେନ୍‌ଙ୍କ ଘରୁ ୩,୨୯୩ ଭାଏଲ୍ ନକଲି ଇଞ୍ଜେକ୍‌ଶନ ଜବତ ହୋଇଥିବା ପୋଲିସ କହିଛି। ଏହା ବ୍ୟତୀତ ଡାକ୍ତରଙ୍କ ନିଜାମୁଦ୍ଦିନ ୱେଷ୍ଟ ଅଞ୍ଚଳରେ ଥିବା ଘରୁ କେତେକ ରେମ୍‌ଡେସିଭିର ଇଞ୍ଜେକ୍‌ଶନ ମଧ୍ୟ ମିଳିଛି। ସେଥିରୁ ଅଧିକାଂଶ ଇଞ୍ଜେକ୍‌ଶନର ଏକ୍ସପାୟାରି ସମୟ ଅତିକ୍ରମ କରିଯାଇଥିଲା ବୋଲି କ୍ରାଇମ୍ ବ୍ରାଞ୍ଚ ଡିସିପି କହିଛନ୍ତି। ର୍‍ୟାକେଟରେ ସମ୍ପୃକ୍ତ ଡାକ୍ତରମାନଙ୍କ ମେଡିକାଲ ଡିଗ୍ରୀକୁ ପୋଲିସ ଅନୁଧ୍ୟାନ କରୁଛି। ଉକ୍ତ ର୍‍ୟାକେଟ ୪୦୦ରୁ ଊର୍ଦ୍ଧ୍ୱ ନକଲି ଇଞ୍ଜେକ୍‌ଶନ ବିକ୍ରି କରିଛି। ପ୍ରତି ଇଞ୍ଜେକ୍‌ଶନ ଦାମ୍ ବଜାରରେ ୨୫୦ ଟଙ୍କା ହୋଇଥିବାବେଳେ ସେମାନେ ଏହାକୁ ୧୨,୦୦୦ ଟଙ୍କାରେ ବିକୁଥିଲେ।

# ୨୦୨୨ରେ ଭୋଟ୍ ପ୍ରଚାର କରିବ ରୋବୋ

**ନୂଆଦିଲ୍ଲୀ, ୨୦।୬**



ଗତ ମାର୍ଚ୍ଚ, ଏପ୍ରିଲରେ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କୋଭିଡ୍ ମହାମାରୀ ସମୟରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆୟୋଜିତ ପ୍ରଚାର ସଭାରେ ଲକ୍ଷାଧିକ ଲୋକଙ୍କ ସମାବେଶ ହେବାରୁ ସଂକ୍ରମଣ ବଢ଼ିଥିଲା। ନେତାମାନଙ୍କ ନିର୍ବାଚନୀ ସଭା ଏକପ୍ରକାର ସୁପରସ୍ପ୍ରେଡରରେ ପରିଣତ ହୋଇଥିଲା। ଏଭଳି ବିପଦରୁ ରକ୍ଷା ପାଇବା ପାଇଁ ଆସନ୍ତା ବର୍ଷ ହେବାକୁ ଥିବା ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନରେ ନେତାମାନଙ୍କ ତରଫରୁ ରୋବୋ ପ୍ରଚାର ଅଭିଯାନରେ ସାମିଲ ହୋଇପାରେ। ଏଥିପାଇଁ ୱାନ୍‌ଷ୍ଟାଣ୍ଡ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ 'ଦୂତ୍' ନାମରେ ଏକ ରୋବୋ ବିକଶିତ କରିଛି। ମାନବ ସଦୃଶ ଏହି ରୋବୋ ବିଭିନ୍ନ ନେତାଙ୍କ କଣ୍ଠସ୍ୱରରେ କଥା ହେବା ସହ ବିଭିନ୍ନ ଅଙ୍ଗଭଙ୍ଗୀ କରି ଜନସାଧାରଣଙ୍କୁ ପ୍ରଭାବିତ କରିପାରିବ।

୨୦୨୨ରେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ହିମାଚଳପ୍ରଦେଶ, ଗୋଆ ଏବଂ ଗୁଜରାଟରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ସେଥିରେ ଉକ୍ତ ରୋବୋକୁ ପ୍ରଚାର କାର୍ଯ୍ୟରେ ସାମିଲ କରିବା ଲାଗି ବିଭିନ୍ନ ଦଳ ସହ କଥାବାର୍ତ୍ତା ଚାଲିଛି। ଗତ ଏପ୍ରିଲ୍‌ରେ ତାମିଲନାଡୁ ବିଧାନସଭା ନିର୍ବାଚନରେ ନବଗଠିତ ରାଜନୈତିକ ଦଳ ଇଣ୍ଡିଆ ମକ୍କଲ ମୁନ୍ନେତ୍ରା କାଟ୍‌ଚି (ଆଇଏମ୍‌ଏମ୍‌କେ) ପ୍ରଚାରରେ ପ୍ରଥମ ଥର ପାଇଁ ମାନବାକୃତି ରୋବୋ ବ୍ୟବହାର ଆରମ୍ଭ କରିଥିଲା। ଦୁଜି ନାମକ ଏହି ୪ ଫୁଟ ଉଚ୍ଚତା ବିଶିଷ୍ଟ ରୋବୋ କେବଳ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ମହାମାରୀ ସମୟରେ ଦୂତ୍ ନିର୍ଦ୍ଦିଷ୍ଟ ଦଳ ତଥା ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାକୁ ନେତାମାନଙ୍କ ବାର୍ତ୍ତା ନେଇ ଲୋକମାନଙ୍କର ସୀମିତ ସମାବେଶକୁ ପ୍ରବର୍ତ୍ତାଇ ପାରିବ।

ଉକ୍ତ ରୋବୋର ରୋଭରରେ ଏକ ହୁଇଲ୍‌ବେସ୍ ଓ ଅଲ୍‌ହ୍ୱିଲ୍ ଡ୍ରାଇଭ୍ ଗିଅରବକ୍ସ ରହିଛି, ଯାହା ସହାୟତାରେ ଏହା ବିଭିନ୍ନ ପୃଷ୍ଠରେ ସହଜରେ ଗତି କରିପାରିବ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମର୍ଥିତ ଭଏସ୍ ରେକଗ୍‌ନାଇଜେଶନ ଜରିଆରେ ଏହା ରାଜନେତାଙ୍କ ତରଫରୁ ଜନସମାବେଶକୁ ସମ୍ବୋଧନ କରିବ ବୋଲି ୱାନ୍‌ଷ୍ଟାଣ୍ଡ ଇଣ୍ଡିଆର ନିର୍ଦ୍ଦେଶକ କୁମାର କହ୍ନେୟା ସିଂ କହିଛନ୍ତି। ଏହି ରୋବୋ ଲୋକମାନଙ୍କ ସହିତ ଭାବ ବିନିମୟ କରିବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇପାରିବ। ଏଥିରେ ଥିବା ସର୍ଭୋ ମୋଟର ରୋବଟକୁ ବିଭିନ୍ନ ଅଙ୍ଗଭଙ୍ଗୀ କରିବାରେ ସହାୟକ ହେବ। ରୋବୋର ମୁଣ୍ଡରେ ଲାଗିଥିବା ଏଚ୍‌ଡି କ୍ୟାମେରା ସହାୟତାରେ ଏହା ଶ୍ରୋତାଙ୍କ ଉପରେ ନଜର ରଖିବା ସହ ସେମାନଙ୍କ ପ୍ରତିକ୍ରିୟାକୁ ଜାଣିପାରିବ। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଚତୁର୍ଥ ପିଢ଼ିର ସର୍ଭୋ ମୋଟର ବିଭିନ୍ନ ଶବ୍ଦ କରିବା ସହ ଭାରତର ଉଷ୍ମ ଜଳବାୟୁରେ ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ସମର୍ଥ।

ମହାମାରୀ ସମୟରେ ନେତାମାନେ ଦଳୀୟ କର୍ମୀମାନଙ୍କୁ ଭେଟି ପାରୁ ନ ଥିବାବେଳେ ରୋବୋ ପ୍ରଚାରକ ଏକ ସମୟରେ ଏକାଧିକ ସ୍ଥାନରେ ନିର୍ବାଚ ପ୍ରଚାର କରିବା ସହ ନେତାମାନଙ୍କ ମୂଲ୍ୟବାନ ସମୟ ବଞ୍ଚାଇପାରିବ। ଉକ୍ତ ମାନବାକୃତି ରୋବୋରେ ୧୦ଟି ଖଞ୍ଜା ରହିଥିବାରୁ ଏହା ଲୋକମାନଙ୍କୁ ହାତ ହଲାଇବା ସହ ବିଭିନ୍ନ ଭାବଭଙ୍ଗୀ କରିପାରିବ। ୱାନ୍‌ଷ୍ଟାଣ୍ଡ ଇଣ୍ଡିଆ ସହ ମୁମ୍ବାଇର ଇନୋଭେଟର ସନ୍ତୋଷ ହୌଲାୱାଲେ ମିଳିତ ଭାବେ ଏହି ମାନବାକୃତିର ରୋବୋକୁ ବିକଶିତ କରିଛନ୍ତି।

## ୬୦ ହଜାର ତଳେ ଦୈନିକ ସଂକ୍ରମଣ

**ନୂଆଦିଲ୍ଲୀ, ୨୦।୬(ପି.ଟି.)**

ଦୀର୍ଘ ୮୧ ଦିନ ପରେ ଭାରତରେ ଦୈନିକ କରୋନା ସଂକ୍ରମଣ ୬୦ ହଜାର ତଳକୁ ଖସିଛି। ରବିବାର ସକାଳ ସୁଦ୍ଧା ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୫୮,୪୧୯ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୯୮,୮୧,୯୬୫ରେ ପହଞ୍ଚିଛି। ସେହିପରି ସକ୍ରିୟ ମାମଲା ସଂଖ୍ୟା ୭,୨୯,୨୪୩କୁ ହ୍ରାସ ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଗତ ୨୪ ଘଣ୍ଟାରେ ୧,୫୭୬ ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି, ଯାହା ଗତ ୬୩ ଦିନ ମଧ୍ୟରେ ସବୁଠୁ କମ୍। ବର୍ତ୍ତମାନ ସୁଦ୍ଧା ଦେଶରେ କରୋନାଜନିତ ମୃତ୍ୟୁସଂଖ୍ୟା ୩,୮୬,୭୧୩ରେ ପହଞ୍ଚିଛି। ଆରୋଗ୍ୟ ହାର ୯୬.୨୭ ପ୍ରତିଶତକୁ ବୃଦ୍ଧି ପାଇଛି। ୨୪ ଘଣ୍ଟାରେ ସକ୍ରିୟ ମାମଲା ସଂଖ୍ୟା ୩୦,୭୭୬ ହ୍ରାସ ପାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୯୧,୪୫,୯୨୧ | ୩୮,୭୯,୩୦୭ | ୧୬,୩୬,୮୭,୯୫୪ |
| ଭାରତ | ୨,୯୯,୩୪,୩୬୧ | ୩,୮୮,୧୬୪ | ୨,୮୮,୩୬,୫୨୯ |
| ଓଡ଼ିଶା | ୮,୭୭,୫୦୨ | ୩୫୯୦(+୫୩) | ୮,୪୦,୨୧୪ |

ରବିବାର ରାତି ୧୨ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଭାଗଚାଷୀ ପରିବାରର ସାମୂହିକ ଆତ୍ମହତ୍ୟା ଉଦ୍ୟମ



ଆତ୍ମହତ୍ୟା ଉଦ୍ୟମ କରୁଥିବା ପରିବାର ଲୋକଙ୍କୁ ଅତାବିରା ତହସିଲଦାର, ପୋଲିସ ଅଧିକାରୀ ବୁଝାଶୁଝା କରୁଛନ୍ତି।

ବରଗଡ଼ ଅଫିସ/ଅତାବିରା,୨୦।୬

ପଶ୍ଚିମ ଓଡ଼ିଶାରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଏଥର ଅଧିକ ଜଟିଳ ହୋଇ ପଡ଼ିଛି। ଧାନ ସଂଗ୍ରହକୁ ଦେଢ଼ମାସ ବିତିଛି। ମାତ୍ର ଧାନ କିଣାବିକା ସମସ୍ୟା ସମାଧାନ ହୋଇପାରିନାହିଁ। ଟୋକନ କଟକଣା, ଟୋକନ ଅବଧି ହ୍ରାସ, କାଳବୈଶାଖୀ, ଲକ୍‌ଡାଉନ୍ ଆଦି କାରଣରୁ ଅନେକ ଚାଷୀ ସେମାନଙ୍କ ଧାନକୁ ବିକ୍ରି କରି ପାରିନାହାନ୍ତି। ଅନ୍ୟପଟେ କ୍ରମାଗତ ବର୍ଷା ଲାଗି ରହିବାରୁ ଅମଳ ଧାନ ନଷ୍ଟ ହେବାରେ ଲାଗିଛି। ଧାନ ବିକ୍ରି ନ ହେବା ଏବଂ ନଷ୍ଟ ହେଉଥିବାରୁ ଜମି ମାଲିକଙ୍କୁ ଭାଗଚାଷ ଦେୟ କିଭଳି ପ୍ରଦାନ କରିବେ, ତାହା ଭାଗଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି କ୍ରମରେ ବରଗଡ଼ ଜିଲା ଅତାବିରା ଏନଏସି ଅଧୀନ ୱାର୍ଡ଼ ନଂ-୩ର ଭାଗଚାଷୀ ଦୟାସାଗର ରାଉତିଆ ରବିବାର ନିଜ ପରିବାର ସହିତ ସାମୂହିକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଖବର ପାଇ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ସେଠାକୁ ପହଞ୍ଚି ସମ୍ପୃକ୍ତ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ସେମାନେ ଆତ୍ମହତ୍ୟା ଉଦ୍ୟମରୁ ବିରତ ରହିଛନ୍ତି।

ଦୟାସାଗର ନିଜର ୭୦ ଡେସିମିଲ ସମେତ ଅନ୍ୟ ୫ଜଣ ଚାଷୀଙ୍କ ଜମିକୁ ଭାଗରେ ନେଇ ସମୁଦାୟ ପ୍ରାୟ ୨୫ଏକର ଜମିରେ ରବି ଧାନଚାଷ କରିଥିଲେ। ଧାନ ଭଲ ହୋଇଥିଲା। ମାତ୍ର କାଳବୈଶାଖୀ ସହିତ କୃଷି ଶ୍ରମିକ ଅଭାବ ଯୋଗୁ ଧାନ ଅମଳ ବିଳମ୍ବିତ ହୋଇଥିଲା। ଇତିମଧ୍ୟରେ ସେ ୧୯ଏକର ଜମିର ଧାନ ଅମଳ କରିସାରିଛନ୍ତି। ବାକି ୬ଏକର ଜମିର ଧାନ କ୍ଷେତରେ ପଡ଼ି ନଷ୍ଟ ହେଉଥିବା ସେ କହିଛନ୍ତି। ଅମଳ ଧାନକୁ

## ଜଟିଳ ହେଉଛି ଧାନବିକ୍ରି ସମସ୍ୟା

ମଧ୍ୟ ଠିକ୍ ଭାବେ ବିକ୍ରି କରି ପାରୁ ନ ଥିବା ଦୟାସାଗର ଅଭିଯୋଗ କରିଛନ୍ତି। କେବଳ ୫ଶହ ପ୍ୟାକେଟ୍ ଧାନକୁ ସେ ବିକ୍ରି କରିଥିବାବେଳେ ଅବଶିଷ୍ଟ ଧାନକୁ ସୁରକ୍ଷିତ ରଖିବା ପାଇଁ ଜାଗା ନାହିଁ। ଫଳରେ ବାରମ୍ବାର ଧାନ ବର୍ଷାରେ ଭିଜୁଛି। ଧାନ ବିକ୍ରି ପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ତାହା ଉଠୁନାହିଁ। ଅପରପକ୍ଷେ ଟୋକନ ଅବଧି ସରିଯାଇଛି। ଏଭଳି ସ୍ଥିତିରେ କୀଟନାଶକ ଖାଇ ପରିବାରର ୧୧ଜଣ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଦୟାସାଗର କହିଛନ୍ତି।

ଖବର ପାଇ ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇ, ପୋଲିସ ଏସ୍ଆଇ ସୁଷମା ପଶାୟତ, ଯାଦବ ବାଗ ପ୍ରମୁଖ ସେଠାକୁ ପହଞ୍ଚିଥିଲେ। ଦୟାସାଗର ଧାନ ବିକ୍ରି ସମସ୍ୟା ଅବଗତ କରିବା ପରେ ତହସିଲଦାର ଭୋଇ ସେସବୁର ତର୍ଜମା କରି ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ତହସିଲଦାର ଭୋଇଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତ ଭାଗଚାଷୀଙ୍କ ୨ଟି ଟୋକନର ଅବଧି ସରିଯାଇଛି। ଜମି ମାଲିକ ଏବଂ ତାଙ୍କ ମଧ୍ୟରେ ବୁଝାମଣାରେ କିଛି ସମସ୍ୟା ରହିଛି। ସମ୍ପୃକ୍ତ ଭାଗଚାଷୀଙ୍କ ସମସ୍ୟାର ସମାଧାନ ଉଦ୍ୟମ ଚାଲିଥିବା ତହସିଲଦାର ଭୋଇ କହିଥିଲେ। ସେହିପରି ଅତାବିରା ମଣ୍ଡି ଇନଚାର୍ଜ ଅଜୟ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତ ଭାଗଚାଷୀ ପୂର୍ବରୁ ୬ଶହ ପ୍ୟାକେଟ୍ ଧାନ ବିକ୍ରି କରିସାରିଛନ୍ତି। ଅବଶିଷ୍ଟ ୪ଶହ ପ୍ୟାକେଟ୍ ଧାନ ରହିଥିଲା ବୋଲି ସେ କହିଥିଲେ।

# ଅପରାହ୍ନ ୩ଟାରେ ରଥଟଣା

ପୁରୀ ଅଫିସ,୨୦।୬

ସ୍ନାନପୂର୍ଣ୍ଣିମା, ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ପାଇଁ ରବିବାର ଅନୁଷ୍ଠିତ ଭର୍ଚୁଆଲ ଛତିଶା ନିଯୋଗ ବୈଠକରେ ନୀତି ନିର୍ଘଣ୍ଟ ହୋଇଛି। ଆସନ୍ତା ୨୪ରେ ହେବାକୁ ଥିବା ସ୍ନାନଯାତ୍ରାରେ ପୂର୍ବାହ୍ନ ୧୦ଟା ୩୦ରେ ଛେରାପହଁରା ଆରମ୍ଭ ହେବ। ୧୧ଟାରୁ ମଧ୍ୟାହ୍ନ ୧୨ଟା ହାତୀବେଶ, ମହନ୍ତ ଶାଢିବନ୍ଧା ହୋଇ ଅପରାହ୍ନ ୧ରୁ ୩ଟା ପର୍ଯ୍ୟନ୍ତ ଘଣ୍ଟଛତା ସକାଳ ଧୂପ ଚାଲିବ। ଏହାପରେ ସାହାଣ ମେଲା ଦର୍ଶନ ହେବା କଥା। ମାତ୍ର କୋଭିଡ୍ କଟକଣା କାରଣରୁ ସାହାଣ ମେଲା ଦର୍ଶନ ବନ୍ଦ ରହିବ। ପରବର୍ତ୍ତୀ ନୀତିକାନ୍ତି ଧାର୍ଯ୍ୟ ସମୟରେ ହୋଇ ଅଣବସର ନୀତି ପ୍ରାତଃ ୪ଟା, ପଣାଭୋଗ ୪ଟା ୫୦ ଓ ବେହରଣ ଦ୍ୱାର ବନ୍ଦ ଓ ଜୟବିଜୟ ଦ୍ୱାର ଖୋଲା ନୀତି ଭୋର ୫ଟାରେ ଶେଷ ହେବ। ଅନ୍ୟାନ୍ୟ ନୀତିକାନ୍ତି ଧାର୍ଯ୍ୟ ସମୟରେ ହେବ। ସେହିପରି ନବଯୌବନ ଦର୍ଶନ ନୀତିକାନ୍ତିରେ ପୂର୍ବାହ୍ନ ୧୦ଟା ସୁଦ୍ଧା ନେତ୍ରୋତ୍ସବ ବନ୍ଦାପନା ଆରମ୍ଭ ଓ ରାତ୍ର ୧୨ଟାରେ ପହୁଡ଼ ଆଳତି ଶେଷ କରାଯିବ। ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ବେଶ ଶେଷ କରି ରଥଟଣା ପ୍ରସ୍ତୁତି ଆରମ୍ଭ ହେବ। ଛେରାପହଁରା ୧୨ଟା ୪୫ରୁ ଅପରାହ୍ନ ୨ଟା, ଚାରମାଳ ଫିଟା ଓ ଘୋଡ଼ା ସାରଥି ସଂଯୋଗ ୨ରୁ ୩ଟା ମଧ୍ୟରେ ଶେଷ କରାଯିବ। ଅପରାହ୍ନ ୩ଟାରେ ରଥଟଣା ଆରମ୍ଭ ହେବ। ଅନ୍ୟପକ୍ଷରେ ବାହୁଡ଼ା ଯାତ୍ରାରେ ମଧ୍ୟାହ୍ନ ୧୨ରୁ ଅପରାହ୍ନ ୨ଟା ୩୦ ମଧ୍ୟରେ ପହଣ୍ଡି ସରିବ। ୨ଟା ୩୦ରୁ ୩ଟା ୩୦ ମଧ୍ୟରେ ଛେରାପହଁରା ଓ ୩ରୁ ଅପରାହ୍ନ ୪ଟା ମଧ୍ୟରେ ଚାରମାଳ ଫିଟା ଓ ଘୋଡ଼ା ଲଗା ଶେଷ ହୋଇ ରଥଟଣା ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ଛତିଶା ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ବୈଠକ ସରିବା ପରେ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ଏହି ସୂଚନା ଦେଇଛନ୍ତି।



ଫାଇଲ୍ ଫଟୋ

**ଛତିଶା ନିଯୋଗ-ପ୍ରଶାସନ ବୈଠକ**

- ରଥଯାତ୍ରାରେ ମଧ୍ୟାହ୍ନ ୧୨ଟା ୪୫ରୁ ଛେରାପହଁରା
- ସ୍ନାନଯାତ୍ରାରେ ମଧ୍ୟାହ୍ନ ୧୨ ସୁଦ୍ଧା ହାତୀବେଶ
- ଏଥର ସାହାଣ ମେଲା ଦର୍ଶନ ବନ୍ଦ

ସେ କହିଛନ୍ତି, କୋଭିଡ୍ ଗାଇଡଲାଇନ ପାଳନ ଓ ନୀତିକାନ୍ତି ସମୟ ନିର୍ଘଣ୍ଟ ନିଷ୍ପତ୍ତିକୁ ଛତିଶା ନିଯୋଗ ଏବଂ ଅନ୍ୟ କର୍ମଚାରୀମାନେ ନିଷ୍ଠାର ସହ କାର୍ଯ୍ୟକାରୀ କରିବେ ବୋଲି ପ୍ରଶାସନ ଆଶା କରୁଛି। ସେବାୟତଙ୍କ ପାଇଁ ପାସ୍ ବ୍ୟବସ୍ଥା ହୋଇଛି। ଶ୍ରୀମନ୍ଦିର ଚାରିପାଖରେ କର୍ଫ୍ୟୁ ଜାରି ହେବ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ନାନଯାତ୍ରା ଓ ରଥଯାତ୍ରାର ସିଧା ପ୍ରସାରଣ କରାଯିବ। ଏହି ବୈଠକରେ ଛତିଶା ନିଯୋଗର ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର, ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ସ୍ନାନଯାତ୍ରା ଓ ରଥଯାତ୍ରାରେ ନିୟୋଜିତ ହେବାକୁ ଥିବା ସେବାୟତମାନେ ୨ୟ ଡୋଜ୍ କୋଭିଡ୍ ଟିକା ନେଇସାରିଥିଲେ ମଧ୍ୟ ଆର୍‌ଟି-ପିସିଆର୍ ଟେଷ୍ଟ କରିବେ। କେବଳ ନେଗେଟିଭ ରିପୋର୍ଟ ଭିତ୍ତିରେ ସେବାୟତଙ୍କୁ ନୀତିକାନ୍ତି ପାଇଁ ଅନୁମତି ମିଳିବ। ପ୍ରଶାସନ ପକ୍ଷରୁ ସେବାୟତଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟାଯିବ।

# ଏଥର ଯୁକ୍ତ୨ ପାସ୍ ହାର ଅଧିକ ରହିବ

ଭୁବନେଶ୍ୱର, ୨୦।୬ (ବ୍ୟୁରୋ)

ଚଳିତବର୍ଷ ଯୁକ୍ତ୨ ପାସ୍ ହାର ୯୦ ପ୍ରତିଶତରୁ ଅଧିକ ରହିବ। ମୂଲ୍ୟାୟନ ପ୍ରକ୍ରିୟା ଉପରେ ମତ ରଖି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ବିଜୟ ସାହୁ ଏହା କହିଛନ୍ତି। ମାଟ୍ରିକ ପରୀକ୍ଷାରେ ଛାତ୍ରୀଛାତ୍ର ଯେତିକି ମାର୍କ ରଖିଥାନ୍ତି, ସାଧାରଣତଃ ଯୁକ୍ତ୨ ରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପିଲାଙ୍କ ମାର୍କ କମି ଯାଇଥାଏ। ଏଥର ଯେଉଁ ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଉଛି ସେଥିରେ ଛାତ୍ରୀଛାତ୍ରଙ୍କ ମାର୍କ ଦଶମ ଶ୍ରେଣୀ ମାର୍କ ପାଖାପାଖି କିମ୍ବା ତା'ଠାରୁ ଅଧିକ ରହିବ। ସେହିଭଳି ଗତବର୍ଷଗୁଡ଼ିକରେ ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କ ପାସ୍ ହାର ୩୦ରୁ ୪୦ ପ୍ରତିଶତ ମଧ୍ୟରେ ରହୁଥିବାବେଳେ ଏଥର ଆହୁରି ଅଧିକ ରହିବ ବୋଲି ଆଶା କରାଯାଉଛି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ପାସ୍ ହାର ମଧ୍ୟ ଅଧିକ ରହିବ ବୋଲି ବିଜୟ ସାହୁ କହିଛନ୍ତି।

ସେ ଆହୁରି କହିଛନ୍ତି, ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ଥିଓରି ପେପର ମୂଲ୍ୟାୟନ ବିକଳ୍ପ ପଦ୍ଧତି ଅନୁଯାୟୀ ହେବ। ସେମାନେ ପୂର୍ବ ଯୁକ୍ତ୨ ପରୀକ୍ଷାରେ ପାଇଥିବା ମାର୍କ ଆଧାରରେ ମୂଲ୍ୟାୟନ କରାଯିବ। ଇଲେକ୍ଟିଭ୍ ପେପରଗୁଡ଼ିକରେ ସେମାନେ ସର୍ବୋଚ୍ଚ ମାର୍କ ପାଇଥିବା ଦୁଇଟି ବିଷୟର ହାରାହାରି ଏବଂ କେତେକ କ୍ଷେତ୍ରରେ ସର୍ବୋଚ୍ଚ ମାର୍କ ଆଧାରରେ ଫେଲ୍ ପେପରଗୁଡ଼ିକ ପାଇଁ ମୂଲ୍ୟାୟନ କରିବାର ବ୍ୟବସ୍ଥା ରହିଛି। ତେଣୁ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ କରୋନାର ସ୍ଥିତିକୁ ଦେଖି ରାଜ୍ୟ ସରକାର ଯୁକ୍ତ୨ ପରୀକ୍ଷା ବାତିଲ କରିଥିଲେ। ଏହାପରେ ମୂଲ୍ୟାୟନ ପାଇଁ ବିକଳ୍ପ ପଦ୍ଧତି ଆପଣାଇଛନ୍ତି।

# ବ୍ରାହ୍ମଣୀରେ ବୁଡ଼ି ୨ ଯୁବକ ମୃତ

ବରୀ,୨୦।୬ (ଡି.ଏନ୍.ଏ.)

ବରୀ ବ୍ଲକ ଅଧୀନ ବ୍ରାହ୍ମଣୀ ନଦୀ ଘାଟରେ ବୁଡ଼ି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଦ୍ୱୟ ହେଲେ ବାଲିଆ ପଞ୍ଚାୟତ ବାଲିଆ ଗ୍ରାମର ଜିତେନ୍ଦ୍ର ପଣ୍ଡା (୧୯) ଓ ସୁନୀଲ ମିଶ୍ର (୨୩)। ରବିବାର ଦିନ ପ୍ରାୟ ୧୨ଟା ବେଳେ ୩ ସାଙ୍ଗ ପହଁରା ଅଭ୍ୟାସ କରୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଜିତେନ୍ଦ୍ର ଓ ସୁନୀଲ ପହଁରା ଅଭ୍ୟାସ କରୁଥିବା ବେଳେ ଗଭୀର ପାଣିକୁ ଚାଲି ଯାଇଥିଲେ। ସେଠାରୁ ଫେରିବା ସମ୍ଭବ ନ ହେବାରୁ ଉଭୟ ପାଣିରେ ବୁଡ଼ି ଯାଇଥିଲେ। ଏ କଥା ଜଣାପଡିବା ପରେ ସ୍ଥାନୀୟ ଲୋକଙ୍କ ସହିତ ବରୀ ଦମକଳ କର୍ମଚାରୀମାନେ ନଦୀରେ ପଶି ଖୋଜାଖୋଜି କରିଥିଲେ। ଶେଷରେ ଉଭୟଙ୍କୁ ନଦୀରୁ ଉଦ୍ଧାର କରାଯାଇ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବରୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟ ଜଣେ ସାଙ୍ଗ ଅଳ୍ପକେ ରକ୍ଷା ପାଇଯାଇଛନ୍ତି।

# ୨୨ରୁ ପ୍ରବଳ ବର୍ଷା

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ରାଜ୍ୟରେ ବର୍ଷା ପରିମାଣ ବଢ଼ିବ। ଆସନ୍ତା ୨୨ ତାରିଖରୁ ପ୍ରବଳ ବର୍ଷା ହେବାନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ମଧ୍ୟ ଜାରି କରିଛି। ତେବେ ଆସନ୍ତା ୨୪ ଘଣ୍ଟା ଉତ୍ତର ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହୋଇପାରେ। ନୂଆପଡ଼ା, ବଲାଙ୍ଗୀର, ସୋନପୁର, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ ଓ ବରଗଡ଼ରେ ଝଡ଼ବର୍ଷା ସହିତ ବଜ୍ରପାତ ହେବ। ଲୋକଙ୍କୁ ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ୨୨ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ନୂଆପଡ଼ା ଓ ସୋନପୁର, ୨୩ରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବରଗଡ଼, ବଲାଙ୍ଗୀର, ସମ୍ବଲପୁର, ସୋନପୁର, ଝାରସୁଗୁଡ଼ା ଓ ନୂଆପଡ଼ା, ୨୪ରେ କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୟାଗଡ଼, କଟକ, ଅନୁଗୋଳ, ବୌଦ୍ଧ, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଓ ସୋନପୁରରେ ପ୍ରବଳ ବର୍ଷା ହେବ। ଏହିସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।






# ପରକୀୟା ପ୍ରୀତି ପାଇଁ ହତ୍ୟା

- ସ୍ୱାମୀ ଆକ୍ରମଣରେ ସ୍ତ୍ରୀ ଗୁରୁତର, ପ୍ରେମିକ ମୃତ
- ଛୁରି ଜବତ, ଅଭିଯୁକ୍ତ ଗିରଫ





ଗିରଫ ଅଭିଯୁକ୍ତ

କଟକ ଅଫିସ, ୨୦।୬

ପରକୀୟା ପ୍ରୀତି ମହଙ୍ଗା ପଡ଼ିଲା। ଶୋଇଥିବା ଅବସ୍ଥାରେ ସ୍ତ୍ରୀଙ୍କ ପ୍ରେମିକଙ୍କୁ ସ୍ୱାମୀ ଏକ ଛୁରିରେ ହତ୍ୟା କରିଛନ୍ତି। ଏଥିସହ ଆକ୍ରମଣରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ କଟକ କଲେଜ ଛକରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଉଛନ୍ତି ଜଗତ୍‌ସିଂହପୁର ଜିଲା ରାହାମା ଅଞ୍ଚଳର ସନାତନ ଦାସ(୪୦)। ଅଭିଯୁକ୍ତ କାଳିଆ ଓରଫ କାଳନ୍ଦୀ ବିଶ୍ୱାଳଙ୍କୁ ପୋଲିସ ଗିରଫ କରିଥିବାବେଳେ ତାଙ୍କ ସ୍ତ୍ରୀଙ୍କୁ ଏସ୍‌ସିବି ହସ୍ପିଟାଲରେ ଭର୍ତ୍ତି କରିଛି।

ପୋଲିସ ସୂଚନା ମୁତାବକ, କାଳିଆ ଓ ତାଙ୍କ ସ୍ତ୍ରୀ ଦିନମଜୁରିଆ ହୋଇଥିବା ବେଳେ ସିଡିଏ-୧୩ ବସ୍ତି ଅଞ୍ଚଳରେ ରହୁଥିଲେ। ଏହି ଦମ୍ପତିଙ୍କ ଏକ ବର୍ଷକର ଝିଅ ଥିଲା। ୧୫ଦିନ ତଳେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ସ୍ତ୍ରୀ ତାଙ୍କ ପ୍ରେମିକ ସନାତନଙ୍କ ନିକଟକୁ ଚାଲିଆସି କଲେଜ ଛକ ଅଞ୍ଚଳରେ ରହୁଥିଲେ। କାଳିଆ ଏହାକୁ ସହ୍ୟ କରିପାରି ନ ଥିଲେ। ସେହିପରି ୫ଦିନ ତଳେ ଝିଅର ସ୍ୱାସ୍ଥ୍ୟ ଖରାପ ହେବାରୁ ତା'ର ମୃତ୍ୟୁ ଘଟିଥିଲା। ଏନେଇ କାଳିଆଙ୍କ କ୍ରୋଧ ବଢିଯାଇଥିଲା ଓ ସେ ସ୍ତ୍ରୀଙ୍କୁ ହତ୍ୟା ଧମକ ଦେଇଥିଲେ। ଶନିବାର ବିଳମ୍ବିତ ରାତିରେ କଲେଜ ଛକର ଏକ ଦୋକାନ ବାରଣ୍ଡାରେ ସନାତନ ଓ ସମ୍ପୃକ୍ତ ମହିଳା ଶୋଇଥିବାବେଳେ କାଳିଆ ସେମାନଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ସନାତନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ଜୀବନ ଚାଲିଯାଇଥିଲା। ରବିବାର ସକାଳେ କଟକ ଡିସିପି ପ୍ରତୀକ ସିଂ, ଏସିପି ଅମରେନ୍ଦ୍ର ପଣ୍ଡା, ମାଲଗୋଦାମ ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ସମୟରେ ମାଲଗୋଦାମ ଥାନା ପୋଲିସ ସୂଚନା ପାଇ ଅଭିଯୁକ୍ତ କାଳିଆଙ୍କୁ ସିଡିଏ ବସ୍ତି ଅଞ୍ଚଳରୁ ଗିରଫ କରିଥିଲା। ପରେ ମାଲଗୋଦାମ ଥାନା ପୋଲିସ ତାଙ୍କୁ ହତ୍ୟାକାଣ୍ଡସ୍ଥଳକୁ ନେଇ ସିନ୍ ରିକ୍ରିଏଟ କରାଇଛି। ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିବା ସହ ସମସ୍ତ କଥା ପୋଲିସ ଆଗରେ ବଖାଣିଛନ୍ତି। ଏନେଇ ଆଇପିସି ଦଫା ୩୦୨, ୩୦୭ ଅନୁଯାୟୀ କେସ୍ ନଂ. ୧୩୧/୨୧ ରୁଜୁ କରାଯିବା ସହ ତଦନ୍ତ ଜାରି ରହିଛି।




**ମଦ ମାଗି ଏଏସ୍ଆଇ ନିଲମ୍ବିତ**

ଭଦ୍ରକ ଅଫିସ, ୨୦।୬-ଜଣେ ଯୁବକଙ୍କୁ ମଦ ମାଗୁଥିବା ନେଇ ଭିଡିଓ ଭାଇରାଲ ପରେ ଭଦ୍ରକ ଟାଉନ ଥାନାର ଏଏସ୍ଆଇ ବୀରଭଦ୍ର ବେହେରାଙ୍କୁ ଏସ୍ପି ଚରଣ ସିଂ ମୀନା ନିଲମ୍ବନ କରିଛନ୍ତି। ଏଏସ୍ଆଇ ବେହେରା ଥାନାର ଅନ୍ୟ ଜଣେ କର୍ମଚାରୀଙ୍କ ସହ ଉକ୍ତ ଯୁବକଙ୍କଠାରୁ ମଦ ନେବା ସହ ଅଧିକ ମଦ ପାଇଁ ଅଶ୍ଳୀଳ ଭାଷାରେ କହୁଥିବା ଭିଡିଓ ଭାଇରାଲ ହୋଇଥିଲା। ଏହି ଭିଡିଓ ଭାଇରାଲ କରିଥିବା ନେଇ ଏଏସ୍ଆଇ ବେହେରା ଉକ୍ତ ଯୁବକଙ୍କୁ ଧମକାଉଥିବାର ଏକ ଅଡିଓ ମଧ ଏବେ ଭାଇରାଲ ହୋଇଛି। ତେବେ ଏ ନେଇ ଟାଉନ ପୋଲିସ ପକ୍ଷରୁ କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁଡ୍‌ଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁଟୁମ୍ବ, ବ୍ରାହ୍ମଣ, ସାଆନ୍ତ, ସାପ,**
**ଶତ୍ରୁ, ବାଘ, ରୋଗ, ଦେବତା, ବାପ,**
**କହେ ଦନାଇ ଶୁଣିଥାଆରେ ଭାଇ**
**ଏମାନଙ୍କୁ ସାନ ବିଚାର ନାହିଁ।**

ଯୌଥ ପରିବାରକୁ ନେଇ କୁଟୁମ୍ବ ଗଢ଼ା। ଜେଜେବାପା, ଜେଜେମା, ବଡ଼ ବାପା, ବାପା, ମାଆ, ଦାଦା, ଖୁଡ଼ୀ ଆଦି ଗୁରୁଜନ ଓ ପୂଜନୀୟଙ୍କୁ ଯଥୋଚିତ ସମ୍ମାନ ଦେବା ସହ ବ୍ରାହ୍ମଣଙ୍କୁ ସମ୍ମାନ ଦେବା, ଦେବତାଙ୍କ ପ୍ରତି ଭକ୍ତି ଭାବ ଦେଖାଇବା ଉଚିତ। ଶତ୍ରୁକୁ ନ୍ୟୂନ ବିଚାରିବା ଉଚିତ ନୁହେଁ,ରୋଗକୁ ହେୟ ମଣିବା ଅନୁଚିତ। ସେହିପରି ବାଘ, ସାପ ପ୍ରଭୃତି ଜନ୍ତୁଙ୍କଠାରୁ ଯଥାସମ୍ଭବ ଦୂରେଇ ରହିବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

# ୩ ଜିଲାରେ ୧୦% ଉପରେ ସଂକ୍ରମଣ ହାର

## ଦିନକରେ ୩,୫୭୭ ଆକ୍ରାନ୍ତ, ୪୦ ମୃତ

**ଭୁବନେଶ୍ୱର, ୨୦।୬(ବ୍ୟୁରୋ)**

ରାଜ୍ୟର କ୍ରମାଗତ ଭାବେ ସଂକ୍ରମଣ ହାର ହ୍ରାସ ପାଇ ଚାଲିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୬,୩୮୨ ନମୁନା ପରୀକ୍ଷା ହୋଇଥିବାବେଳେ ୩,୫୭୭ ପଜିଟିଭ ବାହାରିଛି। ଫଳରେ ସଂକ୍ରମଣ ହାର ୫.୩୯% ହୋଇଛି। ଅଧିକାଂଶ ଜିଲାର ସଂକ୍ରମଣ ହାର ୧୦ ପ୍ରତିଶତ ତଳେ ରହିଥିବାବେଳେ ମାତ୍ର ୩ ଜିଲାରେ ଏହାଠାରୁ ଅଧିକ ରହିଛି। ସର୍ବାଧିକ ସଂକ୍ରମଣ ହାର ରହୁଥିବା ଯାଜପୁର ଜିଲାରେ ଏବେ ୨୦%ରୁ ଖସି ୧୫%ରେ ପହଞ୍ଚିଲାଣି। ଏଠାରେ ସର୍ବାଧିକ ସଂକ୍ରମଣ ହାର ୧୫.୪୮% ଥିବାବେଳେ ପୁରୀରେ ୧୨.୩୬%, ଖୋର୍ଦ୍ଧାରେ ୧୧.୭୪% ଓ ଝାରସୁଗୁଡ଼ାରେ ସର୍ବନିମ୍ନ ୦.୫୪% ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଅପରପକ୍ଷେ ଗତ ୨୪ ଘଣ୍ଟାରେ ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୫୭୧ଜଣ ଥିବାବେଳେ କଟକରୁ ୪୦୭, ଯାଜପୁରରୁ ୩୩୭, ପୁରୀରୁ ୨୩୭ଜଣ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଏବେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮,୭୭,୫୦୨ରେ ପହଞ୍ଚିଛି। ସେପଟେ ରାଜ୍ୟରେ ଆଉ ୪୦ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କଟକ ଓ ବରଗଡ଼ରୁ ସର୍ବାଧିକ ୫ଜଣ ଲେଖାଏ ରହିଛନ୍ତି। ସେହିପରି କୋରାପୁଟ, ମୟୂରଭଞ୍ଜ ଓ ରାୟଗଡ଼ାରୁ ୪ଜଣ ଲେଖାଏ, ଝାରସୁଗୁଡ଼ା, ଖୋର୍ଦ୍ଧା ଓ ଗଞ୍ଜାମରୁ ୩ଜଣ ଲେଖାଏ, ସୁନ୍ଦରଗଡ଼, ପୁରୀ ଓ ବଲାଙ୍ଗୀରରୁ ୨ଜଣ ଲେଖାଏ ଏବଂ ଅନୁଗୋଳ, ମାଲକାନଗିରି ଓ ନୟାଗଡ଼ରେ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୫୯୦କୁ ବୃଦ୍ଧି ପାଇଛି।



# ଆଜିଠୁ ୟୁଟ୍ୟୁବ୍‌ରେ ପାଠ ପଢ଼ିବେ ପିଲା

**ଭୁବନେଶ୍ୱର, ୨୦।୬(ବ୍ୟୁରୋ)**

ସୋମବାରଠାରୁ ପ୍ରଥମଥର ପାଇଁ ୟୁଟ୍ୟୁବ ମାଧ୍ୟମରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ପାଠପଢ଼ା ହେବ। ଗଣଶିକ୍ଷା ବିଭାଗ ରାଜ୍ୟରେ ଏହି ନୂଆ ପ୍ରୟୋଗ ଆରମ୍ଭ କରିବାକୁ ଯାଉଛି। ପ୍ରଥମରୁ ଦଶମ ଶ୍ରେଣୀ ଯାଏ ଛାତ୍ରୀଛାତ୍ର 'ଶିକ୍ଷା ଦର୍ପଣ' କାର୍ଯ୍ୟକ୍ରମ ଓ ୟୁଟ୍ୟୁବ୍ ମାଧ୍ୟମରେ ପାଠପଢ଼ିବେ। କରୋନା ପାଇଁ ପିଲାଙ୍କ ପାଠପଢ଼ାରେ ବହୁ ବ୍ୟାଘାତ ସୃଷ୍ଟି ହୋଇଛି। ଶିକ୍ଷାନୁଷ୍ଠାନ ପୁଣି କେବେ ଖୋଲିବ ତାହା ଏବେ ବି ଆଶଙ୍କାରେ ରହିଛି। ତେଣୁ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ବିଭାଗ ପକ୍ଷରୁ ପାଠପଢ଼ା ପାଇଁ ଏଭଳ ବିକଳ୍ପ ପ୍ରୟାସ ଆରମ୍ଭ କରାଯାଇଛି। ୨୧ରୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ସକାଳ ୯ଟାରୁ ୧୦ଟା ୩୦ ଯାଏ ପ୍ରାଥମିକ ଶ୍ରେଣୀର କ୍ଲାସ ହେବ। ସେହିପରି ୨୧ରୁ ଜୁଲାଇ ୩୧ ଯାଏ ସକାଳ ୧୦ଟା ୪୫ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ହାଇସ୍କୁଲ ଶ୍ରେଣୀର ପାଠପଢ଼ା ହେବ। ସେପଟେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ କହିଛି, ୟୁଟ୍ୟୁବ କିମ୍ବା ଅନଲାଇନ୍ ଉପରେ ଅଧିକ ନିର୍ଭର ନ କରି ଟେଲିଭିଜନ ଚ୍ୟାନେଲ ମାଧ୍ୟମରେ ଶିକ୍ଷାଦାନକୁ ସରକାର ଅଧିକ ଗୁରୁତ୍ୱ ଦିଅନ୍ତୁ।

# ନବବଧୂ ବେଶରେ ବିଦାୟ ନେଲେ ତପୁ

## ସତ୍ୟନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ

**ଭୁବନେଶ୍ୱର, ୨୦।୬ (ବ୍ୟୁରୋ)**

ଦେହରେ ନାଲି ଶାଢ଼ି ସାଙ୍ଗକୁ ମଥାରେ ସିନ୍ଦୂର ଟିପା। ତା' ସାଙ୍ଗକୁ ପାଦରେ ଅଳତା ଲଗାଇ ସମ୍ପୂର୍ଣ୍ଣ ନବବଧୂ ବେଶରେ ଚିର ବିଦାୟ ନେଇଛନ୍ତି କଣ୍ଠଶିଳ୍ପୀ ତପୁ ମିଶ୍ର। ପରିବାରବର୍ଗ, ବନ୍ଧୁ ପରିଜନ ଗହଣରେ ରବିବାର ସତ୍ୟନଗରସ୍ଥିତ ଶ୍ମଶାନରେ ତପୁଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅତି ଶୋକାକୁଳ ପରିବେଶରେ ତାଙ୍କୁ ଅନ୍ତିମ ବିଦାୟ ଦିଆଯାଇଥିଲା। ସ୍ୱାମୀ ଦୀପକ ପୂଜାରୀ ମୁଖାଗ୍ନି ଦେଇଥିଲେ। କରୋନାରେ ଆକ୍ରାନ୍ତ ହେବା ପରେ ଦୀର୍ଘ ଦିନ ଧରି ତାଙ୍କର ଚିକିତ୍ସା ଚାଲିଥିଲା। ପରେ କରୋନାରୁ ସୁସ୍ଥ ହୋଇଥିଲେ ବି ଫୁସ୍‌ଫୁସ୍ ଜନିତ ସଂକ୍ରମଣରେ ସେ ଆକ୍ରାନ୍ତ ହୋଇଥିଲେ। ଶେଷରେ ଡାକ୍ତରଙ୍କ ସମସ୍ତ ଚେଷ୍ଟା ଓ ଶୁଭେଚ୍ଛୁଙ୍କ ପ୍ରାର୍ଥନା ବିଫଳ ହୋଇଥିଲା। ଶନିବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଥିଲା। ଦୀର୍ଘ ଦୁଇ ଦଶନ୍ଧି ଧରି ସେ ତାଙ୍କ କଣ୍ଠର ଯାଦୁରେ ଶ୍ରୋତାମାନଙ୍କୁ ବାନ୍ଧି ରଖିଥିଲେ। ଓଲିଉଡ୍ ସଙ୍ଗୀତ ଜଗତରେ ସେ ଏକ ଟର୍ନିଂ ପଏଣ୍ଟ ଆଣିଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ। ତାଙ୍କର ଏପରି ଅକାଳ ବିୟୋଗକୁ ଅନେକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତାଙ୍କ ଭଳି ଜଣେ ଭର୍ସାଟାଇଲ୍ ସିଙ୍ଗରଙ୍କୁ ହରାଇ ଓଲିଉଡ୍ ଓ ସଙ୍ଗୀତ ଜଗତ ସ୍ତବ୍ଧ ହୋଇଯାଇଛି।

# ଧର୍ମପଦ ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ

**ଭୁବନେଶ୍ୱର, ୨୦।୬ (ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ଲଳିତ କଳା ଏକାଡେ଼ମୀ ପକ୍ଷରୁ 'ଧର୍ମପଦ ପୁରସ୍କାର' ଓ 'ଶିଳ୍ପୀ ସମ୍ବର୍ଦ୍ଧନା' ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି। ରାଜ୍ୟର ବିଭିନ୍ନ ସାଂସ୍କୃତିକ ତଥା ଚିତ୍ରକଳା ଅନୁଷ୍ଠାନ, ଜିଲା ସଂସ୍କୃତି ଅଧିକାରୀ ଓ ରାଜ୍ୟର ଶିଳ୍ପୀମାନେ ଆବେଦନ କରିପାରିବେ। ପ୍ରତିବର୍ଷ ବୟୋଜ୍ୟେଷ୍ଠ ଶିଳ୍ପୀଙ୍କୁ ଏହି ପୁରସ୍କାର ଦିଆଯାଇଥିବାବେଳେ ଆବେଦନକାରୀଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ରହିଛି। ଜଣେ ଆବେଦନକାରୀ ନିଜର କିମ୍ବା ଆଶାୟୀଙ୍କ ନାମ, ଜନ୍ମ ତାରିଖ, ସଂକ୍ଷିପ୍ତ ଜୀବନୀ ପ୍ରମାଣପତ୍ର ସହ ଆବେଦନ କରିବା ପାଇଁ କୁହାଯାଇଛି। ଜୁଲାଇ ୨୦ ସୁଦ୍ଧା ଆବେଦନକାରୀ ସଚିବ, ଓଡ଼ିଶା ଲଳିତକଳା ଏକାଡେମୀ,ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪ କିମ୍ବା ଇମେଲ ଆଇଡି odishalka1962@gmail.com ଜରିଆରେ ପଠାଇ ପାରିବେ। ତେବେ ଧାର୍ଯ୍ୟ ଦିବସ ପରେ କୌଣସି ପ୍ରସ୍ତାବ ଗ୍ରହଣ କରାଯିବ ନାହିଁ ବୋଲି ଏକାଡେମୀ ସୂଚନା ଦେଇଛି।





ସଚେତନତା ସୃଷ୍ଟି ପାଇଁ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରବିବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା।

## ପ୍ରଥମ ପୃଷ୍ଠାରୁ...

### ୪ ଲକ୍ଷ ଦେବାକୁ ...

ପ୍ରମାଣପତ୍ରରେ ମୃତ୍ୟୁର କାରଣ 'କୋଭିଡ୍' ବୋଲି ଉଲ୍ଲେଖ କରାଯାଉନାହିଁ। ଫଳରେ ଅନେକ ପରିବାର କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଏଥିରେ ଦର୍ଶାଯାଇଥିଲା। ଶୀର୍ଷ ଅଦାଲତ କେନ୍ଦ୍ରକୁ ଏହାର ଜବାବ ମାଗିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦାଏର ସତ୍ୟପାଠରେ କୁହାଯାଇଛି ଯେ, ଦେଶର ଯେଉଁ ସ୍ଥାନରେ କୋଭିଡ୍‌ଜନିତ ପ୍ରାଣହାନି ଘଟିଥାଉ ନା କାହିଁକି ତାକୁ କରୋନା ମୃତ୍ୟୁ ବୋଲି ଡେଥ୍ ସାର୍ଟିଫିକେଟରେ ଉଲ୍ଲେଖ କରାଯିବ। ଏହି ନିୟମ ନ ମାନିଲେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ଯାଏ କେବଳ ହସ୍ପିଟାଲଗୁଡ଼ିକରେ ଭୂତାଣୁ ସଂକ୍ରମିତ ରୋଗୀଙ୍କ ମୃତ୍ୟୁ ଘଟିଲେ ତାଙ୍କ ମୃତ୍ୟୁ ପ୍ରମାଣପତ୍ରରେ ମୃତ୍ୟୁର କାରଣ କୋଭିଡ୍ ବୋଲି ଦର୍ଶାଯାଉଥିଲା। ଏପରି କି ରୋଗୀ ନିଜ ଘରେ କିମ୍ବା ହସ୍ପିଟାଲର ପାର୍କିଂ ଏରିଆରେ ପ୍ରାଣ ହରାଇଲେ ମଧ କରୋନାଜନିତ ମୃତ୍ୟୁ ବୋଲି ପ୍ରମାଣପତ୍ରରେ ଉଲ୍ଲେଖ କରାଯାଉ ନ ଥିଲା। ଏଥିଯୋଗୁ ଲକ୍ଷାଧିକ ମୃତ୍ୟୁକୁ ରେକର୍ଡ କରାଯାଇପାରି ନାହିଁ। ବିଶେଷକରି ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ନାଟକ ଓ ଦିଲ୍ଲୀରେ ଏଭଳି ବିଚ୍ୟୁତି ଦେଖିବାକୁ ମିଳିଛି। କେବଳ ଏହି ୫ ରାଜ୍ୟରେ ଚଳିତବର୍ଷ ୪.୮ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି, ଯାହାର କାରଣ ସମ୍ପର୍କରେ ମୃତ୍ୟୁ ପ୍ରମାଣପତ୍ରରେ କିଛି ଉଲ୍ଲେଖ କରାଯାଇ ନାହିଁ। ଶନିବାର ବିହାରର ତଥ୍ୟରୁ ଜଣାପଡ଼ିଛି ଯେ, ରାଜ୍ୟରେ ଚଳିତ ବର୍ଷ ପ୍ରାୟ ୭୫,୦୦୦ ଲୋକଙ୍କ ମୃତ୍ୟୁର କାରଣ ଅମୀମାଂସିତ ରହିଛି। ଏହି ସଂଖ୍ୟା ବିହାରରେ ସରକାରୀ ଭାବେ ଘୋଷଣା କରାଯାଇଥିବା କରୋନା ମୃତ୍ୟୁର ୧୦ ଗୁଣା ହେବ। ସତ୍ୟପାଠରେ ଘୋଷଣା କରାଯାଇଥିବା କେନ୍ଦ୍ରର ନୂଆ ନିୟମ ଅନୁସାରେ କୋଭିଡ୍ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦିଆଯାଇପାରିବ ନାହିଁ। କାରଣ ଏପରି କରାଗଲେ ରାଜ୍ୟଗୁଡ଼ିକ ଉପରେ ଅସହ୍ୟ ଆର୍ଥିକ ବୋଝ ପଡ଼ିବ। ମହାମାରୀ ମୁକାବିଲା ପାଇଁ ଜାରି ଲକ୍‌ଡାଉନ୍ କାରଣରୁ ଟିକସ ସଂଗ୍ରହ ହ୍ରାସ ପାଇଛି। ଖରାପ ଆର୍ଥିକ ସ୍ଥିତି ଦେଇ ଗତି କରୁଥିବା ରାଜ୍ୟଗୁଡ଼ିକ ପକ୍ଷରେ ଏତେ ପରିମାଣର କ୍ଷତିପୂରଣ ଦେବା ଅସମ୍ଭବ। ତେବେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ଧାରା ୧୨ ଅନୁସାରେ 'ମିନିମମ୍ ଷ୍ଟାଣ୍ଡାର୍ଡ ରିଲିଫ୍' ବାବଦରେ ପ୍ରତ୍ୟେକ ନାଗରିକଙ୍କ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ, ଭିତ୍ତିଭୂମି ଆଦି କ୍ଷେତ୍ରରେ ଅନେକ ତ୍ୱରିତ ପଦକ୍ଷେପ ନେଇଛି। ଗତ ୧୧ ତାରିଖରେ କେନ୍ଦ୍ର ସରକାର କୋଭିଡ୍ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ପାଇଁ ବିଚାର କରୁଥିବା ସମ୍ପର୍କରେ ଜଷ୍ଟିସ୍ ଅଶୋକ ଭୂଷଣ ଓ ଏମ୍.ଆର୍. ଶାହାଙ୍କ ଖଣ୍ଡପୀଠକୁ ଅବଗତ କରାଇଥିଲେ। ତେବେ ସରକାର ଏକ ଜାତୀୟ ନୀତି ଉପରେ ଚିନ୍ତା କରୁଥିବାରୁ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଜବାବ ଦାଖଲ ପାଇଁ ୨ ସପ୍ତାହ ସମୟ ମାଗିଥିଲେ।

ପ୍ରକାଶ ଯେ, ମହାରାଷ୍ଟ୍ରରେ ଦେଶର ସର୍ବାଧିକ କରୋନା ମୃତ୍ୟୁ ଘଟିଛି। ମାତ୍ର ୧୨ ଦିନରେ ଲୁଚାଯାଇଥିବା ୮,୮୦୦ରୁ ଊର୍ଦ୍ଧ୍ୱ କୋଭିଡ୍ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି। ରାଜ୍ୟଗୁଡ଼ିକ ଏଭଳି ଭାବେ କୋଭିଡ୍ ମୃତ୍ୟୁସଂଖ୍ୟା ଲୁଚାଉଥିବା ନେଇ ଅଭିଯୋଗ ଆସିବାରେ ଲାଗିଛି। ଏହାକୁ ନେଇ ଶନିବାର ପାଟନା ହାଇକୋର୍ଟ ବିହାରର ନୀତୀଶ କୁମାର ସରକାରଙ୍କୁ ଭର୍ତ୍ସନା କରିଥିଲେ। ଯେଉଁ କାରଣରୁ ହେଲେ ବି ରାଜ୍ୟ ମହାମାରୀଜନିତ ପ୍ରକୃତ ମୃତ୍ୟୁସଂଖ୍ୟା ପ୍ରକାଶ ନ କରିବା ଆଇନତଃ ଗ୍ରହଣଯୋଗ୍ୟ ନୁହେଁ। ଏହି ଅବସରରେ ୧୯୭୫ରେ ସୁପ୍ରିମକୋର୍ଟ ଦେଇଥିବା ଏକ ରାୟର ଅବତାରଣା କରି ହାଇକୋର୍ଟ କହିଥିଲେ, ଗୋପନୀୟ ବିଷୟ ଉପରେ ଆବରଣ ଦେବା ସାଧାରଣ ରୁଟିନ୍ ବ୍ୟାପାର, ଯାହାକି ଜନସ୍ୱାର୍ଥ ସପକ୍ଷରେ ନୁହେଁ। ଏଭଳି ଗୋପନୀୟତାକୁ ଆଇନତଃ ଗ୍ରହଣ କରାଯିବ ନାହିଁ।

### ଅନାଥ ଶିଶୁଙ୍କ ...

ଭାବେ ପ୍ରତିବର୍ଷ ସ୍ୱତନ୍ତ୍ର ଅଭିଯାନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଶୀର୍ବାଦ ଯୋଜନାରେ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ପିଲାମାନେ ସେମାନଙ୍କ ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ଗହଣରେ ହିଁ ରହିବେ। ଦାୟିତ୍ୱ ନେଉଥିବା ଅଭିଭାବକମାନେ ଯେପରି ଠିକ୍ ଭାବରେ ପିଲାଙ୍କ ଯତ୍ନ ନେଇପାରିବେ ସେଥିପାଇଁ ସେମାନଙ୍କୁ ଉତ୍ସାହିତ କରାଯିବ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏହି ପିଲାମାନେ ମାଗଣା ଚିକିତ୍ସା ସୁବିଧା ପାଇପାରିବେ। ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ପିଲାଙ୍କୁ ଜାତୀୟ ବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବ।

ମା', ବାପାଙ୍କ ମୃତ୍ୟୁ ପୂର୍ବରୁ ପିଲା ଯେଉଁ ସ୍କୁଲରେ ପଢୁଥିଲେ ସେହି ସ୍କୁଲରେ ପଢ଼ା ଜାରି ରଖି ପାରିବେ। ଦାୟିତ୍ୱ ନେଇଥିବା ଆତ୍ମୀୟ ଯଦି ଅନ୍ୟ ସ୍ଥାନରେ ରହୁଥାନ୍ତି, ତେବେ ସେଠାରେ ପିଲାର ପଢ଼ିବା ବ୍ୟବସ୍ଥା କରାଯିବ। ଆବଶ୍ୟକ ପଡ଼ିଲେ ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ବା ସେହି ମାନର ବିଦ୍ୟାଳୟରେ ପିଲାଙ୍କୁ ପଢ଼ିବା ପାଇଁ ସାହାଯ୍ୟ ମଧ କରାଯିବ। ଆତ୍ମୀୟ ଯଦି ପିଲାକୁ ଅନ୍ୟ ସ୍କୁଲରେ ପଢ଼ାଇବା ପାଇଁ ଚାହିଁବେ, ତେବେ ଶିକ୍ଷା ଅଧିକାର ଆଇନ ଅନୁସାରେ ଜିଲାପାଳ ସହଯୋଗ ଯୋଗାଇ ଦେବେ। ଉଚ୍ଚ ଶିକ୍ଷା ପାଇଁ ପିଲାକୁ ରାଜ୍ୟ ସରକାରଙ୍କ ଗ୍ରୀନ ପାସେଜ୍ ଯୋଜନାରେ ସହଯୋଗ ଯୋଗାଇ ଦିଆଯିବ। ଯୋଗ୍ୟତା ଥିଲେ ଆତ୍ମୀୟଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବା ବିଜୁ ପକ୍କା ଘର ମଞ୍ଜୁର କରାଯିବ। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପିଲାର ଦାୟିତ୍ୱ ନେଇଥିବା ଆତ୍ମୀୟଙ୍କ ସହ ନିୟମିତ ଯୋଗାଯୋଗରେ ରହି ନଜର ରଖିବେ। ବିଜୁ ଶିଶୁ ସୁରକ୍ଷା ଯୋଜନା ଓ ଜୁଭେନାଇଲ ଜଷ୍ଟିସ୍ ଫଣ୍ଡ୍‌ରୁ ଆବଶ୍ୟକ ସ୍ଥଳେ ପିଲାଙ୍କୁ ସହାୟତା ମିଳିପାରିବ।

ଅନ୍ୟପକ୍ଷରେ ପିଲା ଯଦି ଆତ୍ମୀୟଙ୍କ ପାଖରେ ନ ରହି କୌଣସି ଶିଶୁ ସୁରକ୍ଷା ଅନୁଷ୍ଠାନରେ ରୁହନ୍ତି, ତେବେ ପିଲାଙ୍କ ବ୍ୟାଙ୍କ ଖାତାରେ ମାସିକ ୧ହଜାର ଟଙ୍କା ୧୮ ବର୍ଷ ହେବା ପର୍ଯ୍ୟନ୍ତ ଜମା କରାଯିବ। ପିଲାର ମାଗଣା ଯତ୍ନ ଓ ଅନ୍ୟ ଦାୟିତ୍ୱ ଅନୁଷ୍ଠାନ ବହନ କରିବ। ବାପାଙ୍କ ମୃତ୍ୟୁ ପରେ ପିଲାର ମା' ଯଦି ମଧୁବାବୁ ପେନ୍‌ସନ ପାଇଁ ଯୋଗ୍ୟ ହୋଇଥାନ୍ତି ତେବେ ତାଙ୍କ ପାଇଁ ବିଧବା ଭତ୍ତା ମଞ୍ଜୁର କରାଯିବ। ତେବେ ଡିଷ୍ଟ୍ରିକ୍ଟ ଚାଇଲ୍ଡ ପ୍ରୋଟେକ୍ସନ ୟୁନିଟ୍, ଚାଇଲ୍ଡଲାଇନ୍ ତଥା ପଞ୍ଚାୟତସ୍ତରୀୟ କମିଟି, ବ୍ଲକ କମିଟି ଫ୍ରଣ୍ଟଲାଇନ ୱାର୍କର ସିଭିଲ ସୋସାଇଟି ଜରିଆରେ ଏହି ପିଲାଙ୍କୁ ଚିହ୍ନଟ ସହ ତାଲିକା ପ୍ରସ୍ତୁତ କରିବେ। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଯୋଗ୍ୟ ପିଲା ବା ଦାୟିତ୍ୱ ନେଉଥିବା ଆତ୍ମୀୟ ମୃତ୍ୟୁ ପ୍ରମାଣ ପତ୍ର ସହ ଡିସିପିୟୁଙ୍କୁ ଆବେଦନ କରିପାରିବେ ବୋଲି ସୂଚନା ଦିଆଯାଇଛି।

### ଆଜିଠୁ କ୍ୟାମ୍ପେନ୍ ...

କିଣିଥିବା ଟିକା ଲୋକଙ୍କୁ ଦିଆଯିବ। ଟିକାକରଣ ପାଇଁ ପ୍ରତି ବ୍ଲକ ଓ ଏନ୍ଏସିରେ ୫ଟି ଲେଖାଏ ସେସନ୍ କରାଯିବ। ପୌରପରିଷଦରେ ୧୦ଟି ଓ ମହାନଗର ନିଗମରେ ୨୦ଟି ସେସନ୍ କରାଯିବ। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି କରାଯାଇଛି। ସୁବିଧା ଅନୁସାରେ ଟିକାକରଣ ପାଇଁ ଅନ୍‌ଲାଇନ୍ ବା ଅଫ୍‌ଲାଇନ୍‌ରେ ପଞ୍ଜୀକରଣ କରିବାକୁ ଜିଲାଗୁଡ଼ିକୁ କୁହାଯାଇଛି। ସେହିପରି ଟିକାର ଦ୍ୱିତୀୟ ଡୋଜ୍ ନେବାକୁ ଥିବା ଲୋକେ ଯେପରି ଠିକ୍ ସମୟରେ ଟିକା ନେଇପାରିବେ, ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ରହିଛି।

### ୭ ସପ୍ତାହରେ ପେଟ୍ରୋଲ...

ଏବଂ ଡିଜେଲ ୯୬.୧୮ ଟଙ୍କାରେ ଖାଉଟି କ୍ରୟ କରୁଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଓଡ଼ିଶାର ବୌଦ୍ଧ, ଗଜପତି, କନ୍ଧମାଳ, କଳାହାଣ୍ଡି, ନୂଆପଡା, ରାୟଗଡା, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ଜିଲାର ବିଭିନ୍ନ ବ୍ଲକରେ ପେଟ୍ରୋଲ ଲିଟର ପିଛା ୧୦୦ଟଙ୍କା ଉପରେ ଥିବାବେଳେ ଡିଜେଲ ଦର ମଧ ୧୦୦ଟଙ୍କା ନିକଟବର୍ତ୍ତୀ ବିକ୍ରି କରାଯାଉଛି। ତେବେ ମାଲକାନଗିରି ଜିଲାର ସମସ୍ତ ବ୍ଲକରେ ଡିଜେଲ ଲିଟର ପିଛା ୧୦୧ ଟଙ୍କା ଟପି ଯାଇଥିବା ସ୍ଥାନୀୟ ପେଟ୍ରୋଲିୟମ ଡିଲରମାନେ କହିଛନ୍ତି।

ଅପରପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୯ ପଇସା ଏବଂ ଡିଜେଲ ୨୮ ପଇସା ବୃଦ୍ଧି ଘଟିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୭.୨୨ ଟଙ୍କା ଏବଂ ଡିଜେଲ ୮୭.୯୭ ଟଙ୍କାରେ ପହଞ୍ଚିଛି। ମେ ୪ ପରଠାରୁ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୬.୮୨ ଟଙ୍କା ଏବଂ ଡିଜେଲ ୭.୨୪ ଟଙ୍କା ବୃଦ୍ଧି ଘଟିଥିବା ଜଣାପଡିଛି। ସେହିପରି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୮.୪୦ ଟଙ୍କା, ୯୭.୧୨ ଟଙ୍କା ଏବଂ ୧୦୩.୩୬ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଏହି ସବୁ ମେଟ୍ରୋ ସହରରେ ଡିଜେଲ ଦର ଯଥାକ୍ରମେ ୯୨.୫୮ ଟଙ୍କା, ୯୦.୮୨ ଟଙ୍କା ଏବଂ ୯୫.୪୪ ଟଙ୍କା ଛୁଇଁଥିବା ଜଣାପଡ଼ିଛି।

ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର, ରାଜସ୍ଥାନ, କର୍ନାଟକ ଓ ମଧ୍ୟପ୍ରଦେଶ ଏବଂ ଲଦାଖ ଭଳି କେନ୍ଦ୍ରଶାସିତ ଅଞ୍ଚଳରେ ପେଟ୍ରୋଲ ଦର ୧୦୦ ଟଙ୍କା ଟପି ରେକର୍ଡ ସ୍ତରରେ ପହଞ୍ଚିଛି। ବର୍ତ୍ତମାନ ସମୟରେ ରାଜସ୍ଥାନର ଗଙ୍ଗାନଗର ଅଞ୍ଚଳରେ ପେଟ୍ରୋଲ ୧୦୮ ଟଙ୍କା ଉପରେ ବିକ୍ରି ହେଉଥିବା ବେଳେ ଡିଜେଲ ମଧ ୧୦୧ ଟଙ୍କା ଟପି ଯାଇଥିବା ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି।

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଅନ୍ତର୍ଜାତୀୟ ବଜାର ଅଶୋଧିତ ତୈଳ ଦର ବୃଦ୍ଧିକୁ ଦୋଷ ଦେଇ ଖସି ଯିବାକୁ ବସିଛନ୍ତି। ସେହିଭଳି ରାଜ୍ୟ ସରକାରଗୁଡ଼ିକ ମଧ କେନ୍ଦ୍ର ସରକାର ତୈଳ ଦର ହ୍ରାସ କରୁ ନ ଥିବା କହି ଚୁପ୍ ରହିଯାଉଛନ୍ତି। ଫଳରେ ମହାମାରୀ ସମୟରେ ସବୁ ବର୍ଗର ଖାଉଟି ତେଲଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀ ପର୍ଯ୍ୟନ୍ତ ଅତିରିକ୍ତ ଖର୍ଚ୍ଚ ବହନ କରୁଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ସପ୍ତମସ୍ଥ ଚନ୍ଦ୍ରଙ୍କ ସହ ଶୁକ୍ରଙ୍କ ନବପଞ୍ଚମ ଯୋଗରୁ ଉତ୍ତେଜନାକୁ ନିୟନ୍ତ୍ରିତ କରି ସହୃଦୟତାର ବାକ୍ୟାଳାପ କରିବାରେ ସମର୍ଥ ହେବେ। ପାରିବାରିକ ସମ୍ପର୍କକୁ ପ୍ରାଧାନ୍ୟ ଦେଇ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବାକୁ ପଡ଼ିପାରେ। ବ୍ୟବସାୟରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବାକୁ ପଡ଼ିବ। ଚିନ୍ତିତ କାର୍ଯ୍ୟର ଆଜି ସରଳ ସମାଧାନ ହୋଇଯିବ।

**ବୃଷ** – ବକ୍ରି ବୁଧ ରାଶିରେ ଥିବାରୁ ବନ୍ଧୁ, ସହକର୍ମୀ ଅଥବା ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ। ଅଫିସରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ସ୍ୱାର୍ଥ ହାସଲ କରିବା ପାଇଁ ଚେଷ୍ଟା କରିପାରନ୍ତି। ଘରୋଇ କ୍ଷେତ୍ରରେ ଅଭାବ ନଥିଲେ ମଧ ସନ୍ତାନହେତୁକ ପୀଡ଼ା ଅନୁଭବ କରିବେ।

**ମିଥୁନ** – ମଙ୍ଗଳଙ୍କ ପ୍ରଭାବରୁ ମନର ଅଶାନ୍ତି ଓ ରାଗକୁ ନିୟନ୍ତ୍ରଣ ମଧ୍ୟରେ ନ ରଖିଲେ ଓଲଟା ଫଳ ହୋଇପାରେ। ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଆପ୍ୟାୟିତ କରି ଅର୍ଥଲାଭର ମାର୍ଗକୁ ସୁଗମ କରିପାରନ୍ତି। ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** – ସୁସ୍ଥ ମସ୍ତିଷ୍କରେ କାମ କଲେ ସବୁ ସମସ୍ୟାକୁ ଟାଳି ଦେଇ ପାରିବେ। ବୁଧଙ୍କ ପ୍ରଭାବରୁ ନିଜ ଲୋକଙ୍କ ସହ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ ପ୍ରକାଶ୍ୟରେ କିଛି କହିପାରିବେ ନାହିଁ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ** – ସମସ୍ୟାଭାରରେ ଅତିଷ୍ଠ ହୋଇ ମାନସିକ ଅସ୍ଥିରତା ଅଶାନ୍ତି ସୃଷ୍ଟି କରିବ। ଏକାଦଶସ୍ଥ ଶୁକ୍ର ହେତୁ କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଅଫିସିଆଲି କାମକ୍ଷେତ୍ରରେ ମଧ୍ୟାହ୍ନରେ ଟେନ୍‌ସନ୍ ଦୂର ହେବ। ପରିବାରବର୍ଗଙ୍କ ସହାୟତା ପାଇବେ ଓ ଆନନ୍ଦ ମନରେ କାମ କରିବେ।

**କନ୍ୟା** – ଭଲ ସମ୍ପର୍କ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ ଆଶା ମନରେ ଦୁଃଖ ଦେଇପାରେ, କଳହର ସମ୍ଭାବନା ରହିଛି। ଆଳସ୍ୟ ହେତୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। ସାମାଜିକ ସ୍ତରରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ତୁଳା** – ରାଶିରେ ଚନ୍ଦ୍ର ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କଠାରୁ ଦୂରତା ରଖି କାମ କରିବା ଭଲ। ବନ୍ଧୁଟି ବାଟରୁ ଲେଉଟି ଆସିବା ଫଳରେ ନିଜ କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବୃଦ୍ଧିର ଆଶଙ୍କା ଦେଖାଦେବ। ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** – ରବିଙ୍କ ପ୍ରଭାବରେ କର୍ମକ୍ଷେତ୍ର ପ୍ରତି ଆନୁଗତ୍ୟ ଉପରିସ୍ଥଙ୍କୁ ଖୁସି କରିବ। ଆପଣ ଯେତେ ପାଇଲେ ମଧ ଆହୁରି ଅଧିକ ପାଇଁ ବ୍ୟାକୁଳତା ପ୍ରକାଶ କରିବେ। ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। ପରିବାରର ସଦସ୍ୟମାନଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** – କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଶନିଙ୍କ ସୁପ୍ରଭାବରୁ ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ, କିନ୍ତୁ କାମ ଅଟକିବ ନାହିଁ। ଅଫିସରେ ଅବସର ସମୟରେ ସହକର୍ମୀଙ୍କ ସହ ମିଷ୍ଟାଳାପରୁ ଖୁସି ରହିବେ। ପିଲାମାନଙ୍କ ସଫଳତାକୁ ନେଇ ଆନନ୍ଦ ଅନୁଭବ କରିବେ।

**ମକର** – ବିପରୀତ ରାଜଯୋଗ ପ୍ରଭାବରେ କୌଣସି ବ୍ୟକ୍ତିଠାରୁ ହଠାତ୍ କିଛି ଖବର ପାଇ ବିଚଳିତ ହେବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**କୁମ୍ଭ** – ବକ୍ରିଶନି ଦ୍ୱାଦଶସ୍ଥ ଯୋଗୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧା ଭୋଗିବେ। ବନ୍ଧୁରେ କଳହ, ଧନହାନି, ପରିବହନରେ ବିତର୍କ ଓ ସାଧାରଣ କଥାରୁ ପାଟିତୁଣ୍ଡ ଲାଗି ରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** – ସଂଯମତା ଅଭାବରୁ କର୍ମ କ୍ଷେତ୍ରରେ ଉଚ୍ଚ ଅଫିସରଙ୍କ ସହ ସମ୍ପର୍କ ହାନି ଚିନ୍ତାର କାରଣ ହେବ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି, ସେପରି କିଛି ହେବନି। ଧାରକରଜ କରି ଆବଶ୍ୟକତା ତୁଲାଇବାକୁ ବାଧ୍ୟ ହେବେ। ରେବତୀ ନକ୍ଷତ୍ର ସକାଶେ ବାହାରକୁ ଯିବା ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିବେ।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ସର୍ବସମ୍ମତ ନିର୍ମଳା ଏକାଦଶୀ ସୋମବାର, ଶ୍ରୀମନ୍ଦିରରେ ରୁକ୍ମିଣୀହରଣ ଓ ବିବାହ ମହୋତ୍ସବ, ଜୁନ୍ ୨୧ ତାରିଖ, ଅନ୍ତର୍ଜାତୀୟ ଯୋଗ ଦିବସ, ଆଦିଶକ୍ତି ଗାୟତ୍ରୀ ଜୟନ୍ତୀ, ରାଶି ନକ୍ଷତ୍ର- ସ୍ୱାତୀ/ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ସ୍ୱାତୀ ନକ୍ଷତ୍ରେ ବ୍ରତୋପନୟନ। ସକାଳ ଘ.୦୮।୪୩ ଗତେ ଘ.୧୦।୨୯ ମଧ୍ୟେ ଅମୃତବେଳା। ସକାଳ ଘ.୦୬।୫୧ ଗତେ ଘ.୦୮।୩୦ ମଧ୍ୟେ ରାହୁକାଳ।


classifieds Everyday 0674-2580101, 2549302





Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20906

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନୁଷ୍ୟର ପ୍ରତିଟି କ୍ରିୟା 'ଯୋଗ'

ଭୁବନେଶ୍ୱର, ୨୦।୬ (ବ୍ୟୁରୋ)

ମନୁଷ୍ୟର ପ୍ରତିଟି କ୍ରିୟା ହେଉଛି ଯୋଗ। ଯୋଗ ଦ୍ୱାରା ଶରୀର ସୁସ୍ଥ ରହିବା ସହ ମାନସିକ ସ୍ତରରେ ଶାନ୍ତି ମିଳିଥାଏ। ନୀରୋଗ ରହିବାର ଏହା ହେଉଛି ସବୁଠୁ ବଳିଷ୍ଠ ମାଧ୍ୟମ। ଆଜି ହେଉଛି ଅନ୍ତର୍ଜାତୀୟ ଯୋଗ ଦିବସ। ଚଳିତବର୍ଷର ଥିମ୍ ରହିଛି 'ବି ୱିଥ୍ ଯୋଗ, ବି ଆଟ୍ ହୋମ୍'। ଅର୍ଥାତ୍ ମହାମାରୀ କରୋନା ନିୟମ ପାଳନ କରି ସମ୍ପୂର୍ଣ୍ଣ ପରିବାର ସହିତ ଯୋଗ ବନ୍ଧନରେ ବାନ୍ଧି ହୋଇଯିବା। ପ୍ରତିବର୍ଷ ଏହି ଦିବସରେ ଲକ୍ଷ ଲକ୍ଷ ଲୋକ ଏକତ୍ରିତ ହୋଇ ଯୋଗାସନ କରୁଥିଲେ। ମାତ୍ର ଚଳିତ ବର୍ଷର ଯୋଗ ଦିବସ ଅନେକାଂଶରେ ସ୍ୱତନ୍ତ୍ର। କରୋନା କାଳରେ ଏହା ଲୋକଙ୍କ ପାଇଁ ସଞ୍ଜୀବନୀ ବୋଲି କୁହାଯାଉଛି।

## ଆଜି ଅନ୍ତର୍ଜାତୀୟ ଯୋଗ ଦିବସ



### ଏ ବର୍ଷର ସ୍ଲୋଗାନ୍

ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ 'ବିଶ୍ୱ ଯୋଗ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଦିବସ ଅବସରରେ ଚଳିତବର୍ଷର ସ୍ଲୋଗାନ୍‌ଟି ହେଲା 'ଯୋଗ ଫର୍ ୱେଲ୍ ବିଙ୍ଗ୍'। ଆମ ଶରୀରକୁ ସୁସ୍ଥ ରଖିବା ପାଇଁ ଯୋଗର ଭୂମିକା କେତେ ତାହା କହିବା ବାହୁଲ୍ୟ। ଏହାର ତାତ୍ପର୍ଯ୍ୟ ସମସ୍ତେ ବୁଝିପାରିଲେ ଆମେ ନିଜକୁ ଅନେକାଂଶରେ ସୁସ୍ଥ ରଖିପାରିବା। ତେଣୁ ଯୋଗର ଉପକାରିତା ନେଇ ଯେତେ ଜନସଚେତନତା ସୃଷ୍ଟି କରାଯାଇପାରିବ ତାହା ସେତେ ଭଲ। ତେଣୁ ଏଥିପାଇଁ ପ୍ରତିବର୍ଷ ଜୁନ୍ ୨୧କୁ 'ବିଶ୍ୱ ଯୋଗ ଦିବସ' ଭାବରେ ପାଳନ କରାଯାଇଆସୁଅଛି।

### କ'ଣ କୁହନ୍ତି ଏମାନେ...



"ଯୋଗ ଦିବସକୁ ଏବେ ଆମେ ଏକ ଉତ୍ସବ ଭଳି ପାଳନ କରୁଛୁ। ଏହାଦ୍ୱାରା ଲୋକଙ୍କୁ ଯୋଗ ସୂତ୍ରରେ ନିଜକୁ ବାନ୍ଧିବା ପାଇଁ ପ୍ରେରଣା ମିଳିଥାଏ। ଶାରୀରିକ ସୁସ୍ଥତା ସହ ଅବସାଦରୁ ମୁକ୍ତି ପାଇବା ପାଇଁ ଯୋଗ ହିଁ ଏକମାତ୍ର ସମାଧାନ। ବର୍ତ୍ତମାନର କୋଭିଡ୍ ମହାମାରୀ ସମୟରେ ଯୋଗ ଦ୍ୱାରା ଜଣେ ମନୁଷ୍ୟ ସହଜରେ ନିଜକୁ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖି ପାରିବ।

– ପ୍ରଫୁଲ୍ଲ କୁମାର ବେହେରା, ଯୋଗ ପ୍ରଶିକ୍ଷକ



"ମନ, ଶରୀରକୁ ସୁସ୍ଥ ରଖିବା ପାଇଁ ଯୋଗ ଏକମାତ୍ର ମାଧ୍ୟମ। ବହୁ ଡାକ୍ତରଙ୍କ ସମେତ ବିଶେଷଜ୍ଞମାନେ ମଧ୍ୟ ଏହାକୁ ସ୍ୱୀକାର କରି ସାରିଲେଣି। ପ୍ରତ୍ୟେକ ମାତା, ପିତା ନିଜର ପିଲାଙ୍କୁ ଛୋଟ ବେଳୁ ହିଁ ଯୋଗଶିକ୍ଷା ପ୍ରତି ପ୍ରେରଣା ଦେବା ଆବଶ୍ୟକ। କରୋନା ସମୟରେ ଘରୁ ନ ବାହାରି ପରିବାର ସହ ଆମେ କିପରି ଯୋଗ କରିବା ଏବଂ ସୁସ୍ଥ ରହିବା ତାହା ହିଁ ମୁଖ୍ୟ ଲକ୍ଷ୍ୟ।

– ଡ. ପ୍ରସନ୍ନ କୁମାର ପ୍ରଧାନ, ସଭାପତି, ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀ



"ଆମେ ପୂରା ପରିବାର ଯୋଗ ଶିକ୍ଷା କରୁଛୁ। ସକାଳ ୬ଟାରୁ ପ୍ରତିଦିନ ୧ଘଣ୍ଟା ପାଇଁ ଯୋଗ କରୁଛୁ। ଏହାଦ୍ୱାରା ମୋ ବାପା, ମା'ଙ୍କ ବହୁ ପୁରୁଣା ଅସୁସ୍ଥତା କମିଛି। ଯୋଗ କରିବା ଦ୍ୱାରା ମୁଁ ପୂର୍ବାପେକ୍ଷା ପତଳା ହୋଇ ପାରିଛି। ସମସ୍ତେ ଯୋଗକୁ ନିଜ ଦୈନନ୍ଦିନ ରୁଟିନ୍‌ରେ ସାମିଲ କରିବା ଆବଶ୍ୟକ। ବିଶେଷକରି ଟେନ୍‌ସନ୍‌ରେ ରହୁଥିଲେ ଯୋଗ ବେଶ୍ ଫଳପ୍ରଦ।

– ଅଙ୍କିତା ଦଧିଚ, ପ୍ରଶିକ୍ଷାର୍ଥୀ



"ମୁଁ ପିଲାବେଳୁ ଯୋଗ କରୁଛି। ଏହା ମୋ ଦିନଚର୍ଯ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ଓ ନୀରୋଗ ରହିବା ପାଇଁ ଯୋଗାଭ୍ୟାସ କରିବା ଦରକାର। କରୋନାରୁ ନିଜକୁ ଦୂରେଇ ରଖିବା ପାଇଁ ଯୋଗ ହେଉଛି ସବୁଠାରୁ ଉତ୍ତମ ମାଧ୍ୟମ। ପ୍ରତିଦିନ ପ୍ରାଣାୟାମ, ଯୋଗାଭ୍ୟାସ କରିବା ଦ୍ୱାରା ନିଜର ଇମ୍ୟୁନିଟି ବଢାଇପାରିବେ।

– ଦିବ୍ୟାଂଶୁ ସ୍ୱାଇଁ, ପ୍ରଶିକ୍ଷାର୍ଥୀ



"୧୪ ବର୍ଷରୁ ମୁଁ ଯୋଗ କରୁଛି। ଆମେ ଯାହା କିଛି କରୁଛେ ତାହା ହିଁ ଯୋଗ। କେବଳ ଯୋଗାସନ ଓ ପ୍ରାଣାୟାମ ଭିତରେ ଯୋଗ ସୀମିତ ନୁହେଁ। ଅଷ୍ଟାଙ୍ଗ ଯୋଗକୁ ଆମେ ନିଜ ଦୈନନ୍ଦିନ ଜୀବନରେ ବ୍ୟବହାର କରିପାରିବା। ଏହାଦ୍ୱାରା ଆମେ ସୁସ୍ଥ ରହିବା ସହିତ ଅନ୍ୟମାନେ ମଧ୍ୟ ସୁସ୍ଥ ରହିବେ।

– କଳ୍ପନା ବଳିୟାରସିଂ, ପ୍ରଶିକ୍ଷାର୍ଥୀ

# ଔଷଧୀୟ ଉଦ୍ଭିଦ ଜ୍ଞାନ କେନ୍ଦ୍ରର ସୌନ୍ଦର୍ଯ୍ୟ ଫେରିଲା







ଭୁବନେଶ୍ୱର, ୨୦।୬(ବ୍ୟୁରୋ)

ଭୁବନେଶ୍ୱରର ପାତ୍ରପଡ଼ା ଅଞ୍ଚଳରେ ରହିଛି ମେଡିସିନାଲ ପ୍ଲାଣ୍ଟସ ନଲେଜ ସେଣ୍ଟର ବା ଔଷଧୀୟ ଉଦ୍ଭିଦ ଜ୍ଞାନ କେନ୍ଦ୍ର। ନଗର ବନଖଣ୍ଡ ଭୁବନେଶ୍ୱର ରେଞ୍ଜ ଅଧୀନରେ ଥିବା ଏହି ଉଦ୍ୟାନ ପ୍ରାୟ ୬୦ ହେକ୍ଟର ପରିମିତ ଜମିରେ ଗଢ଼ିଉଠିଛି। ଭୁବନେଶ୍ୱର ରେଞ୍ଜ ଅଧିକାରୀ ଏହାର ପରିଚାଳନା କରୁଥିବାବେଳେ ନଗର ବନଖଣ୍ଡ ଅଧିକାରୀ ତଦାରଖ କରନ୍ତି। ୨୦୧୦ ଅଗଷ୍ଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଥିଲେ। ଏଠାରେ ବର୍ତ୍ତମାନ ୩୨୦ ପ୍ରଜାତିର ଲକ୍ଷାଧିକ ଔଷଧୀୟ ଗଛ ରହିଛି। ଇତିମଧ୍ୟରେ ଏହି ବୃହତ୍ ଉଦ୍ୟାନ ଏକାଧିକ ବାତ୍ୟାକୁ ସାମ୍ନା କରିଥିଲେ ମଧ୍ୟ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ ହୋଇଛି। 'ଫନି' ବାତ୍ୟାରେ ଏହା ଏକପ୍ରକାର ଛାରଖାର ହୋଇଯାଇଥିଲା। ହେଲେ ଆଜି ପୁଣି ଉଦ୍ୟାନର ସବୁଜିମା ଫେରି ଆସିଛି। ସବୁଜ ବନାନୀ ପ୍ରତି ଆକୃଷ୍ଟ ହୋଇ ମୟୂର ସମେତ ୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ, ବନ୍ୟପ୍ରାଣୀ ଧୀରେ ଧୀରେ ସ୍ଥାୟୀ ଭାବେ ରହିବା ଆରମ୍ଭ କଲେଣି। ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଏହି ଔଷଧୀୟ ଉଦ୍ଭିଦ ଜ୍ଞାନ କେନ୍ଦ୍ରର ପ୍ରଶଂସା କରିଛନ୍ତି। ଔଷଧୀୟ

## ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଉଦ୍ଭିଦ ଓ ତାହାର ଉପଚାର ଗୁଣକୁ ନେଇ ଆମର ସମୃଦ୍ଧ ପରମ୍ପରାକୁ ଏହା 'ଜୀବନର ଉଦ୍ୟାନ'ରେ ରୂପାନ୍ତରିତ କରିସାରିଛି। ଯତ୍ନର ସହିତ ପାଳନ କରିବା ଦ୍ୱାରା ଅନେକ ବିରଳ ବନସ୍ପତି ଓ ଜୀବଙ୍କୁ ନେଇ ଏହା ପ୍ରକୃତିର ଏକ ଅନନ୍ୟ ସମ୍ପଦରେ ପରିଣତ କରାଯାଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କେନ୍ଦ୍ରରେ ରହିଛି ଚରକ ଉଦ୍ୟାନ, ବାମ୍ବୁ ସେଟମ, ନକ୍ଷତ୍ର ବନ। ୧.୩୫ ହେକ୍ଟର ପରିମିତ ଅଞ୍ଚଳରେ ଥିବା ଚରକ ଉଦ୍ୟାନରେ ଔଷଧୀୟ ବୃକ୍ଷ, ଲତା, ଗୁଳ୍ମ ଲଗାଯାଇଛି। ଏହି ଉଦ୍ୟାନର ନାମ ଆୟୁର୍ବେଦର ଜନକ 'ଚରକ'ଙ୍କ ନାମ ଅନୁସାରେ ରଖାଯାଇଛି। 'ବାମ୍ବୁ ସେଟମ' ରାଜ୍ୟର ପ୍ରଥମ ଏବଂ ଏକମାତ୍ର ବାଉଁଶ ଉଦ୍ୟାନ। ୨.୫ ହେକ୍ଟର ଅଞ୍ଚଳରେ ଥିବା ଏହି ଉଦ୍ୟାନରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପ୍ରଜାତିର ବାଉଁଶ ଶୋଭା ବଢ଼ାଉଛି। ବାଉଁଶର ଏକ ବିରଳ ଲତା ପ୍ରଜାତି ମଧ୍ୟ ଏଠାରେ ଦେଖିବାକୁ ମିଳୁଛି। ସେହିପରି ୦.୨୮ ହେକ୍ଟରରେ 'ନକ୍ଷତ୍ର ବନ' ରାଶି ଓ ନକ୍ଷତ୍ରଙ୍କ ସହ ଜଡ଼ିତ ବୃକ୍ଷମାନଙ୍କୁ ନେଇ ସ୍ଥାପନ କରାଯାଇଛି। ଏହି ଉଦ୍ୟାନରେ ପ୍ରତିଟି ବୃକ୍ଷ ଏକ ନିର୍ଦ୍ଦିଷ୍ଟ ନକ୍ଷତ୍ର ପାଇଁ ଉଦ୍ଦିଷ୍ଟ।

ଏଠାରେ ଏକ ବ୍ୟବସାୟିକ ଉଦ୍ୟାନ ରହିଛି। ଅଧିକ ଚାହିଦା ଥିବା ୭ଟି ଔଷଧୀୟ ଉଦ୍ଭିଦକୁ ନେଇ ଏହା ୨.୮୨ ହେକ୍ଟର ଅଞ୍ଚଳରେ ପରିବ୍ୟାପ୍ତ। ତୁଳସୀ, ଘି କୁଆଁରୀ, ଅଶ୍ୱଗନ୍ଧା, ଗୁଡ଼ମାରୀ, କଲ୍ମେଘ, ଗୁଳୁଚି, ଓ ଡାଳଚିନି ଆଦି ୭ଟି ଉଦ୍ଭିଦ ଚାଷ କରାଯାଉଛି। ସାଧାରଣ ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଚାରା ଦେବା ପାଇଁ ଏଠାରେ ଏକ ହର୍ବାଲ ନର୍ସରି ମଧ୍ୟ ରହିଛି। ଏଥିସହ ଏକ ଜଳାଶୟ ଏଠାକାର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛି। ଜଳାଶୟ ଚାରିପଟେ ବୃକ୍ଷ ରୋପଣ କରି ୧୨ ହେକ୍ଟର ପରିମିତ ଟାଙ୍ଗରା ଭୂଇଁକୁ ସବୁଜିମାରେ ରୂପାନ୍ତରିତ କରାଯାଇଛି।

ବର୍ତ୍ତମାନ ଏହି କେନ୍ଦ୍ରରେ ଏକ ପ୍ରୋସେସିଂ ୟୁନିଟ୍ ମଧ୍ୟ କାର୍ଯ୍ୟ କରୁଛି। ହରିଡା, ବାହାଡ଼ା, ଅଁଳା ଆଦିର ଚୂର୍ଣ୍ଣ ପ୍ରସ୍ତୁତ କରାଯାଉଛି। ସେହିଭଳି ଏକ ଅଏଲ୍ ଏକ୍ସଟ୍ରାକ୍ସନ ପ୍ଲାଣ୍ଟ ବସିବ। ନିମ୍ବ, କରଞ୍ଜ ଭଳି ବିଭିନ୍ନ ପ୍ରକାର ତୈଳଜ ଉଦ୍ଭିଦରୁ ତେଲ ବାହାର କରିହେବ ବୋଲି ନଗର ବନଖଣ୍ଡ ଅଧିକାରୀ ଅଶୋକ ମିଶ୍ର କହିଛନ୍ତି। ଭୁବନେଶ୍ୱର ରେଞ୍ଜ ଅଧିକାରୀ ଆଦିତ୍ୟ ମିଶ୍ର କୁହନ୍ତି, 'ଫନି' ବାତ୍ୟାରେ କେନ୍ଦ୍ରଟି ସମ୍ପୂର୍ଣ୍ଣ ଶ୍ରୀହୀନ ହୋଇ ପଡ଼ିଥିଲା। କେମିତି ଆମେ ଭାଙ୍ଗି ପଡ଼ିଥିବା ଗଛଗୁଡ଼ିକୁ ପୁଣି ସଳଖ କରି ଠିଆ କରିବୁ ତାହା ଆମ ପାଇଁ ଚ୍ୟାଲେଞ୍ଜ ଥିଲା। କର୍ମଚାରୀଙ୍କ ପରିଶ୍ରମ ଯୋଗୁ ବର୍ତ୍ତମାନ ଏହା ପୁଣି ତା'ର ପୂର୍ବାବସ୍ଥାକୁ ଫେରିଆସିଥିବାରୁ ଭାରି ଖୁସି ଅନୁଭବ କରୁଛୁ।

## ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ ନୀତି

ପୁରୀ ଅଫିସ, ୨୦।୬

ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ସୋମବାର ମହାପ୍ରଭୁ ଶ୍ରୀଜଗନ୍ନାଥ ବିଦର୍ଭ ରାଜକୁମାରୀ ରୁକ୍ମିଣୀଙ୍କୁ ବିବାହ କରିବେ। ଏଥିଲାଗି ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ବଢିବା ପରେ ମଦନମୋହନଙ୍କୁ ରତ୍ନସିଂହାସନ ନିକଟକୁ ବିଜେ କରାଯାଇଥିଲା। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ପ୍ରଦାନ କରିଥିଲେ। ଜୟ ବିଜୟ ଦ୍ୱାର ବନ୍ଦ ରଖାଯାଇ ମହାପ୍ରଭୁଙ୍କୁ ଆଇଟ ଲାଗି କରାଯାଇଥିଲା। ଜଣେ ସେବକ ଡଗର ଭାବେ ଆସି ମଦନମୋହନଙ୍କୁ ରୁକ୍ମିଣୀଙ୍କ ବିବାହ ପ୍ରସ୍ତାବ ଜଣାଇ ଥିଲେ। ମହାଜନେ ଠାକୁରଙ୍କୁ ବଟବୃକ୍ଷ ତଳେ ଥିବା ରଥରେ ବିଜେ କରାଇଥିଲେ। ବିମାନବଡ଼ୁମାନେ ଘଣ୍ଟ, ଛତା, କାହାଳୀ ସହିତ ରଥାରୂଢ ମହାପ୍ରଭୁଙ୍କୁ ଭିତର ବେଢାରେ ଘେରାଏ ବେଢା ପରିକ୍ରମା କରାଇଥିଲେ। କୁତ କୌତୁକ ରଷି ଭାବେ ଜଣେ ସେବକ ଦଣ୍ଡ ପ୍ରଣାମ କରି ମହାପ୍ରଭୁଙ୍କୁ ଦକ୍ଷିଣ ଘରକୁ ନେଇଥିଲେ। ଠାକୁର ଖଟରେ ବିଜେ ହେବା ପରେ ପଞ୍ଚାମୃତ ମହାସ୍ନାନ ସହ ଫୁଲ, ଚନ୍ଦନ ଲାଗି କରାଯାଇ ବେଶ କରାଯାଇଥିଲା। ଶୀତଳ ଭୋଗ ମଣୋହି ହୋଇ ଖିରି, ଅମାଲୁ ଭୋଗ ବଢିଥିଲା। ଠାକୁର ଦକ୍ଷିଣଘର ସ୍ୱସ୍ଥାନକୁ ବିଜେ ହୋଇଥିଲେ। ଶ୍ରୀଜଗନ୍ନାଥଙ୍କ ନିକଟରେ ଛଡି ଟେକା ହୋଇ ଅଭିଷେକ ନୀତି ସମ୍ପନ୍ନ ହୋଇଥିଲା। ପଣା ଭୋଗ ହୋଇ ଅନ୍ୟାନ୍ୟ ନୀତି ବଢି ମହାପ୍ରଭୁଙ୍କ ପହୁଡ଼ ନୀତି ହୋଇଥିଲା।

## ରେଳ ଧାରଣାରୁ ବ୍ୟାଙ୍କ କର୍ମଚାରୀଙ୍କ ମୃତଦେହ ଜବତ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଜିଆରପି ଥାନା ପୋଲିସ ରବିବାର ସତ୍ୟନଗର ଓଭରବ୍ରିଜ ନିକଟ ରେଳ ଧାରଣାରୁ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ବିହାର ଭାଗଲପୁର ଜିଲାର ଗୌରବ ରାଜ(୨୭)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଗୌରବ ଆତ୍ମହତ୍ୟା କରିଛନ୍ତି ନା ତାଙ୍କ ସହ ଆଉକିଛି ଘଟିଛି ସେନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୧) ରୁଜୁକରି ଅଧିକ ତଦନ୍ତ ଚଳାଇଛି । ସୂଚନା ଅନୁଯାୟୀ, ଗୌରବ ଭୁବନେଶ୍ୱର ଶ୍ରୀୟା ଛକ ନିକଟରେ ଥିବା ଏକ ଘରୋଇ ବ୍ୟାଙ୍କରେ ଟ୍ରାଞ୍ଜାକ୍ସନ ମ୍ୟାନେଜର ଥିଲେ। ତେବେ ରବିବାର ଦିନ ପ୍ରାୟ ୧ଟାରେ ତାଙ୍କର କ୍ଷତାକ୍ତ ଶରୀର ରେଳଧାରଣାରେ ପଡିଥିବା ଜିଆର୍‌ପି ଖବର ପାଇ ସେଠାରେ ପହଞ୍ଚିଥିଲା।

NATIONAL AYUSH MISSION
# ଆନ୍ତର୍ଜାତୀୟ ଯୋଗ ଦିବସ
୨୧ ଜୁନ୍ ୨୦୨୧
DSPL-55



ଯୋଗ; ଆମ ସଂସ୍କୃତିକୁ ଭାରତୀୟ ମୁନିଋଷି ମାନଙ୍କର ଏକ ଅମୂଲ୍ୟ ଅବଦାନ। ଯୋଗ, ଶରୀର ଏବଂ ମନ, ବିଚାର ଏବଂ କର୍ମ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ସହିତ ପ୍ରକୃତି ଓ ମଣିଷ ମଧ୍ୟରେ ସଂହତି ପ୍ରତିଷ୍ଠା କରିଥାଏ। ଯୋଗର ଗୁରୁତ୍ୱ ଉପଲବ୍ଧି ପୂର୍ବକ ସମଗ୍ର ବିଶ୍ୱରେ ଜୁନ ମାସ ୨୧ ତାରିଖକୁ ଆନ୍ତର୍ଜାତୀୟ ଯୋଗ ଦିବସ ଭାବରେ ପାଳନ କରାଯାଉଛି।

ଯୋଗର ଉପଯୋଗିତା:
- ଉତ୍ତମ ମାନସିକ ସନ୍ତୁଳନ ଓ ମାନସିକ ଦକ୍ଷତାରେ ବୃଦ୍ଧି
- ଶାରୀରିକ କ୍ରିୟା ମଧ୍ୟରେ ସଂହତି ଓ ରୋଗ ପ୍ରତିରୋଧକ ଶକ୍ତିରେ ବୃଦ୍ଧି
- ମାଂସପେଶୀ ତଥା ଗଣ୍ଠିଜନିତ ଚଳନରେ ସ୍ୱାଚ୍ଛନ୍ଦ୍ୟ ଓ ଫୁସଫୁସର ଦକ୍ଷତାରେ ବୃଦ୍ଧି
- ଜୀବନଶୈଳୀ ଜନିତ ରୋଗ, ସ୍ୱ-ପ୍ରତିରୋଧ ଜନିତ ରୋଗ ଇତ୍ୟାଦିରେ ଉପଶମ

ଆସନ୍ତୁ ଆଜିର ଯୋଗ ଦିବସରେ ସମସ୍ତେ ଘରେ ରହି ଯୋଗାଭ୍ୟାସ କରିବା ସହିତ ନିୟମିତ ଏହି ଅଭ୍ୟାସ ଜାରି ରଖିବା।

ଜାତୀୟ ଆୟୁଷ ମିଶନ,ଓଡ଼ିଶା
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା ସରକାର
OIPR-10056/13/0001/2122

DSPL-56
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ସପ୍ତମ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ସପ୍ତମ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆପଣମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ଯୋଗ ଭାରତୀୟ ପରମ୍ପରାର ଏକ ଅନନ୍ୟ ସଂପଦ, ଯାହା ଆଜି ସମଗ୍ର ବିଶ୍ୱରେ ଆଦୃତ। ଯୋଗ ମାଧ୍ୟମରେ ଶରୀର ଓ ମନର ସମନ୍ୱୟ ରକ୍ଷା ସହିତ ରୋଗ ପ୍ରତିରୋଧକ ଶକ୍ତିରେ ବୃଦ୍ଧି ଘଟି ଅନେକ ପ୍ରକାର ରୋଗର ପ୍ରାଦୁର୍ଭାବରୁ ମୁକ୍ତି ମିଳିଥାଏ। ଏହା ସହିତ ମାନସିକ ଚାପ, ଅବସାଦ, ଦୁଶ୍ଚିନ୍ତା ଇତ୍ୟାଦିରୁ ମୁକ୍ତି ମିଳିବା ସଂଗେ ସଂଗେ ମାନସିକ ସ୍ଥିତିରେ ମଧ୍ୟ ଉନ୍ନତି ଆସିଥାଏ । ଏକ ସୁସ୍ଥ ଓ ସମୃଦ୍ଧ ଜୀବନ ପାଇଁ ନିୟମିତ ଯୋଗାଭ୍ୟାସର ଉପଯୋଗୀତା ଯଥେଷ୍ଟ ଅଧିକ ।

ଆସନ୍ତୁ, ସମସ୍ତେ ଘରେ ରହି ନିୟମିତ ଯୋଗାଭ୍ୟାସ କରି ଏକ ସୁସ୍ଥ, ସମୃଦ୍ଧ ରାଷ୍ଟ୍ର ଗଠନ କରିବାରେ ସହାୟକ ହେବା ।

( ନବୀନ ପଟ୍ଟନାୟକ )
OIPR-10056/13/0002/2121

DSPL-56
ନବ କିଶୋର ଦାସ
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା



ବାର୍ତ୍ତା

ସମସ୍ତ ଓଡିଶା ବାସୀଙ୍କୁ ଆନ୍ତର୍ଜାତୀୟ ଯୋଗ ଦିବସ - ୨୦୨୧ ର ଶୁଭେଚ୍ଛା ଓ ଅଭିନନ୍ଦନ ।

'ଯୋଗ'ଏକ ସହଜ, ସରଳ ଏବଂ ସାମଗ୍ରୀକ ପ୍ରକ୍ରିୟା ଯାହାକୁ ଆମେ ସମସ୍ତେ ଘରେ ଘରେ ଅଭ୍ୟାସ କରିପାରିବା । ଏହା ଦ୍ୱାରା ବ୍ୟକ୍ତି ଏବଂ ବିଶ୍ୱ ମଧ୍ୟରେ ଏକତ୍ୱ ସ୍ଥାପିତ ହେବା ସହିତ ଶାରୀରିକ, ମାନସିକ ଏବଂ ସାମାଜିକ କ୍ଷେତ୍ରରେ ସମନ୍ୱୟ ସ୍ଥାପିତ ହୋଇଥାଏ । ଏହାର ନିୟମିତ ଅଭ୍ୟାସ ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତିରେ ବୃଦ୍ଧି ଘଟିବା ସହିତ ମାନସିକ ଶାନ୍ତି ପ୍ରାପ୍ତି ହୋଇଥାଏ । ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧିରେ ମଧ୍ୟ ଏହା ସହାୟକ ହୋଇଥାଏ । ସାମ୍ପ୍ରତିକ କରୋନା ଜନିତ ଜଟିଳ ପରିସ୍ଥିତିର ସଫଳ ମୁକାବିଲାରେ ମଧ୍ୟ ଯୋଗର ଯଥେଷ୍ଟ ଭୂମିକା ରହିଛି ।

ଆଜିର ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସମସ୍ତେ ଘରେ ରହି ନିୟମିତ ଯୋଗ ଅଭ୍ୟାସ କରିବାକୁ ଅନୁରୋଧ ।

(ନବ କିଶୋର ଦାସ)
OIPR-10056/13/0002/2121

> ଯନ୍ତ୍ରଣା ହେଉଛି ଜଗନ୍ମାତାଙ୍କର ଶର୍। ଏହି ଶର୍ ଆମକୁ ଶିକ୍ଷାଦିଏ -କିପରି ଆମେ ଅତ୍ୟୁଲ୍ଲାସ୍ ଭିତରେ ବଢ଼ିପାରିବା ଓ ତାକୁ ସହ୍ୟ କରି ପାରିବା। ସେ ଆମକୁ ତିନୋଟି ସ୍ତରରେ ଶିକ୍ଷା ଦିଅନ୍ତି- ପ୍ରଥମଟି ତିତିକ୍ଷା ବା ସହିଷ୍ଣୁତା -ଦ୍ୱିତୀୟଟି ସାମ୍ୟଭାବ ଓ ଶେଷଟି ହେଲା- ଦିବ୍ୟ ଉଲ୍ଲାସ ବା ଉନ୍ମାଦ। -ଶ୍ରୀଅରବିନ୍ଦ



# ମିଛ ହେଲାଣି କାଳ

ଭାରତରେ କୋଭିଡ୍-୧୯ ଯୋଗୁ ଅଦ୍ୟାବଧି ୩ ଲକ୍ଷ ୮୮ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ହେଲେ ବାସ୍ତବ ତଥ୍ୟ ଖୋଜି ବାହାର କରିବାର ବ୍ୟବସ୍ଥା ସୃଷ୍ଟି କରାଯାଇପାରି ନାହିଁ। ବିଭିନ୍ନ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ଠିକ୍ ଭାବେ ପ୍ରକାଶ ପାଉନାହିଁ। ଏ ନେଇ କିଛି ଦିନ ହେବ ଖୋଳତାଡ଼ କରାଯିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇ କୁହାଯାଇଛି, ଯେକୌଣସି ବ୍ୟକ୍ତିଙ୍କ କୋଭିଡ୍-୧୯ ସଂକ୍ରମଣ ଯୋଗୁ ଯେଉଁଠାରେ ମୃତ୍ୟୁ ଘଟିଥିଲେ ମଧ୍ୟ ତାହାକୁ କରୋନା ମୃତ୍ୟୁ ପର୍ଯ୍ୟାୟଭୁକ୍ତ କରାଯିବ। ଏପରିକି ଜଣଙ୍କର ବିବିଧ ରୋଗ ଥାଇ ଯଦି ସେ କରୋନା ଦ୍ୱାରା ସଂକ୍ରମିତ ହୋଇ ପ୍ରାଣ ହରାଇଥାଆନ୍ତି, ତାଙ୍କୁ କୋଭିଡ୍-୧୯ ମୃତ୍ୟୁ ପ୍ରମାଣପତ୍ର ମିଳିବ। କିନ୍ତୁ ଅଦ୍ୟାବଧି ଡାକ୍ତରଖାନାରେ କରୋନାରେ ପ୍ରାଣହାନି ଘଟୁଥିଲେ ତାହାକୁ ମଧ୍ୟ ଅନ୍ୟ କାରଣ ଦର୍ଶାଇ ମୃତ୍ୟୁ ସଂଖ୍ୟାକୁ ଚପାଇ ରଖାଯାଇ ଆସୁଛି। କେନ୍ଦ୍ରଠାରୁ ଆରମ୍ଭ କରି ସବୁ ରାଜ୍ୟ ସରକାର ଉଭୟ ଘରୋଇ ଓ ସରକାରୀ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଉପରେ ପ୍ରବଳ ଚାପ ପକାଇ ଆସିଛନ୍ତି ଯେ, ବାସ୍ତବ କରୋନାଜନିତ ମୃତ୍ୟୁସଂଖ୍ୟାକୁ ଲୁକ୍କାୟିତ ରଖାଯାଉ। ମିଥ୍ୟାର ଆଶ୍ରୟ ନେଇ ଏହି ସଂଖ୍ୟାକୁ ଲୁଚାଇ ରଖାଯାଇଥିବା ବେଳେ ଜନସାଧାରଣ, ପ୍ରତ୍ୟେକ ଦିନ, ଅନେକ ଶହ ମୃତକଙ୍କ ଜୁଇ ଜଳୁଥିବା ଦେଖୁଛନ୍ତି। କିନ୍ତୁ ବ୍ୟବସ୍ଥାକୁ ପ୍ରଶ୍ନ କରିବାର ସାହସ କାହାରି ପାଖରେ ହେଉ ନ ଥିଲା। ଏ ଦିଗରେ ମଧ୍ୟ ସରକାର ଅନେକ କଠୋର ପଦକ୍ଷେପ ନେଇ ବାରମ୍ବାର ଧମକ ଦେଇ ଆସିଛନ୍ତି ଯେ, କରୋନା କିମ୍ବା ଟିକା ସଂକ୍ରାନ୍ତ କୌଣସି ମତ ପ୍ରକାଶ କଲେ ଦେଶଦ୍ରୋହ ଆଇନକୁ ଆକର୍ଷିତ କରିବ। ଏହା କେବଳ ଧମକରେ ରହିନାହିଁ। ଗତ ଦେଢ଼ବର୍ଷ ମଧ୍ୟରେ ଅନେକ ଖବରଦାତା ଓ ସାମାଜିକ କର୍ମୀଙ୍କୁ ଗିରଫ କରାଯାଇ ଜେଲ୍‌କୁ ପଠାଇ ଦିଆଯିବାର ନଜିର ରହିଛି। ଏହାଦ୍ୱାରା ଗତ ୨୦୨୦ ମସିହାରୁ ଆରମ୍ଭକରି ଆଜି ପର୍ଯ୍ୟନ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ଅସତ୍ୟ କହିବା ପାଇଁ ଉସୁକାଯାଇଛି। ଅନୌପଚାରିକ ଭାବେ ଅନେକ ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତର ଏ ବିଷୟରେ ବିଗତ କିଛି ମାସ ଧରି ଆଲୋଚନା କରିଆସିଛନ୍ତି। ଅଧିକାଂଶ ସମୟରେ ଅସତ୍ୟ କହିବାକୁ ଏବଂ ଲେଖିବାକୁ ବାଧ ହୋଇଆସୁଥିବା ସ୍ୱାସ୍ଥ୍ୟକର୍ମୀମାନେ ମାନସିକ ନିର୍ଯାତନା ମଧ୍ୟ ସହିଛନ୍ତି।

ଏବେ ଖେଳପଡ଼ିଆକୁ ସୁପ୍ରିମ୍‌କୋର୍ଟ ଆସିବା ପରେ ସବୁକିଛି ଓଲଟପାଲଟ ହୋଇଯାଇଛି। ମନେରଖିବାକୁ ହେବ ଯେ, ସର୍ବୋଚ୍ଚ ନ୍ୟାୟାଳୟ ବିଗତ ଦିନଗୁଡ଼ିକରେ ଘଟିଥିବା କରୋନାଜନିତ ବାସ୍ତବ ମୃତ୍ୟୁସଂଖ୍ୟା ଖୋଜିଥିଲେ। ଏହାଫଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ନ୍ୟାୟାଳୟର ନିର୍ଦ୍ଦେଶ ମାନିବାକୁ ହେଲେ ଗତ ଦେଢ଼ ବର୍ଷର କରୋନାଜନିତ ମୃତ୍ୟୁ ବ୍ୟତୀତ ଅନ୍ୟ ସବୁ ମୃତ୍ୟୁର ତଥ୍ୟ ବିଶ୍ଳେଷଣ କରିବାକୁ ପଡ଼ିବ। ଏହାଦ୍ୱାରା କାର୍ଯ୍ୟରତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ପୁନର୍ବାର ଚାପ ପଡ଼ିବ। ଯେଉଁ ଡାକ୍ତର ନିଜ ଦସ୍ତଖତରେ ରୋଗୀର ମୃତ୍ୟୁକୁ ଅଣ-କରୋନା କାରଣ ଦର୍ଶାଇ ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତ କରିଥିଲେ, ସେମାନଙ୍କୁ ବର୍ତ୍ତମାନ ଏହିସବୁ କାର୍ଯ୍ୟର ପୁନଃ ତର୍ଜମା କରିବାକୁ ପଡ଼ିପାରେ। ଏଥିରୁ ବୁଝିବାକୁ ହେବ ଯେ ସମ୍ପୃକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ପୂର୍ବରୁ ଦେଇଆସିଥିବା ଅସତ୍ୟ ପ୍ରମାଣପତ୍ରକୁ କେବେହେଲେ ବଦଳାଇବାକୁ ଇଚ୍ଛୁକ ହେବେ ନାହିଁ। ଯଦି ବଦଳାଇବେ, ତେବେ ସେମାନେ ଅଯୋଗ୍ୟ କିମ୍ବା ମିଛ କହିଥିଲେ ବୋଲି ପ୍ରମାଣିତ ହେବେ। ଏଥିସହିତ ଇତିମଧ୍ୟରେ ଅନେକ ସଂଖ୍ୟକ ମୃତ୍ୟୁ ଘଟିଥିବାରୁ ସମ୍ପୃକ୍ତ ଡାକ୍ତରଙ୍କ ସବୁ ଘଟଣା ସମ୍ପର୍କରେ ପ୍ରକୃତ ରୋଗ ମନେ ନ ଥିବ। ଏବେ ଯେତେବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଦାଲତ ସମ୍ମୁଖରେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ଯେ, ଯେଉଁ ଡାକ୍ତର ସରକାରଙ୍କ ନିୟମକୁ ଅମାନ୍ୟ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ, ତାହା କଠିନ ପରିଶ୍ରମ କରୁଥିବା ଡାକ୍ତରକୁଳକୁ ଆହୁରି ହଇରାଣରେ ପକାଇବାର କାମ ଆରମ୍ଭ ହୋଇଗଲା ବୋଲି କୁହାଯାଇପାରେ।

ଆଜିର କେନ୍ଦ୍ର ସରକାର ପାଇଁ ମିଛ ହୋଇଗଲାଣି କାଳ। ଗୋଟେ ମିଛ ଲୁଚାଇବାକୁ ଯାଇ ଅନେକ ଭୁଲ କରିବସିବା ଭଳି ସରକାର ନେଉଥିବା ପଦକ୍ଷେପ ଦେଶ ପାଇଁ କ୍ଷତି ପହଞ୍ଚାଉଛି। ସମସ୍ତେ ଜାଣନ୍ତି ଏହି ରୋଗ ଆମଦାନୀ କରିବା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଦାୟୀ। ଚାଇନାଠାରୁ ଆରମ୍ଭ କରି ପାଶ୍ଚାତ୍ୟ ରାଷ୍ଟ୍ରରେ କୋଭିଡ୍-୧୯ କାୟା ବିସ୍ତାର କରିଥିବା ବେଳେ ଭାରତ ସେସବୁ ଦେଶରୁ ତା'ର ନାଗରିକଙ୍କୁ ଉଡ଼ାଜାହାଜ ଓ ଜଳଜାହାଜରେ ବୋହି ଆଣିଥିଲା। ଦ୍ୱିତୀୟ ଭୁଲ ଭାବେ ଅଚାନକ ଲକ୍‌ଡାଉନ ଓ ଶଟ୍‌ଡାଉନ କରି ଆର୍ଥିକ ବ୍ୟବସ୍ଥାକୁ ଭାଙ୍ଗିଦେଇଥିଲା। ଯେତେବେଳେ ସଂକ୍ରମଣ ସ୍ତର ବୃଦ୍ଧି ପାଇଲା ସେତେବେଳେ ପ୍ରବାସୀ ଶ୍ରମିକଙ୍କୁ ନିଜ ରାଜ୍ୟକୁ ଯିବା ପାଇଁ ଅନୁମତି ଦେଇଦେଲା। ଫଳରେ ଭୂତାଣୁ ସମଗ୍ର ଦେଶରେ ଖେଳେଇ ହୋଇଗଲା। ଏଥିରୁ ବୁଝିବାକୁ ହେବ ଯେ, ଆରମ୍ଭରୁ ସରକାର କୋଭିଡ୍ ପରିଚାଳନାରେ ସମ୍ପୂର୍ଣ୍ଣ ବାଚାଳାମି ପ୍ରଦର୍ଶନ କରିଆସିଛି। କରୋନା ପରିଚାଳନାରେ ଭାରତର ବିଫଳତା ନେଇ ସାଧାରଣରେ ଆଲୋଚନା ହେବା ପରେ କେନ୍ଦ୍ର ସରକାର ତାହାକୁ ଚପାଇବା ପାଇଁ କାମ ଆରମ୍ଭ କରିଦେଲେ। ଦୁନିଆକୁ ଦେଖେଇବା ପାଇଁ ପ୍ରାରମ୍ଭିକ କାର୍ଯ୍ୟ ଭାବେ ମୃତ୍ୟୁସଂଖ୍ୟା କମାଇ ଦର୍ଶାଗଲା। ଏହି ତଥ୍ୟ ଲୁଚାଇବା ସକାଶେ ମିଛର ସାହାରା ଖୁସିରେ ନିଆଗଲା। ଯଦିଓ ଦେଶରେ ଭୂତାଣୁ ସଂକ୍ରମଣ ବଢ଼ିଗଲା ଓ ଲୋକଙ୍କ ମୃତ୍ୟୁ ଘଟିଲା ତାହାକୁ ଲୁଚାଇବାର କୌଣସି ଆବଶ୍ୟକତା ନ ଥିଲା। ଭାଜପା ଶାସିତ ଉତ୍ତରପ୍ରଦେଶରେ କୋଭିଡ୍ ଯୋଗୁ ପ୍ରାଣ ହରାଇଥିବା ଅନେକ ହଜାର ଶବ ଗଙ୍ଗା ନଦୀରେ ଭାସିବା ବିଷୟ ପ୍ରଘଟ ହେବା ପରେ ସରକାରୀ ଭୁଲ୍‌ଭଟକା ଲୋକଲୋଚନକୁ ଆସିଲା। ଭାତହାଣ୍ଡିରୁ ଗୋଟିଏ ଚିପିଲା ଭଳି ଏହା ଏକ ଦୃଷ୍ଟାନ୍ତ। କୋଭିଡ୍-୧୯କୁ ଜିତିଗଲୁ ବୋଲି କହିବାକୁ ଯାଇ କେନ୍ଦ୍ର ସରକାର ନେଇଥିବା ପଦକ୍ଷେପ ଦିନକୁ ଦିନ ଅସତ୍ୟ ପାଲଟି ଯାଉଛି।

## ସାପ୍ତାହିକ ପଞ୍ଜିକା

**ଜୁନ୍ ୧୪:** ଓଡ଼ିଶାରେ ନକଲି ଔଷଧ କାରବାର ଉପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ।

**ଜୁନ୍ ୧୬:** ଟୁଇଟରର ଆଇନଗତ ସୁରକ୍ଷା ଶେଷ କଲା କେନ୍ଦ୍ର।

**ଜୁନ୍ ୧୭:** ମାଇକ୍ରୋସଫ୍ଟ ଏହାର ନୂଆ ଅଧ୍ୟକ୍ଷ ଭାବେ ଭାରତୀୟ ବଂଶୋଦ୍ଭବ ସତ୍ୟ ନାଡେଲାଙ୍କ ନିଯୁକ୍ତି ନେଇ ଘୋଷଣା କରିଛି।

**ଜୁନ୍ ୧୮:** ୧୯୬୦ ରୋମ୍ ଅଲିମ୍ପିଆନ ମିଲ୍‌ଖା ସିଂଙ୍କ ପରଲୋକ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 6 | | | 3 | |
| | | 8 | 3 | 2 | 1 | | | |
| | 4 | | | | 9 | | | |
| 7 | | | | 5 | 3 | | 2 | |
| | | | | | | | | |
| 8 | 5 | | 1 | | | 4 | | |
| | 7 | | 6 | | | 5 | | |
| | | | | | 8 | | | |
| | | 2 | | | 5 | 6 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 9 | 3 | 8 | 7 | 1 | 6 | 5 |
| 5 | 8 | 3 | 1 | 6 | 9 | 2 | 7 | 4 |
| 6 | 7 | 1 | 5 | 4 | 2 | 9 | 8 | 3 |
| 3 | 9 | 6 | 8 | 1 | 5 | 4 | 2 | 7 |
| 7 | 5 | 8 | 2 | 9 | 4 | 6 | 3 | 1 |
| 1 | 4 | 2 | 6 | 7 | 3 | 8 | 5 | 9 |
| 2 | 1 | 7 | 9 | 5 | 6 | 3 | 4 | 8 |
| 8 | 6 | 4 | 7 | 3 | 1 | 5 | 9 | 2 |
| 9 | 3 | 5 | 4 | 2 | 8 | 7 | 1 | 6 |

ଗତକାଲିର ଉତ୍ତର

# ଅଫିମ ହୋଇଛି ଧର୍ମ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

କାର୍ଲ ମାର୍କ୍ସ ପ୍ରଚଳିତ ଧର୍ମକୁ ଅଫିମ ବୋଲି କହିଛନ୍ତି। ସେ ଜଣେ ୟୁରୋପୀୟ ହୋଇଥିବାରୁ ଖ୍ରୀଷ୍ଟଧର୍ମକୁ ହିଁ ଆଲୋଚନାର ଭୂମି ରୂପେ ବ୍ୟବହାର କରି ଏହି କଥାଟି କହିଛନ୍ତି। କେବଳ ଈଶ୍ୱର ହିଁ ସର୍ବଶକ୍ତିମାନ ଓ ଜଗତର ନିୟାମକ। ଏହି ତତ୍ତ୍ୱକୁ ଗ୍ରହଣ କରି ନେଇ ଧର୍ମ ମନୁଷ୍ୟମାନଙ୍କୁ ଭୀରୁ ହେବା ପାଇଁ ଶିକ୍ଷା ଦେଇଛି। ମଣିଷ ନିଜକୁ ଛୋଟ ଓ ହୀନ ବୋଲି ଭାବି ଏକ ନିରନ୍ତର ଆତ୍ମଦ୍ୱନ୍ଦ୍ୱ ମଧ୍ୟରେ ସନ୍ତାପିତ ହୋଇଛି। ନାନା ଅଯୋଗ୍ୟ ପ୍ରଭୁତ୍ୱ ପାଖରେ ଆତ୍ମସମର୍ପଣ କରିଛି। ଏହି ପରିପ୍ରେକ୍ଷୀରେ ମାର୍କ୍ସ ଧର୍ମକୁ ନକ୍ଷେତ୍ରିତ ମଣିଷର ଏକ ବିସ୍ମରଣକାରୀ ଦୀର୍ଘ ନିଃଶ୍ୱାସ (Religion is the sigh of the oppressed creature) ବୋଲି କହିଛନ୍ତି। ପୁନଶ୍ଚ ସେ ଏହାକୁ ଏକ ହୃଦୟହୀନ ପୃଥିବୀର ଭାବବିଳାସ (The heart of a heart-less world) କହି ଶେଷରେ ଏହାକୁ ମନୁଷ୍ୟମାନଙ୍କ ଅଫିମ ବୋଲି କହି କଥାଟିର ଉପସଂହାର କରିଛନ୍ତି। ଅଫିମ ହେଉଛି ମଣିଷକୁ ଶୁଆଇ ପକାଉଥିବା ଏକ ଉତ୍ତେଜକ ଦ୍ରବ୍ୟ। "ଯାହା କିଛି ଶୁଆଇ ପକାଏ, ଯାହା କିଛି ଆମ ସର୍ବୋତ୍ତମ ଆହ୍ୱାନ ଗୁଡ଼ିକଠାରୁ ଓ ସେହି କାରଣରୁ ଆମ ସର୍ବୋତ୍ତମ ସମ୍ଭାବନାଗୁଡ଼ିକ ପାଖରୁ ଆମକୁ ନାନା ମିଛ ପ୍ରବୋଧନା ଦେଇ ଭୁଲାଇ ରଖିଥାଏ, ତାହାକୁ ହିଁ ଆମେ ଅଫିମ ବୋଲି ଜାଣିବା (ଚିତ୍ତରଞ୍ଜନ ଦାସ)।" ଏହି ଦୃଷ୍ଟିରୁ ଧର୍ମ ଅଫିମର କାମ କରିଆସିଛି। ଧର୍ମ କହେ ମଣିଷ ଯେତେ ପାପ କର୍ମ କଲେ ମଧ୍ୟ ଈଶ୍ୱରଙ୍କ ଶରଣାପନ୍ନ ହେଲେ ତା'ର ସମସ୍ତ ପାପ ଧୌତ ହୋଇଯାଏ। ଏହି ଚିନ୍ତାଧାରା ମଣିଷର ପାପକର୍ମକୁ ବହୁଗୁଣିତ କରିଛି। ଏହି ଅବଧାରଣା ଠିକ୍ ଅଫିମ ଭଳି ମଣିଷକୁ ନିଦ୍ରାଭିଭୂତ କରି ବାସ୍ତବତାଠାରୁ ଦୂରେଇ ନେଇଛି। ସତ୍ୟ, ଶାନ୍ତି, ଦୟା, କ୍ଷମା, ଅହିଂସା ଆଦି ଗୁଣ ସବୁ ଧର୍ମର ମୂଳମନ୍ତ୍ର।

ସମଗ୍ର ମଣିଷ ଜାତି ପାଇଁ ଧର୍ମ ଏକ। ମାତ୍ର ମଣିଷ ତାକୁ ବହୁଧା ବିଭକ୍ତ କରିଛି। ପ୍ରତ୍ୟେକ ଧର୍ମ ଗୋଟିଏ ଲେଖାଏ ଅପରିବର୍ତ୍ତନଶୀଳ ସିଦ୍ଧାନ୍ତ ମଧ୍ୟରେ ଆବଦ୍ଧ ହୋଇଛି। ପ୍ରତ୍ୟେକ ଧର୍ମାବଲମ୍ବୀ ନିଜ ନିଜ ସିଦ୍ଧାନ୍ତରେ ଅଟଳ ରହି ଅନ୍ୟର ସିଦ୍ଧାନ୍ତକୁ ଭୁଲ୍ କହୁଛନ୍ତି। ପ୍ରତ୍ୟେକ ଧର୍ମର ଈଶ୍ୱର ଭିନ୍ନ। ନିଜ ନିଜର ଧର୍ମ ଓ ଈଶ୍ୱରକୁ ନେଇ ସେମାନେ ଏତେ ମଦମତ୍ତ ରହୁଛନ୍ତି ଯେ ଶେଷରେ ସମସ୍ତେ ଆତ୍ମନିୟନ୍ତ୍ରଣ ହରାଉଛନ୍ତି ଓ ପରସ୍ପର ମଧ୍ୟରେ ଯୁଦ୍ଧ କରୁଛନ୍ତି। ଧର୍ମ ସହ ଧର୍ମର ସଂଘର୍ଷ ଘଟି ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି। 'ଏନ୍‌ସାଇକ୍ଲୋପେଡିଆ ଅଫ ୱାର୍‌ସ'ର ତଥ୍ୟ ଅନୁସାରେ ୧୭୬୩ ସଂଖ୍ୟକ ଐତିହାସିକ ସଂଘର୍ଷ ମଧ୍ୟରୁ ୧୨୩ଟି ସଂଘର୍ଷର ମୂଳ କାରଣ ହେଉଛି ଧର୍ମ। ମାଥ୍ୟୁ ହ୍ୱାଇଟ୍‌ଙ୍କ 'ଦି ଗ୍ରେଟ୍ ବୁକ୍ ଅଫ ହୋରିବଲ ଥିଙ୍ଗ୍ସ' ଅନୁଯାୟୀ ପୃଥିବୀର ୧୦୦ଟି ଭୟଙ୍କର ନୃଶଂସ ଓ ନିଷ୍ଠୁର ଘଟଣା ମଧ୍ୟରୁ ୧୧ଟିର କାରଣ ହେଉଛି ଧର୍ମ। ଇସ୍ରାଏଲ୍-ପାଲେଷ୍ଟାଇନ ଯୁଦ୍ଧ, ସିରିଆନ ଯୁଦ୍ଧ ଆଫଗାନିସ୍ତାନ-ଇରାକ୍‌ରେ ସଂଘଟିତ ଯୁଦ୍ଧ ଆଦି ଧାର୍ମିକ ମୌଳବାଦରୁ ହିଁ ସୃଷ୍ଟି। ଧର୍ମ ଏକ ଭାବାବେଗ ଓ ଏହା ମଣିଷକୁ ଯୁଗେ ଯୁଗେ ଜୀବନର ବାସ୍ତବତାଠାରୁ ଦୂରେଇ ନେଇ ଅଫିମ ଭଳି କାର୍ଯ୍ୟକରି ମଣିଷ ଜାତିର ଧ୍ୱଂସ ସାଧନରେ ସାହାଯ୍ୟ କରୁଛି।

କାର୍ଲ ମାର୍କ୍ସ ଧର୍ମକୁ ଅଫିମ ବୋଲି କହିଥିଲେ। ମାତ୍ର ଆଧୁନିକ ମଣିଷ ଅଫିମଗୁଡ଼ିକୁ ହିଁ ଧର୍ମ ରୂପେ ଗ୍ରହଣ କରି ନେଇଛି। ବିଶିଷ୍ଟ ଚିନ୍ତା ନାୟକ ଚିତ୍ତରଞ୍ଜନ ଦାସଙ୍କ ଭାଷାରେ "ଆଦର୍ଶମାନେ ଆଦର୍ଶବାଦରେ ପରିଣତ ହେଲେ ଅଫିମରେ ପରିଣତ ହୁଅନ୍ତି। ରାଷ୍ଟ୍ରଶାସକମାନେ ରାଷ୍ଟ୍ରୀୟତାକୁ ହିଁ ଅଫିମ ପରି ଗୋଳି ମଣିଷମାନଙ୍କୁ ପିଆଇ ଦିଅନ୍ତି ଓ ବାଉଳା କରି ରଖନ୍ତି। ରାଜନୀତି କ୍ଷମତାନୀତିରେ ପରିଣତ ହେଲେ କ୍ଷମତାଧାରୀଙ୍କ ପାଇଁ ଠିକ୍ ଅଫିମ ଭଳି କାର୍ଯ୍ୟକରେ ଓ ଏମାନେ ଅଧିକରୁ ଅଧିକ କ୍ଷମତାରେ ବାନ୍ଧି ହୋଇ ସତେ ଅବା ଯଶସ୍ୱୀ ହୋଇ ରହିବାର ଅଭିପ୍ରାୟରେ ନାନା ଖଣ୍ଡସତ୍ୟର ଆକର୍ଷଣୀୟ ପ୍ରଚାର ଦ୍ୱାରା କୋଟି କୋଟି ମଣିଷକୁ ଅଫିମ ଖୁଆଇ ପୋଷା ମନାଇ ରଖନ୍ତି।" ଆଦର୍ଶ ଆଦର୍ଶବାଦରେ ପରିଣତ ହେଲେ କିପରି ତାହା ଅନ୍ୟମାନଙ୍କ ପାଇଁ ଯନ୍ତ୍ରଣାଦାୟକ ହୁଏ ଓ ନିଜର ତୁଚ୍ଛା ଅହଂ କେବଳ ତୃପ୍ତ ହୁଏ ତାହାର ଏକ ଉଦାହରଣ ଦେଇଛନ୍ତି ବିଶିଷ୍ଟ ଲେଖକ ମନୋଜ ଦାସ। ଥରେ ସେ ଏକ ସର୍ବଭାରତୀୟ ଲେଖକ ସମ୍ମିଳନୀରେ ଯୋଗ ଦେଇଥାନ୍ତି। ତାଙ୍କ ଭଳି ଦୂରାଗତ ଅତିଥିମାନଙ୍କ ରହଣି ପାଇଁ ଏକ ବିଳାସପୂର୍ଣ୍ଣ ହୋଟେଲର ବ୍ୟବସ୍ଥା ହୋଇଥାଏ। ତାଙ୍କ ପାର୍ଶ୍ୱସ୍ଥ କୋଠରିରେ ରହୁଥାନ୍ତି ଜଣେ ପ୍ରବୀଣ ନୀତିବାଦୀ ଅଧ୍ୟାପକ। ସେ ମହାଶୟ କହୁଥାନ୍ତି "ମୋତେ ଏଭଳି ବିଳାସ ଭଲ ଲାଗେ ନାହିଁ। ମୋ ପାଇଁ ଏକ ସାଧାରଣ ହୋଟେଲ ବ୍ୟବସ୍ଥା କରନ୍ତୁ।" ମନୋଜବାବୁ ତାଙ୍କୁ କହିଲେ, "ଆଜ୍ଞା! ବିଳାସ ଆଉ କ'ଣ? ଫୋନ୍ ଓ ରେଡିଓ ଅଛି (ସେତେବେଳେ ଭାରତରେ ଟିଭି ନ ଥିଲା) ଆପଣ ବ୍ୟବହାର ନ କଲେ ହେଲା। ଗରମ ଜଳ ପାଇଁ ଗିଜର ଅଛି। ଆପଣ ସୁଇଚ୍ ନ ଟିପିଲେ ହେଲା। ଶେଯଟି ବିଳାସ ହୋଇଥିଲେ ସେ ଗୋଟିକି ଗୋଟାଇ ରଖି ଖାଲି ଖଟ ଉପରେ ଶୋଇଲେ ହେଲା।" ମାତ୍ର ସେ ବୁଝିଲେ ନାହିଁ। ତାଙ୍କ ଜିଦ୍ ଯୋଗୁ ଦୁଇଦିନ ପରେ ଆୟୋଜକମାନେ ତାଙ୍କୁ ଏକ ସାଧାରଣ ହୋଟେଲକୁ ସ୍ଥାନାନ୍ତରୀତ କଲେ। ଅଧ୍ୟାପକ ମହାଶୟ ସନ୍ତୁଷ୍ଟ ହେଲେ। ମାତ୍ର ପ୍ରଥମ ହୋଟେଲକୁ ତାଙ୍କ କୋଠରି ବାବଦରେ ଚୁକ୍ତି ଅନୁସାରେ ସମଗ୍ର ପାଞ୍ଚଦିନର ଦେୟ ଦେବାକୁ ପଡ଼ିଲା ଓ ଦ୍ୱିତୀୟ ହୋଟେଲ ପାଇଁ ମଧ୍ୟ ସେମାନଙ୍କୁ ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡ଼ିଲା। ପୁଣି ତାଙ୍କୁ ସଭା ସ୍ଥଳକୁ ନେବା ଆଣିବା ପାଇଁ ଏକ ସ୍ୱତନ୍ତ୍ର ଟ୍ୟାକ୍ସିର ବ୍ୟବସ୍ଥା କରାଗଲା। ସେହି ଅଧ୍ୟାପକ ବିଳାସବ୍ୟସନମୁକ୍ତ ଜୀବନଯାପନକୁ ନିଜ ଆଦର୍ଶ ମଣୁଥିଲେ। ମାତ୍ର ସେ ଏହି ଆଦର୍ଶକୁ ଏକ ଆଦର୍ଶବାଦରେ ପରିଣତ କରିବା ଦ୍ୱାରା ସେ ତା'ର ଦାସତ୍ୱ ସ୍ୱୀକାର କରିନେଲେ; ଯେଉଁଥି ପାଇଁ ଆୟୋଜକମାନଙ୍କୁ ଅନେକ ହଇରାଣ ହେବାକୁ ପଡ଼ିଲା। ତାଙ୍କର ଆଦର୍ଶ ତାଙ୍କ ପାଇଁ ଅଫିମ ହୋଇଗଲା, କେବଳ ତାଙ୍କର ଅହଂ ତୃପ୍ତି ହିଁ ସାର ହେଲା।

ଆଜି ଜାତୀୟତାବାଦ ହେଉଛି ଆଉ ଏକ ଅଫିମ। ବିଶିଷ୍ଟ ଚିନ୍ତାନାୟକ ଜର୍ଜ ଅରୱେଲଙ୍କ ମତରେ ଜାତୀୟତାବାଦ ମଣିଷମାନଙ୍କୁ କୀଟପତଙ୍ଗ ଭଳି 'ଭଲ' ଓ 'ମନ୍ଦ' ଏହିଭଳି ଦୁଇଟି ଶ୍ରେଣୀରେ ବିଭକ୍ତ କରେ। ନିଜକୁ ଏକ ଜାତି ସହ ଚିହ୍ନିତ କରିବା ଓ କେବଳ ନିଜ ଜାତିର ସ୍ୱାର୍ଥକୁ ଆଗେଇ ନେବାକୁ ଜାତୀୟତାବାଦ ଗୁରୁତ୍ୱ ଦିଏ। ଜାତୀୟତାବାଦ ଦେଶ ପ୍ରେମଠାରୁ ଭିନ୍ନ। ଏକ ନିର୍ଦ୍ଦିଷ୍ଟ ଦେଶକୁ ଭଲ ପାଇବା ଓ ତା'ର ଜୀବନଶୈଳୀକୁ ସର୍ବୋତ୍କୃଷ୍ଟ ମଣିବା ହେଉଛି ଦେଶପ୍ରେମ। ମାତ୍ର ଏହି ପ୍ରେମକୁ ଅନ୍ୟ ଦେଶବାସୀଙ୍କ ଉପରେ ଲଦିଦେବା ଦେଶପ୍ରେମର ଉଦ୍ଦେଶ୍ୟ ନୁହେଁ। ଅପରପକ୍ଷରେ ଜାତୀୟତାବାଦ କ୍ଷମତାକାଂକ୍ଷା ସହିତ ଜଡ଼ିତ ଥାଏ। ନିଜ ପାଇଁ ନୁହେଁ, ତା'ର ଜାତି ପାଇଁ ଅଧିକରୁ ଅଧିକ କ୍ଷମତା ଓ ସମ୍ମାନ ଲାଭ କରିବା ପାଇଁ ଚେଷ୍ଟିତ ହେବା ହେଉଛି ଜାତୀୟତାବାଦୀର ମୂଳ ଲକ୍ଷ୍ୟ। ନିଜ ଜାତି ବା ଦେଶକୁ ଭଲ ପାଇବା ଭଲ କଥା, ମାତ୍ର ମୋ ଜାତି ପୃଥିବୀର ସର୍ବଶ୍ରେଷ୍ଠ ଜାତି ଓ ଅନ୍ୟମାନେ ସମସ୍ତେ ନିକୃଷ୍ଟ ଭାବିବା ହେଉଛି ଉଗ୍ର ଜାତୀୟତାବାଦ। ଏହି ଉଗ୍ରଜାତୀୟତାବାଦରୁ ଜନ୍ମ ନେଇଥିଲା ପ୍ରଥମ ବିଶ୍ୱଯୁଦ୍ଧ। ଗ୍ରୀକ୍‌ମାନେ ଗର୍ବ କଲେ ଯେ ଇଉରୋପୀୟ ସଭ୍ୟତାର ଆଜି ଭୂମି ହେଉଛି ଗ୍ରୀସ୍। ଇଟାଲୀୟମାନେ ଅତୀତକାଳର ରୋମ୍ ସାମ୍ରାଜ୍ୟର ଗୌରବ ଓ ବିଭବ ବିଷୟରେ ଗର୍ବିତ ହେଲେ। ଫରାସୀ ଜାତି ଫରାସୀ ରାଷ୍ଟ୍ରବିପ୍ଲବ ଓ ନେପୋଲିଅନ ବୋନାପାର୍ଟଙ୍କ ଦିଗ୍‌ବିଜୟକୁ ନେଇ ନିଜକୁ ମହାନ୍ ଭାବିଲେ। ରୁଷୀୟମାନେ ସେମାନଙ୍କ ସାମ୍ରାଜ୍ୟକୁ ପୃଥିବୀର ବୃହତ୍ତମ ଶକ୍ତି ବୋଲି ବିବେଚନା କଲେ। ଇଂରେଜମାନେ ଆସ୍ଫାଳନ କଲେ ଯେ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତମିତ ହୁଏ ନାହିଁ। ଏହିଭଳି ଚିନ୍ତାରୁ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଈର୍ଷାଭାବ ବଢ଼ିଲା। ଫଳରେ ଜାତୀୟତା ଉଗ୍ରରୂପ ଧାରଣ କଲା। ତଦ୍ୱାରା ଦେଶ ଦେଶ ମଧ୍ୟରେ କ୍ଷମତା ବୃଦ୍ଧି ପାଇଁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଲା। ତା'ର ପରିଣତି ହେଲା ପ୍ରଥମ ବିଶ୍ୱଯୁଦ୍ଧ। ଶାନ୍ତିପୂର୍ଣ୍ଣ ସହାବସ୍ଥାନ ମଣିଷର ଲକ୍ଷ୍ୟ। ମାତ୍ର ଜାତୀୟତାବାଦ ଅଫିମ ଭଳି ମଣିଷକୁ ବାଉଳା କଲା ଓ ତା'ର ପରିଣତି ହେଲା ହିଂସା ଓ ରକ୍ତପାତ।

କ୍ଷମତା ମଧ୍ୟ ଅଫିମ ଭଳି ଏକ ନିଶା। ଏହା ବେଳେ ବେଳେ ମଣିଷକୁ ବିକୃତ କରିଦିଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବନ୍ଦୀ ଶିବିରଗୁଡ଼ିକରେ ଅସହାୟ ନରନାରୀମାନଙ୍କୁ ଯେପରି କଳବଲ କରି ମରାଗଲା ତାକୁ ପୈଶାଚିକ ଆଚରଣ ଛଡ଼ା ଆଉ କିଛି କୁହାଯାଇ ନ ପାରେ। ମଣିଷର କ୍ଷମତାଲିପ୍ସା ଯେତେବେଳେ ଅହମିକା ପ୍ରଣୋଦିତ ହୁଏ ସେତେବେଳେ ତା'ର ପରିଣତି ଅତ୍ୟନ୍ତ ଭୟାବହ ହୁଏ। ମଣିଷ ଥରେ କ୍ଷମତା ନିଶାସକ୍ତ ହେଲେ ଆଉ କ୍ଷମତାକୁ ଛାଡ଼ି କେବେ ରହି ପାରେ ନାହିଁ। ସେଥିପାଇଁ ଆଜିକାଲି ରାଜନୈତିକ ନେତାମାନେ ଥରେ କ୍ଷମତା ସ୍ୱାଦ ଚାଖିଲା ପରେ ଆଉ ଥରେ ସେହି ପଦ ହରାଇବାକୁ ଚାହାନ୍ତି ନାହିଁ। ପୁଣି କ୍ଷମତାସୀନ ହେବା ପାଇଁ ସେମାନେ ଭୋଟରମାନଙ୍କୁ ଅର୍ଥ ଉପହାର ଓ ମଦ ଦେଇ ନିର୍ବାଚନ ଜିଣିବାକୁ ଅକ୍ଳାନ୍ତ ଚେଷ୍ଟା କରନ୍ତି। କ୍ଷମତା-ଅଫିମ ଖାଇ ସେମାନେ ଏତେ ମତ୍ତ ହୋଇଯାଆନ୍ତି ଯେ କ୍ଷମତାକୁ ଯେ କୌଣସି ପ୍ରକାରେ ବଜାୟ ରଖିବା ସେମାନଙ୍କ ଧର୍ମ ହୋଇଯାଏ। ଏହା ହିଁ ଆଜିର ବାସ୍ତବତା। ଆଜି କେବଳ ଧର୍ମ ଅଫିମ ହୋଇନାହିଁ, ଅଫିମ ମଧ୍ୟ ଧର୍ମ ହୋଇଯାଇଛି।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ
ଟିଟିଲାଗଡ଼, ମୋ: ୯୪୩୭୩୨୯୨୬୩

# ସେଦିନ ଓ ଆଜିର ଲେଖା



ମୀରା ବେଉରା

ଗୋଟିଏ ରାଜ୍ୟରେ ଦୁଇଜଣ କବି ଥିଲେ। ପ୍ରଥମ କବିଜଣକ ପ୍ରେମ, ଆନନ୍ଦ, ବିଷାଦ, ପ୍ରକୃତି, ସୌନ୍ଦର୍ଯ୍ୟ, ସମାଜ ତଥା ରାଜ୍ୟର ସାଂପ୍ରତିକ ଘଟଣାବଳୀକୁ ନେଇ କବିତା ରଚନା କରୁଥିଲେ। ତାଙ୍କ କବିତାରେ ଥିଲା ବନ୍ୟା, ବାତ୍ୟା, ମହାମାରୀ, ମରୁଡ଼ି ଆଦି ତତ୍କାଳୀନ ସମାଜର ତଥା ଦେଶର ଚିତ୍ର। କିନ୍ତୁ ଦ୍ୱିତୀୟ କବିଜଣକ ସବୁବେଳେ ଭାଟ ହୋଇ ରାଜାଙ୍କର ପ୍ରଶସ୍ତି ଗାନକରି ତାହାକୁ କବିତା ଆକାରରେ ଲେଖି ରାଜାଙ୍କୁ ଶୁଣାଉଥିଲେ। ରାଜା ମଧ୍ୟ ତାଙ୍କୁ ଖୁବ୍ ଭଲପାଉଥିଲେ ଏବଂ ଅନେକ ସମ୍ମାନ ଓ ଉପଢୌକନ ଦେଉଥିଲେ। ରାଜାଙ୍କ ଅନୁଗ୍ରହରୁ ସେ ଦାମୀ ଘରେ ରହୁଥିଲେ, ଘୋଡ଼ାରେ ଯିବାଆସିବା କରୁଥିଲେ ଏବଂ ପାକାନ୍ନ ଖାଉଥିଲେ। ଦିନେ ଦରବାରୀ କବି ପ୍ରକୃତ କବିଙ୍କ ଘରକୁ ଯାଇ ଦେଖିଲେ ସେ କେବଳ ସଜନାଶାଗର ତରକାରି ସହିତ ଭାତ ଖାଉଥିଲେ। ସେହି ସମୟରେ ସେ କହିଲେ, ଯଦି ରାଜାଙ୍କୁ ପ୍ରଶଂସା କରି କବିତାଟିଏ ଲେଖନ୍ତେ ତେବେ ସଜନାଶାଗ ତରକାରିଠାରୁ ଢେର ଉତ୍କୃଷ୍ଟ ଖାଦ୍ୟ ତୁମେ ଖାଇପାରନ୍ତ। ପ୍ରକୃତ କବି କିନ୍ତୁ ହସିହସି କହିଲେ, ତୁମେ ଯଦି ସଜନାଶାଗ ପରି ଖାଦ୍ୟ ଖାଇ ବଞ୍ଚିବାକୁ ଶିଖିବ ତେବେ ଆଉ ରାଜାଙ୍କୁ ବୃଥା ପ୍ରଶଂସା କରିବା ଦରକାର ପଡ଼ିବ ନାହିଁ। ତୁମର ଜାଣିବା ଉଚିତ ଯେ, ତୁମେ ତୁମ ବିବେକର ବାଣୀ ନ ଶୁଣି ବିବେକକୁ ଜାଳିଦେଇ ବୃଥାରେ ରାଜାଙ୍କୁ ପ୍ରଶଂସା କରୁଛ। ଏହି କଥା କହିବାର ପ୍ରାସଙ୍ଗିକତା ହେଉଛି, ଆଜି ସବୁଠି ଏହିଭଳି ତୋଷାମଦିଆ କବିଙ୍କର ଆବିର୍ଭାବ ଘଟିଛି। ବୃଥାରେ ପ୍ରଶଂସା କରି ପୁରସ୍କାର, ସମ୍ବର୍ଦ୍ଧନା ଗୋଟାଇବା ପାଇଁ ଆଜିର ଲେଖକମାନେ ଶାସକ ଗୋଷ୍ଠୀଙ୍କର ଭାଟ ସାଜିଛନ୍ତି। ନିଜର ଅନ୍ତରର ଭାଷାକୁ ନ ପଢ଼ି ନିଜ ବିବେକକୁ ଧ୍ୱଂସ କରି ପ୍ରତିଯୋଗିତା ଭିତ୍ତିରେ ପ୍ରଶଂସା କରିବାରେ ନିଜର ଲେଖନୀକୁ ସମ୍ପୂର୍ଣ୍ଣ ଉପଯୋଗ କରୁଛନ୍ତି କହିଲେ ଆଦୌ ଭୁଲ୍ ହେବନାହିଁ। ପ୍ରତିବାଦର ସ୍ୱର ଓ ବିପ୍ଳବର ସ୍ୱର ତଥା ଗଣତନ୍ତ୍ରର ସ୍ୱର ତାଙ୍କ ଲେଖାରେ କମ୍ ବାରି ହେଉଛି। ସେଦିନ ରୁଷୋ, ଭୋଲଟେୟାର ଓ ମଣ୍ଟେସ୍କୁ ପ୍ରମୁଖ ପ୍ରବୀଣ ଫରାସୀ ଲେଖକଙ୍କର ଶାଣିତ ଲେଖନୀର ସ୍ୱରରେ ଫରାସୀ ବିପ୍ଳବ ସମ୍ଭବ ହୋଇଥିଲା। ଜାର୍‌ମାନଙ୍କ ବିରୋଧରେ ଯେଉଁ ରୁଷ ବିପ୍ଳବ ହୋଇଥିଲା ସେହି ଲେଖନୀରେ ଯେଉଁ ତୀକ୍ଷ୍ଣ ଅସ୍ତ୍ର ଥିଲା ତାହା ହିଁ ଥିଲା ବିପ୍ଳବର ଅସ୍ତ୍ର। ଦୁଇଶହ ବର୍ଷର ଅତ୍ୟାଚାରୀ ଇଂରେଜ ସରକାରକୁ ଭାରତବର୍ଷରୁ ବିତାଡ଼ିତ କରିବାପାଇଁ ଯେଉଁ ସଂଗ୍ରାମ ହୋଇଥିଲା, କ୍ରାନ୍ତିକାରୀଙ୍କ କଲମ ମୁନରେ ତାହା ଆଜି ମଧ୍ୟ ପ୍ରତ୍ୟେକ ଭାରତୀୟଙ୍କ ଛାତିରେ ଜାତୀୟ ଚେତନାର ଝଙ୍କୃତ ସ୍ୱର ଉତ୍ପନ୍ନ କରେ। ଶ୍ରୀଅରବିନ୍ଦ, ବିପିନ୍ ଚନ୍ଦ୍ର ପାଲ୍‌ଙ୍କ ଦ୍ୱାରା ପ୍ରକାଶିତ ବନ୍ଦେମାତରମ୍‌ର ସଂପାଦକୀୟ ଲେଖକ ହିସାବରେ ଯୋଗଦେଇ ଇଂରେଜ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀଅରବିନ୍ଦଙ୍କ ବୈପ୍ଳବିକ ଚିନ୍ତାଧାରାରୁ ସୃଷ୍ଟି ହୋଇଥିଲା ଏକ ଇଂରେଜୀ ପତ୍ରିକା କର୍ମଯୋଗୀ। ଭାରତବର୍ଷରେ ମଧ୍ୟ କ୍ରାନ୍ତିକାରୀ ଲେଖକ ଲେଖିକା ରବୀନ୍ଦ୍ରନାଥ ଟାଗୋର, ମହାତ୍ମା ଗାନ୍ଧୀ, ଶ୍ରୀଅରବିନ୍ଦ, ଗୋପାଳକୃଷ୍ଣ ଗୋଖଲେ, ସରୋଜିନୀ ନାଇଡୁ, ଲାଲା ଲଜପତ୍ ରାୟ, ବାଲ୍‌ଗଙ୍ଗାଧର ତିଲକ, ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ପ୍ରମୁଖଙ୍କ କ୍ରାନ୍ତିକାରୀ ଲେଖନୀରୁ ଭାରତର ସ୍ୱାଧୀନତା ସଂଗ୍ରାମ ସଫଳ ରୂପାୟନ ହୋଇଥିଲା। ଇତିହାସରେ ଏମିତି ଅନେକ ଲେଖକ ଅଛନ୍ତି; ଯେଉଁମାନେ ଶାସକ ଗୋଷ୍ଠୀଙ୍କ ଆଖିରୁ ନିଦ ହଜାଇ ତାଙ୍କର ସ୍ଥିତିକୁ ଅସମ୍ଭାଳ କରିଦେଇଛନ୍ତି। ପଣ୍ଡିତ ଗୋପବନ୍ଧୁ ମଧ୍ୟ ସେଦିନ ଲେଖିଥିଲେ ତାଙ୍କ କାରାକବିତାରେ 'ବନ୍ଦୀର ଆତ୍ମକଥା'ରେ। ଏହି ଲେଖନୀ ବେଳେବେଳେ ଶାସକର ସିଂହାସନ ଗାଦିକୁ ମଧ୍ୟ ଥରାଇ ଦେଇଛି। କବି ରବି ସିଂ 'ଚରମପତ୍ର' କବିତାରେ ସେଭଳି ଲେଖି ଶାସକ ଗୋଷ୍ଠୀକୁ ସଚେତନ କରିଦେଉଥିଲେ। କେବଳ ରବି ସିଂ ନୁହନ୍ତି ଓଡ଼ିଆ ସାହିତ୍ୟର କବି ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ, ଗୋଦାବରୀଶ ମହାପାତ୍ର, ରାଧାମୋହନ ଗଡ଼ନାୟକ, ଗାଳ୍ପିକ ଗୋପାଳ ଛୋଟରାୟ, ହରେକୃଷ୍ଣ ମହତାବ, ପଦ୍ମଭୂଷଣ ରାଧାନାଥ ରଥ ପ୍ରମୁଖଙ୍କ ଲେଖନୀ ଥିଲା ଖୁବ୍ ଶାଣିତ, ଯାହା ତତ୍କାଳୀନ ଶାସକ ଗୋଷ୍ଠୀକୁ ସଚେତନ କରିଦେଉଥିଲା। ସେଦିନ ବ୍ୟାସ କବି ଫକୀରମୋହନ ସେନାପତି ଲେଖିଥିଲେ ତାଙ୍କ ଆତ୍ମଜୀବନୀରେ "ଭୋଳାନାଥ ଖମାରିଆ ପାଶକୁ ମହାରାଣୀ ପୁତ୍ରଙ୍କ ସକାଶେ ଅତିଶୀଘ୍ର ଶହେ ପାନ ଓ ଦୁଇଶହ ଗୁଆ ପଠାଇବୁ। ଉତ୍ତର ପଟରୁ ମାହାରା କରି ଆଖୁ ବାଡ଼ିକୁ ଶୀଘ୍ର ପାଣି ବୁହାଇବୁ, ନ ହେଲେ ଆଖୁବାଡ଼ି ବିନାଶ ଯିବ।" ଏହା ଲେଖିଥିଲେ ଯେତେବେଳେ ଫକୀରମୋହନ ସେନାପତିଦେୱାନ ଥିଲେ ଆଉ ବ୍ରିଟିଶମାନେ ଗଡ଼ଜାତ ଅଞ୍ଚଳକୁ ଆକ୍ରମଣ କରିଥିଲେ। ପାଇକମାନଙ୍କ ହାତରେ ସେ ଏ ଚିଠି ପଠାଇଲେ। ଏହି ଚିଠିର ଅର୍ଥ ଥିଲା ପାନର ଅର୍ଥ ସିପାହି ଗୁଆର ଅର୍ଥ ବନ୍ଧୁକର ଗୁଳି। ଆଖୁବାଡ଼ି ଅର୍ଥ ଗଡ଼। ଉତ୍ତର ଦିଗରୁ ଅର୍ଥାତ୍ ଚାଇଁବାସା ତରଫରୁ ସିପାହି ଶୀଘ୍ର ନ ଗଲେ ଗଡ଼ ଲୁଟ୍‌ପାଟ ବା ନଷ୍ଟ ହୋଇଯିବ। କେନ୍ଦୁଝରର ପ୍ରଜାଆନ୍ଦୋଳନ ବେଳେ ଏହା ଫକୀରମୋହନ ଲେଖିଥିଲେ ତାଙ୍କ ଲେଖନୀରେ। କି ଚମତ୍କାର ଲେଖା ଥିଲା। ପ୍ରକୃତରେ ସ୍ୱୀକୃତି ବା ସୁଖ ସମ୍ପଦ ଓ କଳାସାଧନା ଦୁଇଟିଯାକ ବିପରୀତମୁଖୀ ଧାରା। କଳାସାଧନ ହୋଇଥାଏ ସ୍ୱାର୍ଥ ଏବଂ ଅହଂକାରର ବିଲୟରେ। ଆଜିର ଲେଖକ, କବି ଭୁଲି ଯାଉଛନ୍ତି ଯେ ସାହିତ୍ୟ ଏକ ସାଧନା ଏବଂ କଳା। ଆଜି କିନ୍ତୁ ସାଧନା ଅପେକ୍ଷା ପୁରସ୍କାର ଆଶାରେ ଅଧିକ ଲେଖନୀ ନିୟୋଜିତ। ବିନା ପୁରସ୍କାରରେ ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, ଓଡ଼ିଆ ସାହିତ୍ୟ ଆକାଶରେ ସେମିତି ତାରାଭଳି ଝଟକୁଥିବେ। ଅନେକ ନେତାଙ୍କୁ ବ୍ୟଙ୍ଗକରି ଲେଖିଥିବା ଲେଖକ ପୁରସ୍କାରରୁ ବଞ୍ଚିତ ହୋଇଛନ୍ତି। ଏହାର ଅର୍ଥ ନୁହେଁ ଯେ ସେମାନଙ୍କର ସାହିତ୍ୟ ସାଧନା ନାହିଁ। ପ୍ରକୃତରେ ପାଠକର ଶ୍ରଦ୍ଧା ଓ ସ୍ୱୀକୃତି ହିଁ ହେଉଛି ଲେଖକର ଶ୍ରେଷ୍ଠ ସମ୍ପତ୍ତି ଏବଂ ଜୟମାଲ୍ୟ। ପାଠକୀୟ ଶ୍ରଦ୍ଧା ଭଲପାଇବା ସ୍ୱୀକୃତି ହିଁ ଲେଖକର ପ୍ରକୃତ ପରିଚୟ ଏବଂ ପ୍ରକୃତ ପୁରସ୍କାର, ଯାହା କୌଣସି ଉଚ୍ଚସମ୍ମାନପ୍ରଦ ପୁରସ୍କାରରେ ନ ଥାଏ। ଆଜିର କବି ଓ ଲେଖକମାନେ ଯଦି ନିଜର ବିବେକର ସ୍ୱରକୁ ହୃଦୟଙ୍ଗମ କରି ସମାଜ ତଥା ଦେଶର ବିକାଶ ପାଇଁ ଗଣତନ୍ତ୍ରର ସ୍ୱର ହୋଇ ନିଜ ଲେଖନୀକୁ ଶାଣିତ କରି ବିପ୍ଳବର ଅସ୍ତ୍ର ସ୍ୱରୂପ ଉପଯୋଗ କରିବେ ତେବେ ଲେଖନୀ ହେବ ସମାଜ ପରିବର୍ତ୍ତନର ଅସ୍ତ୍ର। ସେମାନେ ଯଦି ତୋଷାମଦ କରି ନିଜର ଲେଖନୀ ଚାଳନା କରିବେ ତେବେ ଦେଶ ତଥା ସମାଜର ବିକାଶ ବାଟବଣା ହେବ। ତେଣୁ କୁହାଯାଇଛି ଲେଖନୀ ଖଣ୍ଡାଠାରୁ ମଧ୍ୟ ଶକ୍ତିଶାଳୀ।

ରଘୁନାଥଜିଉ ମହାବିଦ୍ୟାଳୟ, ଦେଉଳସାହି, କଟକ
ମୋ-୯୮୫୩୩୫୦୩୮୪

## ଏଇ ଭାରତରେ

ଜନସେବା କରିବାର ତରିକା ସମାଜସେବୀ ଜାମିୟୁର ରହମାନଙ୍କ କ୍ଷେତ୍ରରେ ନିଶ୍ଚିତ ଭିନ୍ନ। ସେ ବିଦେଶରୁ ମୃତଦେହ ଆଣିବାରେ ଗରିବ ଲୋକମାନଙ୍କୁ ସହଯୋଗ କରୁଛନ୍ତି । ସବୁ କାଗଜପତ୍ର ଯୋଗାଡ଼ କରି ବିଦେଶରୁ ମୃତଦେହ ଆଣିବାରେ ବହୁ ଆଇନଗତ ପଦ୍ଧତି ରହିଥିବା ଯୋଗୁ ଗରିବ ଲୋକମାନଙ୍କ ପକ୍ଷରେ ଏହା ସହଜ ହୋଇ ନ ଥାଏ। ଏଣୁ ରହମାନ ସେମାନଙ୍କ ପାଖରେ ରହି ସବୁ କାର୍ଯ୍ୟ କରନ୍ତି ଓ ଏଥିପାଇଁ ଲୋକଙ୍କଠାରୁ କୌଣସି ଦେୟ ମଧ୍ୟ ନିଅନ୍ତି ନାହିଁ। କେବଳ ଏତିକି ନୁହେଁ ବିଦେଶରେ କୌଣସି କାରଣରୁ ଜେଲ କିମ୍ବା ଡିଟେନ୍‌ଶନ କ୍ୟାମ୍ପରୁ ଲୋକଙ୍କୁ ମୁକ୍ତ କରିବାରେ ସାହାଯ୍ୟ କରୁଛନ୍ତି। ସେ ଖବର ପାଇବା କ୍ଷଣି ଆମ ଦେଶର ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ଓ ସାଉଦିଆରବ ରାଷ୍ଟ୍ରଗୁଡ଼ିକରେ ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗରେ ଲାଗିପଡ଼ନ୍ତି। ଇ-ମେଲ୍ ଓ ଟୁଇଟର ମାଧ୍ୟମରେ ସେ ଏହା କରିଥାଆନ୍ତି। ଏହି କାର୍ଯ୍ୟ କରିବା ଲାଗି ସେ ୨୦୦୬ରେ କର୍ଣ୍ଣ ସୁବର୍ଣ୍ଣ ୱେଲଫେୟାର ସୋସାଇଟି ଗଠନ କରିଛନ୍ତି। ଏବେ ସୁଦ୍ଧା ସେ ୩୭ ମୃତଦେହ ସାଉଦିଆରବ, ୟୁଏଇ, କୁଏଟ୍ ଏବଂ ମାଲେସିଆରୁ ଆଣିବାରେ ଲୋକଙ୍କୁ ସାହାଯ୍ୟ କରିସାରିଛନ୍ତି। ଏବେ ଏହି ସବୁ ଦେଶରେ ଡିଟେନ୍‌ଶନ କ୍ୟାମ୍ପ ଓ ଜେଲରେ ରହିଥିବା ପ୍ରାୟ ୮ ଜଣ ଲୋକଙ୍କୁ ଉଦ୍ଧାର କରିବା କାର୍ଯ୍ୟରେ ସେମାନଙ୍କ ସମ୍ପର୍କୀୟଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜୁନ୍ ୧୯୯୬

- ନରହତ୍ୟା, ଧର୍ଷଣ ଏବଂ ଡକାୟତି ଆଦି ଅପରାଧରେ ଚୀନ ସରକାର ୪୩ ଜଣ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି।
- ଦକ୍ଷିଣ ଆଫ୍ରିକାର କ୍ୱାଜୁଲୁ ନାଟାଲ ପ୍ରଦେଶରେ ହିଂସାକାଣ୍ଡ ଘଟି ୧୯ ନିହତ।
- ପାରାଦୀପରେ କାଲସିନେଡ୍ ପେଟ୍ରୋଲିୟମ କୋକ୍ ପ୍ରକଳ୍ପ ସ୍ଥାପନ ପାଇଁ ଇଫିକଲ୍ ଆସାମ୍‌ର ଇଣ୍ଡିଆ କାର୍ବନ ଲିମିଟେଡ୍ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଅପାରଗତାର ପରିଣାମ

ମହାଶୟ,

ଓଡ଼ିଶା ରାଜ୍ୟର ସର୍ବାଧିକ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଦଣ୍ଡା, ଗୋଚର, ପତିତ ଆଦି ମୂଲ୍ୟବାନ୍ ଜମିକୁ ବେଆଇନ ଦଖଲର ଭୟାବହତା ଜନସାଧାରଣଙ୍କ ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟିଛି। ତୋ'ର-ମୋ'ର ଅତିରିକ୍ତ ଲୋଭ ଓ ସ୍ୱାର୍ଥନ୍ଧତା, ଅନ୍ଧତ୍ୱ ସମ୍ପତ୍ତି ଆଶାରେ ସଂସ୍କାର ପରିବର୍ତ୍ତେ ଭୟଙ୍କର ପରିସ୍ଥିତି ଆପଣା ସ୍ୱତଃପ୍ରବୃତ୍ତ ଭାବେ ଆସିଯାଉଛି। ଉକ୍ତ ସମ୍ପତ୍ତି ବଢ଼ାଇବା ଆଶାରେ ଭୟଙ୍କର ହାନି ଘଟୁଛି। ବିନା ମୂଲ୍ୟରେ ସରକାର ସମ୍ପତ୍ତିକୁ ଦଖଲ କରି ପ୍ରାଚୁର୍ଯ୍ୟ ବୃଦ୍ଧି କରାଇବା ଦଣ୍ଡନୀୟ ଅପରାଧ। ବହୁ ବ୍ୟକ୍ତି ଅମାପ ସମ୍ପତ୍ତି ଥାଇ ଲୋଭର ବଶବର୍ତ୍ତୀ ହୋଇ ପରିଣାମ କିଭଳି ହେବ ଜାଣିପାରୁ ନାହାନ୍ତି। ପୁରାତନ ନକ୍ସା ପରେ ନବକଳେବର ନକ୍ସାରେ ବହୁ ତ୍ରୁଟି ଦେଖାଦେଉଛି। ନକ୍ସାର ଉପଯୁକ୍ତ ଉପାଦେୟତା ଦ୍ୱାରା ରାଜ୍ୟର ଦଣ୍ଡା, ଗୋଚର, ପତିତ ଓ ଅନାବାଦୀ ଜମିକୁ ଅବିଳମ୍ବେ ହାତକୁ ନ ଆଣିଲେ ଗାଈଗୋରୁ ଚରିବା ପାଇଁ ଆଉ ଜାଗା ନ ଥିବ। ଏଣୁ ରାଜସ୍ୱ ବିଭାଗ ଉପଯୁକ୍ତ ପଦକ୍ଷେପ ନେବା ଅପରିହାର୍ଯ୍ୟ।

– ଆଦିକନ୍ଦ ସାହୁ, ଇଚ୍ଛାପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ସବୁରି ପଛରେ ଆସି ଚାଲିଯାଏ ସକଳର ଆଗେ,
ଅଧର ନ ହେଉଁ ତା'ର ବିରଚିତ ନବ ହାସ୍ୟରାଗେ,
ଆସିଥାଏ କ୍ରନ୍ଦନର ଭାଷା ଘେନି ଖାଲି
ଶେଷ କ୍ରନ୍ଦନରେ ଯାଏ ଚାଲି!
-(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଧାର୍ଯ୍ୟଲକ୍ଷ୍ୟଠାରୁ ଅଧିକ ଧାନ ସଂଗ୍ରହ

**ଭୁବନେଶ୍ୱର, ୨୦।୬(ବ୍ୟୁରୋ):** ୨୦୨୦-୨୧ ଖରିଫ୍ ବିପଣନ ଋତୁରେ ଅଦ୍ୟାବଧି ଧାର୍ଯ୍ୟଲକ୍ଷ୍ୟଠାରୁ ଅଧିକ ଧାନ ସଂଗ୍ରହ ହୋଇଛି। ଚଳିତ ରବି ଋତୁରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରବିଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ବର୍ତ୍ତମାନ ସୁଦ୍ଧା ୧୪ ଲକ୍ଷ ୫ ହଜାର ୭୨୬ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି। ସେହିପରି ୨୦୨୦-୨୧ରେ ୬୨ ଲକ୍ଷ ୯୩ ହଜାର ମେଟ୍ରିକ୍ ଟନ୍ ଖରିଫ୍ ଧାନ ସଂଗ୍ରହ କରାଯାଇଛି। ଚଳିତ ଖରିଫ୍ ଋତୁରେ ରାଜ୍ୟ ସରକାର ମୋଟ ୭୧ ଲକ୍ଷ ମେଟ୍ରିକ୍ ଟନ୍ ଖରିଫ ଓ ରବିଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ୨୦୧୯-୨୦ ଖରିଫ ବିପଣନ ଋତୁରେ ରାଜ୍ୟ ସରକାର ସମୁଦାୟ ୭୦ ଲକ୍ଷ ୫୬ ହଜାର ମେଟ୍ରିକ୍ ଟନ୍ ଖରିଫ ଓ ରବିଧାନ ସଂଗ୍ରହ କରିଥିଲେ। ଏହି କ୍ରମରେ ରାଜ୍ୟରେ ୨୦୨୦-୨୧ ବିପଣନ ଋତୁରେ ଅଦ୍ୟାବଧି ୭୬ ଲକ୍ଷ ୯୮ ହଜାର ମେଟ୍ରିକ୍ ଟନ୍ ଖରିଫ୍ ଓ ରବିଧାନ ସଂଗ୍ରହ କରାଯାଇଛି; ଯାହା ୨୦୧୯-୨୦ ଏବଂ ଚଳିତ ଖରିଫ୍ ବିପଣନ ବର୍ଷର ଧାର୍ଯ୍ୟ ଲକ୍ଷ୍ୟଠାରୁ ୬ ଲକ୍ଷ ମେଟ୍ରିକ୍ ଟନ୍ ଅଧିକ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି।

### ନବଜାତକର କଟାମୁଣ୍ଡ ଜବତ

**ନୂଆପଡା ଅଫିସ,୨୦।୬:** ନୂଆପଡ଼ା ସହରରୁ ମନ୍ଦିର ପଡ଼ାର ପତୋରା ଡ୍ୟାମ୍ ଯିବା ରାସ୍ତାରେ ରବିବାର ଏକ ନବଜାତକ ଶିଶୁର କଟାମୁଣ୍ଡ ପଡିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କଟାମୁଣ୍ଡକୁ ଜବତ କରିଛି। ତେବେ କିଭଳି ଏହା ସହର ଭିତର ଜନଗହଳି ସ୍ଥାନକୁ ଆସିଲା ତାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଶିଶୁଟି ଜନ୍ମ ହେବା ପରେ କେହି ଫିଙ୍ଗି ଦେଇଥିବା ଏବଂ କୁକୁର ତାର ମୁଣ୍ଡକୁ ଟାଣି ଆଣିଥିବା ଅନୁମାନ କରାଯାଉଛି। ସେହିପରି କୌଣସି ବ୍ୟକ୍ତି ଗୁଣି ଗାରେଡି ପାଇଁ ନବଜାତକ ଶିଶୁକୁ ବଳି ଦେବା ପରେ ତାକୁ କୁକୁର ଟାଣି ଆଣିଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ଏ ସମ୍ପର୍କରେ ନୂଆପଡା ସଦର ଥାନା ଆଇଆଇସି ନିର୍ମଳ ଚନ୍ଦ୍ର ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଲେ, ଦୁଇଦିନ ତଳେ ଛତିଶଗଡ ଅଞ୍ଚଳର ଜଣେ ମହିଳା ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁକୁ ଜନ୍ମ ଦେଇଥିଲେ। ଶନିବାର ସେହି ଶିଶୁର ମୃତ୍ୟୁ ହେବା ପରେ ତାକୁ ପାଖ କେନାଲରେ ପୋତି ଦିଆଯାଇଥିଲା। କୁକୁର ଦେହକୁ ଖାଇ ଦେଇଥିବା ବେଳେ ମୁଣ୍ଡକୁ ସହର ଭିତରକୁ ନେଇ ଆସିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ମାମଲା (ନଂ.୩୩/୨୧) ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

### ଗୁଳି ବିନିମୟରେ ୨ ମାଓବାଦୀ କମାଣ୍ଡର ନିହତ



**ମାଲକାନଗିରି,୨୦।୬(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲା ଅନ୍ତର୍ଗତ ଆର୍ଛା ଜଙ୍ଗଲରେ ଶନିବାର ଅପରାହ୍ନରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଦୁଇଜଣ ମାଓବାଦୀ କମାଣ୍ଡର ନିହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ। ଉଭୟେ ଦଣ୍ଡକାରଣ୍ୟ ଡିଭିଜନର ଦରଭା କମିଟିରେ କମାଣ୍ଡର ରୂପେ କାର୍ଯ୍ୟ କରୁଥିଲେ। ଖବରରୁ ଜଣାପଡିଛି, ଆର୍ଛା ଜଙ୍ଗଲରେ ମାଓବାଦୀଙ୍କ ଶିବିର ଚାଲିଥିବା ଗୋଇନ୍ଦା ସୂଚନା ପାଇ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇଥିଲା। ଜଙ୍ଗଲକୁ ପୋଲିସ ଆସିଥିବା ଜାଣି ପ୍ରଥମେ ମାଓବାଦୀମାନେ ଗୁଳିଚାଳନା କରିଥିଲେ। ଯବାନମାନେ ମଧ ଏହାର ପାଲଟା ଜବାବ ଦେଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା। ପୋଲିସ ଗୁଳିର ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୋଲିସ ତଲାସି କଲା ବେଳେ ୨ଜଣ ମାଓବାଦୀ ନିହତ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏଥିସହ ଘଟଣାସ୍ଥଳରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଛି। ଜବତ ସାମଗ୍ରୀ ମଧ୍ୟରେ ୩ଟି ରାଇଫଲ୍, ଅନେକ ଜୀବନ୍ତ ଗୁଳି, ପୋଷାକ, ଔଷଧ ଏବଂ ଧନୁ ତୀର ରହିଛି। ଘଟଣା ସ୍ଥଳରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ବସ୍ତର ପୋଲିସ ପକ୍ଷରୁ କୁହାଯାଇଛି।

# ସଙ୍କଟରେ ଇସ୍ପାତ ଶିଳ୍ପ

- ଲୁହାପଥର ଅଭାବ ସାଙ୍ଗକୁ ଦରବୃଦ୍ଧି
- ବନ୍ଦ ଥିବା ଖଣିରୁ ଉତ୍ତୋଳନ ଦାବି

**ଯାଜପୁର ଅଫିସ, ୨୦।୬**

ଅର୍ଥନୀତିକୁ ସୁଦୃଢ଼ କରିବାକୁ ହେଲେ ଗଢ଼ି ଉଠିଥିବା ଶିଳ୍ପ ସଂସ୍ଥାଗୁଡିକ ପାଇଁ କଞ୍ଚାମାଲ ଉତ୍ତୋଳନ ଓ ଯୋଗାଣ ବ୍ୟବସ୍ଥାକୁ ମଧ୍ୟ ଠିକ୍ ଢଙ୍ଗରେ ପରିଚାଳନା କରିବାର ଆବଶ୍ୟକତା ରହିଛି। କିନ୍ତୁ ବର୍ଷେ ହେଲା ଉପଯୁକ୍ତ ପରିଚାଳନାଗତ ତ୍ରୁଟି ଯୋଗୁ ଷ୍ଟିଲ ପ୍ଲାଣ୍ଟଗୁଡିକ ଆବଶ୍ୟକ କରୁଥିବା ଲୁହାପଥରର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ଘଟିଛି। ଏଥିରେ ନିଜସ୍ୱ ଖଣି ନ ଥିବା ଷ୍ଟିଲ ପ୍ଲାଣ୍ଟଗୁଡିକ ପାଇଁ ସଙ୍କଟମୟ ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ସମ୍ପୃକ୍ତ ଷ୍ଟିଲ ପ୍ଲାଣ୍ଟଗୁଡିକରେ ନିର୍ଭରଶୀଳ କର୍ମଚାରୀ ଓ ଶ୍ରମିକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହିକ୍ରମରେ ନିଲାମ ବୃତାନ୍ତ ହୋଇ ମଧ୍ୟ କାର୍ଯ୍ୟକ୍ଷମ ହୋଇ ନ ଥିବା ଖଣିଗୁଡିକୁ ଓଏମ୍‌ସି ଅଧୀନକୁ ନେଇ ଲୁହାପଥର ଉତ୍ତୋଳନ କରିବାକୁ ଶିଳ୍ପସଂଘ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

ତଥ୍ୟ ମୁତାବକ ୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟରେ ଲୁହାପଥର ଉତ୍ପାଦନ ୧୪୨ ମିଲିୟନ ଟନ୍ ହୋଇଥିବାବେଳେ ୨୦୨୦-୨୧ରେ ତାହା ୩୧ ମିଲିୟନ ଟନ୍ ହ୍ରାସ ପାଇ ୧୧୧ ମିଲିୟନ ଟନ୍ ହୋଇଛି। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ୧୭.୪ ମିଲିୟନ ଟନ୍ ଲୁହାପଥର ଓଡ଼ିଶା ବାହାରକୁ ରପ୍ତାନି କରାଯାଇଥିବାବେଳେ ୨୦୨୦-୨୧ରେ ଏହା ୧୧.୬ ମିଲିୟନ ଟନ୍ ବୃଦ୍ଧି ପାଇ ୨୯ ମିଲିୟନ ଟନ୍‌ରେ ପହଞ୍ଚିଛି। ଫଳସ୍ୱରୂପ ରାଜ୍ୟରେ ଗତବର୍ଷ ତୁଳନାରେ ଏହି ବର୍ଷ ୪୨ ମିଲିୟନ ଟନ୍ ଲୁହାପଥରର ଅଭାବ ଦେଖାଦେଇଛି। ଏହି କାରଣରୁ ଲୁହାପଥର ଦର ଅହେତୁକ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ଏହିକ୍ରମରେ ଜୁନ ୨୦୨୦ରେ ଲୁହାପଥର ମୂଲ୍ୟ ଟନ୍ ପିଛା ୨୨୦୦ ଟଙ୍କା ଥିଲାବେଳେ ଜୁନ ୨୦୨୧ରେ ଏହା ଅଭୂତପୂର୍ବ ଭାବେ ବୃଦ୍ଧି ପାଇ ଟନ୍ ପିଛା ୧୨,୦୦୦ ଟଙ୍କାରେ ପହଞ୍ଚିଛି।

ନିଜସ୍ୱ ଖଣି ନ ଥିବା ଷ୍ଟିଲ ପ୍ଲାଣ୍ଟଗୁଡିକ ଲୁହାପଥର ପାଇଁ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ଉପରେ ନିର୍ଭର କରିଥାନ୍ତି। ୨୦୨୦-୨୧ରେ ରାଜ୍ୟରେ ଉତ୍ପାଦିତ ୧୧୧ ମିଲିୟନ ଟନ୍ ଲୁହାପଥରରୁ ଓଏମ୍‌ସି ମାତ୍ର ୧୩ ମିଲିୟନ ଟନ୍ ଲୁହାପଥର ଉତ୍ପାଦନ କରିଥିଲା। ନିଜସ୍ୱ ଲୁହାପଥର ଖଣି ଥିବା ଶିଳ୍ପ ସଂସ୍ଥା ଯଥା ଟାଟା ଷ୍ଟିଲ, ସେଲ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ, ଆରସେଲର ମିତ୍ତଲ ଓ ଜେଏସ୍‌ପିଏଲ ୬୫ ମିଲିୟନ ଟନ୍ ଲୁହାପଥର ଉତ୍ପାଦନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଦେଖାଦେଇଥିବା ଲୁହାପଥର ଅଭାବ ଓ ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ କରିବାକୁ ହେଲେ ଓଏମ୍‌ସିକୁ ଲୁହାପଥର ଉତ୍ପାଦନ ବାର୍ଷିକ ୧୩ ମିଲିୟନ ଟନ୍‌ରୁ ବଢ଼ାଇ ୨୬ ମିଲିୟନ ଟନ୍ କରିବାକୁ ପଡିବ ବୋଲି କେତେଜଣ ଶିଳ୍ପ ସଂସ୍ଥା କର୍ତ୍ତୃପକ୍ଷ ମତ ପ୍ରକାଶ କରିଛନ୍ତି। ଖଣି ନିଗମ ଅଧୀନରେ ଥିବା ଜିଲିଙ୍ଗ ଓ ଗୁଆଲି ଲୁହାପଥର ଖଣିରୁ ବାର୍ଷିକ ୧୧ ମିଲିୟନ ଟନ୍ ଏବଂ ଦୈତାରୀ, ଗନ୍ଧମାର୍ଦ୍ଦନ ଓ କୋଇଡା ଖଣିରୁ ବାର୍ଷିକ ୧୫ ମିଲିୟନ ଟନ୍ ଲୁହାପଥର ଉତ୍ପାଦନ କରିବା ପାଇଁ ଶିଳ୍ପ ସଂସ୍ଥାଗୁଡିକ ଓଏମ୍‌ସି ନିକଟରେ ଦାବି ଜଣାଇଛନ୍ତି। ଏହାସହ ନିଲାମ ପ୍ରକ୍ରିୟାରେ ନଦୀଡ଼ିହ, ତେହେରାଇ, ରେଙ୍ଗାଲବେଡ଼ା ଓ ବଳଦା ଲୁହାପଥର ଖଣି ହାତେଇଥିବା ସଂସ୍ଥା ବର୍ତ୍ତମାନ ସୁଦ୍ଧା ଲୁହାପଥର ଉତ୍ପାଦନ ଆରମ୍ଭ କରିନାହାନ୍ତି। ଏହି ଲୁହାପଥର ଖଣିଗୁଡିକୁ ଓଏମ୍‌ସି ଅଧୀନକୁ ନେଇ ଲୁହାପଥର ଉତ୍ପାଦନ କରିବା ପାଇଁ କଳିଙ୍ଗନଗର ଇଣ୍ଡଷ୍ଟ୍ରି ଆସୋସିଏଶନ (କେଏନଆଇଏ)ଓ ଆସୋସିଏଟେଡ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ ଇଣ୍ଡିଆ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି।

## ଟାଟା ମ୍ୟାଜିକ୍‌କୁ ଚାପିଦେଲା ଟ୍ରକ୍, ୨ ମୃତ



ଅଗ୍ନିଶମ ବାହିନୀ ଟ୍ରକ୍ ତଳେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଚଳାଇଛି।

**ବିଷମକଟକ,୨୦।୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ବିଷମକଟକ ଥାନା ଅଧୀନ ଚାଞ୍ଚଡ଼ାଗୁଡ଼ା ନିକଟରେ ରବିବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏକ ଲୁହାପଥର ବୋଝେଇ ଟ୍ରକ୍ ଏବଂ ଟାଟା ମ୍ୟାଜିକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଫଳରେ ଟ୍ରକ୍ ତଳେ ଚାପି ହୋଇ ଦୁଇଜଣଙ୍କ ଜୀବନ ଚାଲିଯାଇଛି। ମୃତ ଦୁଇ ବ୍ୟକ୍ତି ହେଲେ କଳାହାଣ୍ଡି ଜିଲା ନର୍ଲା ଥାନା ଅଧୀନ ରୁପ୍ରା ରୋଡ୍ ଅଞ୍ଚଳର ସୁଦର୍ଶନ ରୋହିଦାସଙ୍କ ପୁଅ ବୈଷ୍ଣବ(୨୦) ଏବଂ ଅରକ୍ଷିତ ରୋହିଦାସଙ୍କ ପୁଅ ରୋମାଞ୍ଚଳ(୨୬)। ଘଟଣାରୁ ପ୍ରକାଶ, ଛତିଶଗଡ଼ର ରାୟପୁରରୁ ଲୁହାପଥର ବୋଝେଇ ଏକ ଟ୍ରକ୍ ବିଶାଖାପାଟଣା ଅଭିମୁଖେ ଯାଉଥିଲା। ଚାଞ୍ଚଡ଼ାଗୁଡ଼ା ନିକଟରେ ବିଷମକଟକରୁ ମୁନିଗୁଡ଼ା ଯାଉଥିବା ଏକ ଟାଟା ମ୍ୟାଜିକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟାଟା ମ୍ୟାଜିକ୍ ଭ୍ୟାନ୍‌ଟି ଟ୍ରକ୍ ତଳେ ପଶିଯାଇଥିଲା। ଫଳରେ ଭ୍ୟାନରେ ବସିଥିବା ୨ଜଣ ଟ୍ରକ୍ ତଳେ ଚାପି ହୋଇଯାଇଥିଲେ। ଖବର ପାଇ ବିଷମକଟକ ଏସ୍‌ଡିପିଓ ଆକାଶ କୁମାର ସାହୁ, ଥାନାଧିକାରୀ ସୁବାସ ଚନ୍ଦ୍ର କରକରିଆ, ଏସ୍‌ଆଇ ମଧୁସୁଦନ ଶର୍ମାଙ୍କ ସମେତ ରାୟଗଡ଼ା, ବିଷମକଟକ ଏବଂ ମୁନିଗୁଡ଼ାରୁ ଅଗ୍ନିଶମ ବାହିନୀ ପହଞ୍ଚି ୩ ଜେସିବି ମେଶିନ ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଅଗ୍ନିଶମ ବାହିନୀ ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଗାଡ଼ିକୁ କାଟି ୪ ଘଣ୍ଟାର ଉଦ୍ୟମ ପରେ ମୃତକଙ୍କୁ ବାହାର କରିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡ଼ିଛି।

# ୧୩ ଭାଷାରେ ମା' ଲେଖା ପାଟଶାଢ଼ି



ବାନ୍ଧଶିଳ୍ପୀ ମା ଶାଢ଼ି ପ୍ରଦର୍ଶନ କରୁଛନ୍ତି।

- ସୋନପୁର ବାନ୍ଧଶିଳ୍ପୀଙ୍କ ଆଉ ଏକ କୃତି
- ଆଞ୍ଚଲ ଓ ଦେହରେ ଅକ୍ଷର ବୁଣାଯାଇଛି ମା'

**ସୋନପୁର, ୨୦।୬(ନି.ପ୍ର.)**

ଦେଶ ବିଦେଶରେ ହସ୍ତତନ୍ତ କ୍ଷେତ୍ରରେ ସୁବର୍ଣ୍ଣପୁର ଜିଲାର ପ୍ରସିଦ୍ଧି ରହିଛି। ସବୁବେଳେ କିଛି ନୂଆ ଏବଂ ସ୍ୱତନ୍ତ୍ର ଡିଜାଇନ୍ କରିବା ପାଇଁ ଚେଷ୍ଟା କରିଥାନ୍ତି ଜିଲାର ବାନ୍ଧଶିଳ୍ପୀମାନେ। ଲକ୍‌ଡାଉନ ସମୟକୁ ଉପଯୋଗ କରି ସୋନପୁର ପଟାଭାଡ଼ିର ରାଜେଶ ମେହେର ପ୍ରସ୍ତୁତ କରିଛନ୍ତି ମା'ଶାଢ଼ି। ଏହି ଶାଢ଼ିର ଆଞ୍ଚଲ ଓ ଦେହରେ ସୂକ୍ଷ୍ମ ସୂତାରେ ଟାଏ ଓ ଡାଏରେ ମା' ବୁଣାଯାଇଛି। ଏଥିରେ ସୂକ୍ଷ୍ମ କାରିଗରୀ ଓ ଉତ୍କୃଷ୍ଟ କଳା ନିପୁଣତା ଭରି ରହିଛି। ଶାଢ଼ି ସମ୍ପର୍କରେ ଖାସ କଥାଟି ହେଉଛି ଏଥିରେ ସ୍ଥାନ ପାଇଛି ଭାରତରେ ପ୍ରଚଳିତ ୧୩ଟି ଭାଷାରେ ମା'। ବାନ୍ଧଶିଳ୍ପୀ ହିମାଂଶୁ ମେହେର ଓ ବୁଣାକାର ବିନୋଦ ମେହେର ପ୍ରସ୍ତୁତ କରିଛନ୍ତି ଏହି ଶାଢ଼ି। ସମାଜରେ ମା'ଙ୍କ ସ୍ଥାନ ବହୁ ଉଚ୍ଚରେ। ତେଣୁ ପ୍ରତି ମା'ଙ୍କ ଉଦ୍ଦେଶ୍ୟରେ ଏହି ଶାଢ଼ି ସମର୍ପିତ ବୋଲି କହିଛନ୍ତି ରାଜେଶ। ମା'ଙ୍କୁ ନେଇ ଶାଢ଼ି ପ୍ରସ୍ତୁତ କରିବାକୁ ସେ ପୂର୍ବରୁ ଚିନ୍ତା କରିଥିଲେ। ପାଟ ଶାଢିର ଗ୍ରାଫ୍ ଡିଜାଇନ ଓ ପ୍ରସ୍ତୁତି ପାଇଁ ତାଙ୍କୁ ୨ ମାସ ସମୟ ଲାଗିଛି। ଏବେ ପୂର୍ଣ୍ଣାଙ୍ଗ ରୂପ ପାଇଛି ମା' ଶାଢ଼ି। ଧଳା ଓ ସିମେଣ୍ଟ ରଙ୍ଗରେ ଏହି ଶାଢ଼ି ବେଶ ଆକର୍ଷଣୀୟ ହୋଇଛି। ଏହାର ମୂଲ୍ୟ ୨୦ହଜାର ଟଙ୍କା ରହିଛି। ବସ୍ତ୍ର ମାଧ୍ୟମରେ କଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ପାଇଁ ଆଗକୁ ଉଦ୍ୟମ ଜାରି ରହିବ ବୋଲି ରାଜେଶ କହିଛନ୍ତି।

ଗତବର୍ଷ ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲାନ ଶକୁନ୍ତଳା ଦେବୀ ସିନେମାର ପ୍ରମୋଶନ ଅବସରରେ ସୋନପୁରର ଶିଳ୍ପୀଙ୍କ ଦ୍ୱାରା ବୁଣା ଯାଇଥିବା ମ୍ୟାଥମେଟିକ୍ସ(ଗଣିତ) ଶାଢ଼ି ପିନ୍ଧି ପ୍ରଶଂସା ସାଉଁଟି ଥିଲେ। ସୋନପୁରର ବାନ୍ଧଶିଳ୍ପୀମାନେ ଏହା ପୂର୍ବରୁ ଭାରତ ମାନଚିତ୍ର, ବିଭିନ୍ନ ରାଜ୍ୟର ମାନଚିତ୍ର, ପଶୁ ପକ୍ଷୀ ଓ ଦେବାଦେବୀଙ୍କୁ ନେଇ ଶାଢ଼ି ବୁଣି ଖୁବ୍ ପ୍ରଶଂସିତ ହୋଇଛନ୍ତି। ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କ ବିବାହ ସମୟରେ ପାଟ ଶାଢ଼ି ପ୍ରସ୍ତୁତ କରି ପଦ୍ମଶ୍ରୀ ଚତୁର୍ଭୁଜ ମେହେର ପ୍ରଶଂସା ପାଇଥିଲେ।

## ଚିକିତ୍ସା ସୁବିଧା ମିଳିବା ପରେ କୃତଜ୍ଞତା ଜଣାଇଲେ ଅକ୍ଷୟ କୁମାର

**ଭୁବନେଶ୍ୱର, ୨୦।୬(ବ୍ୟୁରୋ)**

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ପତ୍ର ମାଧ୍ୟମରେ 'ଓଡ଼ିଶା ମୋ-ପରିବାର' ଏବଂ ଗଞ୍ଜାମ ଜିଲା ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ସଂଯୋଜକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗତ ମେ ୬ ତାରିଖରେ ଅକ୍ଷୟ କୁମାର ଓଡ଼ିଶା ମୋ-ପରିବାର ଆବାହକ ଅରୂପ ପଟ୍ଟନାୟକଙ୍କୁ ଟେଲିଫୋନ କରି ତାଙ୍କର ଜଣେ ବ୍ୟକ୍ତିଗତ କର୍ମଚାରୀ ଟୁଟୁ ଭୂୟାଁଙ୍କ ସ୍ତ୍ରୀ ସଙ୍ଗୀତା ଭୂୟାଁ ବ୍ରହ୍ମପୁର ମେଡିକାଲରେ ଅସ୍ତ୍ରୋପଚାର ଲାଗି ଭର୍ତ୍ତି ହୋଇଛନ୍ତି। ୪ରୁ ୫ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ସେଠାରୁ ତାଙ୍କର କୌଣସି ଖବର ମିଳୁନାହିଁ। ଏଥିଲାଗି ଅକ୍ଷୟ କୁମାର ବ୍ୟସ୍ତ ହୋଇ ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା ଅରୂପଙ୍କୁ ଜଣାଇଥିଲେ। ଏହାପରେ ଅରୂପ ଗଞ୍ଜାମ ଜିଲା ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ସଂଯୋଜକ ସୁବାସ ମହାରାଣାଙ୍କ ସହିତ ଯୋଗାଯୋଗ କରି ଏହି ବିଷୟରେ ଅବଗତ କରାଇଥିଲେ। ସୁବାସ ତୁରନ୍ତ ବ୍ରହ୍ମପୁର ମେଡିକାଲ ଯାଇ ସଙ୍ଗୀତାଙ୍କୁ ଠାବ କରି ଯଥା ସମ୍ଭବ ଚିକିତ୍ସା ଲାଗି ସବୁ ପ୍ରକାର ବ୍ୟବସ୍ଥା କରାଇଥିଲେ। ସଙ୍ଗୀତାଙ୍କ ଅସ୍ତ୍ରୋପଚାର ସଫଳତାର ସହ ସମ୍ପାଦନା ହୋଇଥିବା ନେଇ ଅକ୍ଷୟ କୁମାରଙ୍କୁ ଜଣାଇ ଦିଆଯାଇଥିଲା। ସୁବାସଙ୍କ ଏଭଳି ତ୍ୱରିତ ପ୍ରଚେଷ୍ଟା ପାଇଁ ଅକ୍ଷୟ କୁମାର ପତ୍ର ମାଧ୍ୟମରେ କୃତଜ୍ଞତା ଜଣାଇଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଜୁନିୟର ଟେକ୍ନିସିଆନ ମୃତ

**ବାଲେଶ୍ୱର ଅଫିସ, ୨୦।୬:** ବାଲେଶ୍ୱର ଜିଲା ମଠସାହି ବିଦ୍ୟୁତ୍ ସେକ୍ସନର ଜୁନିୟର ଟେକ୍ନିସିଆନ ଜିତେନ୍ଦ୍ର ମୋହନ ସିଂହ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ସେ ଏକ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ମରାମତି କରୁଥିବା ବେଳେ ବିଦ୍ୟୁତ୍ ଆଘାତ ପାଇ ତଳକୁ ଖସିପଡ଼ିଥିଲେ। ତାଙ୍କୁ ହସ୍ପିଟାଲକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ କାଳିମନ୍ଦିର ନିକଟ ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ଉପସ୍ଥିତ ବିଦ୍ୟୁତ କର୍ମଚାରୀ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## 'ଉପଭୋକ୍ତାଙ୍କ ଉପରେ ସରକାର ଲଦୁଛନ୍ତି ଆର୍ଥିକ ବୋଝ'

**ବିଜୁଳି ଦର ବୃଦ୍ଧି ପ୍ରତିବାଦରେ ଭାଜପାର ପ୍ରତିବାଦ**

**ଭୁବନେଶ୍ୱର, ୨୦।୬(ବ୍ୟୁରୋ)**

ସରକାର ଏବଂ ବିଦ୍ୟୁତ୍ ବଣ୍ଟନ କମ୍ପାନୀର ମଧୁଚନ୍ଦ୍ରିକା ଯୋଗୁ ସାଧାରଣ ଉପଭୋକ୍ତା ହଇରାଣ ହେଉଛନ୍ତି। ରାଜ୍ୟ ସରକାର ବିଜୁଳି ଉପଭୋକ୍ତାଙ୍କ ସ୍ୱାର୍ଥକୁ ସର୍ବଦା ଅଣଦେଖା କରିବା ସହ ଅହେତୁକ ବିଜୁଳି ଦର ବୃଦ୍ଧି କରି ବୋଝ ଉପରେ ନଳିତା ବିଡ଼ା ସଦୃଶ ଲଦି ଦେଉଛନ୍ତି। ଶିଳ୍ପ ସଂସ୍ଥାଗୁଡ଼ିକୁ ପାଣି ଦିଆଯାଉଥିବା କାରଣରୁ ହାଇଡ୍ରୋ ପାୱାର ଉତ୍ପାଦନ ହ୍ରାସ ପାଉଛି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ପକ୍ଷରୁ ଆୟୋଜିତ ଭର୍ଚୁଆଲ ପ୍ରତିବାଦରେ ଯୋଗଦେଇ ବିଜୁଳି ଉପଭୋକ୍ତା ମହାସଂଘ ସଭାପତି ରମେଶ ଚନ୍ଦ୍ର ଶତପଥୀ କହିଛନ୍ତି, ଉପଭୋକ୍ତାଙ୍କ ଅର୍ଥରେ ଶକ୍ତି ବିଭାଗର ଭିତ୍ତିଭୂମିକୁ ସୁଦୃଢ଼ କରିବା ପରିବର୍ତ୍ତେ ବିଜୁଳି ବଣ୍ଟନ କମ୍ପାନୀଙ୍କୁ ଅହେତୁକ ଅନୁକମ୍ପା ଦିଆଯାଉଛି। ଏ ବାବଦରେ କମ୍ପାନୀ ଠାରୁ ବକେୟା ବାବଦ ହଜାରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇନାହିଁ। ଅପରପକ୍ଷରେ ଶକ୍ତି ବିଶେଷଜ୍ଞ ଆନନ୍ଦ ମହାପାତ୍ର କହିଛନ୍ତି, ବିଭାଗର ଠିକ୍ ରକ୍ଷଣାବେକ୍ଷଣ ହୋଇପାରୁନାହିଁ। ସମସ୍ତ କ୍ଷତି ଟଙ୍କା ସାଧାରଣ ଜନତାଙ୍କଠାରୁ ଆଦାୟ କରାଯାଉଛି ବୋଲି ସେ କହିଛନ୍ତି। ଗତ ୧୦ ବର୍ଷରେ ବାରମ୍ବାର ବିଜୁଳି ଦର ବୃଦ୍ଧି କରି ରାଜ୍ୟ ସରକାର ଉପଭୋକ୍ତାଙ୍କୁ ଆର୍ଥିକ ବୋଝ ଲଦି ଦେଇଛନ୍ତି।

# ଏକପାଖିଆ ବିଚାରବୋଧ ଐତିହ୍ୟକୁ ବିକୃତ କରେ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

### ଐତିହ୍ୟର ଓଡ଼ିଶା

## ପ୍ରଥମ ମହାଭାସ୍କରଙ୍କ ବିଗ୍ରହ ନଦୀରୁ ମିଳିଥିଲା

ପୂର୍ବରୁ ଏହି ସ୍ତମ୍ଭ(୧୫।୩।୨୧)ରେ ତୀର୍ଥକ୍ଷେତ୍ର ବିଷୟ ଉପସ୍ଥାପନ ପ୍ରାଥମିକ ଅବବୋଧ ପାଇଁ ଉଦ୍ଦିଷ୍ଟ ଥିଲା। କୋଣାଦିତ୍ୟ କ୍ଷେତ୍ରରେ ଚନ୍ଦ୍ରଭାଗା ତୀର୍ଥର ମାନବିକ ମୂଲ୍ୟବୋଧ ଭିତ୍ତିକ ଗୁରୁତ୍ୱ ନ ଥିଲେ ଗୋଟିଏ ପରେ ଗୋଟିଏ ତିନୋଟି ମନ୍ଦିର ନିର୍ମାଣ ହେବାର ଆବଶ୍ୟକତା ନ ଥିଲା। ଆବଶ୍ୟକତା ଅନୁଯାୟୀ କୋଣାର୍କକୁ ନେଇ ଏ ଦିଗରେ ଆମେ ଆଗେଇବାର ମୂଳ ରହସ୍ୟ ସମସ୍ତଙ୍କୁ ଜଣା। କାରଣ ଓଡ଼ିଶାରେ 'କୋଣାର୍କ କ'ଣ ଇରାନରୁ ଆସିଛି?' ଏହି ଶୀର୍ଷକରେ ବି ଆଲୋଚନା ହୋଇସାରିଛି। ଇରାନରେ ଚାରୋଟି ସ୍ଥାନର ନାମ 'କୋଣାର୍କ' ରହିଛି। ଏଇ ଚାରୋଟି ସ୍ଥାନ ୪ଟି ଗାଁ। ଇରାନର ଗୋଲ୍‌ହାର ସ୍ଥାନଟି କୋଣାର୍କର ଗୋଲରା ଜଙ୍ଗଲ ଏବଂ 'ଗୋଲରାଗଡ଼' ସହିତ ସାମଞ୍ଜସ୍ୟ ରଖୁଛି। ତେଣୁ ....... , କ'ଣ କହିବାକୁ ଚେଷ୍ଟା କରାଯାଉଛି ତାହା ବୁଝିହେଉଛି। ମଗ ବ୍ରାହ୍ମଣମାନେ ଆସିବାରେ ଓଡ଼ିଶାରେ ସୂର୍ଯ୍ୟ ଉପାସନା ଆରମ୍ଭ ହେଲା ଯେମିତି ଯୁକ୍ତି, ଠିକ୍ ସେମିତି ଆଲୋଚ୍ୟ ଶୀର୍ଷକର ନାମକରଣ କରାଯାଇଛି। ସାବଧାନତାର ସହିତ ଚତୁର ମାନସିକତାରେ ଉପସ୍ଥାପନ କରାଯାଇଥିଲା। ସେଥିପାଇଁ ଆମେ କ୍ଷେତ୍ର-ତୀର୍ଥ-ମନ୍ଦିର ପ୍ରସଙ୍ଗ ପର୍ଯ୍ୟାୟକ୍ରମେ ଆଲୋଚନା କରୁଛୁ। ମାନବିକ ଅବବୋଧ ଯିବା ବାଟରେ ଯାଉ, ଏକପାଖିଆ ନ ହେଉ। ଆମେ ଜାଣିଛେ, ଚତୁର ଓ ଚାଲାକ ମଧ୍ୟରେ ସାମାନ୍ୟ ଫରକ ଅଛି। ବିଲୁଆକୁ ଚତୁର କୁହାଯାଏ। କୁଆକୁ ଚାଲାକ କୁହାଯାଏ। ଚତୁର ହୋଇ କ'ଣ ହେଲା ତାହା 'ନୀଳବର୍ଣ୍ଣ ଶୃଗାଳ' କଥାରୁ ଜାଣିଛେ। ଚାଲାକ ହୋଇ କୁଆ କ'ଣ କଲା ତାହା କହିବା ଦରକାର ନାହିଁ।

ସରଳ କଥାରେ ଯଦି ଆମେ ବିଚାର କରିବା, ତେବେ ଜାଣିପାରିବା ଶ୍ରୀପଦ୍ମକେଶର ମନ୍ଦିର ଓଡ଼ିଶା ବାହାର ଶିଳ୍ପୀ ଯଦି ଗଢ଼ିଲେ ତା'ର ତାଲିକା ଦେଇପାରିଥା'ନ୍ତେ। କୋଉଠୁ କେତେ ଶିଳ୍ପୀ ଆସିଲେ ଲେଖିଥା'ନ୍ତେ। ବଙ୍କିମ ଚାଟାର୍ଜୀ ଜାଣିଥିଲେ ବର୍ଣ୍ଣିତ ୧୪ଟି ସ୍ଥାନରେ କେତେ ବଙ୍ଗାଳୀ ଶିଳ୍ପୀ ଥିଲେ ଓ କେତେ ଆସିଥିଲେ ତା'ର ତାଲିକା ଦେଇଥା'ନ୍ତେ। ଆମେ ଯେପରି ତାଲିକା ଜାରି କରୁଛୁ 'ବାୟା ଚକଡ଼ା' ପୋଥି ଆଧାରରେ ସେପରି ପ୍ରମାଣ ତାଙ୍କ ପାଥରେ ଥିଲା କି? ତଥାପି 'ବାଦୀ'ମାନେ ବାୟା ଚକଡ଼ା ପୋଥିକୁ ଅର୍ବାଚୀନ ଓ ମିଛ ତଥା ମନଗଢ଼ା ବୋଲି କହି ବାହାରିଆଙ୍କୁ ପ୍ରକାରାନ୍ତରେ ସମର୍ଥନ କଲାପରି ମନେହୁଏ। କାଳେ କାଳେ ଏଇ 'ବାଦୀ'ମାନେ ଚିନ୍ତା ଓ ଚେତନାକୁ ଅମଡ଼ା ବାଟରେ ନେବାକୁ ଚେଷ୍ଟା କରନ୍ତି। ଏମିତି 'ବାଦୀ' ଥିଲେ ୧୩ ସଂଖ୍ୟକ ସମାଜବାଦୀ; ସାମ୍ୟବାଦୀ, ସବୁଜବାଦୀ, ଗୋ-ବାଦୀ ଓ ମାନବବାଦୀ ଇତ୍ୟାଦି ଇତ୍ୟାଦି। ଏବେ ଆଉଗୋଟେ ବାଦୀ ସଂଯୋଗ ହେଲେ-ଜଳବାୟୁବାଦୀ। ସମୁଦାୟ ୧୪ଟି ବାଦୀ ହେଲେ।

ବାହାରିଆ ଇତିହାସକାର ନିଜ ଇତିହାସ ଏବଂ ଐତିହ୍ୟ ପ୍ରତି ବିଶେଷ ନିଘା ନ ଦେଇ ଆମ ଐତିହ୍ୟକୁ ବ୍ୟବଚ୍ଛେଦ କରିବାର ପ୍ରୟାସ କାହିଁକି କରିଗଲେ ତାହାର ଅଭିପ୍ରାୟ ଅଜଣା ନୁହେଁ। ଅନ୍ୟର ଗୌରବମୟ ଐତିହ୍ୟକୁ ଗୋଳମାଳିଆ କରି ଛୋଟ କରି ଦେଖାଇଲେ ନିଜର ଆଲୋଚକପଣିଆ ଜାହିର କରିହେବ। ଦୁନିଆ ଜାଣିବ। ଅ-ବ-ଚ-ରେ- ବି କିଛି ମାତିବେ। ଗାଆଁର ଅଗାଧୁ ନନ୍ଦମାନେ ମୁରବିପଣିଆରେ ବାହା ହଲାଇବେ। ବାଦୀମାନେ ତାଳିମାରିବେ।

ଆମେ ଜାଣିଛେ ଗଜପତି ନରସିଂହଦେବ କୋଣାର୍କଠାରେ ଯେଉଁ ମନ୍ଦିର ଗଢ଼ିଥିଲେ ତାହା ତୃତୀୟ ମନ୍ଦିର। ପ୍ରଥମ ମନ୍ଦିର କୁଷ୍ଠରୋଗରୁ ଆରୋଗ୍ୟ ହେବାପରେ ଶାମ୍ବ ନିର୍ମାଣ କରିଥିଲେ। ସୂର୍ଯ୍ୟଦେବଙ୍କ ପରାମର୍ଶରେ ସେ ଗଢ଼ିବା କଥା ମିଳେ, ମାତ୍ର ମନ୍ଦିରର ବିଶେଷ ବର୍ଣ୍ଣନା ମିଳେ ନାହିଁ। ଶାମ୍ବଙ୍କ ପ୍ରସଙ୍ଗ ବର୍ଣ୍ଣିତ ପୁରାଣରେ ମଧ୍ୟ ଏ ବିଷୟରେ ଉଲ୍ଲେଖ ନାହିଁ। କେବଳ ସୂର୍ଯ୍ୟଙ୍କର ଏକ ପ୍ରତିମା ନଦୀରୁ ପାଇ ପ୍ରତିଷ୍ଠା କରିବା କଥା ଅଛି। ଦ୍ୱିତୀୟ ମନ୍ଦିରର ସୂଚନା ମାଦଳାପାଞ୍ଜିରୁ ମିଳେ। ରାଜା ପୁରନ୍ଦର କେଶରୀ ୯୩୭-୯୫୦ ମସିହା ମଧ୍ୟରେ କୋଣାର୍କଠାରେ ମନ୍ଦିର ନିର୍ମାଣ କରିଥିଲେ। ଏହି ମନ୍ଦିର ଓ ବିଗ୍ରହ ତୃତୀୟ ମନ୍ଦିର ନିର୍ମାଣ ବେଳେ ଅପସାରଣ କରାଯାଇଥିବା କଥା 'ବାୟା ଚକଡ଼ା'ରୁ ମିଳୁଥିବାରୁ ମାଦଳାପାଞ୍ଜିର ସୂଚନା ଠିକ୍ ବୋଲି ଅନୁଭବ ହୁଏ।



ପୂଜା ପାଉଥିବା ମାଦଳାପାଞ୍ଜି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ତେଲ କମ୍ପାନୀ ଏଫ୍‌ଡିଆଇ ସୀମା ବଢ଼ିପାରେ

**ନୂଆଦିଲ୍ଲୀ,୨୦।୬:** କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକରେ ପୁଞ୍ଜି ପ୍ରତ୍ୟାହାର ଯୋଜନାକୁ ଆଗକୁ ବଢ଼ାଉଛନ୍ତି। ଏ କ୍ଷେତ୍ରରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ(ଏଫ୍‌ଡିଆଇ) ନିୟମ ପ୍ରତିବନ୍ଧକ ହେଉଛି। ଏହି ସମସ୍ୟାକୁ ଦୂର କରିବା ଲାଗି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରାୟତ୍ତ ତେଲ ଏବଂ ବାଷ୍ପ କମ୍ପାନୀରେ ୧୦୦% ଏଫ୍‌ଡିଆଇକୁ ଅନୁମତି ଦେବାଲାଗି ପ୍ରସ୍ତାବ ପ୍ରସ୍ତୁତ ହୋଇଛି। ଡ୍ରାଫ୍ଟ କ୍ୟାବିନେଟ ନୋଟ ଉପରେ ବିଭିନ୍ନ ବିଭାଗର ମଞ୍ଜୁରୀ ଲୋଡାଯାଇଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି।

### ଜେଇଇ, ନିଟ୍ ଲାଗି ଆକାଶର ନୂଆ ଆପ୍

**ଭୁବନେଶ୍ୱର,୨୦।୬:** ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ ପକ୍ଷରୁ ନୂଆ ଆକାଶ ଆପ୍ ଶୁଭାରମ୍ଭ ହୋଇଛି। ଜେଇଇ, ନିଟ୍ ପ୍ରସ୍ତୁତି ଲାଗି ଏହା ଛାତ୍ରୀଛାତ୍ରଙ୍କୁ ସୁବିଧା ପ୍ରଦାନ କରିବ। ଏହା ଆଣ୍ଡ୍ରଏଡ ପ୍ଲେ ଷ୍ଟୋର ଏବଂ ଆପଲ୍ ଆପ୍ ଷ୍ଟୋରରେ ଉପଲବ୍ଧ ରହିଛି। ଏହା ଛାତ୍ରୀଛାତ୍ରଙ୍କ ସ୍ୱତନ୍ତ୍ର ପଠନ ଆବଶ୍ୟକତା ପ୍ରତି ଧ୍ୟାନ ପ୍ରଦାନ କରିଥାଏ। ଯାହା ଫଳରେ ଜେଇଇ ଏବଂ ନିଟ୍ ପାଇଁ ଉପଯୁକ୍ତ ଭାବେ ପ୍ରସ୍ତୁତିରେ ଏହା ସହାୟକ ହୋଇଥାଏ। ଏହି ଆପ୍ ୧୧, ୧୨ ଏବଂ ୧୨ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ଜେଇଇ ଏବଂ ନିଟ୍ ପ୍ରସ୍ତୁତିରେ ସହାୟକ ହୋଇପାରିବ। ଏହି ଆପ୍ ଦ୍ୱାରା ଅଭିଜ୍ଞ ଫାକଲ୍‌ଟିଙ୍କ ଦ୍ୱାରା ଛାତ୍ରୀଛାତ୍ର ଶିକ୍ଷା ଲାଭ କରିପାରିବେ। ଆପ୍‌ଟି ଆକାଶ ଏବଂ ବାଇଜୁର ପ୍ରମାଣିତ ଆକାଡେମିକ କୌଶଳ ଆଧାରରେ ପ୍ରସ୍ତୁତ ଜେଇଇ ଏବଂ ନିଟ୍‌ର ସମ୍ପୂର୍ଣ୍ଣ ସିଲାବସ୍‌କୁ ଭିଡିଓ ଓ ପ୍ରାକ୍ଟିସ ସେସନ୍ ମାଧ୍ୟମରେ ବୁଝାଯାଉଛି। ଟେକ୍ନୋଲୋଜି ଦ୍ୱାରା ଛାତ୍ରୀଛାତ୍ରଙ୍କ ପଠନ ଦକ୍ଷତା ବୃଦ୍ଧି ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିରେ ସହାୟତା କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଆକାଶର ପରିଚାଳନା ନିର୍ଦ୍ଦେଶକ ଆକାଶ ଚୌଧୁରୀ ସୂଚନା ଦେଇଛନ୍ତି।

# ଅର୍ଥ ବ୍ୟବସ୍ଥା ପାଇଁ ଆସିପାରେ ଅଧିକ ପଦକ୍ଷେପ

## ସରକାର ସବୁ ରାସ୍ତା ଖୋଲା ରଖିଛନ୍ତି: ସିଇଏ ସୁବ୍ରମଣ୍ୟନ



**ନୂଆଦିଲ୍ଲୀ,୨୦।୬**

କରୋନା ମହାମାରୀ ଦ୍ୱିତୀୟ ଲହର ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ପ୍ରଭାବିତ ହୋଇ ରହିଛି। କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ପୁଣି ଥରେ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପକ୍ଷରୁ ଅଧିକ ପଦକ୍ଷେପ ଆସି ପାରେ। ଏ କ୍ଷେତ୍ରରେ ସରକାର ଅଧିକ ପଦକ୍ଷେପ ଲାଗି ରାସ୍ତା ଖୋଲା ରଖିଛନ୍ତି ବୋଲି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କେ.ଭି.ସୁବ୍ରମଣ୍ୟନ ରବିବାର କହିଛନ୍ତି। ସରକାର ଫେବୃୟାରୀ ମାସରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ସତ୍ତ୍ୱେ ନୂଆ ପ୍ରୋତ୍ସାହନ ପ୍ୟାକେଜ ନେଇ ବିଭିନ୍ନ ମହଲରୁ ଦାବି ଉଠିଛି। ଏହାର ବିଭିନ୍ନ ଦିଗକୁ ମଧ୍ୟ ସରକାର ବିଚାର କରିବାକୁ ରହିଛି ବୋଲି ସେ ମତ ପ୍ରକାଶ କରିଛନ୍ତି। ଦ୍ୱିତୀୟ ଲହରରେ ଆସିଥିବା ପ୍ରଭାବକୁ କମ୍ କରିବା ଲାଗି ସରକାର ୩ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରନ୍ତୁ ବୋଲି ଶିଳ୍ପ ସଂଘ ଗୁଡ଼ିକ ଦାବି ଉଠାଇଛନ୍ତି। ଏହା ଉପରେ ସିଇଏ ସ୍ପଷ୍ଟୀକରଣ ରଖିଥିବା ଜଣାପଡିଛି।

ରିଜର୍ଭ ବ୍ୟାଙ୍କର ଆକଳନ ଅନୁସାରେ ଦ୍ୱିତୀୟ ଲହର ଯୋଗୁ ଜିଡିପିକୁ ୨ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିବ। ସୁବ୍ରମଣ୍ୟନ କହିଛନ୍ତି, ଗତବର୍ଷ ଭଳି ଅଧିକ ପଦକ୍ଷେପ ନେବାକୁ ରାସ୍ତା ଖୋଲା ରହିଛି। ମାତ୍ର ଗତବର୍ଷ ଏବଂ ଚଳିତବର୍ଷ କ'ଣ ସବୁ ବଡ ବ୍ୟବଧାନ ରହିଛି ତାକୁ ବିଚାର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ଏକ ସାକ୍ଷାତ୍‌କାରରେ ସେ ମତ ପ୍ରକାଶ କରିଛନ୍ତି। ସରକାର ବଜେଟରେ ଭିତ୍ତିଭୂମି ଖର୍ଚ୍ଚକୁ ଗୁରୁତ୍ୱ ଦେଇଛନ୍ତି। ଅଣ ସଙ୍ଗଠିତ କ୍ଷେତ୍ରଗୁଡ଼ିକରେ ନିଯୁକ୍ତି ସୃଷ୍ଟି, ବଜାର ଚାହିଦା ଫେରାଇ ଆଣିବା ଭଳି ବିଭିନ୍ନ ଦିଗକୁ ଧ୍ୟାନରେ ରଖାଯାଇଛି। ନିର୍ମାଣ କ୍ଷେତ୍ରରେ ଖର୍ଚ୍ଚକୁ ସରକାର ୧୫% ବଢ଼ାଇଛନ୍ତି। ଫଳରେ ମୋଟ ଜିଡିପିରେ ସ୍ଥିର ପୁଞ୍ଜି ସୃଷ୍ଟି ପ୍ରାୟ ୩୪% ବଢ଼ିଛି। ଆର୍ଥିକ ସୁଧାର ଫେରାଇ ଆଣିବା ଲାଗି ସରକାର ସାଧ୍ୟମତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ସେ ମତ ରଖିଛନ୍ତି।

ଏଭଳି ପଦକ୍ଷେପ ମଧ୍ୟରେ ୮୦ କୋଟି ଲୋକଙ୍କୁ ଆଗାମୀ ନଭେମ୍ବର ଯାଏ ମାଗଣା ଖାଦ୍ୟ ଶସ୍ୟ ଯୋଗାଣ, ଗରିବ କଲ୍ୟାଣ ଯୋଜନାର ସମୟ ଅବଧି ବୃଦ୍ଧି ଯୋଗୁ ଅତିରିକ୍ତ ୭୦ ହଜାର କୋଟି ଖର୍ଚ୍ଚ ଏବଂ ସମସ୍ତଙ୍କୁ ମାଗଣା ଟିକାକରଣ ଭଳି କାର୍ଯ୍ୟକ୍ରମ ସାମିଲ ରହିଛି। ଆର୍ଥିକ ସୁଧାରକୁ ଫେରାଇ ଆଣିବାରେ ଟିକାକରଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଦ୍ୱିତୀୟ ଲହର ଯୋଗୁ ଅର୍ଥ ବ୍ୟବସ୍ଥା ଏତେଟା ପ୍ରଭାବିତ ହେବନି ବୋଲି ସେ ମତ ପ୍ରକାଶ କରିଛନ୍ତି।

## ଡାକ ବିଭାଗର ବିଶେଷ ରଦ୍ଦକରଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୦।୬**

ଚଳିତ ମାସ ୨୧ରେ ବିଶ୍ୱ ଯୋଗ ଦିବସର ମହତ୍ତ୍ୱ ପ୍ରତିପାଦନ ନିମିତ୍ତ ଭାରତୀୟ ଡାକ ବିଭାଗ ପକ୍ଷରୁ ଏକ ବିଶେଷ ରଦ୍ଦକରଣ (ସ୍ପେଶାଲ କ୍ୟାନସେଲେଶନ) ଜାରି କରୁଛି। ଏହି ଅନନ୍ୟ ପଦକ୍ଷେପ ସପ୍ତମ ଅନ୍ତର୍ଜାତୀୟ ଯୋଗ ଦିବସକୁ ସ୍ମରଣୀୟ କରିବ। ବିଭାଗ ପକ୍ଷରୁ ସାରା ଦେଶରେ ଏହାର ୮୧୦ ପ୍ରଧାନ ଡାକଘର ମାଧ୍ୟମରେ ଏକ ଚିତ୍ରିତ ରେଖାଙ୍କନ ସହିତ ଏକ ବିଶେଷ ରଦ୍ଦକରଣ ପ୍ରଦାନ କରିବ। ଏପ୍ରକାର ସର୍ବବୃହତ୍ ଏକକାଳୀନ ଡାକଟିକଟ ସଂଗ୍ରହ ସ୍ମୃତିଚାରଣ ମଧ୍ୟରେ ଏହା ପରିଗଣିତ ହେବାକୁ ଯାଉଛି। ଭୁବନେଶ୍ୱର ଜିପିଓ ଏବଂ ଖୋର୍ଦ୍ଧା ପ୍ରଧାନ ଡାକଘର ଆନୁକୂଲ୍ୟରେ ଡାକଟିକଟ ସଂଗ୍ରହର ଏକ ବ୍ୟାପକ ଆଦୃତି ରହିଛି। ଏହି ଅଫିସ ମାଧ୍ୟମରେ ୯୯୩ ସଂଖ୍ୟକ ଫିଲାଟେଲିକ ଜମାଖାତା ଖୋଲାଯାଇଛି। ଭୁବନେଶ୍ୱର ଜିପିଓ ଏବଂ ଖୋର୍ଦ୍ଧା ପ୍ରଧାନ ଡାକଘରେ ଏକ ବିଶେଷ ରଦ୍ଦକରଣ କାର୍ଯ୍ୟକ୍ରମ ଭର୍ଚୁଆଲ ମୋଡରେ ଅନୁଷ୍ଠିତ ହେବ। ଓଡିଶା ଡାକ ପରିମଣ୍ଡଳର ନିର୍ଦ୍ଦେଶକ (ମୁଖ୍ୟାଳୟ) ଆଦିତ୍ୟ କୁମାର ନାୟକ ଏହାକୁ ଉନ୍ମୋଚନ କରିବେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଡାକ ମଣ୍ଡଳର ବରିଷ୍ଠ ଡାକ ଅଧୀକ୍ଷକ ବସନ୍ତ କୁମାର ପଣ୍ଡା, ଭୁବନେଶ୍ୱର ଜିପିଓର ବରିଷ୍ଠ ଡାକପାଳ ଜୁଏଲ ମୁଣ୍ଡା ଉପସ୍ଥିତ ରହିବେ।

## ରିଲାଏନ୍ସ ବୋର୍ଡରେ ରହିପାରେ ସାଉଦି ଆରାମକୋ

**ନୂଆଦିଲ୍ଲୀ,୨୦।୬**

ରିଲାଏନ୍ସ ବୋର୍ଡରେ ସାଉଦି ଆରାମକୋର ଅଧ୍ୟକ୍ଷ ସାମିଲ ହୋଇପାରନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏବଂ ସାଉଦି ଆରାମକୋ ମଧ୍ୟରେ ୧୫ ବିଲିୟନ ଡଲାରର ମେଗାଡିଲକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଜୋର ଧରିଛି। ରିପୋର୍ଟ ମୁତାବକ, ସାଉଦି ଆରାମକୋ ଅଧ୍ୟକ୍ଷ ଏବଂ ସାଉଦି ଆରବ ପବ୍ଲିକ ଫଣ୍ଡର ଗଭର୍ନର ୟାସିର ଅଲ୍ ରୁମାୟନଙ୍କୁ ରିଲାଏନ୍ସର ବୋର୍ଡରେ ସାମିଲ କରାଯାଇପାରେ। ୨୪ ଜୁନ୍‌ରେ କମ୍ପାନୀର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏଠାରେ ଏ ନେଇ ଗୁରୁତ୍ୱପୂର୍ଣ୍ଣ ଘୋଷଣା ହୋଇପାରେ ବୋଲି ଶୁଣିବାକୁ ମିଳୁଛି।

## ଆଇସିସି'ର ୱିଶେୟାର ଅଭିଯାନ

### କ୍ଷୁଦ୍ର ବ୍ୟବସାୟୀଙ୍କୁ ସାହାଯ୍ୟ କରିବାକୁ ପ୍ରୟାସ

**ଭୁବନେଶ୍ୱର,୨୦।୬**

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ମହିଳା ଉଦ୍ୟୋଗୀ କମିଟି ଆନୁକୂଲ୍ୟରେ 'ୱିଶେୟାର' ଅଭିଯାନ ଆରମ୍ଭ ହୋଇଛି। ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଏହାର ଶୁଭାରମ୍ଭ କରିଥିଲେ। ଏହା ହେଉଛି ଏକ ଡିଜିଟାଲ ଅଭିଯାନ; ଯେଉଁଥିରେ ମହାମାରୀ ପ୍ରଭାବିତ ବ୍ୟବସାୟୀ ଏବଂ କ୍ଷୁଦ୍ର ସଂସ୍ଥାଗୁଡିକୁ ସାହାଯ୍ୟ ପ୍ରୟାସ କରାଯିବ। ଏହାକୁ ଭୋକାଲ ଫର ଲୋକାଲର ବଳିଷ୍ଠ ଉଦାହରଣ ଭାବେ ବିବେଚନା କରାଯାଉଛି। ସାମାଜିକ ଗଣମାଧ୍ୟମରେ ଚାଲିବାକୁ ଥିବା ଏହି ଅଭିଯାନରେ ବ୍ୟବସାୟୀମାନଙ୍କୁ ଡିଜାଇନ, ପ୍ରସାର, ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ଓ ସଚେତନା ସୃଷ୍ଟି ଭଳି ସୁବିଧା ପ୍ରଦାନ କରାଯିବ। ଓଡ଼ିଆ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଏହି ଅଭିଯାନର ଅଫିସିଆଲ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ମିଶ୍ର କହିଛନ୍ତି, ଓଡ଼ିଶାରେ ଅସୁମାରୀ ସୁଯୋଗର ଭଣ୍ଡାର ରହିଛି। ପରିବେଶ ପ୍ରତି ଯତ୍ନବାନ ହେବା ଏବଂ ଏହାର ସଂରକ୍ଷଣ, ଉତ୍କୃଷ୍ଟ ମାନବ ସମ୍ବଳ ଏବଂ ଶ୍ରମ ଶକ୍ତିରେ ମହିଳାଙ୍କ ଯୋଗଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା, ଆଇସିସି ଓଡ଼ିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ଜେ.ବି.ପାଣି, ସହ ଅଧ୍ୟକ୍ଷ ମହେନ୍ଦ୍ର ଗୁପ୍ତା, ମହିଳା ଉଦ୍ୟୋଗୀ କମିଟି ସଂଯୋଜିକା ସୁକୀର୍ତ୍ତି ପଟ୍ଟନାୟକ ଏବଂ ସହ ସଂଯୋଜିକା ଚିଦମ୍ବିକା ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଡିଏଫ୍‌ସି ଫାର୍ଷ୍ଟର କୋଭିଡ୍ ସହାୟତା

**ଭୁବନେଶ୍ୱର,୨୦।୬**

ଆଇଡିଏଫସି ଫାର୍ଷ୍ଟ ବ୍ୟାଙ୍କ ଏହାର ସ୍ୱଳ୍ପ ଆୟ କରୁଥିବା ଗ୍ରାହକଙ୍କ ପାଇଁ କର୍ମଚାରୀମାନଙ୍କ ଦ୍ୱାରା ଅନୁଦାନ ପ୍ରାପ୍ତ ଘର ଘର ରାଶନ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଜୀବିକା କୋଭିଡ୍-୧୯ ଦ୍ୱାରା ଜୀବିକା ପ୍ରଭାବିତ ହେବା ଏବଂ ପ୍ରାଣ ହରାଇଥିବା କର୍ମଚାରୀଙ୍କ ପରିବାର ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ଘୋଷଣା କରିବା ସହ ଭୂତାଣୁ ବ୍ୟାପିବାକୁ ନିୟନ୍ତ୍ରଣ କରିବା ଲାଗି ଅନେକ ସାମାଜିକ ପଦକ୍ଷେପ ହାତକୁ ନିଆଯାଇଛି। ଏଭଳି କାର୍ଯ୍ୟକ୍ରମ ଦ୍ୱାରା କର୍ମଚାରୀମାନେ ସେମାନଙ୍କର ବ୍ୟକ୍ତିଗତ ଆୟରୁ ଗ୍ରାହକ କୋଭିଡ୍ କେୟାର ଫଣ୍ଡ ସ୍ଥାପନ କରି ୫୦ ହଜାର କୋଭିଡ୍ ପ୍ରଭାବିତ ସ୍ୱଳ୍ପ ଆୟକାରୀ ଆଇଡିଏଫସି ଫାର୍ଷ୍ଟ ବ୍ୟାଙ୍କ ଗ୍ରାହକଙ୍କୁ ରିଲିଫ ଯୋଗାଇବାରେ ସହଯୋଗ କରିଛନ୍ତି।

# ସୁଇସ ବ୍ୟାଙ୍କରୁ ତଥ୍ୟ ମଗାଗଲା

**ନୂଆଦିଲ୍ଲୀ,୨୦।୬**

ସୁଇସ୍ ବ୍ୟାଙ୍କରେ ଭାରତୀୟଙ୍କ ଜମା ବଢିଥିବା ଏକ ରିପୋର୍ଟ ନିକଟରେ ଆସିଥିଲା। ଭାରତୀୟଙ୍କ କଳାଧନ ବଢିଥିବା ଏହି ରିପୋର୍ଟକୁ ଆଧାର କରି ସାରା ଦେଶରେ ଚର୍ଚ୍ଚା ଜୋର ଧରିଥିଲା। ରବିବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଏକ ସ୍ପଷ୍ଟୀକରଣ ଜାରି କରାଯାଇଛି। କଳାଧନ ବଢିଥିବା ରିପୋର୍ଟ ଭୁଲ୍ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ସୁଇସ କର୍ତ୍ତୃପକ୍ଷ କହିଥିଲେ, ଭାରତୀୟଙ୍କ ଜମା ଗୋଟିଏ ବର୍ଷରେ ପ୍ରାୟ ୩ ଗୁଣ ବଢିଛି। କୋଭିଡ୍ ସମୟରେ ଜମାରେ ଏଭଳି ବୃଦ୍ଧି ହୋଇଥିବା କୁହାଯାଇଛି। ସୁଇସ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ରିପୋର୍ଟ ମୁତାବକ, ୨୦୨୦ ଶେଷ ଯାଏ ଭାରତୀୟଙ୍କ ଜମା ବୃଦ୍ଧି ହୋଇ ୨୦,୭୦୦ କୋଟି ଟଙ୍କା ଛୁଇଁଛି। ୨୦୧୯ ଶେଷ ଯାଏ




ଏହା ୬୬୨୫ କୋଟି ଟଙ୍କା ରହିଥିଲା।

୨୦୨୦ ଶେଷ ଯାଏ ଜମାର ହାର ୧୩ ବର୍ଷର ରେକର୍ଡ ଭାଙ୍ଗିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସୁଇସ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଏଭଳି ତଥ୍ୟ ଜାରି କରାଯାଇଥିବା ବେଳେ ଭାରତୀୟମାନେ ସେଠାରେ କେତେ କଳାଟଙ୍କା ଲୁଚାଇ ରଖିଛନ୍ତି ସେ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଭାରତ ସରକାର କହିଛନ୍ତି ଯେ, ଭାରତୀୟ ନାଗରିକ, ପ୍ରବାସୀ ଭାରତୀୟ କିମ୍ବା ଅନ୍ୟ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ବିଭିନ୍ନ ଦେଶରେ ଚାଲୁଥିବା ସଂସ୍ଥା ଦ୍ୱାରା କରିଥିବା ଜମା ସମ୍ପର୍କରେ କିଛି ସୂଚନା ସୁଇସ କର୍ତ୍ତୃପକ୍ଷ ଦେଇନାହାନ୍ତି। ଅର୍ଥ ମନ୍ତ୍ରଣାଳୟ ମୁତାବକ, ଭାରତୀୟଙ୍କ ଜମା ୨୦୧୯ରେ ନିମ୍ନ ସ୍ତରକୁ ଆସିଥିଲା। ସେହିଭଳି ଟ୍ରଷ୍ଟଗୁଡିକର ଜମା ମଧ୍ୟ ଅନେକ ପରିମାଣରେ ଖସିଛି। ବଣ୍ଡ, ସିକ୍ୟୁରିଟିଜ ଏବଂ ଅନ୍ୟ ଫାଇନାନ୍ସିଆଲ ଇନଷ୍ଟ୍ରୁମେଣ୍ଟରେ ଲୋକମାନେ ଅଧିକ ନିବେଶ କରିଛନ୍ତି। ଭାରତ ସରକାର ଏ ସଂକ୍ରାନ୍ତ ରିପୋର୍ଟ ଉପରେ ବିସ୍ତୃତ ତଥ୍ୟ ବର୍ତ୍ତମାନ ମାଗିଛନ୍ତି। ବିଭିନ୍ନ ଦିଗକୁ ସରକାର ତର୍ଜମା କରିବେ ବୋଲି ଜଣାପଡିଛି। ଉଲ୍ଲେଖଯୋଗ୍ୟ, ଟିକସ ମାମଲା ସଂକ୍ରାନ୍ତ ତଥ୍ୟ ଆଦାନ ପ୍ରଦାନ ଲାଗି ଭାରତ ଏବଂ ସୁଇଜରଲାଣ୍ଡ ଚୁକ୍ତିରେ ସାମିଲ ହୋଇଛନ୍ତି।

## ଖେଳ ଖବର

## ଭର୍ଷ୍ଟାପେନ୍ ଜିତିଲେ ଫ୍ରେଞ୍ଚ୍ ଗ୍ରାଁ ପ୍ରି




ମାକ୍ସ ଭର୍ଷ୍ଟାପେନ୍ (ଡାହାଣ) ମର୍ସିଡିଜ ଡ୍ରାଇଭର ଲୁଇସ୍ ହାମିଲଟନଙ୍କ ସହ ଖୁସି ମନାଉଛନ୍ତି।

**ଲି କାଷ୍ଟିଲେଟ୍,୨୦।୬ (ଏପି):** ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇ ପୂର୍ବତନ ଫର୍ମୁଲା ୱାନ ଚାମ୍ପିୟନଶିପ୍ ଲିଡର ମାକ୍ସ ଭର୍ଷ୍ଟାପେନ୍ ଫ୍ରେଞ୍ଚ ଓପନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଏଥିସହିତ ଚାମ୍ପିୟନଶିପ୍ ଟେବୁଲରେ ସେ ତାଙ୍କ ଟାଇଟଲ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୧୨ ପଏଣ୍ଟ ଅଗ୍ରଣୀ ଲାଭ କରିପାରିଛନ୍ତି। ଚଳିତ ସିଜନରେ ଭର୍ଷ୍ଟାପେନ୍‌ଙ୍କର ଏହା ତୃତୀୟ ଏବଂ କ୍ୟାରିୟରର ୧୩ତମ ଟାଇଟଲ। ରେଡ୍‌ବୁଲ ପାଇଁ ରବିବାର ଏକ ବଡ଼ ଦିନ ଥିଲା। ଦ୍ରୁତତ୍ତମ ଲାପ୍ ପାଇଁ ଭର୍ଷ୍ଟାପେନ୍‌ଙ୍କୁ ଏକ ବୋନସ ପଏଣ୍ଟ ମିଳିଛି। ସର୍ଦ୍ଦର୍ନ ଫ୍ରାନ୍ସ ଅନ୍ତର୍ଗତ ପଲ ରିକାର୍ଡ ସର୍କିଟରେ ଏହି ଟିମ୍ ମର୍ସିଡିଜ୍‌କୁ ପ୍ରଥମ ଥର ପରାସ୍ତ କରିବାରେ ସମର୍ଥ ହୋଇଛି। ଚଳିତ ସିଜନର ୭ଟି ରେସ୍ ପରେ ଭର୍ଷ୍ଟାପେନ୍‌ଙ୍କ ପଏଣ୍ଟ ସଂଖ୍ୟା ୧୩୧ରେ ପହଞ୍ଚିଥିବାବେଳେ ହାମିଲଟନଙ୍କ ପଏଣ୍ଟ ସଂଖ୍ୟା ୧୧୯ ରହିଛି। ରେଡ୍‌ବୁଲ୍‌ର ସର୍ଗିଓ ପେରେଜ ମର୍ସିଡିଜର ଭାଲଟେରି ବୋଟାସଙ୍କୁ ପଛରେ ପକାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଫଳରେ କନ୍‌ଷ୍ଟ୍ରକ୍ଟର୍ସ ଚାମ୍ପିୟନଶିପ୍‌ରେ ରେଡ୍‌ବୁଲ୍‌ର ସ୍ଥିତି ଅଧିକ ସୁଦୃଢ଼ ହୋଇ ପାରିଛି। ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ଓ ଡାନିଏଲ ରିକାର୍ଡୋ ଯଥାକ୍ରମେ ୫ମ ଓ ୬ଷ୍ଠ ହୋଇଥିବାବେଳେ ୭ମରୁ ୧୦ମ ସ୍ଥାନ ଯଥାକ୍ରମେ ପିଏରେ ଗାସ୍‌ଲି (ଆଲ୍‌ଫା ତାଉରି), ଫର୍ନାଣ୍ଡୋ ଆଲୋଁସୋ(ଆଲପାଇନ୍), ସେବାଷ୍ଟିଆନ ଭେଟେଲ (ଆଷ୍ଟନମାର୍ଟିନ) ଓ ଲାନ୍ସ ଷ୍ଟ୍ରୋଲ (ଆଷ୍ଟନ ମାର୍ଟିନ) ଅଧିକାର କରିଥିଲେ।

## ଦ୍ୱିତୀୟ ଟେଷ୍ଟ: ଦକ୍ଷିଣ ଆଫ୍ରିକା ଅଗ୍ରଣୀ




ଉଇକେଟ ହାସଲ କରିବା ପରେ ଲୁନଗି ଏନଗିଡ଼ିଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ଗ୍ରସ୍ ଆଇଲେଟ, ୨୦।୬:** ଡାରେନ ସାମି ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। ଟସ୍ ହାରି ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୧୨.୪ ଓଭରରେ ୨୯୮ ରନକରି ଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ୫୪ ଓଭରରେ ୧୪୯ ରନକରି ଅଲଆଉଟ ହୋଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ୧୪୯ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ରବିବାର ତୃତୀୟ ଦିବସ ଦ୍ୱିତୀୟ ସେସନରେ ୱେଷ୍ଟଇଣ୍ଡିଜ୍ ୬ ଉଇକେଟ ହରାଇ ୫୯ ରନ୍ ସଂଗ୍ରହ କରିଛି।

## ଟ୍ରକ୍ ମାଡ଼ିଯିବାରୁ ୬ ସାଇକ୍ଲିଷ୍ଟ ଗୁରୁତର

**ଶୋ ଲୋ (ଯୁକ୍ତରାଷ୍ଟ୍ର ଆମେରିକା), ୨୦।୬ (ଏପି):** ଆରିଜୋନାରେ ଶନିବାର ଅନୁଷ୍ଠିତ କମ୍ୟୁନିଟି ରୋଡ୍ ରେସ୍ ବେଳେ ଏଥିରେ ଭାଗ ନେଇଥିବା ବାଇସାଇକ୍ଲିଷ୍ଟଙ୍କ ଉପରେ ଏକ ପିକ୍‌ଅପ୍ ଟ୍ରକ୍ ମାଡ଼ିଯିବାରୁ ବହୁ ରାଇଡର ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଟ୍ରକ୍ ଚାଳକ ଜଣକ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ନିକଟବର୍ତ୍ତୀ ଏକ ହାର୍ଡୱେର ଷ୍ଟୋର ନିକଟରେ ପୋଲିସ ତାଙ୍କ ଉପରେ ଗୁଳିଚାଳନା କରିଛି। ଫୋନିକ୍ସଠାରୁ ଉତ୍ତରପୂର୍ବରେ ୩ଘଣ୍ଟାର ବାଟ ଅତିକ୍ରମ କରିବା ପରେ ଅବସ୍ଥିତ ମାଉଣ୍ଟେନ ଟାଉନ୍ ଶୋ ଲୋ'ଠାରେ ଏହି ଦୁର୍ଘଟଣା ଘଟିଛି। ସନ୍ଦିଗ୍ଧ ଡ୍ରାଇଭର ଜଣଙ୍କ ବୟସ ୩୫ ବର୍ଷ। ତାଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପୋଲିସକୁ କେଉଁ ପରିସ୍ଥିତିରେ ଗୁଳିଚାଳନା କରିବାକୁ ପଡ଼ିଲା ତାହା ସ୍ପଷ୍ଟ ହୋଇ ନାହିଁ।

## ଅଲିମ୍ପିକ ପ୍ରସ୍ତୁତି ପାଇଁ ବିସିସିଆଇ ଦେବ ୧୦ କୋଟି

**ନୂଆଦିଲ୍ଲୀ, ୨୦।୬(ପି.ଟି.):** ଅଲିମ୍ପିକ୍ସରେ ଭାଗନେବାକୁ ଥିବା ଭାରତୀୟ ଆଥ୍‌ଲେଟମାନଙ୍କ ଟ୍ରେନିଂ ଓ ପ୍ରସ୍ତୁତି ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୧୦ କୋଟି ଟଙ୍କା ସହାୟତା ଦେବ। ବିସିସିଆଇ ଆପେକ୍ସ କାଉନ୍‌ସିଲର ଏକ ଜରୁରୀ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବୋର୍ଡ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ପ୍ରମୁଖ ଯୋଗ ଦେଇଥିଲେ। ସହାୟତା ରାଶିକୁ କାହାକୁ କିପରି ଦିଆଯିବ ତାହା କ୍ରୀଡ଼ା ମନ୍ତ୍ରଣାଳୟ ଓ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସହ ଆଲୋଚନା ପରେ ସ୍ଥିର କରାଯିବ। ଟୋକିଓ ଅଲିମ୍ପିକ ଗେମ୍ସ ଜୁଲାଇ ୨୩ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ଲି' ନିଙ୍ଗ୍ ଅଲିମ୍ପିକ୍ସରେ ଭାଗ ନେବାକୁ ଥିବା ଭାରତୀୟ ଦଳର କିଟ୍ ପ୍ରାୟୋଜକ ହୋଇସାରିଛି।

# ସ୍ପେନ୍-ପୋଲାଣ୍ଡ ମ୍ୟାଚ୍ ଡ୍ର

**ସେଭିଲ,୨୦।୬**

### ୟୁରୋକପ୍ ଫୁଟ୍‌ବଲ

ୟୁରୋକପ୍‌ରେ ଗ୍ରୁପ୍ ଇ'ରେ ଶନିବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ସ୍ପେନ୍ ଓ ପୋଲାଣ୍ଡ ପରସ୍ପରକୁ ଭେଟିଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ସ୍ପେନ୍ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେବାରେ ବିଫଳ ହୋଇଥିଲା। ଫଳରେ ଏବେ ସ୍ପେନ୍ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡିବାର ସମ୍ଭାବନା ସୃଷ୍ଟି ହୋଇଛି। ଅନ୍ୟପଟେ ଆଉ ଗୋଟିଏ ପରାଜୟ ବରଣ କଲେ ପୋଲାଣ୍ଡର ନକ୍‌ଆଉଟ ଆଶା ଶେଷ ହେବ। ୨୫ତମ ମିନିଟ୍‌ରେ ଅଲଭାରୋ ମୋରାଟା ଗୋଲ ଦେଇ ସ୍ପେନକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ୫୪ତମ ମିନିଟ୍‌ରେ ପୋଲାଣ୍ଡ ତରଫରୁ ରବର୍ଟ ଲେୱାଣ୍ଡୋସ୍କି ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନ ସ୍ଥିତିକୁ ଆଣିଥିଲେ। ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ଓ ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ଆମେ ଆଉ ଏକ ବିଜୟ ହାତଛଡ଼ା କରିଛୁ ବୋଲି ମୋରାଟା ସ୍ୱୀକାର କରିଛନ୍ତି। ସାରା ମ୍ୟାଚ୍‌ରେ ସ୍ପେନର ଆଧିପତ୍ୟ ଦେଖିବାକୁ ମିଳିଥିଲା। କିନ୍ତୁ ସ୍ପେନ୍ ବିଜୟୀ ହୋଇପାରି ନ ଥିଲା। ମ୍ୟାଚ୍ ଫଳାଫଳ ନେଇ ସ୍ପେନ୍ ମିଡ୍ ଫିଲ୍ଡର ରୋଡ୍ରି ହେର୍ନାଣ୍ଡିଜ ନୈରାଶ୍ୟ ଜାହିର କରିଛନ୍ତି। ଏହା ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ଭଲ ଖେଳିଥିଲେ ମଧ୍ୟ ସ୍ୱିଡେନକୁ ହରାଇପାରି ନ ଥିଲା। ଫଳରେ ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଡ୍ର ରହିଥିଲା।

ଏଥିସହ ଗ୍ରୁପ୍ ଇ'ରେ ସ୍ପେନ ଦୁଇଟି ମ୍ୟାଚ୍ ଖେଳି ଦୁଇଟି ଡ୍ର ସହ ୨ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ସେହିପରି ପୋଲାଣ୍ଡ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ପରାଜୟ ଓ ଗୋଟିଏ ଡ୍ର ସହ ୧ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ସ୍ୱିଡେନ ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଶୀର୍ଷରେ ରହିଛି।




ଗୋଲ୍‌ସ୍କୋର କରିବା ପରେ ପୋଲାଣ୍ଡର ରବର୍ଟ ଲେୱାଣ୍ଡୋସ୍କି (ଡାହାଣ)।

### ଇଟାଲୀ, ୱେଲ୍ସ ନକ୍‌ଆଉଟ୍‌ରେ

**ରୋମ:** ୟୁରୋକପ୍‌ରେ ରବିବାର ଗ୍ରୁପ୍ ଏ'ରେ ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ଇଟାଲୀ ଓ ସୁଇଜରଲାଣ୍ଡ ବିଜୟ ହାସଲ କରିଛନ୍ତି। ରୋମର ଷ୍ଟାଡିଓ ଅଲିମ୍ପିକୋରେ ଇଟାଲୀ ଘରୋଇ ପରିବେଶରୁ ଫାଇଦା ଉଠାଇ ୧-୦ ଗୋଲରେ ୱେଲ୍ସକୁ ହରାଇଛି। ଇଟାଲୀ ତରଫରୁ ୩୯ତମ ମିନିଟ୍‌ରେ ମାଟେଓ ପେସିନା ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରି ଦଳକୁ ଜିତାଇଥିଲେ। ଇଟାଲୀ ପୂର୍ବରୁ ନକ୍ ଆଉଟ୍ ପର୍ଯ୍ୟାୟକୁ ଉଠିସାରିଛି। ଅନ୍ୟପଟେ ପରାଜୟ ସତ୍ତ୍ୱେ ୱେଲ୍ସ ଦ୍ୱିତୀୟ ସ୍ଥାନରେ ରହି ନକ୍‌ଆଉଟକୁ ଉନ୍ନିତ ହୋଇଛି।

### ସୁଇଜରଲାଣ୍ଡ ବିଜୟୀ

ସେହିପରି ଆଜରବୈଜାନର ବାକୁ ଅଲିମ୍ପିକ ଷ୍ଟାଡିୟମରେ ସୁଇଜରଲାଣ୍ଡ ୩-୧ ଗୋଲରେ ତୁର୍କୀକୁ ହରାଇଛି। ସୁଇଜରଲାଣ୍ଡ ତରଫରୁ ହେର୍ଡାନ ସାକିରି ୨୬ ଓ ୬୮ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ସେହିପରି ହାରିସ ସେପେରୋଭିକ୍ ଷଷ୍ଠ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିଲେ। ଅନ୍ୟପଟେ ତୁର୍କୀ ପକ୍ଷରୁ ୬୨ତମ ମିନିଟ୍‌ରେ ଇର୍ଫାନ କାହାଭେକି ଗୋଟିଏ ଗୋଲ ଦେଇଥିଲେ। ସୁଇଜରଲାଣ୍ଡ ବିଜୟ ସତ୍ତ୍ୱେ ନକଆଉଟ ପର୍ଯ୍ୟାୟକୁ ଉଠିପାରିନାହିଁ।

### ଫ୍ରାନ୍ସକୁ ରକ୍ଷା କଲେ ଗ୍ରୀଜମେନ

**ବୁଦାପେଷ୍ଟ:** ୟୁରୋକପ୍‌ରେ ଶନିବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଆଣ୍ଟୋନିଓ ଗ୍ରୀଜମେନ ଫ୍ରାନ୍ସକୁ ପରାଜୟରୁ ରକ୍ଷା କରିଛନ୍ତି। ଏହି ମୁକାବିଲାରେ ଫ୍ରାନ୍ସ ଓ ହଙ୍ଗେରୀ ପରସ୍ପରକୁ ଭେଟିଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ୟୁରୋକପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗତଥର ଚାମ୍ପିୟନ ପର୍ତ୍ତୁଗାଲ ୨-୪ ଗୋଲରେ ଜର୍ମାନୀଠାରୁ ପରାସ୍ତ ହୋଇଛି।

## ଉଗାଣ୍ଡା ଅଲିମ୍ପିକ ଟିମ୍‌ର ଜଣେ ସଦସ୍ୟଙ୍କୁ କରୋନା

**ଟୋକିଓ, ୨୦।୬ (ଏପି)**

ଉଗାଣ୍ଡା ଅଲିମ୍ପିକ ଟିମ୍‌ରେ ଜଣେ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଆଉ ୫ସପ୍ତାହ ପରେ ଟୋକିଓ ଗେମ୍ସ ଆରମ୍ଭ ହେବ। ଏଥିରେ ଭାଗ ନେବା ଲାଗି ଇତିମଧ୍ୟରେ ଯେତେଜଣ ଆଥ୍‌ଲେଟ ଆସି ପହଞ୍ଚିଛନ୍ତି ସେମାନଙ୍କ ମଧ୍ୟରେ ଏହା ପ୍ରଥମ ଦୃଷ୍ଟାନ୍ତ। ଉଗାଣ୍ଡା ଦଳର ଅନ୍ୟ ୮ ସଦସ୍ୟଙ୍କୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ସେଣ୍ଟ୍ରାଲ ଜାପାନରେ ଅବସ୍ଥିତ ଆୟୋଜକ ସହର ଓସାକାକୁ ନିଆଯାଇଛି। ଏହି ସହର ଏବେ ବି କୋଭିଡ୍ ମୁକ୍ତ ନୁହେଁ। ଉଗାଣ୍ଡା ଆଥ୍‌ଲେଟମାନେ ଶନିବାର ଟୋକିଓର ନାରିଟା ବିମାନବନ୍ଦରରେ ଅବତରଣ କରିଥିଲେ। ସମସ୍ତେ କରୋନା ଭ୍ୟାକ୍ସିନ ନେଇ ସାରିଥିଲେ। ସେମାନଙ୍କର ନେଗେଟିଭ୍ ପିସିଆର ଟେଷ୍ଟ ହୋଇଥିଲା। ପଜିଟିଭ ଚିହ୍ନଟ ସଦସ୍ୟଙ୍କର ପରିଚୟ ଦିଆଯାଇନାହିଁ। ମହାମାରୀ ସମୟରେ ଅଲିମ୍ପିକ୍ସ ଆୟୋଜନ ଏକପ୍ରକାର ରିସ୍କ ବୋଲି ଅନେକ କହୁଛନ୍ତି। ଏହା ସତ୍ତ୍ୱେ ଗେମ୍ସର ସୁରକ୍ଷିତ ଆୟୋଜନ ନେଇ ଟୋକିଓ ଆୟୋଜକ ଏବଂ ଜାପାନ ସରକାର ବଦ୍ଧପରିକର। ଆୟୋଜକଗଣ କିଛି ସ୍ଥାନୀୟ ଦର୍ଶକଙ୍କୁ ଅନୁମତି ଦେବା ସମ୍ପର୍କରେ ସୋମବାର ନିଷ୍ପତ୍ତି ନେବେ।



ଉଗାଣ୍ଡା ଅଲିମ୍ପିକ୍ ଟିମ୍।

## ସଜନ, ଶ୍ରୀହରିଙ୍କୁ ସ୍ୱର୍ଣ୍ଣ ପଦକ

**ବେଲ୍‌ଗ୍ରେଡ, ୨୦।୬ (ପି.ଟି.):** ବେଲ୍‌ଗ୍ରେଡ ଟ୍ରଫି ସୁଇମିଂ ପ୍ରତିଯୋଗିତାରେ ଅଲିମ୍ପିକ ଆଶାୟୀ ସଜନ ପ୍ରକାଶ ଓ ଶ୍ରୀହରି ନଟରାଜ ସେମାନଙ୍କ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଉଭୟେ ଟୋକିଓ ଗେମ୍ସ ପାଇଁ ଏ' ଯୋଗ୍ୟତା ଅଙ୍କ ହାସଲ କରିପାରି ନାହାନ୍ତି। ଫିନା ସ୍ୱୀକୃତିପ୍ରାପ୍ତ ଏହି ଅଲିମ୍ପିକ କ୍ୱାଲିଫାୟରରେ ପ୍ରକାଶ ୨୦୦ ମିଟର ବଟରଫ୍ଲାଏ ରେସ୍ ୧:୫୬.୯୬ ଟାଇମିଂରେ ଶେଷ କରିଥିଲେ। ଅନ୍ୟପକ୍ଷରେ ନଟରାଜ ୫୪.୪୫ ସେକେଣ୍ଡ ଟାଇମିଂରେ ୧୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟ ଜିତିଥିଲେ।

## ବରିଷ୍ଠ ସେବାୟତ ଆର୍ତ୍ତତ୍ରାଣଙ୍କ ପରଲୋକ

ପୁରୁଣା ଭୁବନେଶ୍ୱର,୨୦।୬(ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜଙ୍କ ବରିଷ୍ଠ ମହାସୁଆର ସେବାୟତ ତଥା ଶୀତଳ ଷଷ୍ଠୀ କମିଟିର ସଦସ୍ୟ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିବାରୁ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ରବିବାର ଅପରାହ୍ଣରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗରାବଡୁ ଶ୍ମଶାନରେ ତାଙ୍କର ମୃତଦେହ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ନୃସିଂହ ମହାପାତ୍ର ମୁଖାଗ୍ନି ଦେଇଥିଲେ।

## ସଂକ୍ଷେପରେ

### ସିପାହିଙ୍କୁ ସହକର୍ମୀଙ୍କ ଛୁରା ମାଡ଼

ଭୁବନେଶ୍ୱର,୨୦।୬(ବ୍ୟୁରୋ): ସାମାନ୍ୟ ବଚସାରୁ ଶନିବାର ବିଳମ୍ବିତ ରାତିରେ ସପ୍ତମ ବାଟାଲିୟନରେ ଗଣ୍ଡଗୋଳ ହୋଇଛି। ଏଥିରେ ଜଣେ ସିପାହି ତାଙ୍କର ଜଣେ ସହକର୍ମଚାରୀଙ୍କୁ ଛୁରାମାଡ଼ କରିଛନ୍ତି। ଆକ୍ରମଣରେ ସିପାହି ବସିର ଖାଁ ଆହତ ହୋଇଥିବାବେଳେ ତାଙ୍କୁ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଘଟଣା ପରେ ବାଟାଲିୟନ ପରିସରରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ହେମନ୍ତ କୁମାର ଦାସ ଚନ୍ଦ୍ରଶେଖରପୁର ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଛୁରାମାଡ଼ କରିଥିବା କନ୍‌ଷ୍ଟେବଲ ପରମେଶ୍ୱର ନାୟକଙ୍କୁ ଥାନାକୁ ଆଣି ନୋଟିସ ଦେଇ ଛାଡି ଦେଇଥିବା ଜଣାପଡିଛି। ସୂଚନାଅନୁଯାୟୀ, ଭୁବନେଶ୍ୱର ସପ୍ତମ ବାଟାଲିୟନରେ ରାତିରେ ଖିଆପିଆ ସାରିବା ପରେ ସମସ୍ତେ ଶୋଇବାକୁ ଯାଉଥିଲେ। ଏହି ସମୟରେ ପରମେଶ୍ୱର ଅସଭ୍ୟ ଭାଷାରେ ବାସିର ଖାଁକୁ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ପରମେଶ୍ୱର ପାଖରେ ରଖିଥିବା ଏକ ଛୁରାରେ ତାଙ୍କ ପେଟକୁ ଆକ୍ରମଣ କରିଥିଲେ। ତେବେ ଘଟଣା ଥାନାରେ ପହଞ୍ଚିବା ପରେ ଆପୋସ ସମାଧାନ ହୋଇଥିଲା।

### ତପୁଙ୍କୁ ଝୁରିଲେ

ଭୁବନେଶ୍ୱର, ୨୦।୬ (ବ୍ୟୁରୋ): କଣ୍ଠଶିଳ୍ପୀ ତପୁ ମିଶ୍ର ଥିଲେ ଓଡ଼ିଶାର କଳା ଓ ସଂସ୍କୃତି ଜଗତର ଏକ ଯାଜ୍ୱଲ୍ୟମାନ ତାରକା। ତାଙ୍କର ବିୟୋଗ ବଡ଼ ଶୂନ୍ୟସ୍ଥାନ ହୋଇ ରହିଗଲା, ଯାହା ପୂରଣ କରିବା ସମ୍ଭବ ନୁହେଁ ବୋଲି ବିଶ୍ୱ ଓଡ଼ିଶା ସମାଜ ଅଧ୍ୟକ୍ଷ କିଶୋର ଦ୍ୱିବେଦୀ କହିଛନ୍ତି। ତପୁଙ୍କ ବିୟୋଗରେ ରବିବାର ତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋକସଭାରେ ଓଡ଼ିଶା ସମାଜ ୟୁଏଇର ସଭାପତି ଅମୀୟ ମିଶ୍ର ଯୋଗଦେଇ ଏତେ କମ୍ ବୟସରେ ତପୁଙ୍କ ଦେହାନ୍ତ ଅତୀବ ଦୁଃଖଦ ଘଟଣା ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ରୁଟ୍ସ ଅଫ୍ ଓଡ଼ିଶା ଫାଉଣ୍ଡେଶନ ସଭାପତି ସୁଧୀର କୁମାର ଦାଶ, ବରିଷ୍ଠ ଖବରଦାତା ସଞ୍ଜୟ ଦାସ, ଟରୋଣ୍ଟୋରୁ ଡା. ତନ୍ମୟ ପଣ୍ଡା, ଆବୁଧାବି ଓଡ଼ିଆ ସମାଜ ଉପସଭାପତି ସିର୍ଦ୍ଧାର୍ଥ ଦାସ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ମୁଖ୍ୟ ସଙ୍ଗୀତା ଗୋସାଇଁ, ସଂସ୍କୃତିବିତ୍ କସ୍ତୁରିକା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ତପୁଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ କଳାକାର କେବେ ମରି ପାରେନା, ତପୁଙ୍କ ଆବର୍ତ୍ତମାନରେ ତାଙ୍କର ଅନେକ ସଙ୍ଗୀତ ଲୋକଙ୍କ ହୃଦୟରେ ସବୁବେଳେ ସ୍ୱତନ୍ତ୍ର ହୋଇ ରହିବ ବୋଲି କହିଥିଲେ। ବିଭିନ୍ନ ଦେଶରୁ ପ୍ରଶଂସକ ତଥା ଶୁଭେଚ୍ଛୁମାନେ ଭର୍ଚୁଆଲରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### 'ତପୁ ମିଶ୍ର ସ୍ମୃତିସମ୍ମାନ'

ଭୁବନେଶ୍ୱର, ୨୦।୬ (ବ୍ୟୁରୋ): ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସଂଭାବନାର ଅନ୍ୟତମ ପ୍ରତିଷ୍ଠାତା ଟ୍ରଷ୍ଟି ତପୁ ମିଶ୍ରଙ୍କ ଅକାଳ ବିୟୋଗରେ ରବିବାର ଟ୍ରଷ୍ଟ ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ତାଙ୍କ ସ୍ମୃତିରେ ପ୍ରତିବର୍ଷ ତରୁଣ ସଙ୍ଗୀତ ଶିଳ୍ପୀଙ୍କୁ 'ତପୁ ମିଶ୍ର ସ୍ମୃତି ସମ୍ମାନ' ପ୍ରଦାନ ପାଇଁ ଘୋଷଣା କରାଯାଇଛି। ତପୁଙ୍କ ଅନ୍ତିମ ସଂସ୍କାର ସରିବା ପରେ ଅନୁଷ୍ଠାନ ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟର ସଂସ୍ଥାପକ ଚାଟାର୍ଡ ଆକାଉଣ୍ଟାଣ୍ଟ୍ ରାଜୀବ ଶେଖର ସାହୁ, କାର୍ଯ୍ୟକାରୀ ଅଧ୍ୟକ୍ଷ ସୁଦର୍ଶନ ଦାସ, ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା ଓ ଟ୍ରଷ୍ଟି ସ୍ମୃତି ମହାନ୍ତି ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତି ଚାରଣ କରିଥିଲେ। ଅତି ଶୀଘ୍ର ତପୁଙ୍କ ଉପରେ ସଂଭାବନାର ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ ପାଇବ ବୋଲି ସୂଚନା ଦେଇଥିଲେ।

# ଭେଟେରିନାରି କଲେଜ ଡିନ୍ ପଦକୁ ନେଇ ପୁଣି ବିବାଦ

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଦ୍ୱାରା ପରିଚାଳିତ ଭେଟେରିନାରି କଲେଜରେ ଡିନ୍ ନିଯୁକ୍ତିକୁ ନେଇ ବିବାଦ ଲାଗି ରହିଛି। ଗତ ୧୮ ତାରିଖରେ ଡିନ୍ ଇନ୍‌ଚାର୍ଜ ଭାବେ ସିଡ୍ ପ୍ରଡକ୍ସନ ଅଫିସର ତଥା ଡିନ୍ ରିସର୍ଚ୍ଚଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ଏହାକୁ ନେଇ ଛାତ୍ରୀଛାତ୍ର, ଶିକ୍ଷକ ଓ ପୂର୍ବତନ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଏହି ନିଯୁକ୍ତିକୁ ବେଆଇନ ବୋଲି କହୁଛନ୍ତି।

ଓୟୁଏଟି ଶିକ୍ଷକ ସଂଘର ପୂର୍ବତନ ସଭାପତି ଡା. ଅଜିତ କୁମାର ନାୟକ କହିଛନ୍ତି, ୨୦୧୯ ମାର୍ଚ୍ଚ ୭ରେ ଏଲ୍. କେ. ବାବୁଙ୍କୁ ଭେଟେରିନାରି କଲେଜ ଡିନ୍ ଇନ୍‌ଚାର୍ଜ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହି ନିଯୁକ୍ତିକୁ ସମ୍ପୂର୍ଣ୍ଣ ବେଆଇନ ଦର୍ଶାଇବା ସହ ଏହାକୁ ଖାରଜ କରିବା ପାଇଁ

**ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା ଅଭିଯୋଗ**

ଅନ୍ୟଜଣେ ଡିନ୍ ଆଶାୟୀ ପ୍ରଫେସର ଡ. ସୁବାସ ଚନ୍ଦ୍ର ପରିଜା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଆଦି କ୍ଷେତ୍ରରେ ପ୍ରଫେସର ବାବୁଙ୍କଠାରୁ ପ୍ରଫେସର ପରିଜା ଅଧିକ ଯୋଗ୍ୟ ପ୍ରାର୍ଥୀ ଥିବା ହୃଦୟଙ୍ଗମ କରି ବିଚାରପତି ବି. ଆର୍. ଷଡଙ୍ଗୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଗତ ଏପ୍ରିଲ ୨୭ରେ ଡିନ୍ ଇନ୍‌ଚାର୍ଜ ପଦବୀରେ ପ୍ରଫେସର ବାବୁଙ୍କ ନିଯୁକ୍ତିକୁ ବେଆଇନ ଦର୍ଶାଇଥିଲେ। ଏଥିସହିତ ରାୟ ପ୍ରକାଶ ପାଇବାର ୨ ମାସ ମଧ୍ୟରେ ରେଗୁଲାର ଡିନ୍ ନିଯୁକ୍ତି ପାଇଁ ସାନି ବିଜ୍ଞପ୍ତି ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ହାଇକୋର୍ଟଙ୍କ ଉକ୍ତ ନିର୍ଦ୍ଦେଶନାମାର ସମୟ ସୀମା ଆଉମାତ୍ର ୬ ଦିନ ଥିବାବେଳେ ଓୟୁଏଟି କର୍ତ୍ତୃପକ୍ଷ ଜଣେ କୃଷି ବିଜ୍ଞାନୀଙ୍କୁ ଭେଟେରିନାରି କଲେଜର ଡିନ୍ ଇନ୍‌ଚାର୍ଜ ପଦବୀରେ ନିଯୁକ୍ତି ଦେଇ ଆଉ ଏକ ବେଆଇନ କାମ କରିଛନ୍ତି ବୋଲି ଡା. ନାୟକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଭାରତ ସରକାରଙ୍କ ୨୦୧୬ ଜୁଲାଇ ୧୨ର ଗେଜେଟରେ ଭାରତୀୟ ପ୍ରାଣୀ ଚିକିତ୍ସା ପରିଷଦ ଅଧିସୂଚନାର ଧାରା ୧୪ (ଶିକ୍ଷକ, ପରୀକ୍ଷକ ଓ ପ୍ରଶ୍ନ ପ୍ରସ୍ତୁତକର୍ତ୍ତା)ର ଉପନିୟମ ୨ରେ ଏହା ସ୍ପଷ୍ଟ ଭାବରେ ଲେଖାଯାଇଛି ଯେ, ଭେଟେରିନାରି କଲେଜର ଡିନ୍ ପଦବୀ ପାଇଁ କେବଳ ଭେଟେରିନାରିରେ ଡିଗ୍ରୀ ଥିବା ବ୍ୟକ୍ତି ହିଁ ଯୋଗ୍ୟ। ତେଣୁ ଏହି କଲେଜରେ କୃଷି ଡିଗ୍ରୀଧାରୀ ବ୍ୟକ୍ତିଙ୍କୁ ନିଯୁକ୍ତି ସମ୍ପୂର୍ଣ୍ଣ ବେଆଇନ ବୋଲି ସେ କହିଛନ୍ତି।

ଗତ ୨୦୧୮ରେ ମଧ୍ୟ ଅନୁରୂପ ଭାବେ ଆଉଜଣେ କୃଷି ବିଜ୍ଞାନରେ ଡିଗ୍ରୀଧାରୀଙ୍କୁ ଭେଟେରିନାରି କଲେଜ ଡିନ୍ ଭ ;ବ ନିଯୁକ୍ତି ଦିଆଯିବା ପରେ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା। କଲେଜର ଉଭୟ ଅଧ୍ୟାପକ ଓ ଛାତ୍ରମାନେ ଆନ୍ଦୋଳନକୁ ଓହ୍ଲେଇ ଥିଲେ। ଏହାପରେ ତାଙ୍କୁ ଉକ୍ତ ପଦରୁ ହଟାଇ ଦିଆଯାଇଥିଲା। ଏବେ କରୋନା ପାଇଁ କଲେଜରେ ପିଲାମାନେ ନାହାନ୍ତି। ଏହାର ସୁଯୋଗ ନେଇ ଓୟୁଏଟି କର୍ତ୍ତୃପକ୍ଷ ପୁଣିଥରେ ତାଙ୍କର ବେଆଇନ କାମକୁ ଦୋହରାଇଛନ୍ତି ବୋଲି ଡା. ନାୟକ କହିଛନ୍ତି। ହାଇକୋର୍ଟଙ୍କ ରାୟ ଅତ୍ୟନ୍ତ ସ୍ପଷ୍ଟ ଅଛି। ତେଣୁ ୨୬ ଜୁନ୍ ଭିତରେ ରେଗୁଲାର ଡିନ୍ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ନ ପାଇଲେ, ଓୟୁଏଟି କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ରାୟର ଅବମାନନା ଅପରାଧରେ ମଧ୍ୟ ଦୋଷୀ ହେବେ ବୋଲି ଅଜିତ କୁମାର ନାୟକ ଚେତେଇ ଦେଇଛନ୍ତି। ତେବେ ଅଭିଯୋଗ ନେଇ ଓୟୁଏଟି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନି।



ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ରବିବାର ପରିବେଶବିତ୍ ସୁଶାନ୍ତ ସାହୁ ପତ୍ର, ଫୁଲ ଓ ମୁରୁଜରେ ଏକ 'ଯୋଗ ଟ୍ରି' ତିଆରି କରି ସଚେତନତାର ବାର୍ତ୍ତା ଦେଉଛନ୍ତି।

## ଜେନେଭା ଅବ୍‌ଜର୍ଭର୍ସ ଅଭିଯାନରେ 'ମେଘାସ୍ ଡିଭର୍ସ'


ଚଳଚ୍ଚିତ୍ର ' ମେଘାସ ଡିଭର୍ସ'ର ଏକ ଦୃଶ୍ୟ।

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

ଜଳବାୟୁ ପରିବର୍ତ୍ତନ ଉପରେ ଆଧାରିତ ନୀଳ ମାଧବ ପଣ୍ଡାଙ୍କ ପରିବେଶ ଚଳଚ୍ଚିତ୍ର 'ମେଘାସ୍ ଡିଭର୍ସ' ଜେନେଭା ଅବ୍‌ଜର୍ଭର୍ସ ମଞ୍ଜିରି ଫଣ୍ଡନିସ୍‌ଙ୍କ ଅଭିଯାନ 'ଦି ଜି ଓ: ସଷ୍ଟେନ୍‌ଡ - ଫସିଲ ଫୁଏଲ୍ ଇନ୍‌ଭେଷ୍ଟମେଣ୍ଟ ନିଡ୍‌ସ ଟୁ ଏଣ୍ଡ୍ ନାଓ' ପାଇଁ ପ୍ରଦର୍ଶିତ ହୋଇଛି। ଏହି ଚଳଚ୍ଚିତ୍ରରେ ଅଭିନେତ୍ରୀ ଦିବ୍ୟା ଦତ୍ତ ଓ ତନିଷ୍ଠା ଚାଟାର୍ଜୀ ଅଭିନୟ କରିଛନ୍ତି। ନୀଳ ମାଧବଙ୍କ ସମେତ ୧୧ ଦେଶର ୧୧ ପରସ୍ପର ନିର୍ଭରଶୀଳ ଚଳଚ୍ଚିତ୍ର ଏଥିରେ ଅଂଶଗ୍ରହଣ କରିଥିଲା। ୧୧ଜଣ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ନିର୍ମାତାଙ୍କ ଦ୍ୱାରା କାହାଣୀଗୁଡ଼ିକୁ ଚୟନ କରାଯାଇଥିଲା, ଯାହା ମାନବଜାତି ଓ ପରିବେଶ ମଧ୍ୟରେ ରହିଥିବା ଅନ୍ତର୍ନିହିତ ସମ୍ପର୍କ ଏବଂ ସେଗୁଡ଼ିକ କିଭଳି ବିଭିନ୍ନ ସ୍ତର ଓ ପରିମାପରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା କ୍ଷତିଗ୍ରସ୍ତ ହେଉଛନ୍ତି ତାହାକୁ ଚଳଚ୍ଚିତ୍ରରେ ପ୍ରତିଫଳନ କରାଯାଇଛି। ଏ ସମ୍ପର୍କରେ ନୀଳମାଧବ ପଣ୍ଡା କହିଛନ୍ତି, ଜଳବାୟୁ ପରିବର୍ତ୍ତନ ହେଉଛି ଏକ ବଡ଼ ସମସ୍ୟା ଏବଂ ଏହା ଉପରେ ଧ୍ୟାନ ଦେବା ପାଇଁ ବର୍ତ୍ତମାନ ହେଉଛି ଉପଯୁକ୍ତ ସମୟ। ଜେନେଭା ଅବଜର୍ଭର୍ସ ଅଭିଯାନ ଏହି ପରିବର୍ତ୍ତନ ଦିଗରେ ଏକ ବଡ଼ ପଦକ୍ଷେପ। ମୁଁ ଖୁସି ଅନୁଭବ କରୁଛି ଯେ, 'ମେଘାସ୍ ଡିଭର୍ସ' ସମାଜରେ ପରିବର୍ତ୍ତନର ଏକ ଅଂଶ ହେବାକୁ ଯାଉଛି। କିଭଳି ଜଳବାୟୁ ପରିବର୍ତ୍ତନ ମଣିଷର ସ୍ୱାସ୍ଥ୍ୟକୁ ଓ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରୁଛି, ତାହା ଏହି ଫିଲ୍ମ ଦେଖିଲେ ଲୋକଙ୍କ ଆଖି ଖୋଲିଯିବ।

## ରେଳ ଧାରଣାରେ ଲୁଟେରାଙ୍କୁ ଗୋଡାଇ କାବୁ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଲୁଟ୍ ଉଦ୍ୟମ କରି ଖସି ପଳାଉଥିବା ଜଣେ ଅଭିଯୁକ୍ତଙ୍କୁ ରେଳ ଧାରଣାରେ ପ୍ରାୟ ୧ କି.ମି. ଗୋଡ଼ାଇ କାବୁ କରିଛି କ୍ୟାପିଟାଲ ଥାନା ପୋଲିସ। ସେ ହେଲେ ଏହି ଥାନା ଅନ୍ତର୍ଗତ ଫାଳିକିଆ ବସ୍ତିରେ ରହୁଥିବା ଡି. ସୀମାଞ୍ଚଳ (୨୧)। ତାଙ୍କ ନାମରେ କ୍ୟାପିଟାଲ ଥାନା ସମେତ ଜିଆର୍‌ପି ଥାନାରେ ଏକାଧିକ ମାମଲା ରହିଛି। ସୀମାଞ୍ଚଳ ରାଜମହଲ ଓଭରବ୍ରିଜ ନିକଟ କୁକୁଡା କଟା ଗଳିନିକଟରେ ଲୋକଙ୍କଠାରୁ ଲୁଟ୍ କରନ୍ତି। ଶନିବାର ତିରୁପତି ମୁଖୀ ନାମକ ଜଣେ ବ୍ୟକ୍ତିଙ୍କୁ ଅଭିଯୁକ୍ତ ଧମକ ଦେବା ସହ ମାଡ ମାରି ଲୁଟ ଉଦ୍ୟମ କରୁଥିବାବେଳେ ପୋଲିସ ଧରିଥିଲା।

## ପିକ୍‌ଅପ୍‌ରେ ଯୁବକଙ୍କୁ ହତ୍ୟା ଘଟଣା: ଆଉଜଣେ ଗିରଫ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ନୟାପଲ୍ଲୀ ଭିଆଇପି କଲୋନୀ ନିକଟ ରାସ୍ତା ମଝିରେ ଏକ ଭ୍ୟାନ୍ ଭିତରେ ମାର୍ଚ୍ଚ ୬ରେ ଟୁକୁନା ସାହୁ ନାମକ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲ। ଏହି ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ଘଟଣାଦିନ ଦୁଇ ମୁଖ୍ୟ ଅଭିଯୁକ୍ତ ସାଗର କୁମାର ପୃଷ୍ଟି ଓ ସୁଧିର କୁମାର ପୃଷ୍ଟିଙ୍କୁ ଗିରଫ କରିଥିବାବେଳେ ଶନିବାର ଅନ୍ୟ ଜଣଙ୍କୁ ଗିରଫ କରିଛି। ସେ ହେଲେ କଟକ ନରସିଂହପୁରର ଦୁଖିଆ ନାୟକ(୩୫)।

## ୱାର୍ଡ ନଂ. ୫୮ରେ କୋଭିଡ୍ ସାମଗ୍ରୀ ବଣ୍ଟନ



ଭୁବନେଶ୍ୱର,୨୦।୬

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୱାର୍ଡ ନଂ. ୫୮ରେ ସ୍ଥାନୀୟ କର୍ପୋରେଟର ପୁଷ୍ପା ଦାସଙ୍କ ପୌରୋହିତ୍ୟରେ ଏକ କୋଭିଡ୍ ସାମଗ୍ରୀ ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ତେଜସ୍ୱିନୀର ସଭାପତି ମହାମାୟା ସ୍ୱାଇଁ, ପୂର୍ବତନ ଡେପୁଟି ମେୟର କେ.ଶାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ତଥା ଏକାମ୍ର ବିଧାୟକଙ୍କ ସହାୟତାରେ ୫୮ନଂ ୱାର୍ଡରେ ସଚେତନତା କାର୍ଯ୍ୟକ୍ରମ ସହ କୋଭିଡ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ୱାର୍ଡର ସମସ୍ତ କୋଭିଡ୍ ସଚେତକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

ଏହି ଅବସରରେ ବିଧାୟକ ପଣ୍ଡା କହିଥିଲେ, ଆମ ୱାର୍ଡର ଲୋକଙ୍କୁ କିପରି କରୋନା ସଂକ୍ରମଣରୁ ରକ୍ଷା କରାଯାଇ ପାରିବ ଏବଂ ୱାର୍ଡରେ କେତେ ବାହାର ଲୋକ କିମ୍ବା ସଂକ୍ରମଣର ଲକ୍ଷଣ ଥିବା ବାସିନ୍ଦା ଅଛନ୍ତି ତାହାର ତଥ୍ୟ ସଂଗ୍ରହ ହେଉଛି ବଡ଼ ଦାୟିତ୍ୱ। ଘରକୁ ଘର ବୁଲି ଜନସାଧାରଣଙ୍କୁ ସଚେତନତା କରିବା ସହିତ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅନୁଦାନରେ ତେଜସ୍ୱିନୀ ମିଶନ ଶକ୍ତି ମହିଳା ମହାସଂଘ ଦ୍ୱାରା ପ୍ରସ୍ତୁତ ହାତ ତିଆରି କପଡ଼ା ମାସ୍କ ନିଃଶୁଳ୍କରେ ବଣ୍ଟନ କରିବାକୁ ବିଧାୟକ ପଣ୍ଡା ପରାମର୍ଶ ଦେଇଥିଲେ।

## ଏସ୍‌ଆଇଙ୍କ ଆକାଉଣ୍ଟରୁ ୮.୩୯ ଟଙ୍କା ତୋଷରପାତ କରିଥିଲେ କନଷ୍ଟେବଲ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

- ଚୋରି ଟଙ୍କା ଶେୟାର ମାର୍କେଟରେ ଲଗାଇଥିଲେ
- ୬.୩୯ଲକ୍ଷ ଜବତ,ଅଭିଯୁକ୍ତ ଗିରଫ

ନିଜ ସିନିୟର ଅଫିସରଙ୍କ ବିଶ୍ୱାସରେ ବିଷ ଦେଇ ତାଙ୍କ ଆକାଉଣ୍ଟରୁ ୮ଲକ୍ଷ ୩୯ ହଜାର ଟଙ୍କା ତୋଷରପାତ କରିଥିଲେ କନ୍‌ଷ୍ଟେବଲ। ଏସବୁ ଟଙ୍କାକୁ ସେ ଶେୟାର ମାର୍କେଟରେ ଲଗାଇଥିଲେ। ଅଫିସରଙ୍କ ଅଭିଯୋଗ ଆଧାରରେ ନୟାପଲ୍ଲୀ ପୋଲିସ ସମ୍ପୃକ୍ତ ସିଆର୍‌ପିଏଫ୍ କନ୍‌ଷ୍ଟେବଲଙ୍କୁ ରବିବାର ଗିରଫକରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ କନଷ୍ଟେବଲ ଜଣକ ହେଲେ କଟକ ସଦର ଥାନା କଳାପଦାର ପ୍ରିୟବ୍ରତ ପ୍ରିୟଦର୍ଶନ ପତି(୩୦)। ତାଙ୍କ ନିକଟରୁ ସମସ୍ତ ଟଙ୍କା ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, କିଛିଦିନ ତଳେ ସିଆରପିଏଫ୍ ଏସ୍‌ଆଇ ରାଜ୍ ପାଲ୍(୫୩)ଙ୍କ ଦେହ ଖରପ ଥିବାରୁ ସେ ସିଆରପିଏଫ କ୍ୟାମ୍ପସ୍ ଭିତରେ ଥିବା ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ଏହି ସମୟରେ ତାଙ୍କୁ ସାହାଯ୍ୟ କରିବା ପାଇଁ ଆଟେଣ୍ଡାଣ୍ଟ ଭାବେ ପ୍ରିୟବ୍ରତଙ୍କୁ ନିଯୁକ୍ତି ଦିଆଯାଇଥିଲା। ପ୍ରାୟ ୧୫ଦିନ ଧରି ଚିକିତ୍ସା ଭିତରେ ରାଜ୍‌ଙ୍କର ପ୍ରିୟବ୍ରତଙ୍କ ଉପରେ ବିଶ୍ୱାସ ବଢ଼ିଯାଇଥିଲା। ରାଜପଲ୍ ନିଜ ଏଟିମ୍ କାର୍ଡ଼ ଓ ପିନ୍ ପ୍ରିୟବ୍ରତଙ୍କୁ ଦେଇଥିଲେ। ରାଜଙ୍କର ଚିକିତ୍ସା ନିମନ୍ତେ ଟଙ୍କା ଦରକାର ହେଲେ ପ୍ରିୟବ୍ରତ ଟଙ୍କା ଉଠାଇବାକୁ ଏଟିଏମ୍ ଯାଉଥିଲେ। ଏହି ସୁଯୋଗରେ ପ୍ରିୟବ୍ରତ ଧୀରେ ଧୀରେ ତାଙ୍କ ଆକାଉଣ୍ଟରୁ ୮ଲକ୍ଷ ୩୯ ହଜାର ଟଙ୍କା ଉଠାଇ ନେଇଥିଲେ। ତେବେ ରାଜ୍ ପାଲ୍ ସୁସ୍ଥ ହୋଇ ଫେରିବା ପରେ ନିଜ ଆକାଉଣ୍ଟ ଯାଞ୍ଚ କରିବାରୁ ଟଙ୍କା ନ ଥିବା ଦେଖିଥିଲେ। ଏନେଇ ସେ ପ୍ରିୟବ୍ରତଙ୍କୁ ସନ୍ଦେହରେ ପଚାରିଥିଲେ। ହେଲେ ପ୍ରିୟବ୍ରତ ଫାଙ୍କି ଦେବାରୁ ରାଜ୍ ପାଲ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ରାଜପଲଙ୍କ ବ୍ୟାଙ୍କ ତଥ୍ୟ ଆଧାରରେ ତଦନ୍ତ କରିବା ସହ ପ୍ରିୟବ୍ରତଙ୍କୁ ଥାନାକୁ ନେଇ ପଚରାଉଚରା କରିବାରୁ ସେ ସବୁ ସତକଥା ମାନିଯାଇଥିଲେ।

## ୩ଶହ ତଳକୁ ଖସିଲା ଦୈନିକ ସଂକ୍ରମଣ

ଭୁବନେଶ୍ୱର, ୨୦।୬ (ବ୍ୟୁରୋ): ଭୁବନେଶ୍ୱରରେ ଦୈନିକ ସଂକ୍ରମଣ ୩ଶହ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ୨୮୭ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୫୩୭ଜଣ ସୁସ୍ଥ ହୋଇଛନ୍ତି। ସେହିପରି ଦିନକରେ ଆଉ ୨ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୪୦୨ରେ ପହଞ୍ଚିଛି। ଆକ୍ରାନ୍ତ ସଂଖ୍ୟା ୮୬,୬୮୯ ଓ ଆରୋଗ୍ୟ ସଂଖ୍ୟା ୮୪ହଜାର ୪୧୨ ଛୁଇଁଛି।

## ମଦ ପିଇ ଥାନାରେ ଜରିମାନା ଗଣିଲେ ପୋଲିସ ପୁଅ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

କୋଭିଡ଼ ନିୟମ ଉଲ୍ଲଂଘନ କରି ସାଙ୍ଗଙ୍କ ସହ ବସି ମଦ ପିଉଥିଲେ। ନିଜକୁ ଡିଏସ୍‌ପି କହି ୟୁନିଟ୍-୯ ଅଞ୍ଚଳରେ ଲୋକଙ୍କୁ ନାଲିଆଖି ଦେଖାଇବା ସହ ହୋହଲ୍ଲା କରିଥିଲେ। ଶହୀଦନଗର ପିସିଆର୍ ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ କାବୁକରି ଥାନାକୁ ନେଇଥିଲା। ସେଠାରେ ତାଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ପଚରାଉଚରାବେଳେ ସେ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପୁଅ ବୋଲି ଜଣାପଡିବା ପରେ ତାଙ୍କୁ ଥାନାରୁ ଛଡ଼ାଯାଇଥିଲା। ସୂଚନା ଅନୁଯାୟୀ, ୟୁନିଟ୍-୯ ଅଞ୍ଚଳରେ ସମ୍ପୃକ୍ତ ଯୁବକ ଜଣକ ତାଙ୍କର ୪ରୁ ୫ଜଣ ସାଙ୍ଗ ସହ ମିଶି ଏକାଠି ମଦ ପିଉଥିଲେ। ଏହାଦେଖି ସାଦା ପୋଷାକରେ ବୁଲୁଥିବା ପୋଲିସ ଟିମ୍ ତାଙ୍କ ପାଖକୁ ଯାଇଥିଲେ। ହେଲେ ଯୁବକ ଜଣକ ନିଜକୁ ପୋଲିସ ଡିଏସ୍‌ପି ବୋଲି ନିଜର ପରିଚୟ ଦେଇଥିଲେ। ଏହାପରେ ପୋଲିସ ଟିମ୍ ସମ୍ପୃକ୍ତ ଯୁବକଙ୍କ ସମେତ ତାଙ୍କ ସାଙ୍ଗଙ୍କୁ କାବୁ କରି ଥାନାକୁ ନେଇଥିଲା। ସେଠାରେ ତାଙ୍କୁ ପଚରାଉଚରା କରାଯିବାରୁ ସେ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂ ପଢୁଥିବା କହିଥିଲେ। ଏମିତିକି ସେ ତାଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ ନିଜକୁ ଡିଏସ୍‌ପି ବୋଲି ଉଲ୍ଲେଖ ମଧ୍ୟ କରିଥିବା ଜଣାପଡ଼ିଥିଲା। ତେବେ ପୋଲିସର ଜରିମାନା ଓ ତାଗିଦ ପରେ ସେ ଫେସ୍‌ବୁକ୍ ଆକାଉଣ୍ଟରୁ ଡିଏସ୍‌ପି ଲେଖା ହଟାଇ ଦେଇଥିଲେ।


ଭୁବନେଶ୍ୱରରେ ରବିବାର ବର୍ଷା ଯୋଗୁ ବମିଖାଲ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତାରେ ପାଣି ଜମି ରହିଛି।

# ଗେଷ୍ଟହାଉସ୍‌ରେ ସେକ୍ସ ର୍‌ୟାକେଟ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

**୩ ଯୁବକ ଗିରଫ, ଜଣେ ଯୁବତୀ ଉଦ୍ଧାର**

ଲକ୍‌ଡାଉନ ଓ ଶଟ୍‌ଡାଉନ୍ ପାଇଁ ଦ୍ୱୈତନଗରୀରେ କଟକଣା ଲଗାଇ ଜଗି ରହିଛି କମିଶନରେଟ ପୋଲିସ। ହେଲେ ୟା' ଭିତରେ ବେଧଡ଼କ ଚାଲିଛି ସେକ୍ସ ର୍‌ୟାକେଟ। ଗେଟ୍‌ରେ ତାଲା ଝୁଲାଇ ଭିତରେ ଚାଲୁଛି ଦେହ ବେପାର। ସାଧାରଣ ଯାତାୟାତ ବନ୍ଦ ରହିଥିଲେ ମଧ୍ୟ ବାହାରୁ କାର୍‌ରେ ଯୁବତୀଙ୍କୁ ଅଣାଯାଇ ହୋଟେଲ, ଗେଷ୍ଟହାଉସ୍ ଓ ଭଡ଼ାଘରେ ଦେହ ବ୍ୟବସାୟରେ ଲଗାଯାଉଛି। ଗତ ଶନିବାର କଟକର ହୋଟେଲ ଓ ଭଡ଼ାଘରେ ଚାଲିଥିବା ସେକ୍ସ ର୍‌ୟାକେଟ ଧରାପଡିଥିଲା। ରବିବାର ଭୁବନେଶ୍ୱରର ଲକ୍ଷ୍ମୀସାଗର ଥାନା ପୋଲିସ ବୁଦ୍ଧେଶ୍ୱରୀ କଲୋନୀସ୍ଥିତ ଏକ ଗେଷ୍ଟହାଉସ୍‌ରେ ଚଢ଼ାଉ କରି ଆଉଏକ ର୍‌ୟାକେଟକୁ ଧରିଛି। ଏଥିରେ ସମ୍ପୃକ୍ତ ୩ ଯୁବକଙ୍କୁ ଗିରଫ କରିବା ସହ ଜଣେ ଯୁବତୀଙ୍କୁ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା ଗୋବିନ୍ଦପୁର ଥାନାଞ୍ଚଳର ବିଭୁଦତ୍ତ ଦାସ (୩୮), କିଶନନଗର ଥାନାଞ୍ଚଳର ବିନୟ ମହାପାତ୍ର (୪୧) ଏବଂ ପୁରୀ ଜିଲା ଗୋପ ଅଞ୍ଚଳର ବିଜୟ କୁମାର ଦାସ(୪୨)। ତେବେ ଉଦ୍ଧାର ଯୁବତୀ ଜଣକ ଭଦ୍ରକର ବୋଲି ଜଣାପଡିଛି। ଚଢ଼ାଉବେଳେ ଆଉ କେତେଜଣ ଯୁବତୀ ଲୁଚି ଯାଇଥିବା କିମ୍ବା କେଉଁବାଟେ ଖସି ପଳାଇଥିବା ସୂଚନା ମିଳିଛି। ସୂଚନାନୁସାରେ, ୧୫ଦିନ ହେବ ଉକ୍ତ ଗେଷ୍ଟ ହାଉସ୍‌ରେ ଦେହ ବ୍ୟବସାୟ ଚାଲୁଥିବା ନେଇ ଜଣାପଡିଥିଲା। ସ୍ଥାନୀୟ ଲୋକଙ୍କ ନଜରରୁ ହଟେଇବା ପାଇଁ ଗେଷ୍ଟ ହାଉସର ଗେଟ ସବୁବେଳେ ତାଲା ପଡୁଥିଲା। ଗେଟ୍ ସାମ୍ନାରେ ବିଭିନ୍ନ ସମୟରେ ଏକାଧିକ କାର ପାର୍କିଂ ହେବା ଓ ଭିତରେ ଯୁବତୀ ଥିବା ଦେଖି ଲୋକଙ୍କ ସନ୍ଦେହ ବଢ଼ିଥିଲା। ଖବର ପାଇବା ପରେ ପୋଲିସ ୨ରୁ ୩ ଥର ସେଠାରେ ଚଢାଉ କରିବା ପୂର୍ବରୁ କୌଶଳକ୍ରମେ ସମ୍ପୃକ୍ତ ଗ୍ରାହକ ଓ ଯୁବତୀମାନେ ଫେରାର ହୋଇଯାଉଥିଲେ। ରବିବାର ଉକ୍ତ ଗେଷ୍ଟହାଉସରେ ପୋଲିସ ଅଚାନକ ଚଢାଉ କରି ୩ ଜଣ ଯୁବକ ଓ ଜଣେ ଯୁବତୀ ଅସଜ୍ଜିତ ଅବସ୍ଥାରେ ଧରାପଡିଥିଲେ। ତେବେ ଏହି ବ୍ୟବସାୟରେ ଆଉ କେଉଁମାନେ ସାମିଲ ଅଛନ୍ତି ସେନେଇ ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚରା କରିଛି। ଏନେଇ ଏକ ମାମଲା (ନଂ.୨୦୦/୨୧) ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।


ଗିରଫ ହୋଇଥିବା ୩ ଯୁବକ।

**ପ୍ରସୂତିଙ୍କ ବନ୍ଧ୍ୟାକରଣ କରିଦେଲେ ଡାକ୍ତର**

ପ୍ରସବ ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣେ ମହିଳାଙ୍କର ବନ୍ଧ୍ୟାକରଣ ଅପରେଶନ କରି ଡାକ୍ତର ଏବେ ହରଡ଼ଘଣାରେ ପଡ଼ିଛନ୍ତି। ଡାକ୍ତର କାହିଁକି ଏଭଳି କରିଛନ୍ତି ସେ ନେଇ ଖୋଳତାଡ ଆରମ୍ଭ ହୋଇଛି। ରାଞ୍ଚିର କାଣ୍ଠା ଟୋଲି ଅଞ୍ଚଳରେ ବାସ କରୁଥିବା ପୁନମ ଦେବୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଡାକ୍ତର ତାଙ୍କର ବିନା ସ୍ୱୀକୃତିରେ ବନ୍ଧ୍ୟାକରଣ ଅପରେଶନ କରିଥିବା ନେଇ ପୁନମ ଅଭିଯୋଗ କରିବା ପରେ ସ୍ୱାସ୍ଥ୍ୟ ବିଭାଗ ଏହାର ଯାଞ୍ଚ ଆରମ୍ଭ କରିଛି। ସଦର ହସ୍ପିଟାଲର ଅଧିକ୍ଷକ ଡା. ସବ୍ୟସାଚୀ ମଣ୍ଡଳ କହିଛନ୍ତି ଯେ, ବନ୍ଧ୍ୟାକରଣ ଅପରେଶନରେ ମହିଳାଙ୍କ ସହମତି ଆବଶ୍ୟକ ହୋଇଥାଏ। ମହିଳାଙ୍କୁ ପଚରା ଯାଇ ଏଭଳି କରାଯାଇଥିବା ସେ କହିଛନ୍ତି।

# ସଙ୍ଗୀତବିହୀନ ସୃଷ୍ଟି ନିରର୍ଥକ



**ଆଜି ୱାର୍ଲ୍ଡ ମ୍ୟୁଜିକ୍ ଡେ'**

ପ୍ରତି ବର୍ଷ ଜୁନ୍ ୨୧ରେ ସାରା ବିଶ୍ୱରେ ପାଳନ କରାଯାଏ 'ୱାର୍ଲ୍ଡ ମ୍ୟୁଜିକ୍ ଡେ'। ସଙ୍ଗୀତ ଭଳି ଉପହାର ଭେଟି ଦେଉଥିବାରୁ ସଙ୍ଗୀତଜ୍ଞ, ଗାୟକଙ୍କ ସମ୍ମାନରେ ଏହି ସ୍ୱତନ୍ତ୍ର ଦିବସ ପାଳନ ହୋଇଥାଏ। ସଙ୍ଗୀତ ବିହୀନ ସୃଷ୍ଟି ଯେ ଅନେକଙ୍କ ପାଇଁ ନିରର୍ଥକ ବୋଲି ବାର୍ତ୍ତା ପ୍ରଦାନ ଏହି ଦିବସର ଉଦ୍ଦେଶ୍ୟ। ୧୯୮୨ରେ ପ୍ରଥମେ ମ୍ୟୁଜିକ୍ ଡେ' ପାଳନ ହୋଇଥିଲା। ଫ୍ରାନ୍ସର କଳା ଓ ସଂସ୍କୃତି ମନ୍ତ୍ରୀ ଜ୍ୟାକ୍ ଲାଙ୍ଗେ ଏବଂ ସଙ୍ଗୀତଜ୍ଞ ମୌରିସି ଫ୍ଲୁରେଟ୍ ପ୍ରଥମେ ପ୍ୟାରିସ୍‌ରେ 'ଫେଟେ ଡେ ଲା ମ୍ୟୁଜିକ' ଉତ୍ସବ ଆୟୋଜନ କରିଥିଲେ। ଏହାପରଠାରୁ ଭାରତ, ଆମେରିକା, ଅଷ୍ଟ୍ରେଲିଆ, ଇଟାଲୀ, ଜାପାନ, ଚାଇନା, ମାଲେସିଆ ସମେତ ସାରା ବିଶ୍ୱରେ ଏହି ଦିବସ ବେଶ୍ ଲୋକପ୍ରିୟ ହୋଇପାରିଛି। ବିନା କୌଣସି ଦେୟରେ ସଭିଏ ସଙ୍ଗୀତର ମଜା ଉଠାଇବାକୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଏଥିରେ ଉଭୟ ବୃତ୍ତିଗତ ସଙ୍ଗୀତଜ୍ଞ ଏବଂ ଉତ୍ସାହୀ କଳାକାର ଦୁନିଆକୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ଲାଟଫର୍ମ ମିଳିଥାଏ।

> ଜନ୍ମରୁ ମୃତ୍ୟୁ ଯାଏ ସଙ୍ଗୀତ ସହ ଜଡ଼ିତ ମଣିଷ। ସୁସ୍ଥ ଶରୀର, ସୁନ୍ଦର ମାନସିକ ସ୍ଥିତି, ଚାପମୁକ୍ତ ଜୀବନ, ସୃଜନଶୀଳତା ସୃଷ୍ଟି ଦିଗରେ ଏହାର ଭୂମିକା ବ୍ୟାପକ। ଖୁସି ମୁହୂର୍ତ୍ତର ମଜା ମ୍ୟୁଜିକ୍ ବିନା ଅସମ୍ପୂର୍ଣ୍ଣ। ସେଥିପାଇଁ ତ ମଣିଷ ପାଇଁ ସଙ୍ଗୀତର ମହତ୍ତ୍ୱ କାହିଁ କେତେ। ଶିଶୁକୁ ବୋଧ କରିବାକୁ ମା'ର କାମ ସହଜ କରିଥାଏ ସଙ୍ଗୀତ। ସେହିପରି ମଣିଷର ଶେଷ ଯାତ୍ରାରେ ବି ଏହା ସାମିଲ ହୁଏ। ଜୀବନକୁ ବ୍ୟାଖ୍ୟା କରୁଥିବା ସଙ୍ଗୀତର ଗୁରୁତ୍ୱକୁ ଦେଖି ସାରା ବିଶ୍ୱ ଆଜି ପାଳନ କରୁଛି 'ୱାର୍ଲ୍ଡ ମ୍ୟୁଜିକ୍ ଡେ'।

ସଙ୍ଗୀତର ମହତ୍ତ୍ୱ ଏବଂ ଏହା କିପରି ମନ ଓ ଶରୀର ପାଇଁ ଉପଯୋଗୀ ତାହା ଉପରେ ଆଲୋକପାତ କରିବା ଉତ୍ସବ ପାଳନର ପ୍ରକୃତ ଉଦ୍ଦେଶ୍ୟ ରହିଥାଏ। ସଙ୍ଗୀତ ଉପରେ ବିଶେଷଜ୍ଞମାନେ ଅନେକ ଅଧ୍ୟୟନ କରିଛନ୍ତି। ଚାପହ୍ରାସ, ସୁନ୍ଦର ନିଦ, ସୁସ୍ଥ ମାନସିକତା ପାଇଁ ମ୍ୟୁଜିକ୍‌ର ଗୁରୁତ୍ୱ ରହିଥିବା ଅନେକ ଅଧ୍ୟୟନରେ ପ୍ରମାଣିତ ହୋଇଛି। ମାନସିକ ରୋଗୀଙ୍କୁ ସୁସ୍ଥ କରିବାରେ ମ୍ୟୁଜିକ୍ ଥେରାପିର ଅନନ୍ୟ ଅବଦାନ ରହିଛି। ଏହା ଏକ ପ୍ରକାର ବାୟାମ ଭଳି। ଅଧ୍ୟୟନ ତଥା ବୃତ୍ତିଗତ ଜୀବନରେ ଧ୍ୟାନ କେନ୍ଦ୍ରୀଭୂତ କରିବାରେ ସଙ୍ଗୀତ ବେଶ୍ ସହାୟକ ହୋଇଥାଏ ବୋଲି ମଧ୍ୟ ଗବେଷକମାନେ ଜାଣିବାକୁ ପାଇଛନ୍ତି। ଗୀତ ମାଧ୍ୟମରେ ଶିକ୍ଷା ଶିଶୁଙ୍କ ପାଇଁ ବେଶ୍ ବୋଧଗମ୍ୟ। ଉତ୍ସବ, ପର୍ବପର୍ବାଣୀ ହେଉ କିମ୍ବା କାଫେ, ମଲ୍‌ରେ ଫୁରସତ୍ ସମୟ ବିତାଇବାର ମଜାକୁ ବହୁଗୁଣିତ କରିଥାଏ ସଙ୍ଗୀତ। ସାମାଜିକ ସମନ୍ୱୟ ସୃଷ୍ଟିରେ ମଧ୍ୟ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯାତ୍ରାବେଳର ଏକାପଣ କି ମନର ଥକ୍କାପଣ ଦୂର କରିବାରେ ସଙ୍ଗୀତର ବିକଳ୍ପ କିଛି ନ ଥିବା ପରି ମନେ ହୁଏ। ଆତ୍ମବିଶ୍ୱାସ ବୃଦ୍ଧି ଓ ସୃଜନଶୀଳତା ସୃଷ୍ଟି କରିପାରୁଥିବା ସଙ୍ଗୀତ ବାସ୍ତବରେ ମଣିଷ ପାଇଁ ଏକ ଚମତ୍କାର ଉପହାର ବୋଲି ବେଶ୍ ଗ୍ରହଣୀୟ।

ବିଡମ୍ବନାର କଥା ମହାମାରୀ ଯୋଗୁ 'ୱାର୍ଲ୍ଡ ମ୍ୟୁଜିକ୍ ଡେ' ପାଳନ ବ୍ୟାପକ ଭାବେ ଅନୁଷ୍ଠିତ ହେବା ଆଶା କ୍ଷୀଣ। ବିଭିନ୍ନ ଦେଶରେ ଜନସମାବେଶ ଉପରେ କଟକଣା ଯୋଗୁ ଅନେକ ସଙ୍ଗଠନ ଏହି ଦିବସ ପାଳନ ନିମନ୍ତେ କାର୍ଯ୍ୟକ୍ରମ ଆୟୋଜନ କରିବା କଷ୍ଟକର। ତେଣୁ ଅନେକ ସଙ୍ଗୀତ ସଂଗଠନ ଏବଂ କମ୍ପାନୀ ଅନଲାଇନ୍ କନ୍ସର୍ଟ, ପ୍ରତିଯୋଗିତା ମାଧ୍ୟମରେ ଏହି ଉତ୍ସବ ପାଳନ କରିବାକୁ ଯୋଜନା କରିଛନ୍ତି।

## ସୋସିଆଲ ମିଡିଆରୁ ମିଳିଲା ବାଇକ୍



**ହାଇଦ୍ରାବାଦ:** ସୋସିଆଲ ମିଡିଆ ପ୍ରଭାବରୁ ମାତ୍ର ୧୨ ଘଣ୍ଟାରେ ମିଳିଲା ୭୩ ହଜାର ଟଙ୍କା। ହେଲେ ଏହା କୌଣସି ଲଟେରି ଯୋଗୁ ସମ୍ଭବ ହୋଇନି। ଏଭଳି ଏକ ଘଟଣା ଘଟିଛି ହାଇଦ୍ରାବାଦର ମହମ୍ମଦ ଆକିଲଙ୍କ କ୍ଷେତ୍ରରେ। ସୋସିଆଲ ମିଡିଆ ମାଧ୍ୟମରେ ଏବେ ତାଙ୍କୁ ଏକ ବାଇକ୍ କିଣିବା ପାଇଁ ଏହି ସହାୟତା ମିଳିଛି।

ହାଇଦ୍ରାବାଦର ଜଣେ ଫୁଡ୍ ଡେଲିଭରି ବୟ ଭାବେ କାମ କରନ୍ତି ମହମ୍ମଦ ଆକିଲ୍। ଏବେ ସେ ହାଇଦ୍ରାବାଦ ଆଇଟିରେ କାମ କରୁଥିବା ଜଣେ ବ୍ୟକ୍ତି ରବିନ୍ ମୁକେଶଙ୍କ ମାଧ୍ୟମରେ ଏକ ବାଇକ୍ ପାଇ ପାରିଛନ୍ତି। ରବିନ୍ ହାଇଦ୍ରାବାଦର କୋଟିରେ ରହୁଥିବାବେଳେ ସେ ଥରେ ରାତି ୧୦ଟା ସମୟରେ ଅନ୍‌ଲାଇନରେ ଚା' ଅର୍ଡର କରିଥିଲେ। ଆଉ ୧୫ ମିନିଟ୍ ପରେ ତାଙ୍କ ପାଖକୁ ଜଣେ ଡେଲିଭରି ବୟ ଚା' ଆଣି ଆସିଥିଲେ। ତେବେ ଡେଲିଭରି ବୟଙ୍କ ନାଁ ମହମ୍ମଦ ଆକିଲ ଏବଂ ସେ ଏକ ସାଇକେଲରେ ବର୍ଷାରେ ପୂରା ଓଦା ହୋଇ ଆସିଥିଲେ। କାରଣ ତାଙ୍କର ବାଇକ୍ ନ ଥିଲା ଏବଂ ସେ ଇଞ୍ଜିନିୟରିଂ ଡିଗ୍ରୀ ମଧ୍ୟ କରୁଥିଲେ। ପାଠ ପଢ଼ିବା ପାଇଁ ଆବଶ୍ୟକ ଖର୍ଚ୍ଚ ତୁଲାଇବା ନିମନ୍ତେ ସେ ଡେଲିଭରି ବୟ କାମ କରୁଥିଲେ। ଏହା ଜାଣିବା ପରେ ରବିନ୍ ଆକିଲଙ୍କର ଏକ ଫଟୋ ଉଠାଇ ଫେସ୍‌ବୁକରେ ପୋଷ୍ଟ କରି ତାଙ୍କ ସମ୍ପର୍କରେ ଜଣାଇଥିଲେ ଏବଂ ତାଙ୍କ ପାଇଁ ଏକ ବାଇକ୍ କିଣିଦେବା ନିମନ୍ତେ ଆର୍ଥିକ ସାହାଯ୍ୟ ମାଗିଥିଲେ। ଫେସ୍‌ବୁକରେ ତାଙ୍କ କାହାଣୀ ପଢ଼ିବା ପରେ ବିଭିନ୍ନ ଆଡୁ ଲୋକେ ତାଙ୍କ ପାଖକୁ ତୁରନ୍ତ ଟଙ୍କା ପଠାଇବା ଆରମ୍ଭ କରିଥିଲେ। ମାତ୍ର ୧୨ ଘଣ୍ଟା ମଧ୍ୟରେ ଏହି ମାଧ୍ୟମରେ ମିଳିଥିଲା ୭୩ ହଜାର ଟଙ୍କା। ଏହାପରେ ରବିନ୍ ସେହି ଟଙ୍କାରେ ତାଙ୍କୁ ଏକ ବାଇକ୍ ସହିତ ହେଲ୍‌ମେଟ୍ ଓ ଅନ୍ୟାନ୍ୟ ଜିନିଷ କିଣି ଦେଇଛନ୍ତି। ପ୍ରାୟ ୨ ବର୍ଷ ହେଲା ରବିନ ବିଭିନ୍ନ ଏନ୍‌ଜିଓ ସହିତ ମିଶି ଲୋକଙ୍କୁ ସାହାଯ୍ୟ କରୁଛନ୍ତି। ସୋସିଆଲ ମିଡିଆରେ ଏଭଳି ସାହାଯ୍ୟ ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବ୍ରେକ୍‌ଅପ ପରେ ମିଳିଲେ ଜୀବନସାଥୀ



**ବମ୍ବେ:** ଅଭିନୟ କରୁକରୁ ସତସତିକା ପ୍ରେମରେ ପଡ଼ିଛନ୍ତି ଅନେକ କଳାକାର। ସେଥିରୁ କେତେକଙ୍କ ପ୍ରେମ ସଫଳ ମଧ୍ୟ ହୋଇଛି। ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାମନ୍ଥା ଅକ୍କିନେନୀ ଏବଂ ନାଗା ଚୈତନ୍ୟଙ୍କ ଲଭ୍‌ଷ୍ଟୋରୀ ଠିକ୍ ସେଭଳି। ନାଗା ଚୈତନ୍ୟ ସାଉଥ ସୁପରଷ୍ଟାର ନାଗାର୍ଜ୍ଜୁନଙ୍କ ପୁଅ। 'ୟେ ମୈୟା ଚେସବେ' ଚଳଚ୍ଚିତ୍ରର ସେଟ୍‌ରେ ସାମନ୍ଥାଙ୍କୁ ଭେଟିଥିଲେ ନାଗା ଚୈତନ୍ୟ। ଏହି ଫିଲ୍ମରୁ ଉଭୟ ବେଶ ଲୋକପ୍ରିୟ ହୋଇଥିଲେ। ହେଲେ ସେତେବେଳେ ଉଭୟଙ୍କ ଜୀବନରେ ଅନ୍ୟ କେହି ଥିଲେ। ହେଲେ କିଛି ସମୟ ପରେ ସେମାନଙ୍କର ବ୍ରେକଅପ ହୋଇଯାଇଥିଲା। ୨୦୧୪ରେ ପୁନର୍ବାର 'ସୂର୍ଯ୍ୟା' ସେଟ୍‌ରେ ଉଭୟ ପରସ୍ପରକୁ ଭେଟିଥିଲେ। ଧୀରେ ଧୀରେ ଉଭୟଙ୍କ ମନରେ ପ୍ରେମର ଘଣ୍ଟି ବାଜିଥିଲା। ସୋସିଆଲ ମିଡିଆ କୁଇନ ହୋଇଥିବାରୁ ସାମନ୍ଥା ଉଭୟଙ୍କ ଫଟୋ ଶେୟାର କରୁଥିଲେ। ଏଣୁ ଉଭୟଙ୍କ ମଧ୍ୟରେ କିଛି ଚାଲିଥିବା ନେଇ ପ୍ରଶଂସକ ସନ୍ଦେହ କରିଥିଲେ। ୨୦୧୬ରେ ଏକ ରୋମାଣ୍ଟିକ ଟ୍ରିପ୍‌ରେ ଚୈତନ୍ୟଙ୍କୁ ସାମନ୍ଥା ପ୍ରପୋଜ କରିଥିଲେ। ଏଥିରେ ହଁ ଭରିଥିଲେ ଅଭିନେତା। ପରେ ହିନ୍ଦୁ ଏବଂ କ୍ୟାଥୋଲିକ ରୀତିନୀତି ଅନୁଯାୟୀ ଉଭୟେ ବିବାହ କରିଥିଲେ।

## ୨୮ ଘଣ୍ଟାରେ ୧୦ ମହଲା



**ବେଜିଂ:** ମାତ୍ର ୨୮ ଘଣ୍ଟାରେ ନିର୍ମାଣ ହେଲା ୧୦ ମହଲା କୋଠା। ଏଭଳି ଅବିଶ୍ୱସନୀୟ କାର୍ଯ୍ୟ କରି ସମସ୍ତଙ୍କୁ ଚକିତ କରିଦେଇଛି ଚାଇନାର ଏକ ରିଅଲ ଇଷ୍ଟେଟ୍ କମ୍ପାନୀ। ଏହି ଆବାସିକ ବିଲ୍ଡିଂ ଭୂକମ୍ପ ପ୍ରତିରୋଧୀ। ଚାଇନାର ଚାଙ୍ଗଶା ସହରରେ ଉକ୍ତ କୋଠା ନିର୍ମାଣ ହୋଇଛି। ନିର୍ମାଣକାରୀ ସଂସ୍ଥା ବ୍ରୋଡ୍ ଗ୍ରୁପ୍ ଏହାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରିବା ପରେ ଏହା ଭାଇରାଲ ହେବାରେ ଲାଗିଛି।

ବାସ୍ତବରେ ବିଲ୍ଡିଂ ନିର୍ମାଣ ପାଇଁ କମ୍ପାନୀ ପ୍ରି-ଫାବ୍ରିକେଟେଡ୍ କନ୍‌ଷ୍ଟ୍ରକ୍ସନ ସିଷ୍ଟମ୍ ବ୍ୟବହାର କରିଛି। ଅର୍ଥାତ୍ କୋଠାର ପ୍ରକୋଷ୍ଠ ଓ ଅନ୍ୟ ଅଂଶଗୁଡ଼ିକ ପୂର୍ବରୁ ଏକ ଫ୍ୟାକ୍ଟ୍ରିରେ ପ୍ରସ୍ତୁତ ହୋଇଥିଲା। ସେଗୁଡ଼ିକୁ ଟ୍ରକ୍ ସାହାଯ୍ୟରେ ନିର୍ମାଣ ସ୍ଥଳକୁ ନିଆଯାଇ ନଟ୍ ବୋଲ୍ଟରେ ଯୋଡ଼ାଯାଇଛି। ବିଲ୍ଡିଂର ପ୍ରତ୍ୟେକ ଭାଗକୁ ଶିପିଂ କଣ୍ଟେନର ଆକୃତିର ଓ ସମାନ ମାପରେ କରାଯାଇଥିଲା। ଫୋଲ୍ଡିଂ କରିବା ପରେ ସେଗୁଡ଼ିକୁ ପରିବହନ କରିବା ସହଜ ହୋଇଥିଲା। ଆବଶ୍ୟକ ପଡ଼ିଲେ ଉକ୍ତ କୋଠାକୁ ପୁଣି ଥରେ ଅଲଗା କରି ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରିବ। ଏଭଳି ସିଷ୍ଟମରେ ୨୦୦ ମହଲା ଘର କରିପାରିବ ବୋଲି କମ୍ପାନୀ ଦାବି କରିଛି।

## ବିବାହ ବନ୍ଧନରେ ଅକ୍ଷୟ-ଦିବ୍ୟା

**ମୁମ୍ବାଇ:** ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଟେଲି ଧାରାବାହିକ ପାଣ୍ଡ୍ୟା ଷ୍ଟୋର ଅଭିନେତା ଅକ୍ଷୟ ଖରୋଦିୟା। ପ୍ରେମିକା ତଥା ପେସାରେ ଡାକ୍ତର ଥିବା ଦିବ୍ୟା ପୁନେଥାଙ୍କ ସହ ଶନିବାର ତାଙ୍କର ବିବାହ ହୋଇଛି। ମହାମାରୀ କରୋନା କାରଣରୁ ଅକ୍ଷୟ ଦୀର୍ଘଦିନରୁ ବିବାହ ଦିନ ଘୁଞ୍ଚାଇ ଆସୁଥିଲେ। ହେଲେ ପରିବାର ଲୋକଙ୍କ ଗହଣରେ ବିବାହ କରିବାକୁ ଶେଷରେ ନିଷ୍ପତ୍ତି ନେଇଥିଲେ। ବିବାହ ପରେ ପ୍ରତିକ୍ରିୟା ରଖି ଅଭିନେତା କହିଛନ୍ତି, ବିବାହ ବେଶ ସୁନ୍ଦର ଥିଲା। ମୋ ପରିବାର ସହ ଦିବ୍ୟାଙ୍କ ପରିବାର ସାମିଲ ଥିଲେ। ମାତ୍ର ୧୦ଜଣ ଲୋକ ଥିଲେ। ମୋ ପକ୍ଷରୁ ପାଞ୍ଚ ଜଣ ଏବଂ ମୋ ପ୍ରେମିକାଙ୍କ ପକ୍ଷରୁ ପାଞ୍ଚ ଜଣ ଲୋକ ଥିଲେ। ବେଶ ବ୍ୟକ୍ତିଗତ ଉତ୍ସବରେ ପାରମ୍ପରିକ ଭାବେ ଉଭୟ ଉଭୟଙ୍କୁ ଜୀବନସାଥୀ ରୂପେ ବାଛିଛୁ।




**CLASSIFIED DISPLAY**

| TARIFF — MORE SPACE • SAME PRICE (GST 5%) | | | | | | | |
|---|---|---|---|---|---|---|---|
| For Single Day | | For 7 Days | | For 15 Days | | For 30 days | |
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା ମକବୁଲ ଖାନ୍ ବଙ୍ଗାଳୀ
9520764524

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

ଖର୍ଚ୍ଚ ଋଣରୁ କଟିବ
KUBER FINANCE
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍
24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଓଁ ସାଇରାମ

୰ସୁବାସିନୀ ପ୍ରଧାନ
ଆବିର୍ଭାବ : ୨୦-୧୧-୧୯୫୭
ତିରୋଧାନ : ୧୧-୦୬-୨୦୨୧
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-: ଶୋକସନ୍ତପ୍ତ :-
ସ୍ୱାମୀ-ଶ୍ରୀ ରାମଚନ୍ଦ୍ର ପ୍ରଧାନ, ପୁଅ-ସ୍ମୃତି ରଞ୍ଜନ ପ୍ରଧାନ, ବୋହୂ-ମୋମି ପ୍ରଧାନ, ନାତି-ହଂସରାଜ ପ୍ରଧାନ, ଭାଇ-ପ୍ରମୋଦ କୁମାର ରାଉତରାୟ ଓ ଭାଉଜ-ଶାନ୍ତିଲତା ରାଉତରାୟ, ସମୁଦି-ସମୁଦୁଣୀ, ଦିଅର-ଯା, ପୁତୁରା-ବୋହୂ, ନଣନ୍ଦ-ନଣଦେଇ, ମଉସା-ମାଉସୀ, ଭଉଣୀ-ଭିଣେଇ, ଭଣଜା-ବୋହୂ, ଭାଣିଜୀ-ଜ୍ୱାଇଁ, ଝିଆରି-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୭୧୧୦୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

୰ହେମଲତା ମିଶ୍ର
୩୬- ରତ୍ନାକରବାଗ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୨୮
ତିରୋଧାନ: ୧୨।୦୬।୨୦୨୧
ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଏବଂ ଲୋକପ୍ରିୟତା ପାଇଁ ଆପଣ ଚିର ସ୍ମରଣୀୟ ହୋଇ ରହିବେ। ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ନିବେଦନ। ଶୋକସନ୍ତପ୍ତ:- ସ୍ୱାମୀ: ସୀରପାଣୀ ମିଶ୍ର, ପୁତ୍ର: ରାଜକିଶୋର, ପୁତ୍ରବଧୂ: ରମା, ପୁତ୍ର: କୁମାର ବଲ୍ଲଭ, ପୁତ୍ରବଧୂ: ବୁବୁ, ପୁତ୍ର: ଦିଲ୍ଲିପ କୁମାର, ଝିଅ: ସ୍ୱର୍ଣ୍ଣପ୍ରଭା, ଜ୍ୱାଇଁ: ରାଜ କିଶୋର, ନାତି ଏବଂ ଅଣନାତି, ଅଣନାତୁଣୀ ଓ ପରିବାରବର୍ଗ।
ଧ-୭୦୮୫୩

**ଶ୍ରଦ୍ଧାଞ୍ଜଳି**

୰ଗଡ଼ତିଆ ମହାପାତ୍ର
ଗ୍ରାମ: କୁଟସିରା, ଖାରୀ, ସୁବର୍ଣ୍ଣପୁର
ଆବିର୍ଭାବ: ୧୧।୦୬।୧୯୪୮
ତିରୋଧାନ: ୧୧।୦୬।୨୦୨୧
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ଏହାହିଁ ମା' ପୂର୍ଣ୍ଣମାସୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଆମର ପ୍ରାର୍ଥନା।
:ଶ୍ରଦ୍ଧାଞ୍ଜଳି ସହ:
ପାର୍ଥବ ମହାପାତ୍ର, ସାର୍ଥବ ମହାପାତ୍ର, ଲକ୍ଷ୍ମିନ୍ଦ୍ର ମହାପାତ୍ର, କାର୍ତ୍ତିକ ମହାପାତ୍ର, ଯତିନ୍ଦ୍ର ମହାପାତ୍ର ଓ ପରିବାରବର୍ଗ।
ଧ-୭୦୯୨୮

**ପ୍ରଥମ ବାର୍ଷିକ**

୰ଆଶିଷ କୁମାର ମହାପାତ୍ର
ଆବିର୍ଭାବ: ୩୦।୦୯।୧୯୬୭
ତିରୋଧାନ: ୦୨।୦୬।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର: ବାଦଲ, ଆକାଶ, ଝିଅ: ବର୍ଷା, ନିଧି, ଭଣଜା: ଶିବା
ଧ-୨୦୯୧୮

**ଏକାଦଶାହ ଉପଲକ୍ଷେ**

୰ ସତ୍ୟଭାମା ତ୍ରିପାଠୀ
୫୬୨-ଏକାମ୍ରବିହାର, ଭୁବନେଶ୍ୱର
ଆବିର୍ଭାବ-୧୪.୦୭.୧୯୪୫
ତିରୋଧାନ-୧୧.୦୬.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ବର୍ଗ, ଆତ୍ମୀୟସ୍ୱଜନ ଏବଂ କର୍ମଚାରୀବୃନ୍ଦ
ସୌଜନ୍ୟ - ଗଣେଶ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି
ଧ-୨୦୯୧୧

# ପାଚନକ୍ରିୟା ଓ ଉପବାସ



ପୂଜାପାର୍ବଣ ହେଉ ଅବା କେତେକ ତିଥିରେ ଅନେକେ ଉପବାସ ରହିଥାଆନ୍ତି। ଉପବାସ ରହିବା ଦ୍ୱାରା ମନ ପବିତ୍ର ରହେ ବୋଲି ଅନେକେ ବିଶ୍ୱାସ କରନ୍ତି। ହେଲେ ଏହା ଏକ ଅଭ୍ୟାସରେ ପଡିଗଲେ ତାହାର ପ୍ରଭାବ ଶରୀର ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି। ଯଦି ଜଣେ ବ୍ୟକ୍ତି ମାସକୁ ଥରେ ଉପବାସ କରନ୍ତି, ତେବେ ତାଙ୍କର ପାଚନକ୍ରିୟା ପୂର୍ବାପେକ୍ଷା ଆହୁରି ସକ୍ରିୟ ହୋଇଥାଏ ବୋଲି ଟୋକିଓ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଗବେଷଣାରୁ ଜଣାପଡିଛି। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ମାସକୁ ଅତିକମରେ ଥରେ ଉପବାସ ରହିବାକୁ ପରାମର୍ଶ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ପାଚନକ୍ରିୟା ପୂର୍ବାପେକ୍ଷା ସକ୍ରିୟ ହେଉଥିବାର ଜଣାପଡିଥିଲା। ଉପବାସ ରହିବା ଦ୍ୱାରା ଆମ ଶରୀରରେ ଥିବା ଟକ୍ସିନ ନାମକ ବିଷାକ୍ତ ତତ୍ତ୍ୱ ବାହାରି ଯାଇଥାଏ, ଫଳରେ ଆମର ପାଚନକ୍ରିୟା ଆହୁରି ସକ୍ରିୟ ହୁଏ ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ମତ ଦେଇଛନ୍ତି।

# କଥାବାର୍ତ୍ତା ଶୈଳୀ ବଢ଼ାଏ କାର୍ଯ୍ୟଦକ୍ଷତା



ନିଜର କଥାବାର୍ତ୍ତା ଶୈଳୀ ଉପରେ ସେହି ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ନିର୍ଭର କରିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଏପରି ରୋଚକ ତଥ୍ୟ ସମ୍ପର୍କରେ ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ସୂଚନା ଦେଇଛନ୍ତି। 'କଥାବାର୍ତ୍ତା ଶୈଳୀ ଓ କାର୍ଯ୍ୟଦକ୍ଷତା' ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର କଥାବାର୍ତ୍ତା ଶୈଳୀ ସହ ସେମାନଙ୍କର କାର୍ଯ୍ୟଦକ୍ଷତାକୁ ତୁଳନା କରାଯାଇଥିଲା। ଯେଉଁମାନେ ଶାନ୍ତ ସରଳ ଭାବରେ ସାଥୀମାନଙ୍କ ସହ କଥା ହେଉଥିଲେ ସେମାନଙ୍କର କାର୍ଯ୍ୟଦକ୍ଷତା ଅନ୍ୟମାନଙ୍କ ତୁଳନାରେ ଭିନ୍ନ ଥିଲା। ସେମାନେ ବେଶ୍ ସୂଚାରୁ ରୂପେ ନିଜ କାମକୁ ସମ୍ପାଦନ କରୁଥିଲେ। ଯଦି ଜଣେ ବ୍ୟକ୍ତି ବେଶ୍ ମାର୍ଜିତ ଭାବରେ କଥାବାର୍ତ୍ତା କରନ୍ତି, ତେବେ ତାଙ୍କର ମାନସିକତା ସବୁବେଳେ ସକାରାତ୍ମକ ରହିଥାଏ। ଫଳରେ ସେ ନିଜ କାମକୁ ଠିକ୍ ଭାବରେ ଶେଷ କରିଥାନ୍ତି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ରୋଗ ପାଇଁ ଯୋଗ









ଡା. ନିତ୍ୟାନନ୍ଦ ସ୍ୱାଇଁ

**ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ 'ବିଶ୍ୱ ଯୋଗ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**

ରବର୍ଟ ବେନ୍‌ସନ ଥିଲେ ଆମେରିକାସ୍ଥିତ ହାର୍ଭାର୍ଡ ମେଡିକାଲ ସ୍କୁଲର ପ୍ରଫେସର। ୧୯୮୫ ମସିହାରେ ସେ ନିଜର କେତେ ଜଣ ସହକର୍ମୀଙ୍କୁ ନେଇ ପରିଦର୍ଶନ କରିଥିଲେ ଉତ୍ତର ଭାରତରେ ଥିବା ଏକ ତିବ୍ବତୀୟ ସନ୍ନ୍ୟାସୀ ଆଶ୍ରମ। ଆଶ୍ରମଟି ଅବସ୍ଥିତ ଥିଲା ହିମାଳୟର ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ। ସେଠାରେ ସେମାନେ ଆଶ୍ରମର ସନ୍ନ୍ୟାସୀମାନଙ୍କୁ ଗଭୀର ଭାବରେ ଧ୍ୟାନମଗ୍ନ ଥିବାର ଦେଖିଥିଲେ। ବାହାରର ତାପମାତ୍ରା ଥିଲା ମାଇନସ୍ ୨୦ ଡିଗ୍ରୀ ସେଲ୍‌ସିୟସ। ଅଥଚ ସନ୍ନ୍ୟାସୀମାନେ ନିଜ ଶରୀରକୁ ଆବୃତ କରି ରଖିଥିଲେ ଓଦା ବସ୍ତ୍ରରେ। ୧୫,୦୦୦ ଫୁଟ ଉଚ୍ଚତାରେ ମଧ୍ୟ ସେମାନେ ବେଶ୍ ଶାନ୍ତି ଓ ଆରାମରେ ନିଦ୍ରା ଯାଉଥିଲେ ପୁଣି ପଥର ଚଟାଣ ଉପରେ। ବେନ୍‌ସନ ଉଲ୍ଲେଖ କରିଛନ୍ତି ଯେ ସେହି ସନ୍ନ୍ୟାସୀମାନଙ୍କଠାରେ ଏପରି ଅନୁକୂଳ ଶାରୀରିକ ଓ ମାନସିକ ସାମର୍ଥ୍ୟ ସମ୍ଭବ ହୋଇଥିଲା ଯୋଗର ପ୍ରଭାବ ଯୋଗୁ। ପରବର୍ତ୍ତୀ ସମୟରେ ବେନ୍‌ସନ ଯୋଗ ଓ ଧ୍ୟାନ ପଦ୍ଧତିକୁ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଉତ୍କଣ୍ଠା ଓ ଉଦ୍‌ବେଗ ତଥା ନିଦ୍ରାହୀନତାରେ ପୀଡ଼ିତ ରୋଗୀଙ୍କଠାରେ ପ୍ରୟୋଗ କରି ବେଶ୍ ସୁଫଳ ପାଇଥିଲେ। କିଛି ବର୍ଷ ପୂର୍ବେ ଟାଇମ୍ ମାଗାଜିନ୍ ଉଲ୍ଲେଖ କରିଥିଲା ଯେ ଏକବିଂଶ ଶତାବ୍ଦୀରେ ଜନସାଧାରଣଙ୍କର ସବୁଠାରୁ ମାରାତ୍ମକ ଶତ୍ରୁ ହେଉଛି ମାନସିକ ଚାପ ବା 'ଷ୍ଟ୍ରେସ୍', ଯାହାଯୋଗୁଁ ସମାଜରେ ଉଚ୍ଚ ରକ୍ତଚାପ ହାର ବଢ଼ିଚାଲିଛି। ଏକ ପରିସଂଖ୍ୟାନରୁ ଜଣାପଡିଛି ଯେ, ଆମ ଦେଶରେ ଏହି ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୧୦ କୋଟିରୁ ଅଧିକ। ହେଲେ ଏହାର ରହିଛି ଏକ ଅତି ସହଜ ତଥା ସରଳ ଆରୋଗ୍ୟ ପଦ୍ଧତି। ତାହା ହେଉଛି ପରମାନନ୍ଦ ବା ପରମ ସୁଖର ଅନୁଭବ। ଶରୀର ଓ ମନ ଏତେ ଅଙ୍ଗାଙ୍ଗୀ ଭାବେ ସଂଯୁକ୍ତ ଯେ ଗୋଟିକ ଉପରେ କୌଣସି ଏକ ପ୍ରଭାବ ସ୍ୱତଃ ଅନ୍ୟଟିକୁ ପ୍ରଭାବିତ କରିପକାଏ। ତେଣୁ ଯୋଗ କଲେ ମନ ଏକ ଉନ୍ନତ ପର୍ଯ୍ୟାୟକୁ ଉନ୍ନୀତ ହୋଇଯାଏ। ଫଳରେ ମନ ହୋଇଯାଏ ସମ୍ପୂର୍ଣ୍ଣ ପ୍ରଶାନ୍ତ। ମନ ପ୍ରଶାନ୍ତ ହେବା ସଙ୍ଗେସଙ୍ଗେ ଶରୀରର କୋଷଗୁଡ଼ିକରେ ମେଟାବୋଲିଜମ ବା ଚୟାପଚୟ ପ୍ରକ୍ରିୟା ହୋଇପଡ଼େ ସମ୍ପୂର୍ଣ୍ଣ ମନ୍ଥର। ଧ୍ୟାନ କରିବା ସମୟରେ ଚିନ୍ତା ପ୍ରକ୍ରିୟାର ଉତ୍ତେଜିତ ଅବସ୍ଥା ପ୍ରଶମିତ ହୋଇ ଜାତ ହୋଇଥାଏ ଜୀବକୋଷୀୟ ସନ୍ତୁଳନ ଅବସ୍ଥା ବା ସମାବସ୍ଥା। ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ଅତ୍ୟନ୍ତ ଅନୁକୂଳ। ସୁତରାଂ ଯୋଗ କଲେ ଉଚ୍ଚ ରକ୍ତଚାପ କମିଯାଏ। ହୃଦ୍‌ରୋଗ ଏବଂ ଡାଇବେଟିସ୍ ହ୍ରାସ ପାଏ। ଊଣା ହୋଇଯାଏ କ୍ରୋଧ ଓ ମାନସିକ ଚାପ।

ଧ୍ୟାନ କି ଯୋଗ କରିବା ସମୟରେ ମନରେ ଏକାଗ୍ରତା ରହିବା ନିହାତି ଦରକାର। ତା' ସହ ମନରେ ଶାନ୍ତ ଭାବନା ଜାତ ହେଲେ ଯୋଗରେ ମନ ଲାଖି ରହେ। ନିଷ୍ଠା, ଅଧ୍ୟବସାୟ ତଥା ଧୈର୍ଯ୍ୟ ଥିଲେ ମନ ଧୀରେ ଧୀରେ ବୋଲ ମାନେ ଏବଂ ଉଦ୍‌ବେଳିତ ଅବସ୍ଥା ଧୀରେ ଧୀରେ ଶାନ୍ତ ପଡ଼ିଆସେ। ମନ ହୋଇପଡ଼େ ଶାନ୍ତ, ଶୀତଳ, ଶୁଦ୍ଧ, ଶକ୍ତ ଏବଂ ଅଫୁରନ୍ତ ଆନନ୍ଦର ଉତ୍ସ। ମନ ଅସୁସ୍ଥ ହୋଇ ଉତ୍କଣ୍ଠିତ ତଥା ଉଦ୍‌ବିଗ୍ନ ରହିଲେ ତାହା ଅନେକ ରୋଗର କାରଣ ହୋଇପଡ଼େ। ସେହି ସବୁ ରୋଗ ଗୋଷ୍ଠୀକୁ କୁହାଯାଏ ମନୋ-ଶାରୀରିକ ବ୍ୟାଧି ବା ସାଇକୋ-ସୋମାଟିକ୍ ଡିଜିଜେସ୍।

ଏକଥା ମନେରଖିବା ଉଚିତ ଯେ ଶରୀର, ମନ ଓ ଆତ୍ମାର ପୂର୍ଣ୍ଣାଙ୍ଗ ତଥା ସୁସଙ୍ଗତ ବିକାଶରେ ଯୋଗସାଧନା ଖୁବ୍ ସହାୟକ ହୋଇଥାଏ। ସୁତରାଂ ଯୋଗର ରହିଛି ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ପ୍ରଭାବ। ଯୋଗ ଏକ ବ୍ୟାୟାମ ନୁହେଁ, ଏହା ଏକ କାମ। ସବୁ ପ୍ରକାର କାମ ଭଳି ଯୋଗ ମଧ୍ୟ ଆବଶ୍ୟକ କରିଥାଏ ନିୟମିତ ଅଭ୍ୟାସ, ଧୈର୍ଯ୍ୟ ଏବଂ ସମୟ। ଶ୍ୱାସକ୍ରିୟା ନିୟନ୍ତ୍ରଣ, ମନସ୍ତାତ୍ତ୍ୱିକ ସାମର୍ଥ୍ୟ, ଏକାଗ୍ରତା, ଶାରୀରିକ ଦକ୍ଷତା ଏବଂ ନମନୀୟତା ଇତ୍ୟାଦି।

ଯୋଗ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ। ଏହା କେବଳ ଯୋଗୀମାନଙ୍କ ପାଇଁ ଅଭିପ୍ରେରିତ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଜୀବନରେ ଉତ୍ତମ ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ଏବଂ ସନ୍ତୋଷ ତଥା ମାନସିକ ଚାପରୁ ମୁକ୍ତି ଚାହୁଁଥିବାରୁ ପ୍ରତ୍ୟେକ ଯୋଗ କରିପାରିବେ ଏବଂ କରିବା ବାଞ୍ଛନୀୟ ମଧ୍ୟ। ସେଥିପାଇଁ ଯୋଗକୁ 'ଜୀବନର ବିଜ୍ଞାନ' ବୋଲି କୁହାଯାଇଛି।

ଭାରତ ହିଁ ଯୋଗର ଜନ୍ମଭୂମି। ବଡ଼ ଗର୍ବ ତଥା ଗୌରବର ବିଷୟ, ଏହି ଐତବ୍ୟବହାରୀ, ଶରୀରବୃତ୍ତୀୟ ଏବଂ ମନସ୍ତାତ୍ତ୍ୱିକ ସାଧନ ପ୍ରଣାଳୀଟି ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି। ଏହାର ଫଳସ୍ୱରୂପ ପୃଥିବୀର ସବୁ ରାଷ୍ଟ୍ରରେ ପ୍ରତିବର୍ଷ ଜୁନ୍ ୨୧ ତାରିଖରେ ପାଳିତ ହୋଇଆସୁଛି 'ବିଶ୍ୱ ଯୋଗ ଦିବସ'। ଏ ବର୍ଷର ସ୍ଲୋଗାନଟି ହେଲା, 'ୟୋଗ ଫର ୱେଲ୍ ବିଇଙ୍ଗ'। ଏହି ଦିବସର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଯୋଗର ଉପକାରିତା ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବା ଏବଂ ନିୟମିତ ଯୋଗ କରିବା ପାଇଁ ପ୍ରେରଣା ପ୍ରଦାନ କରିବା।

*-'ଅଭୀପ୍‌ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ସିଡିଏ, କଟକ-୧୪*
*ମୋ: ୮୩୨୮୯୭୫୧୧୮*

**"ଧ୍ୟାନ କି ଯୋଗ କରିବା ସମୟରେ ମନରେ ଏକାଗ୍ରତା ରହିବା ନିହାତି ଦରକାର। ତା' ସହ ମନରେ ଶାନ୍ତ ଭାବନା ଜାତ ହେଲେ ଯୋଗରେ ମନ ଲାଖି ରହେ। ନିଷ୍ଠା, ଅଧ୍ୟବସାୟ ତଥା ଧୈର୍ଯ୍ୟ ଥିଲେ ମନ ଧୀରେ ଧୀରେ ବୋଲ ମାନେ ଏବଂ ଉଦ୍‌ବେଳିତ ଅବସ୍ଥା ଧୀରେ ଧୀରେ ଶାନ୍ତ ପଡ଼ିଆସେ। "**

# ଶ୍ୱେତ କବକ



ଡା. ସୁନୀଲ କୁମାର କୋଟା

**"ଧଳା ଫଙ୍ଗସ୍ ବା ଶ୍ୱେତ କବକ ଦ୍ୱାରା ଆକ୍ରାନ୍ତ ହେବାର ଲକ୍ଷଣ ହେଲା ଜ୍ୱର, କାଶ, କଫ, ରକ୍ତ ଜଡ଼ିତ କଫ, ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ, ଆଜ୍‌ମା ଲକ୍ଷଣର ଅବନତି, ଥକାପଣ ଏବଂ ଓଜନ ହ୍ରାସ। ସାଇନସ ସଂକ୍ରମିତ ହେଲେ ନାକ, ମୁଣ୍ଡ ବ୍ୟଥା, ମୁଖ ଏବଂ ଆଖିରେ ଯନ୍ତ୍ରଣା ହୋଇଥାଏ।"**

କିଛି ରିପୋର୍ଟ ଅନୁଯାୟୀ, ଧଳା ଫଙ୍ଗସ୍ ରୋଗ ବୃଦ୍ଧି ପାଇବାରେ ଲାଗିଛି। କୋଭିଡ୍‌ରେ ଆକ୍ରାନ୍ତ ରୋଗୀମାନେ ଧଳା ଫଙ୍ଗସ୍ ବା ଶ୍ୱେତ କବକ (ହ୍ୱାଇଟ୍ ଫଙ୍ଗସ୍)ରେ ଅଧିକ ମାତ୍ରାରେ ଆକ୍ରାନ୍ତ ହୋଇଥାଆନ୍ତି, କାରଣ ଏହା ହୋଇଥାଏ। ଡିଟରଜେଣ୍ଟ ଅଥବା ଡୋଉଚ୍ (ଶରୀର ସଫା ରଖିବା ପାଇଁ ବ୍ୟବହୃତ ହେଉଥିବା ତରଳ ପଦାର୍ଥ) ସହ ସଂସ୍ପର୍ଶରେ ଆସିବା ପରେ ତଥା ଗର୍ଭାବସ୍ଥାରେ ଘଟୁଥିବା ହରମୋନ ସ୍ତରରେ ପରିବର୍ତ୍ତନ ଯୋଗୁ ନାରୀମାନଙ୍କ





ରୋଗ ପ୍ରତିରୋଧକ କ୍ଷମତାକୁ ଦମନ କରିଥାଏ ତଥା ଫୁସ୍‌ଫୁସ୍‌କୁ ପ୍ରଭାବିତ କରି ସମାନ ଲକ୍ଷଣ ସୃଷ୍ଟି କରିଥାଏ। ଏପରି ସମସ୍ୟା ପାଇଁ କ୍ୟାଣ୍ଡିଡା ଏବଂ ଆସ୍ପର୍ଗିଲସ୍ ନାମକ ଦୁଇଟି କବକ ମୁଖ୍ୟତଃ ଦାୟୀ। କଳା ଫଙ୍ଗସ୍ ଅପେକ୍ଷା ଏଗୁଡ଼ିକ ଅଧିକ ମାତ୍ରାରେ ଦେଖାଦିଏ ଏବଂ ଅଧିକ ଗୁରୁତର ରୋଗର କାରଣ ହୋଇପାରେ। ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତିଯୋଗୁଁ ଏହିସଂକ୍ରମଣ ଆଶଙ୍କା ଅଧିକ ମାତ୍ରାରେ ଥାଏ।

**କ୍ୟାଣ୍ଡିଡିଆସିସ୍ :** ସୁସ୍ଥ ମନୁଷ୍ୟ ଶରୀରରେ କ୍ୟାଣ୍ଡିଡା ଚର୍ମ ତଥା ମୁଖ୍ୟ ଏବଂ ଅନ୍ତନଳୀରେ ଅବସ୍ଥିତ ଥାଏ। ଏହାର ସଂକ୍ରମଣ ଶିଶୁ, ବୃଦ୍ଧ ଏବଂ ମହିଳାମାନଙ୍କଠାରେ ଅଧିକ ଦେଖାଯାଏ। କୃତ୍ରିମ ଦାନ୍ତ ସମୂହ, ଗର୍ଭ ନିରୋଧକ ବଟିକା, ହରମୋନ ରିପ୍ଲେସମେଣ୍ଟ ଥେରାପି, ବନ୍ଧ୍ୟାକରଣ ଚିକିତ୍ସା ଦ୍ୱାରା ଏହି ସଂକ୍ରମଣର ଆଶଙ୍କା ବଢ଼ିଥାଏ। ଏହି ଫଙ୍ଗସ୍ ଚର୍ମ, ନଖ, ପାଟି, ଗଳା, ଅନ୍ତନଳୀର ଉପରିଭାଗ, ଯୌନାଙ୍ଗକୁ ସାଧାରଣତଃ ପ୍ରଭାବିତ କରିଥାଏ। କିଛି କ୍ଷେତ୍ରରେ ପାକସ୍ଥଳୀ, ଅନ୍ତନଳୀ, ମୂତ୍ରନଳୀ ଏବଂ ଶ୍ୱାସକ୍ରିୟାକୁ ସଂକ୍ରମିତ କରିପାରେ। ଦୀର୍ଘ ସମୟ ଧରି ପହଁରିବା ପୋଷାକ, ଡାଏପର ପରିଧାନ ଦ୍ୱାରା ଚର୍ମ ଆର୍ଦ୍ର ହୋଇ କ୍ୟାଣ୍ଡିନାରେ ସଂକ୍ରମିତ ଯୌନାଙ୍ଗରେ ଏହି ଇନ୍‌ଫେକ୍ସନ ଦେଖାଦିଏ। ସ୍ତନ୍ୟପାନ କରାଉଥିବା ନାରୀମାନଙ୍କର ସ୍ତନାଗ୍ରରେ କ୍ୟାଣ୍ଡିଡା ହୋଇପାରେ। କ୍ୟାଣ୍ଡିଡିଆସିସ୍‌ରେ ଆକ୍ରାନ୍ତ ଯୋନିବାଟେ ଜନ୍ମ ନେଇଥିବା ନବଜାତ ଶିଶୁମାନଙ୍କଠାରେ ମଧ୍ୟ ଏହି ଇନ୍‌ଫେକ୍ସନ ଦେଖାଦିଏ। ଏହାର ସାଧାରଣ ଲକ୍ଷଣ ହେଲା ଜିଭ, ପାଟି ଏବଂ ଗଳାରେ ଉତ୍ତେଜନା, ଧଳା ପ୍ୟାଚ୍ ଆଦି। ଏକ୍ସୋଫଙ୍ଗସ୍ ସଂକ୍ରମିତ ହେଲେ ଗିଳିବାରେ ଅସୁବିଧା, ଯନ୍ତ୍ରଣା ସହ ପେଟ ଦରଜ, ବାନ୍ତି ଆଦି ଦେଖାଦିଏ। ଚର୍ମ କୁଣ୍ଡେଇ ହେବା, ଉତ୍ତେଜନା, ଘା, ନଖ ନଷ୍ଟ ହେବା ଆଦି ସମ୍ଭବ। ପାକସ୍ଥଳୀ, ଅନ୍ତନଳୀ ସଂକ୍ରମିତ ହେଲେ ପେଟ କାଟିବା, ଫୁଲିବା, ବାନ୍ତି, ପତଳା ଝାଡ଼ା, ହାକୁଟି, ଗ୍ୟାସ୍, ମଳଦ୍ୱାର କୁଣ୍ଡେଇ ହେବା, ଗ୍ୟାଷ୍ଟ୍ରିକ ଅଲସର୍ ଦେଖାଦିଏ। ମୂତ୍ର ତଥା ଶ୍ୱାସକ୍ରିୟା ଜନିତ ଲକ୍ଷଣ ମଧ୍ୟ ଦେଖାଦେଇପାରେ। (କ୍ରମଶଃ..)

*-ମଧୁମେହ, ହରମୋନ୍ ରୋଗ ବିଶେଷଜ୍ଞ*
*ଡାଏବେଟିସ୍ ଏଣ୍ଡ ଏଣ୍ଡୋକେୟାର କ୍ଲିନିକ୍, ବ୍ରହ୍ମପୁର*
*ମୋ: ୭୭୪୯୮୦୪୪୦୧*

# ଉତ୍ତମ ପରିବେଶ ପାଇଁ...

ପ୍ରଦୂଷିତ ପରିବେଶ ଏବେ ଚିନ୍ତାର କାରଣ ସାଜିଛି। ଅନେକ କାରଣରୁ ଆମର ପରିବେଶ ସ୍ୱାସ୍ଥ୍ୟୋପଯୋଗୀ ହେଉନାହିଁ। ଫଳରେ ଆମେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛେ। ତେଣୁ ବର୍ତ୍ତମାନ ଆମ ପରିବେଶ କିପରି ପ୍ରଦୂଷଣମୁକ୍ତ ରହିବ, ସେ ନେଇ ଆମେ ଯତ୍ନବାନ ହେବା ନିହାତି ଆବଶ୍ୟକ। ପ୍ରଥମେ ନିଜକୁ ବୃକ୍ଷରୋପଣ କାମରେ ସାମିଲ କରାନ୍ତୁ। ଏହାଦ୍ୱାରା ପରିବେଶ ଶାନ୍ତ ରହିବ ଏବଂ ବର୍ଷା ଠିକ୍ ଭାବରେ ହେବ। ଯଦି ଘର ଚାରିପଟରେ ଗଛ ଲଗାଇଛନ୍ତି ତେବେ ତାହାର ଯତ୍ନ ନିଅନ୍ତୁ। ଘରର ବାହାର ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଯଦି ଘରେ କିଛି ଅଦରକାରୀ ସାମଗ୍ରୀ ଅଛି ତେବେ ସେଗୁଡ଼ିକୁ ବାହାରେ ନ ଫୋପାଡ଼ି ଗାତ ଖୋଳି ପୋତି ଦିଅନ୍ତୁ। ଆଜିକାଲି ଗାଡ଼ିମୋଟରରୁ ବାହାରୁଥିବା ଧୂଆଁ ପରିବେଶକୁ ପ୍ରଦୂଷିତ କରୁଛି। ତେଣୁ ସପ୍ତାହକୁ ଅନ୍ତତଃ ଥରେ ଗାଡ଼ି ନ ଚଳାଇ ସାଇକେଲ ବ୍ୟବହାର କରିପାରନ୍ତି।



# ସ୍ୱାସ୍ଥ୍ୟ ସୂଚନା



- ଦାନ୍ତଜନିତ କୌଣସି ସମସ୍ୟା ସମ୍ପର୍କରେ ଜାଣିବାକୁ ପାଇଲେ ତାହାକୁ ଅବହେଳା କରନ୍ତୁ ନାହିଁ। କାରଣ ଏହା ଯଦି ଦୀର୍ଘ ଦିନ ଧରି ଲାଗି ରହେ, ତେବେ ପରବର୍ତ୍ତୀ ସମୟରେ ତାହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।
- ମଧ୍ୟାହ୍ନ ଭୋଜନ ହେଉ ଅବା ରାତ୍ର ଭୋଜନ ପରେ ଫଳମୂଳ ଖାଆନ୍ତୁ ନାହିଁ। କାରଣ ଏହା ପାଚନକ୍ରିୟାରେ ବାଧା ସୃଷ୍ଟି କରିଥାଏ।
- ସକାଳ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ନିୟମିତ ବ୍ରେକ୍‌ଫାଷ୍ଟ କଲେ ତାହା ଶରୀରକୁ ଫୁର୍ତ୍ତି ରଖିବା ସହ ମାନସିକତାକୁ ସକାରାତ୍ମକ ରଖେ।
- ସବୁବେଳେ ବାହାର ଖାଦ୍ୟ ଖାଇବା ଅଭ୍ୟାସ ତ୍ୟାଗ କରି ଘରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ।
- ଏପରି ଏକ୍ସରସାଇଜ କରନ୍ତୁ ନାହିଁ, ଯାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିବ। ଏ ନେଇ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।
- ଯଦି ଆପଣ ଅଧିକାଂଶ ସମୟ ବାହାରେ କାମ କରୁଛନ୍ତି, ତେବେ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ।

# ହାଇଟେକ୍ ଡିଭାଇସ୍



ଦିନକୁ ଦିନ ନୂଆ ନୂଆ ଡିଭାଇସ୍ ପ୍ରସ୍ତୁତ ହେଉଛି। ନିକଟରେ ଏହି ତାଲିକାରେ ଆଉ ଏକ ଡିଭାଇସ୍ ସ୍ଥାନିତ ହୋଇଛି। ସ୍ୱିଡେନର ବିଶେଷଜ୍ଞମାନେ ଏହାକୁ ପ୍ରସ୍ତୁତ କରିଛନ୍ତି। ଏହାର ଏକ ସ୍ୱତନ୍ତ୍ର ବିଶେଷତ୍ୱ ରହିଛି। ଯଦି ଆପଣଙ୍କ ଶରୀରର କୌଣସି ସ୍ଥାନରେ ଯନ୍ତ୍ରଣା ଅନୁଭବ କରୁଛନ୍ତି, ତେବେ ସେହି ସ୍ଥାନରେ ଏହି ଡିଭାଇସ୍‌କୁ ବାନ୍ଧି ଦିଅନ୍ତୁ। କେଇ ମିନିଟ୍ ମଧ୍ୟରେ ଉକ୍ତ ହାଇଟେକ ଡିଭାଇସ୍ କାମ କରିବା ଆରମ୍ଭ କରିଥାଏ ବୋଲି ଏହାର ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହାକୁ କିପରି ଆହୁରି ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ କରାଯାଇପାରିବ ସେ ନେଇ ଗବେଷଣା ଜାରି ରହିଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଭାରତ ୨୧୭ରେ ଅଲ୍ଆଉଟ

**ସାଉଥାମ୍ପଟନ,୨୦।୬**

ନ୍ୟୁଜିଲାଣ୍ଡ ବୋଲିଂ ବିପକ୍ଷରେ ଭାରତୀୟ କ୍ରିକେଟ ଦଳର ବ୍ୟାଟିଂ ଦୁର୍ବଳତା ପୁଣି ଥରେ ପଦାରେ ପଡ଼ିଛି। ସ୍ଥାନୀୟ ରୋଜ ବାଓଲ ଗ୍ରାଉଣ୍ଡରେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍‌ରେ ଭାରତ ରବିବାର ତୃତୀୟ ଦିବସରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରମାନଙ୍କ ସମ୍ମୁଖୀନ ହୋଇ ନ ପାରି ପ୍ରଥମ ଇନିଂସରେ ୯୨.୧ ଓଭରରେ ମାତ୍ର ୨୧୭ ରନକରି ଅଲ୍ଆଉଟ ହୋଇଛି। ରବିବାର ଭାରତ ୭୧ ରନ ସଂଗ୍ରହ କରିବା ପାଇଁ ୭ ଉଇକେଟ ହରାଇଥିଲା। ୬ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ନ୍ୟୁଜିଲାଣ୍ଡର ୨୬ ବର୍ଷୀୟ ଦ୍ରୁତ ବୋଲର କାଇଲ ଜେମିସନ ୫ ଉଇକେଟ ଅକ୍ତିଆର କରି ଭାରତର ବିପର୍ଯ୍ୟୟ ଘଟାଇଛନ୍ତି। ସେ ପଞ୍ଚମଥର ପାଇଁ ୫ ଉଇକେଟ ସଫଳତା ହାସଲ କରିଛନ୍ତି।

ଭାରତର ପ୍ରଥମ ଇନିଂସ ଜବାବରେ ନ୍ୟୁଜିଲାଣ୍ଡ ବ୍ୟାଟିଂ ଆରମ୍ଭ କରି ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୯ ଓଭରରେ ୨ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରିଛି। ଫଳରେ ୮ ଉଇକେଟ ହାତରେ ରଖି ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୧୧୬ ରନ ପଛରେ ରହିଛି। ଅଧିନାୟକ କେନ୍ ୱିଲିୟମସନ ୧୨ ଓ ଅଭିଜ୍ଞ ରସ୍ ଟେଲର ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଦୁଇ ଓପନର ଟମ୍ ଲଥାମ ଓ ଡେଭନ କନୱେ ଯଥାକ୍ରମେ ୩୦ ଓ ୫୪ ରନକରି ରବିଚନ୍ଦ୍ରନ ଅଶ୍ୱିନ ଓ ଈଶାନ୍ତ ଶର୍ମାଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

ପ୍ରଥମ ଦିବସର ଖେଳ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ଭାବେ ଧୋଇଯାଇଥିଲା। ଦ୍ୱିତୀୟ ଦିବସରେ ନ୍ୟୁଜିଲାଣ୍ଡ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୪୬/୩ରୁ ଖେଳ ଆରମ୍ଭ କରି ଭାରତ ଅଲ୍ଆଉଟ ହୋଇଥିଲା। ତୃତୀୟ ଦିନ ୧୦ ରନ ସଂଗ୍ରହ କରିବାକୁ ଯାଇ ୨ ଉଇକେଟ ହରାଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ବିରାଟ କୋହଲି ୪୪ରନରୁ ଖେଳ ଆରମ୍ଭ କରି ଆଉ ଅଧିକ ରନ ସଂଗ୍ରହ କରି ନ ପାରି ପ୍ୟାଭିଲିୟନ ଫେରିଥିଲେ।



୫ ଉଇକେଟ ହାସଲ କରିଥିବା କାଇଲ ଜେମିସନ।

ସେ ଜେମିସନଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେହିପରି ୨୯ରନରୁ ଇନିଂସ ଆରମ୍ଭ କରି ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ୪୯ ରନ କରିଥିବା ବେଳେ ନିଲ ୱାଗନରଙ୍କ ବଲ୍‌ରେ ସ୍କୋୟାର ଲେଗ୍‌ରେ ଟମ୍ ଲଥାମଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ୧ ରନ ପାଇଁ ସେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ତାରକା ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ମାତ୍ର ୪ ରନ କରି ଜେମିସନଙ୍କ ବଲରେ ଦ୍ୱିତୀୟ ସ୍ଲିପ୍‌ରେ ଲଥାମଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଦୁଇ ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଯଥାକ୍ରମେ ୧୫ ଓ ୨୨ ରନ ସଂଗ୍ରହ କରି ପ୍ୟାଭିଲିୟନ ଫେରିଥିଲେ। ଈଶାନ୍ତ ଶର୍ମା ୪ ଓ ଯଶପ୍ରୀତ ବୁମ୍‌ରା ଖାତା ଖୋଲିବା ପୂର୍ବରୁ କ୍ରମାଗତ ଦୁଇଟି ବଲ୍‌ରେ ଜେମିସନଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଜେମିସନ ୫, ବୋଲ୍ଟ ଓ ୱାଗନର ୨ଟି ଲେଖାଏ, ସୌଦି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

## ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ସ୍କୋର ବୋର୍ଡ

**ଭାରତ ପ୍ରଥମ ଇନିଂସ**

ରୋହିତ-କ-ସୌଦି-ବୋ-ଜେମିସନ ୩୪
ଶୁବମନ-କ-ୱାଟଲିଂ-ବୋ-ୱାଗନର-୨୮
ପୂଜାରା-ଏଲ୍‌ବିଡବ୍ଲ୍ୟୁ-ବୋଲ୍ଟ-୮
କୋହଲି-ଏଲ୍‌ବିଡବ୍ଲ୍ୟୁ-ଜେମିସନ-୪୪
ରାହାନେ-କ-ଲଥାମ-ବୋ-ୱାଗନର-୪୯
ପନ୍ତ-କ-ଲଥାମ-ବୋ-ଜେମିସନ-୪
ଜାଡେଜା-କ-ୱାଟଲିଂ-ବୋ-ବୋଲ୍ଟ-୧୫
ଅଶ୍ୱିନ-କ-ଲଥାମ-ବୋ-ସୌଦି-୨୨
ଈଶାନ୍ତ-କ-ଟେଲର-ବୋ-ଜେମିସନ-୪
ବୁମ୍‌ରା-ଏଲ୍‌ବିଡବ୍ଲ୍ୟୁ-ଜେମିସନ-୦
ଶାମି-ନଟ ଆଉଟ-୪
ଅତିରିକ୍ତ-୫
ମୋଟ (୯୨.୧ ଓଭର/ଅଲ୍ଆଉଟ)-୨୧୭।

**ଉଇକେଟ ପତନ:**୧/୬୨, ୨/୬୩, ୩/୮୮, ୪/୧୪୯, ୫/୧୫୬, ୬/୧୮୨, ୭/୨୦୫, ୮/୨୧୩, ୯/୨୧୩।

**ବୋଲିଂ (ନ୍ୟୁଜିଲାଣ୍ଡ)**

ଟିମ୍ ସୌଦି ୨୨-୬-୬୪-୧
ଟ୍ରେଣ୍ଟ ବୋଲ୍ଟ ୨୧.୧-୪-୪୭-୨
କାଇଲ ଜେମିସନ ୨୨-୧୨-୩୧-୫, କଲିନ୍ ଡି' ଗ୍ରାଣ୍ଡହୋମ୍ ୧୨-୬-୩୨-୦
ନିଲ୍ ୱାଗନର ୧୫-୫-୪୦-୨

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ**

ଲଥାମ-କ-କୋହଲି-ବୋ-ଅଶ୍ୱିନ-୩୦
କନୱେ-କ-ଶାମି-ବୋ-ଈଶାନ୍ତ-୫୪
ୱିଲିୟମସନ-ବ୍ୟାଟିଂ-୧୨
ଟେଲର-ବ୍ୟାଟିଂ-୦
ଅତିରିକ୍ତ-୫
ମୋଟ: (୪୯ ଓଭର/୨ ଉଇକେଟ) ୧୦୧

**ଉଇକେଟ ପତନ:**୧/୭୦, ୨/୧୦୧।

**ବୋଲିଂ (ଭାରତ)**

ଈଶାନ୍ତ ଶର୍ମା ୧୨-୪-୧୯-୧
ଯଶପ୍ରୀତ ବୁମ୍‌ରା ୧୧-୩-୩୪-୦
ମହମ୍ମଦ ଶାମି ୧୧-୪-୧୯-୦
ରବିଚନ୍ଦ୍ରନ ଅଶ୍ୱିନ ୧୨-୫-୨୦-୧
ରବୀନ୍ଦ୍ର ଜାଡେଜା ୩-୧-୬-୦







## ମହିଳା ପୋଲିସ ଅଧିକାରୀଙ୍କ ସମେତ ୧୪ ପଜିଟିଭ

ସାଲେପୁର,(ଡି.ଏନ୍.ଏ.): ସାଲେପୁର ବ୍ଲକରୁ ରବିବାର ୧୪ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଜଣେ ମହିଳା ପୋଲିସ ଅଧିକାରୀ ରହିଛନ୍ତି। ସମ୍ପୃକ୍ତ ମହିଳା ଅଧିକାରୀ ଜଣକ ସାଲେପୁର ଥାନାରେ କାର୍ଯ୍ୟରତ। ସେ ପଜିଟିଭ ଚିହ୍ନଟ ହେବାପରେ ଗୃହସଙ୍ଗରୋଧରେ ରହିଛନ୍ତି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୮୨ ଜଣଙ୍କ କରୋନା ଟେଷ୍ଟ ହୋଇଥିଲା।

## ସଂକ୍ଷେପରେ

### ଆଜିଠୁ ୧୮ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକା

ସାଲେପୁର, ୨୦।୬(ଡି.ଏନ୍.ଏ.): ସାଲେପୁରରେ ସୋମବାରଠାରୁ ୧୮ରୁ ୪୫ ବର୍ଷ ବ୍ୟକ୍ତିଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯିବ। ଏନେଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ୬ଟି ସ୍ଥାନରେ ଟିକା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ରାମେଶ୍ୱର, କୁଣ୍ଡିପଡ଼ିଆ, ରାଇସୁଙ୍ଗୁଡ଼ା, ପଦ୍ମପୁର, ତେନ୍ତୋଳ ଓ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଟିକାକରଣ ହେବ ବୋଲି ସୂଚନା ମିଳିଛି। ସେହିପରି ୪୫ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ଉଭୟ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକା ଦିଆଯିବ ବୋଲି ପ୍ରଧାନ କହିଛନ୍ତି। ଉଭୟ ଅନ୍‌ଲାଇନ ପଞ୍ଜୀକୃତ ଓ ଅଣପଞ୍ଜୀକୃତ ବ୍ୟକ୍ତିଙ୍କୁ ଏଥିରେ ସାମିଲ କରାଯିବ ବୋଲି ସୂଚନା ଦିଆଯାଇଛି।

### ୩୦ ୟୁନିଟ ରକ୍ତ ସଂଗ୍ରହ

ଫୁଲନଖରା:୨୦।୬(ଡି.ଏନ୍.ଏ.): କଟକ ସଦର ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଜନୀ ସେବା ଟ୍ରଷ୍ଟ ପକ୍ଷରୁ ରବିବାର ଉରାଳୀ ପଞ୍ଚାୟତ ଅନ୍ତର୍ଗତ ସଇଁନ୍ଧା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସାହିତ୍ୟିକ ଡ. ଶରତ କୁମାର ରଥ ଉଦ୍‌ଘାଟନ କରିଥିବା ବେଳେ ଅତିଥି ଭାବେ ଆଧାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନ'ର ସମ୍ପାଦକ ସନ୍ନ୍ୟାସୀ ଜୀ, କଟକ ସଦର ପ୍ରେସ କ୍ଲବର ସଭାପତି ସୁରେନ୍ଦ୍ର ମହାପାତ୍ର, ଟ୍ରଷ୍ଟର ଉପଦେଷ୍ଟା ଖବରଦାତା ରମେଶ ଚନ୍ଦ୍ର ପ୍ରଧାନ, କାନନ ବିହାରୀ ନାୟକ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ଟ୍ରଷ୍ଟର ଅନ୍ୟତମ ଉପଦେଷ୍ଟା ରବୀନ୍ଦ୍ର ବାରିକ, ସଭାପତି ବିଭୂତି ଭୂଷଣ ତରାଇ, ଉପ ସଭାପତି ସୁଚିତ୍ରା ଭୋଇ, ପ୍ରଦୀପ ଭୋଇ, ଗୌରି ବାରିକ, ପ୍ରଶାନ୍ତ ଭୋଇ, ପ୍ରଦୀପ୍ତ ଭୋଇ, ଲକ୍ଷ୍ମୀଧର ଭୋଇ, ପୂର୍ଣ୍ଣଚନ୍ଦ୍ର ରଥ, କାଳନ୍ଦୀ ଭୋଇ, ମନୋରଞ୍ଜନ ଭୋଇ, ସତ୍ୟଜିତ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଖବରଦାତାଙ୍କ ସହ କଟକ ସଦର ଥାନାର ୨ ଏଏସ୍‌ଆଇ ଏବଂ ସଜନୀ ବାରିକଙ୍କୁ ଅନୁଷ୍ଠାନ ପକ୍ଷରୁ କରୋନା ଯୋଦ୍ଧା ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସାହୁଙ୍କ ସହ ଶିକ୍ଷକ ଅଜୟ ସାହୁ, ସୁବାସ ଚନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ରନ୍ଧା ଖାଦ୍ୟ ବଣ୍ଟନ

ଫୁଲନଖରା,୨୦।୬(ଡି.ଏନ୍.ଏ.): କଟକ-ଭୁବନେଶର ୧୬ନମ୍ବର ଜାତୀୟ ରାଜପଥ ଫୁଲନଖରା ଛକ ଓ ଗୋପାଳପୁରଠାରେ ମାଲବାହୀ ଗାଡି ଚାଳକ, ହେଲପରମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ରବିବାର ସପ୍ତାହାନ୍ତ ତାଲା ବନ୍ଦ ପାଇଁ ସମସ୍ତ ଦୋକାନ ବଜାର ବନ୍ଦ ହେତୁ ଶହ ଶହ ମାଲବାହୀ ଗାଡିର ଡ୍ରାଇଭର ଏବଂ ହେଲପର ଖାଦ୍ୟ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେମାନଙ୍କ ନିମନ୍ତେ କଟକ, ପୋତାପୋଖରୀର ସମର୍ପଣ ପରିବାର ସଦସ୍ୟମାନେ ରନ୍ଧାଖାଦ୍ୟ ସହିତ ପାନୀୟ ଜଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମର୍ପଣ ପରିବାରର ମୁଖ୍ୟ ଉପଦେଷ୍ଟା ସୁକାନ୍ତ ସାହୁ, କାର୍ଯ୍ୟକାରୀ ସଭାପତି ଭାଗ୍ୟରଥି ବେହେରା, ସମ୍ପାଦକ ତୀର୍ଥବାସୀ ବେହେରା, କାର୍ଯ୍ୟକର୍ତ୍ତା ଜନାର୍ଦ୍ଦନ ପରିଡା, ବାବୁ କୁମାର, ବିଶ୍ୱରଞ୍ଜନ ସାହୁ, କମଳାକାନ୍ତ ସାହୁ, ତୁଷାର ମହାପାତ୍ର, ପାର୍ଥସାରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୨ବର୍ଷ ପରେ ହିତାଧିକାରୀ ଚୟନ ସରୁନି

**ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ସ୍ୱତନ୍ତ୍ର ପ୍ରଧାନମନ୍ତ୍ରୀ ଆବାସ**

କଟକସଦର,୨୦।୬(ଡି.ଏନ.ଏ)

୨୦୧୯ ମସିହା ବାତ୍ୟା ଫନୀରେ କଟକସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ୬୧୨ଜଣଙ୍କର ଘରଭାଙ୍ଗି ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ତଦନୁଯାୟୀ କ୍ଷତିଗ୍ରସ୍ତ ପରିବାରକୁ ସ୍ୱତନ୍ତ୍ର ପ୍ରଧାନମନ୍ତ୍ରୀ ଆବାସ ଦେବା ପାଇଁ କଟକ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲା। ଇତିମଧ୍ୟରେ କ୍ଷତିଗ୍ରସ୍ତ ପରିବାରକୁ ଆବାସ ଯୋଗାଇବା ପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ପୁରୁଣା ହିତାଧିକାରୀ ତାଲିକାରେ ପରିବର୍ତ୍ତନ ପାଇଁ ଯୋଜନା ଆରମ୍ଭ ହୋଇଯାଇଥିବା ଜଣାପଡ଼ିଛି। କାରଣ ୨ବର୍ଷ ତଳର ହିତାଧିକାରୀ ଚୟନ ସରୁ ନ ଥିବା କୁହାଯାଉଛି। ତାଲିକା ପ୍ରସ୍ତୁତ ପରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ କଟକ ସଦର ଓ କିଶନନଗର ତହସିଲରୁ ପକ୍କାଘର ଭାଙ୍ଗିଥିବା ଦର୍ଶାଇ ଘରପିଛା ୯୫ହଜାର ୧୦୦ ଟଙ୍କା ରିଲିଫ୍ ପାଇସାରିଛନ୍ତି। ବର୍ତ୍ତମାନ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଘର ଦିଆଯାଉଥିବାରୁ ଅନ୍ୟ ହିତାଧିକାରୀମାନେ ଏଥିରେ ଆପତ୍ତି ଉଠାଇଛନ୍ତି। ଡବଲ ବେନିଫିଟ ନେଉଥିବା ହିତାଧିକାରୀ ଆର୍ଥିକସ୍ଥିତି ସହ ଘରଭଙ୍ଗା ସହାୟତା ରାଶିର ବିନିଯୋଗ ସମ୍ପର୍କରେ ଅଧିକ ତଦନ୍ତ କରିବା ପାଇଁ କଟକସଦର ବିଡିଓଙ୍କ ନିକଟରେ ଦାବି ହୋଇଛି। ମାତ୍ର କେତେଜଣ କ୍ଷତିଗ୍ରସ୍ତ ପରିବାରକୁ ତହସିଲ ପ୍ରଶାସନ ୯୫ହଜାର ଲେଖାଏ ଟଙ୍କା ଦେଇଛି। ତାହାର ତାଲିକା ବିଡିଓଙ୍କ ପାଖରେ ନାହିଁ ବୋଲି ବ୍ଲକ୍‌ର ଜଣେ ବରିଷ୍ଠ ଅଧିକାରୀ ନିଜର ପରିଚୟ ଗୋପନ ରଖି କହିଛନ୍ତି। ଅନ୍ୟପକ୍ଷରେ ଫନିବେଳେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ମିଳିଥିବା ରିପୋର୍ଟ ଅନୁଯାୟୀ ୮ଲକ୍ଷ ୨୨ହଜାର ୬୩୫ଜଣଙ୍କୁ ଫନି କ୍ଷତିଗ୍ରସ୍ତ ପରିବାରଭାବେ ଚିହ୍ନଟ କରାଯାଇଛି। ବରଗଡ, ବଲାଙ୍ଗୀର, ବୌଦ୍ଧ, ଝାରସୁଗୁଡା, କଳାହାଣ୍ଡି, କୋରାପୁଟ, ମୟୁରଭଞ୍ଜ, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡ ଜିଲାକୁ ବାଦଦେଇ ବାକି ୨୦ଟି ଜିଲାର ବାତ୍ୟା କ୍ଷତିଗ୍ରସ୍ତ ଏଥିରେ ସାମିଲ ରହିଛନ୍ତି। ରିଲିଫ ତଦନ୍ତ ଅନୁଯାୟୀ ୨୦ଟି ଜିଲାର କେତେ ପରିବାର ୯୫ହଜାର ୧୦୦ଟଙ୍କା ରିଲିଫ ପାଇଛନ୍ତି। ତା'ର ହିସାବ ପଞ୍ଚାୟତିରାଜ ବିଭାଗ ପାଖରେ ନାହିଁ। ଚିହ୍ନଟ କ୍ଷତିଗ୍ରସ୍ତ ପରିବାରକୁ ବାତ୍ୟା ନିରୋଧକ ଗୃହ ଅଢେଇ ଲକ୍ଷ ଟଙ୍କା ମୂଲ୍ୟର ଯୋଗାଇ ଦେବାକୁ ରାଜ୍ୟ ସରକାର କେନ୍ଦ୍ରକୁ ସୁପାରିସ କରିଛନ୍ତି ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଲୋକ ସୂଚନା ଅଧିକାରୀ ଶଶି ରଞ୍ଜନ ପଟ୍ଟନାୟକ ପତ୍ରସଂଖ୍ୟା ୧୯୪୮୩ରେ ୯/୧୨/୨୦୨୦ରେ ଜଣାଇଛନ୍ତି।



ସପ୍ତାହାନ୍ତ ଶଟ୍‌ଡାଉନ୍ ରବିବାରରେ ଜନଶୂନ୍ୟ ହୋଇପଡ଼ିଥିବା କଟକ ଓଏମ୍‌ପି ଓଭରବ୍ରିଜ ଜାତୀୟ ରାଜପଥ।

# ୱେବିନାରରେ ଶ୍ରୀଜଗନ୍ନାଥ କଥାମୃତ

କଟକ ଅଫିସ,୨୦।୬

ଚାରଣ ଗୋଷ୍ଠୀ କଟକ ମଣ୍ଡଳ ଶାଖା ପକ୍ଷରୁ ଶ୍ରୀଜଗନ୍ନାଥ କଥାମୃତ ୱେବିନାର ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜା ପରିଜା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଥାବାଚକ ପଣ୍ଡିତ ମହେଶ ସାହୁ ଯୋଗଦେଇ ଶ୍ରୀଜଗନ୍ନାଥ ଏବଂ ଓଡ଼ିଆ ଜାତିକୁ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି ବର୍ଣ୍ଣନା କରିଥିଲେ। ଏହି ସଙ୍କଟ ସମୟରେ ମହାପ୍ରଭୁ ମହାମାରୀକୁ କରୁଣାରେ ପରିଣତ କରି ସମସ୍ତଙ୍କୁ ଅଭୟପ୍ରଦାନ କରିବେ ବୋଲି ସେ କହିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ପଣ୍ଡିତ ମହେଶଜୀଙ୍କୁ ଶ୍ରୀଜଗନ୍ନାଥ ସେବାରତ୍ନ ସମ୍ମାନ-୨୦୨୧ ଭର୍ଚୁଆଲ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଆମ ପ୍ରଣାମ ଅନୁଷ୍ଠାନର ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଯୁବା କଣ୍ଠଶିଳ୍ପୀ ପୂଜା ପ୍ରତ୍ୟାଶା ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ନୂଆପଡା ଚାରଣ ଶାଖାର ପ୍ୟାରୀମୋହନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଲିଙ୍ଗରାଜ ପତି, ତରଣୀସେନ ଲେଙ୍କା, ଡ.ପ୍ରଭୁଚରଣ ମହାନ୍ତି, ବାମଦେବ ବରାଳ ଏବଂ ପ୍ରସନ୍ନ ବେଉରା ପ୍ରମୁଖ ସହଯୋଗ କରିଥିଲେ।

## ତପୁଙ୍କୁ ଝୁରିଲେ...

### ଏକ ଅମୂଲ୍ୟ ରତ୍ନ ହରାଇଲୁ



"ସାଙ୍ଗ ହୋଇ ଆମେ ଅନେକ ଗୀତ ଗାଇଛୁ। ପୃଥିବୀରେ କିଛି ସତ ନୁହଁ। ଜନ୍ମ ଓ ମୃତ୍ୟୁ ହିଁ ଏକମାତ୍ର ସତ୍ୟ। ସଙ୍ଗୀତ ଜଗତକୁ ତାଙ୍କର ଅବଦାନ ତାଙ୍କୁ ଚିର ଅମର କରି ରଖିବ। ସଙ୍ଗୀତ ଜଗତ ସବୁ ଦିନ ପାଇଁ ଏକ ଅମୂଲ୍ୟ ରତ୍ନ ହରାଇଲା।

-ଇରା ମହାନ୍ତି, କଣ୍ଠଶିଳ୍ପୀ

### ତାଙ୍କ ସଙ୍ଗୀତ ଦର୍ଶକଙ୍କ ମନ ଛୁଇଁଛି



"ସେ ମୋର ଅନେକ ଫିଲ୍ମରେ କଣ୍ଠଦାନ କରିଛନ୍ତି। ତାଙ୍କ ମଧୁର କଣ୍ଠର ସଙ୍ଗୀତ ଲୋକଙ୍କ ହୃଦୟସ୍ପର୍ଶୀ ହୋଇଥିଲା। ସେ ବୟସରେ ମୋ'ଠାରୁ ବହୁତ ସାନ। ଏତେ କମ୍ ବୟସରୁ ତାଙ୍କର ବିୟୋଗ ମୋତେ ମର୍ମାହତ କରିଛି। ଭଗବାନ ତାଙ୍କ ଆତ୍ମାର ସଦ୍‌ଗତି କରନ୍ତୁ।

-ଚଣ୍ଡୀ ପରିଜା, ଚଳଚ୍ଚିତ୍ର ନିର୍ଦ୍ଦେଶକ

### ବାବୁସାନ୍‌ଙ୍କ ସହ ଗୀତ ଗାଇବା ଇଚ୍ଛା ଥିଲା



"ମୋ ଜୀବନ କାଳ ଭିତରେ ଅନେକ କଣ୍ଠଶିଳ୍ପୀ ମୋ ଗୀତ ଗାଇଛନ୍ତି। କିନ୍ତୁ ମୋ' ଗୀତକୁ ବୁଝିବା ପରି ଜଣେ କଣ୍ଠଶିଳ୍ପୀ ଥିଲେ ତପୁ ମିଶ୍ର। ସେଥିପାଇଁ ସେ ମୋର ପ୍ରିୟ ଗାୟିକା। ସବୁବେଳେ ମୋ ସହ ଜଣେ ଭଲ ସାଙ୍ଗ ପରି ମିଶୁଥିଲେ। ବାବୁସାନ୍‌ଙ୍କ ସହିତ ଗୀତ ଗାଇବା ତାଙ୍କର ଏକ ଇଚ୍ଛା ଥିଲା। ମାତ୍ର ମୁଁ ତାହା ପୂରଣ କରିପାରିଲି ନାହିଁ।

- ବାପୁ ଗୋସ୍ୱାମୀ, ଗୀତିକାର

### ତାଙ୍କ ଭଳି ଆଉ କେହି ନାହାନ୍ତି



"ତପୁଙ୍କୁ ମୁଁ ମୋ ପରିବାରର ଜଣେ ସଦସ୍ୟ ଭଳି ମାନେ। ସେ ମୋ ନିର୍ଦ୍ଦେଶନାରେ ବହୁତ ଗୀତ ଗାଇଛନ୍ତି। ତାଙ୍କ ଭଳି କଣ୍ଠଶିଳ୍ପୀ ଓଡ଼ିଆ ସଙ୍ଗୀତ ଜଗତରେ ଆଉ କେହି ନାହାନ୍ତି।

-ଗୁଡ୍‌ଲି ରଥ, ସଙ୍ଗୀତ ନିର୍ଦ୍ଦେଶକ

### ଖୋଲା ହୃଦୟର ମଣିଷ ଥିଲେ



"ତପୁ ମୋତେ ବଡ଼ ଭଉଣୀ ଭଳି ମାନୁଥିଲେ। ମୋ ସହିତ ଅନେକ ଶୋ'ରେ ବିଚାରକ ଭାବେ ଯୋଗଦେଉଥିଲେ। ସେ ଖୋଲା ହୃଦୟର ମଣିଷ ଥିଲେ। ସବୁବେଳେ ହସହସ ମୁହଁ ନେଇ ଆମମାନଙ୍କୁ ହସାଇଥାନ୍ତି। ତାଙ୍କୁ ହରାଇ ଏମିତି ଲାଗୁଛି ଯେମିତି ମୋର ଅତି ନିଜ ଲୋକଙ୍କୁ ହରାଇଛି।

-ପମି ମିଶ୍ର, କଣ୍ଠଶିଳ୍ପୀ

# ଗେଷ୍ଟ ହାଉସ୍‌ରେ ସେକ୍ସ ର୍ୟାକେଟ

**୩ ଯୁବକ ଗିରଫ, ଜଣେ ଯୁବତୀ ଉଦ୍ଧାର**

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଲକ୍‌ଡାଉନ ଓ ଶଟ୍‌ଡାଉନ୍ ବେଳେ ଦ୍ୱୈତନଗରୀରେ ବେଧଡ଼କ ଚାଲିଛି ସେକ୍ସ ର୍ୟାକେଟ। ଗେଟ୍‌ରେ ତାଲା ଝୁଲାଇ ଭିତରେ ଚାଲୁଛି ଦେହ ବେପାର। ସାଧାରଣ ଯାତାୟାତ ବନ୍ଦ ରହିଥିଲେ ମଧ୍ୟ ବାହାରୁ କାର୍‌ରେ ଯୁବତୀଙ୍କୁ ଅଣାଯାଇ ହୋଟେଲ, ଗେଷ୍ଟହାଉସ୍ ଓ ଭଡ଼ାଘରେ ଦେହ ବ୍ୟବସାୟରେ ଲଗାଯାଉଛି। ଗତ ଶନିବାର କଟକର ହୋଟେଲ ଓ ଭଡ଼ାଘରେ ତାଲିଥିବା ସେକ୍ସ ର୍ୟାକେଟ ଧରାପଡିଥିଲା। ରବିବାର ଭୁବନେଶ୍ୱରର ଲକ୍ଷ୍ମୀସାଗର ଥାନା ପୋଲିସ ବୁଦ୍ଧେଶ୍ୱରୀ କଲୋନୀସ୍ଥିତ ଏକ ଗେଷ୍ଟହାଉସ୍‌ରେ ଚଢ଼ାଉ କରି ଆଉଏକ ର୍ୟାକେଟକୁ ଧରିଛି। ଏଥିରେ ସମ୍ପୃକ୍ତ ୩ ଯୁବକଙ୍କୁ ଗିରଫ କରିବା ସହ ଜଣେ ଯୁବତୀଙ୍କୁ ଉଦ୍ଧାର କରିଛି। ସେମାନେ ହେଲେ କଟକ ଜିଲା ଗୋବିନ୍ଦପୁର ଥାନାଞ୍ଚଳର ବିଭୁଦେଉ ଦାସ, କିଶନନଗର ଥାନାଞ୍ଚଳର ବିନୟ ମହାପାତ୍ର ଏବଂ ପୁରୀ ଜିଲା ଗୋପ ଅଞ୍ଚଳର ବିଜୟ ଦାସ। ଉଦ୍ଧାର ଯୁବତୀ ଜଣକ ଭଦ୍ରକର ବୋଲି ଜଣାପଡିଛି। ଚଢ଼ାଉବେଳେ ଆଉ କେତେଜଣ ଯୁବତୀ ଲୁଚି ଯାଇଥିବା କିମ୍ବା କେଉଁବାଟେ ଖସି ପଳାଇଥିବା ସୂଚନା ମିଳିଛି। ସୂଚନାନୁସାରେ, ୧୫ଦିନ ହେବ ଉକ୍ତ ଗେଷ୍ଟ ହାଉସ୍‌ରେ ଦେହ ବ୍ୟବସାୟ ଚାଲୁଥିବା ନେଇ ଜଣାପଡିଥିଲା। ଗେଟ ଆଗରେ ଏକାଧିକ କାର ପାର୍କିଂ ହେବା ଓ ଭିତରେ ଯୁବତୀ ଥିବା ଦେଖି ଲୋକଙ୍କ ସନ୍ଦେହ ବଢ଼ିଥିଲା। ଖବରପାଇ ପୋଲିସ ୨ରୁ୩ଥର ସେଠାରେ ଚଢାଉ କରିବା ପୂର୍ବରୁ କୌଶଳକ୍ରମେ ଗ୍ରାହକ ଓ ଯୁବତୀମାନେ ଫେରାର ହୋଇଯାଉଥିଲେ। ରବିବାର ସେଠାରେ ପୋଲିସ ଚଢାଉ କରି ୩ଯୁବକ ଓ ଜଣେ ଯୁବତୀଙ୍କୁ ଧରିଥିଲା। ଏନେଇ ମାମଲା (ନଂ.୨୦୦/୨୧) ରୁଜୁ କରିଛି।

# ଆଦର୍ଶ ପିତା ହେବା ପାଇଁ ସଂସ୍କୃତ ଶାସ୍ତ୍ର ଆବଶ୍ୟକ




କଟକ ଅଫିସ,୨୦।୬

ବିଶ୍ୱ ପିତୃ ଦିବସ ଅବସରରେ ନିଖିଳ ଉତ୍କଳ ସଂସ୍କୃତ ବିଦ୍ୱତ୍ ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଅନ୍‌ଲାଇନ ମାଧ୍ୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ଭାରତୀୟ ପରମ୍ପରାରେ ବୈଦିକ କାଳରୁ ପିତୃ ସେବାର ମହତ୍ତ୍ୱ ରହିଛି। ଏଣୁ ବର୍ତ୍ତମାନ ଯୁଗରେ ଆଦର୍ଶ ପିତା ହେବା ପାଇଁ ସଂସ୍କୃତ ଶାସ୍ତ୍ରର ଅବଲମ୍ବନ ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ପ୍ରାଚାର୍ଯ୍ୟ ହରେକୃଷ୍ଣ ଶତପଥୀ ଯୋଗଦେଇ ପିତୃ ଦିବସର ଗୁରୁତ୍ୱ ବିଷୟରେ କହିଥିଲେ। ଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ମୁକ୍ତ ସ୍ୱାଧ୍ୟାୟ ପୀଠର ପ୍ରାଚାର୍ଯ୍ୟ ସୁକାନ୍ତ ସେନାପତି, ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ,କାଞ୍ଚିପୁରମ ଶ୍ରୀଚନ୍ଦ୍ରଶେଖରେନ୍ଦ୍ର ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ଦିବ୍ୟଜ୍ୟୋତି ଜେନା ଥିଲେ। ଲୋକକବି ଡ. କାଳୀ ପ୍ରସନ୍ନ ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଲୋକଭାଷା ପ୍ରଚାର ସମିତିର ରାଜ୍ୟ ସଭାପତି ଡ. ବିପିନ ବିହାରୀ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା, ଅମୃତବାଣୀ ସେବା ସଂସ୍ଥାନର ସଚିବ ଡ. କୁମାର ଚନ୍ଦ୍ର ମିଶ୍ର ଅତିଥି ପରିଚୟ, ଶିକ୍ଷକ ମହାସଂଘ କାର୍ଯ୍ୟକାରୀ ସଭାପତି ଡ. ଗୌତମ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ପଣ୍ଡିତ ଗୋପାଳକୃଷ୍ଣ ପାଢୀ ଧନ୍ୟବାଦ ଦେଇଥିଲେ।

# ୪ ବର୍ଷ ପରେ ବି ଖର୍ଚ୍ଚ ହୋଇପାରୁନି ଅନୁଦାନ ଅର୍ଥ

**ବ୍ରାହ୍ମଣସାଇଲୋ ପଞ୍ଚାୟତ**

କଣ୍ଟାପଡା,୨୦।୬(ଡି.ଏନ.ଏ.)

କଣ୍ଟାପଡା ବ୍ଲକ ବ୍ରାହ୍ମଣସାଇଲୋ ପଞ୍ଚାୟତକୁ ଆସିଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନର ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ନ ହୋଇ ପଡିରହିଛି। ଫଳରେ ଏହି ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ହୋଇପାରୁନାହିଁ। ୨୦୧୭ ପଞ୍ଚାୟତ ନିର୍ବାଚନ ପରେ ବ୍ରାହ୍ମଣସାଇଲୋ ସରପଞ୍ଚ ଭାବେ ଝୁନୁବାଳା ଭୋଇ ଦାୟିତ୍ୱ ନେଇଥିଲେ। ସେହି ବର୍ଷଠାରୁ ଏପର୍ଯ୍ୟନ୍ତ ପଞ୍ଚାୟତକୁ କେନ୍ଦ୍ର ଓ ରାଜ୍ୟ ସରକାର ୧ କୋଟି ୨୬ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରପଞ୍ଚଙ୍କ କାର୍ଯ୍ୟକାଳ ୪ ବର୍ଷ ପୂରଣ ହୋଇ ୫ ବର୍ଷ ଚାଲିଛି। କିନ୍ତୁ ଆସିଥିବା ଅନୁଦାନ ଅର୍ଥରୁ ମାତ୍ର ୧୭ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସରକାରୀ ଅର୍ଥ ବିନିଯୋଗରେ ବ୍ଲକ ପ୍ରଶାସନ ସହାୟତା କରୁନି ବୋଲି ଝୁନୁବାଳା ଅଭିଯୋଗ କରିଛନ୍ତି। ଏହାଛଡା ଫନୀରେ କ୍ଷତିଗ୍ରସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରର ମରାମତି ପାଇଁ ଆସିଥିବା ୧୬ ଲକ୍ଷ ଟଙ୍କା, ପଞ୍ଚାୟତ ସମିତି, ବିଧାୟକ ହାତପାଣ୍ଠି, ଜିଲା ପରିଷଦ ପାଣ୍ଠି ବାବଦ ପ୍ରାୟ ୫.୫ ଲକ୍ଷ ଟଙ୍କା ଖର୍ଚ୍ଚ ନ ହୋଇ ପଡିରହିଛି। ଏବେ ସମସ୍ତ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ କରାଯାଉଥିବାରୁ ସରକାରୀ କର୍ମଚାରୀଙ୍କ ଉପରେ ଚାପ ପକାଇ କାମ କରିବାକୁ ଦିଆଯାଉନାହିଁ ବୋଲି ବ୍ଲକର ଜଣେ ଅଧିକାରୀ କହିଛନ୍ତି। ଅପରପକ୍ଷେ କାମ ତ୍ୱରାନ୍ୱିତ କରିବା ପାଇଁ ସରପଞ୍ଚ ସହଯୋଗ କରୁନାହାନ୍ତି କିମ୍ବା ଫୋନ କଲେ ଉଠାନ୍ତି ନାହିଁ ବୋଲି କଣ୍ଟାପଡା ବିଡିଓ ଶୁଭଶ୍ରୀ ରଥ କହିଛନ୍ତି। ଫଳରେ ଉଭୟ ସରପଞ୍ଚ ଓ ବିଡିଓଙ୍କ ବୟାନରେ ତାଳମେଳ ରହୁନାହିଁ। ଉଭୟ ପରସ୍ପରକୁ ଦୋଷାରୋପ କରୁଥିବାବେଳେ ବିକାଶ କାର୍ଯ୍ୟ ନ ହେବାରୁ ପଞ୍ଚାୟତବାସୀ ବେଶି କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଆଲୋଚନା ହେଉଛି।

# ସହର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**■ସିଏମ୍‌ସି କାର୍ଯ୍ୟଶୈଳୀକୁ ନେଇ ଅସନ୍ତୋଷ**

**■ଟୁଇଟରରେ ବଢୁଛି ଅଭିଯୋଗର ତାଲିକା**

କଟକ ଅଫିସ,୨୦।୬

କଟକ ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେଉଁଠି ନାଳରେ କୁଢକୁଢ ଅଳିଆ ଭାସୁଛି ତ ଆଉ କେଉଁଠି ଅସରାଏ ବର୍ଷାରେ ଡ୍ରେନ୍ ପାଣି ଘରେ ପଶୁଛି। ଲୋକେ ହଇରାଣ ହେଉଥିବାବେଳେ ସିଏମ୍‌ସି କେବଳ ଆମେ ନର୍ଦ୍ଦମା ସଫା କରୁଛୁ କହି ଚୁପ୍ ବସିଛି। ମୌସୁମୀ ଆଗମନ ପରେ କଟକ ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପରିମଳ କାର୍ଯ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ସିଏମ୍‌ସିର ଏଭଳି କାର୍ଯ୍ୟଶୈଳୀ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଗୋଦରା କୋଡ଼େ ଯେତେ ମାଡେ ସେତେ ବୋଲି ଟିପ୍ପଣୀ ଦେଉଛନ୍ତି। ଅନ୍ୟପକ୍ଷରେ ସହରକୁ ସ୍ୱଚ୍ଛ ଓ ଆବର୍ଜନାମୁକ୍ତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ସିଏମ୍‌ସି ପକ୍ଷରୁ ଟୁଇଟର, ଫେସବୁକ ପ୍ରଭୃତି ସାମାଜିକ ଗଣମାଧ୍ୟମରେ ଜୋରଦାର ପ୍ରଚାର କରାଯାଉଛି। ଏପରି କି ସିଏମସି ପକ୍ଷରୁ କରାଯାଇଥିବା ପୋଷ୍ଟରେ ଲୋକେ କମେଣ୍ଟ ଦେଇ ନିଜ ଅଭିଯୋଗ ଦର୍ଶାଇଥିବା ଦେଖିବାକୁ ମିଳିଛି। ଦେବଦତ୍ତ ଦାସ ଓ ପ୍ରବୋଧ ଚରଣ ନାୟକ ଲେଖିଛନ୍ତି ସିଡିଏ ସେକ୍ଟର ୭ରେ କୁଢକୁଢ ଅଳିଆ ଗଦା ହେବାସହ ରାସ୍ତା ଉଭୟ ପାର୍ଶ୍ୱରେ ଅନାବନା ଗଛ ଉଠିଲାଣି। ସୁମିତ ଚନ୍ଦନ ଲେଖିଛନ୍ତି, ନିଜ ପିଠି ନିଜେ ଥାପୁଡାଇଲେ ଲାଭ କ'ଣ? କହି କହି ଥକିଗଲୁଣି କିନ୍ତୁ ଶୁଣିବାକୁ କେହି ନାହାନ୍ତି। ସେହିପରି ଦେବାଶିଷ ସାହୁ ଲେଖିଛନ୍ତି, ୫୫ ନଂ ୱାର୍ଡ ବିଦ୍ୟାଧରପୁରରେ ସଫେଇ କାର୍ଯ୍ୟ କରାଯାଉନାହିଁ। ଏଥିସହ ଜାଇକା କାର୍ଯ୍ୟ ପାଇଁ ରାସ୍ତା ଖାଲଖମାରେ ଭରିଛି। ସେହିଭଳି ରାଜେଶ ପ୍ରଧାନ ଲେଖିଛନ୍ତି କେବଳ ଫଟୋ ଉଠାଇଲେ କ'ଣ ହେବ ସବୁ ସ୍ଥାନରେ କାମ ମଧ୍ୟ କରିବାକୁ ପଡ଼ିବ। ଶକ୍ତି ଶେଖର ପଶାୟତ ଲେଖିଛନ୍ତି, ବର୍ଷା ପୂର୍ବରୁ ନାଳରୁ ପଙ୍କ ଉଦ୍ଧାର କାର୍ଯ୍ୟ ସାରିବା କଥା। କିନ୍ତୁ ପିଠାପୁର-ହରିପୁର ରାସ୍ତାରେ ପଙ୍କ କଢାଯିବା ପରେ ସେଠାରେ ପଡ଼ିରହିଛି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବ୍ରିଜେଶ ସିଂ ଲେଖିଛନ୍ତି, ଜଗତପୁର ଅଞ୍ଚଳରେ ସିଏମ୍‌ସି ପକ୍ଷରୁ କିଛି କାର୍ଯ୍ୟ କରାଯାଉ ନାହିଁ। ରାସ୍ତା ଖରାପ ହୋଇଯାଇଥିବା ବେଳେ ଅନାବନା ଗଛ କଟା ଯାଉନାହିଁ। ତେବେ ଏସବୁ ଅଭିଯୋଗ ନେଇ ସିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ କହିଛନ୍ତି, ସହରର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ ଜାରି ରହିଛି। କିଛି ଦିନ ମଧ୍ୟରେ କାମ ଶେଷ ହୋଇଯିବ। ସାମାଜିକ ଗଣମାଧ୍ୟମରେ ଲୋକ ଅଭିଯୋଗ କରୁଛନ୍ତି, କିନ୍ତୁ ଆମେ ଆମ କାମ ଠିକ ଭାବେ ତୁଲାଉଛୁ।


Kichi planning nahi kama karibar yaar. Barsha hele drain safa karibe

Pratiksha Das @purple4liz · 2d
Replying to @CMCCuttack
But why in jagannath lane satichoura there is not a garbage bin,sweeper comes on a single particular time if u miss his call then u cant throw the grabage that day..and its a big problem

Dr. Kanhayalal Sharm @maruvihag · 2d
Replying to @CMCCuttack
Drain along Ranihat main road opposite TP-CODL - CESU, Ward 32 never flows because of engineering problem near Gopal sahi chakh opposite Jayram Lenka shop. Despite several Complaints no attention to problem. Water enters shops and houses but all pleas fall on deaf ears.

# ୨ ନଦୀବନ୍ଧରେ ଗର୍ତ୍ତ, ଚିନ୍ତାରେ ଦ୍ୱୀପାଞ୍ଚଳବାସୀ

**■ବନ୍ୟା ସମୟରେ ଘାଇ ସୃଷ୍ଟି ଆଶଙ୍କା**

**■ବିଭାଗୀୟ ଅଧିକାରୀଙ୍କ ପାଖରେ ସୂଚନା ନାହିଁ**

ନିଶ୍ଚିନ୍ତକୋଇଲି,୨୦।୬ (ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ପ୍ରବାହିତ ଲୁଣା ଓ ଚିତ୍ରୋତ୍ପଳା ନଦୀ ବନ୍ଧରେ ବଡ ବଡ ଗର୍ତ୍ତ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରେ କୌଣସି ସୂଚନା ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଚିତ୍ରୋତ୍ପଳା ନଦୀର ବିଲକଣା ନିକଟ ଓ ଲୁଣାନଦୀର ଅସୁରେଶ୍ୱରସ୍ଥିତ ନଦୀବନ୍ଧରେ ଗୋଟିଏ ଲେଖାଏ ବଡ ଗର୍ତ୍ତ ହେବା ସହ ଏହି ଦୁଇ ନଦୀର ବନ୍ଧର ଅନ୍ୟ ସ୍ଥାନଗୁଡ଼ିକ ମଧ୍ୟ ଦୁର୍ବଳ ହୋଇଯାଇଛି। ଫଳରେ ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି। ନିଶ୍ଚିନ୍ତକୋଇଲି ବ୍ଲକରେ ଲୁଣା ଓ ଚିତ୍ରୋତ୍ପଳା ଦୁଇ ନଦୀର ମଧ୍ୟ ଭାଗରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ପ୍ରାୟ ୫୦ ହଜାରରୁ ଅଧିକ ପରିବାର ବସବାସ କରନ୍ତି। ଗତ କିଛି ବର୍ଷ ତଳେ ଲୁଣା ନଦୀର ତିଳକଣା ଓ ଚିତ୍ରୋତ୍ପଳା ନଦୀର ନାହାଳପୁର ନିକଟରେ ନଦୀବନ୍ଧରେ ଘାଇ ସୃଷ୍ଟି ହୋଇଥିଲା। ଏଥିଯୋଗୁ ପ୍ରାୟ ୧୫ ପଞ୍ଚାୟତର ଲୋକେ ପ୍ରଭାବିତ ହୋଇଥିଲେ। ଏହାପରେ ସରକାର ନଦୀବନ୍ଧକୁ ସୁଦୃଢ଼ୀକରଣ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରିଥିଲେ। ବନ୍ଧର ଉଚ୍ଚତା ବଢ଼ିଥିଲେ ମଧ୍ୟ ଗର୍ତ୍ତ ଯୋଗୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳସମ୍ପଦ ବିଭାଗର କଟକ ନର୍ଥ ଡିଭିଜନ ଅଧୀନରେ ଏହିଦୁଇ ନଦୀବନ୍ଧ ସୁଦୃଢ଼ୀକରଣ ଦାୟିତ୍ୱ ଥିଲାବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ପୁନ୍ଦାଳ ସବଡିଭିଜନ ଅଧୀନରେ ଏହି ନଦୀ ବନ୍ଧର ସୁଦୃଢ଼ୀକରଣ ଦାୟିତ୍ୱ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ବନ୍ଧ ମରାମତି ହୋଇନାହିଁ। ପୂର୍ବରୁ ୨ ନଦୀରୁ ବାଲି ଉଠାଣ ପାଇଁ ଏକମାତ୍ର ନେମାଳସ୍ଥିତ ବାଲିଘାଟକୁ ଅନୁମତି ଦିଆଯାଇଥିଲା। ଚଳିତ ବର୍ଷ ଏହି ଦୁଇନଦୀର ୧୨ ସ୍ଥାନରୁ ବାଲି ଉଠାଯାଇ ଏହି ନଦୀବନ୍ଧ ଦେଇ ଚାଲାଣ ହେଉଛି। କ୍ରମାଗତ ଭାବେ ବାଲି ବୋଝେଇ ହାଇୱା ଭଳି ବିଭିନ୍ନ ଭାରିଯାନ ଏହି ଦୁଇ ନଦୀବନ୍ଧରେ ଚଳାଚଳ କରିବା ଫଳରେ ଏହା ଅଧିକ ଦୁର୍ବଳ ହୋଇପଡୁଛି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ଏହାକୁ ମରମତି ନ କଲେ ଆଗକୁ ବନ୍ୟା ସମୟରେ ନଦୀବନ୍ଧ ପ୍ରତି ବିପଦ ଆଶଙ୍କା ରହିଛି। ବିଗତ ଦିନରେ ଦୁଇଟି ଘାଇ ଜଳସେଚନ ବିଭାଗର ପାରିବା ପଣିଆକୁ ପଦାରେ ପକାଇଥିବା ବେଳେ ଏବେ ନଦୀବନ୍ଧର ସୁଦୃଢ଼ୀକରଣ ନେଇ ସ୍ଥାନୀୟ ଲୋକେ ଚିନ୍ତାବ୍ୟକ୍ତ କରିଛନ୍ତି। ଦ୍ୱୀପାଞ୍ଚଳର ଧନ ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏସମ୍ପର୍କରେ ଜଳସେଚନ ବିଭାଗର କଟକ ନର୍ଥ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର ମହାପାତ୍ର କୁହନ୍ତି, ନଦୀ ବନ୍ଧରେ ଗର୍ତ୍ତ ହେବା ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ସୂଚନା ମିଳିଲେ ତୁରିତ ପଦକ୍ଷେପ ନିଆଯିବ।


ଚିତ୍ରୋତ୍ପଳା ନଦୀର ବିଲକଣା ନିକଟରେ ନଦୀବନ୍ଧରେ ଗର୍ତ୍ତ ସୃଷ୍ଟି ହୋଇଛି।

## ପ୍ରାଣୀ ଚିକିତ୍ସା ଶିବିର

କୃଷ୍ଣପ୍ରସାଦ,(ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତ ଅଧୀନ ତିଛିଣି ଗ୍ରାମରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ପକ୍ଷରୁ ଗୃହପାଳିତ ପ୍ରାଣୀଙ୍କ ରୋଗ ନିରାକରଣ ନିମନ୍ତେ ରବିବାର ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ କୃଷ୍ଣପ୍ରସାଦ ବ୍ଲକ ପ୍ରାଣୀ ଚିକିତ୍ସକ ଡା.ଦୟାନିଧି ବେହେରା ଏକ ଟିମ୍ ସହ ୨ଶହରୁ ଊର୍ଦ୍ଧ୍ୱ ଗାଈ, ମଇଁଷି ଓ ବାଛୁରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ବଣ୍ଟନ କରିଥିଲେ। ପାରିକୁଦ ବନପାଳ ଜିତେନ୍ଦ୍ରିୟ ଜେନା, ବନରକ୍ଷୀ ସୁଜିତ ବେହେରା, ସନ୍ତୋଷ ସେଠୀ, ରବୀନ୍ଦ୍ର ଜେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଅଟୋ ସହ ମଦ ଜବତ, ଜଣେ ଗିରଫ

**ବାଲୁଗାଁ,୨୦।୬(ଡି.ଏନ୍.ଏ.):** ବାଲୁଗାଁ ପୋଲିସ ରବିବାର ଏକ ଅଟୋ ସହ ୧୪ଶହ ପ୍ୟାକେଟ ତଥା ୨୮୦ଲିଟର ଦେଶୀ ମଦ ଜବତ କରିଛି। ଏଥିସହ ପୋଲିସ ଅଟୋ ଚାଳକ ଛେଡ଼ାପଦର ଗ୍ରାମର କନ୍ଦର୍ପ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ଲକ୍‌ଡାଉନ ପାଇଁ ଗ୍ରାମାଞ୍ଚଳରେ ବେଆଇନ ଭାବେ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଶନିବାର ବିଳମ୍ବିତ ରାତିରେ ଗଞ୍ଜାମ ପଟୁ ବାଲୁଗାଁ ଅଭିମୁଖେ ଏକ ଅଟୋରେ ବିପୁଳ ମଦ ଆସୁଥିବା ନେଇ ବାଲୁଗାଁ ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ରମାକାନ୍ତ ମାହାଲିକ ଓ ନାଭାଲ ଫାଣ୍ଡି ଅଧିକାରୀ ଦିଲୀପ ସାହୁ ଏକ ଟିମ୍ ସହ ଛକି ରହିଥିଲେ। ରବିବାର ଭୋର ପ୍ରାୟ ୫ଟାରେ ୧୬ନଂ. ଜାତୀୟ ରାଜପଥର ଖଡ଼ିକାପଲ୍ଲୀ ନିକଟରେ ସନ୍ଦେହରେ ଅଟୋକୁ ଅଟକାଇବା ସହ ମଦ ଜବତ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୦୮/୨୧)ରୁଜୁ ହୋଇଛି। ଏହି ବେଆଇନ ଚାଲାଣରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଏସ୍‌ଡିପିଓ ମାନସ ରଞ୍ଜନ ବାରିକ କହିଛନ୍ତି।

## ଭାଜପା ନେତା ସୁବାସ ଗନ୍ତାୟତଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୨୦।୬:** ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ସୁବାସ ଗନ୍ତାୟତଙ୍କ ରବିବାର ଭୋର ସମୟରେ ମୁମ୍ବାଇ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଖୋର୍ଦ୍ଧା କୋର୍ଟ ପରିସରରେ ତାଙ୍କ ମରଶରୀରକୁ ବହୁ ରାଜନେତା, ବୁଦ୍ଧିଜୀବୀ, ଶିକ୍ଷାବିତ୍,



ଆଇନଜୀବୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଗୁରୁଜଙ୍ଗ ସ୍ଥିତ ବାସଭବନକୁ ନିଆଯାଇଥିଲା। ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେ ଆରଆରଏସଏସର ବରିଷ୍ଠ ସଦସ୍ୟ, ଅଖିଳ ଭାରତୀୟ ବିଦ୍ୟାଳୟ ପରିଷଦର ପୂର୍ବତନ ରାଜ୍ୟ ସମ୍ପାଦକ, ଖୋର୍ଦ୍ଧା ପିଏନ କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ରହିଥିଲେ। ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଖୋର୍ଦ୍ଧା କୋର୍ଟରୁ ସେ ତାଙ୍କର ଓକିଲାତି ଜୀବନ ଆରମ୍ଭ କରିଥିଲେ। କର୍ପୋରେଟ୍ କ୍ଷେତ୍ରରେ ମଧ ବେଶ ସୁନାମ ଅର୍ଜନ କରିଥିଲେ। ଖୋର୍ଦ୍ଧା ଅଞ୍ଚଳର ବିକାଶ ପାଇଁ ସେ ସର୍ବଦା ତତ୍ପର ଥିଲେ। ତାଙ୍କ ମୃତ୍ୟୁରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ଏମପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ସୁଦିପ୍ତ ରାୟ, ଶ୍ରୀରଞ୍ଜନ ମଙ୍ଗରାଜ, କାଳୁଚରଣ ଖଣ୍ଡାୟତରାୟ, ସୁରଥ ବିଶ୍ୱାଳ, ଡ.ଧୀରେନ୍ଦ୍ର ନନ୍ଦ, ନିକୁଞ୍ଜ ପଟ୍ଟନାୟକ, ଅଜିତ ପଟ୍ଟନାୟକ, ଶିଶିର ପରିଡ଼ା, ସଞ୍ଜୟ ପଟ୍ଟନାୟକ, ସତ୍ୟବାଦୀ ବଳିଆରସିଂ ପ୍ରମୁଖ ଶୋକପ୍ରକାଶ କରିଛନ୍ତି। ଏଥିସହ ଖୋର୍ଦ୍ଧା ନଗର ଏବିଭିପି ଏବଂ ସଂଘ ପରିବାର କାର୍ଯ୍ୟକର୍ତ୍ତା ଶୋକବ୍ୟକ୍ତ କରିଛନ୍ତି।

## ନାଗ ନାଗୁଣୀ କ୍ରୀଡ଼ା

**ବୋଲଗଡ଼,୨୦।୬(ଡି.ଏନ୍.ଏ.):** ବୋଲଗଡ଼ ସଦରମହକୁମା ସ୍ଥିତ ରାଧାଗୋବିନ୍ଦ ପେଟ୍ରୋଲ ପମ୍ପ ନିକଟ ୫୭ନଂ. ଜାତୀୟ ରାଜପଥ ପାର୍ଶ୍ୱ ଏକ ଜମିରେ ରବିବାର ନାଗ ନାଗୁଣୀଙ୍କ କ୍ରୀଡ଼ା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାରେ ଯାଉଥିବା ଲୋକେ ଅଟକି ନିର୍ଭୟରେ ଏହି ଦୃଶ୍ୟ ଦେଖିବା ସହ ଫଟୋ ତଥା ଭିଡିଓ ଉତ୍ତୋଳନ କରିଥିଲେ। ବିଶ୍ୱାସ ରହିଛି ନାଗ ନାଗୁଣୀଙ୍କ ଏହି କ୍ରୀଡ଼ା ଦେଖିଲେ ଶୁଭ ହୋଇଥାଏ।

# ପିଇବା ପାଣି ପାଇଁ ହଇରାଣ

- ୪ ଶହ ଲୋକଙ୍କ ପାଇଁ ଗୋଟିଏ ନଳକୂପ
- ନଳକୂପରୁ ବାହାରୁଛି ଲୌହଗୁଣ୍ଡ ଯୁକ୍ତ ପାଣି

**କୃଷ୍ଣପ୍ରସାଦ,୨୦।୬(ଡି.ଏନ୍.ଏ.)**

ସରକାର ଗ୍ରାମାଞ୍ଚଳରେ ପାନୀୟଜଳର ସୁବିଧା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଏହି ଯୋଜନା ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମର୍ଦ୍ଦରାଜପୁର ଗ୍ରାମରେ ପାନୀୟ ଜଳର ସମସ୍ୟା ଦେଖାଦେଇଛି। ଫଳରେ ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏନେଇ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ ପଦକ୍ଷେପ ନିଆଯାଇ ନାହିଁ।

ସୂଚନା ମୁତାବକ, ମର୍ଦ୍ଦରାଜପୁର ଗ୍ରାମରେ ପ୍ରାୟ ୪ଶହ ଲୋକ ବସବାସ କରୁଥିବା ବେଳେ ପିଇବା ପାଣି ପାଇଁ ଗୋଟିଏ ସରକାରୀ ନଳକୂପ ରହିଛି। ଏହି ନଳକୂପରୁ ଲୌହଗୁଣ୍ଡଯୁକ୍ତ ପାଣି ବାହାରୁଥିବାରୁ ଅନୁପଯୁକ୍ତ ହୋଇପଡ଼ିଛି। ଏହି ପାଣି ପିଇବା ଓ ବ୍ୟବହାର କରିବା



ନଳକୂପ ମରାମତି କରାଯାଉଛି।

ଦ୍ୱାରା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଗ୍ରାମରେ ପାଇପ ବିଛା ଯାଇଥିଲେ ମଧ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ସ୍ଥାନୀୟ ସରପଞ୍ଚ, ବିଡିଓ ଏବଂ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ ପଦକ୍ଷେପ ନିଆଯାଇ ନାହିଁ। ଏ ନେଇ ପୂର୍ବରୁ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ଗ୍ରାମବାସୀଙ୍କୁ ପିଇବା ପାଣି ଯୋଗାଇ ଦିଆଯାଇଥିଲା। ତେବେ ମୌସୁମୀ ଆଗମନ ପରେ ଟ୍ୟାଙ୍କରରେ ପାଣି ଯୋଗାଣ ବନ୍ଦ ରହିଛି। ଫଳରେ ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ପିଇବା ପାଣି ଲାଗି ଗ୍ରାମବାସୀ ୪ କିଲୋମିଟର କମଳେଶ୍ୱର ଦେବଙ୍କ ପଣାପଡ଼ିଆ କିମ୍ବା ଚିଲିକା ନୂଆପଡ଼ାରୁ ଆଣୁଛନ୍ତି। ଏନେଇ ଅଭିଯୋଗ ସତ୍ତ୍ୱେ କେବଳ ପ୍ରତିଶ୍ରୁତି ମିଳୁଛି କିନ୍ତୁ ସମାଧାନ ହେଉନାହିଁ। ୭ଦିନ ମଧ୍ୟରେ ପିଇବା ପାଣିର ବ୍ୟବସ୍ଥା ନ କରାଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଦାଶରଥି ମହାନ୍ତି, ବାହୁଡା ବିଶ୍ୱାଳ, ରତ୍ନାକର ବିଶ୍ୱାଳ, ଅଶୋକ ବିଶ୍ୱାଳ, ବିଜୟ ବିଶ୍ୱାଳ, ବ୍ରଜକିଶୋର ପଲେଇ ପ୍ରମୁଖ କହିଛନ୍ତି। ଏନେଇ ବିଡିଓ ଅଭିମନ୍ୟୁ ମାଝିଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।




ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଜନସଚେତନତା ଉଦ୍ଦେଶ୍ୟରେ ପରିବେଶବିତ୍ ସୁଶାନ୍ତ ସାହୁ ପତ୍ର, ଫୁଲ ଓ ମୁରୁଜରେ ଏକ 'ଯୋଗ ଟ୍ରି' ତିଆରି କରିଛନ୍ତି।

## ୧୬୫ ପଜିଟିଭ୍, ୧୪୮ ସୁସ୍ଥ

**ଖୋର୍ଦ୍ଧା ଅଫିସ,୨୦।୬**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି। ରବିବାର ୧୬୫ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୪୮ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୧୭, ବାଲିପାଟଣା ୧୭, ଭୁବନେଶ୍ୱର ବ୍ଲକ ୧୨, ଜଟଣୀ ୧୯, ଖୋର୍ଦ୍ଧା ୨୨, ବେଗୁନିଆ ୧୯, ବୋଲଗଡ଼ ୧୨, ଟାଙ୍ଗୀ ୧୭, ଚିଲିକା ୧୯ ଏବଂ ବାଣପୁରର ୧୧ଜଣ ରହିଛନ୍ତି।

## ଆଜିଠୁ ଟାଙ୍ଗୀରେ ଯୁବବର୍ଗଙ୍କୁ ଟିକାକରଣ

**ଟାଙ୍ଗୀ(ଖୋର୍ଦ୍ଧା),୨୦।୬(ଡି.ଏନ୍.ଏ.)**

ଟାଙ୍ଗୀ ବ୍ଲକରେ ସୋମବାରଠୁ ୧୮ବର୍ଷରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯିବ। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଭୂଷଣ୍ଡପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ନିରାକାରପୁରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଓଳସିଂହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଯୁବବର୍ଗଙ୍କୁ ଟିକା ଦିଆଯିବା ସହ ୪୫ବର୍ଷ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୨ୟ ଡୋଜ୍ ଟିକା ମଧ ଏଠାରେ ଦିଆଯିବ। ଯେଉଁମାନେ ପ୍ରଥମ ଡୋଜ୍ ଟିକା ନେବା ପାଇଁ ଚାହିଁବେ ସେମାନେ ମଧ ନେଇପାରିବେ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ଜିତେନ୍ଦ୍ର ସାହୁ କହିଛନ୍ତି। ଯୁବବର୍ଗମାନେ ଅନଲାଇନ ରେଜିଷ୍ଟ୍ରେଶନ କରିବା ଅନାବଶ୍ୟକ। ସେମାନେ ନିଜର ଆଧାରକାର୍ଡ ସାଥିରେ ନେଇ ମେଡିକାଲରେ ସିଧାସଳଖ ରେଜିଷ୍ଟ୍ରେଶନ କରାଇ ଟିକା ନେଇପାରିବେ।

**ରଥଖଳାରୁ**

## ତିନି ରଥର ଦ୍ୱିତୀୟ ଭୂଇଁ କାର୍ଯ୍ୟ ସରିଲା



ରଥର ଦ୍ୱିତୀୟ ଭୂଇଁ ତିଆରି କରାଯାଉଛି।

**ପୁରୀ ଅଫିସ, ୨୦।୬**

ରଥଖଳାରେ ରବିବାର ତିନିରଥର ପ୍ରଥମ ଭୂଇଁ ଫ୍ରେମ ଖୋଲାଯାଇ ଡେରା ଯିବା ପରେ ଦ୍ୱିତୀୟ ଭୂଇଁର କାର୍ଯ୍ୟ ହୋଇ ନମ୍ବରିଂ ଶେଷ ହୋଇଛି। ଦ୍ୱିତୀୟ ଭୂଇଁରେ ୧୬ ଫୁଟ୍‌ର ୪ଟି ଭୂଇଁ ଚଉଡାକୁ ବର୍ଗାକାର ଭାବେ ପ୍ରତ୍ୟେକ ବାହୁ ସଂଯୋଗ ହୋଇ ଉଭୟ ପାର୍ଶ୍ୱରେ ୧୨ ଫୁଟ୍‌ର ଦୁଇଟି ଓରା ପକାଯାଇ ଏହାର ଉଭୟ ପଟେ ୪ଟି ଲେଖାଏ ଖମ୍ବୀ ସଂଯୋଗ କରାଯିବ। ଏହା ଚାରିପାଖେ ୪ଟି ଲେଖାଏ ୧୬ଫୁଟିଆ ଭୂଇଁ ଶେଣୀ ଉପରେ ମାଛପାଡିଆ ଓ ସିଆନ ସଂଯୋଗ କରାଯିବ। ତିନି ରଥର ମୋଟ ୪୨ ନାହାକା ମଧ୍ୟରୁ ୧୪ଟିର ନିର୍ମାଣ ସରିଛି। ସିଂହାସନ ପାଇଁ ୨ଟି ଲେଖାଏ ଧୂଳିଦଣ୍ଡା ଓ ଡମକ ଏବଂ ୫ଟି ଲେଖାଏ ଜଗତ ପୃଷ୍ଠ ଶେଣୀ ନିର୍ମାଣ ଶେଷ ହୋଇଛି। ରୂପକାର ସେବକମାନେ ୧୫ଟି ନାଟଗୋଡ଼ରେ ରାହୁରୂପ ଖୋଦେଇ ଶେଷ କରିଛନ୍ତି। ଚାରପରିଛରେ ଫୁଲ, ଡାଳି, ଲତା ଖୋଦେଇ ଚାଲିଛି। ଦୋଳବେଦିସ୍ଥିତ କମାରଶାଳରେ ଓଝାସେବକମାନେ ତୃତୀୟ ଭୂଇଁ ଉପର ଗିଡ଼ିଛାଲ କଣ୍ଟା, ବାଗିଆ କଣ୍ଟା ତିଆରି କରୁଛନ୍ତି।

## ବିଦ୍ୟାଳୟ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**ନିରାକାରପୁର,୨୦।୬(ଡି.ଏନ୍.ଏ.)**

କରୋନା ସଂକ୍ରମଣ ପାଇଁ ସରକାରୀ ଓ ଘରୋଇ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ବନ୍ଦ ରହିଛି। ସ୍କୁଲ ବନ୍ଦ ରହୁଥିବାରୁ ଏଠାରେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ନିରାକାରପୁର ଅଞ୍ଚଳରେ ରହିଥିବା କେତେକ ସ୍କୁଲର ସୁରକ୍ଷା ପାଚେରି ଡେଇଁ କିମ୍ବା ପାଚେରିରେ ଗଳାବାଟ ସୃଷ୍ଟିକରି ଅସାମାଜିକ ଯୁବକମାନେ ପ୍ରବେଶ କରୁଛନ୍ତି। ବିଭିନ୍ନ ପ୍ରକାର ନିଶା ସେବନ କରିବା ସହ ମଦ ବୋତଲ, ପ୍ଲାଷ୍ଟିକ ଗ୍ଲାସ, ପଲିଥିନ, ସିଗାରେଟ ଓ ଗୁଟଖା ଖୋଳ, ଦିଆସିଲି ଖୋଳ ପକାଇ ସ୍କୁଲ ପରିସରରେ ଆବର୍ଜନା କରୁଛନ୍ତି। ଏଥିସହ ସ୍କୁଲ ବାରଣ୍ଡା ଓ କାନ୍ଥରେ ପାନ ଛେପ ପକାଉଛନ୍ତି। ବିଭିନ୍ନ ସମୟରେ ସ୍କୁଲ କୋଠରିରୁ କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରୁଥିବା ନେଇ ଅଭିଯୋଗ ହେଉଛି। ଏନେଇ ଥାନାରେ ଅଭିଯୋଗ ହେଉଥିଲେ ମଧ ପୋଲିସ କାହାରିକୁ ଧରିପାରୁ ନାହିଁ। ଏହି ଅଞ୍ଚଳରେ ପୋଲିସ ପକ୍ଷରୁ କଡ଼ାକଡ଼ି ପାଟ୍ରୋଲିଂ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ ଅସାମାଜିକ ଯୁବକଙ୍କ ଉପରେ କଡ଼ା ନଜର ରଖାଯାଇଛି ବୋଲି ନିରାକାରପୁର ଏସ୍‌ଆଇ ବିଚିତ୍ରାନନ୍ଦ ପରିଡା କହିଛନ୍ତି।

## ଆଜି ୨ ନୂତନ କେନ୍ଦ୍ରରେ ଟିକାକରଣ

**ଜଟଣୀ,୨୦।୬(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳରେ ୪ଟି ନୂତନ ଟିକାକରଣ କେନ୍ଦ୍ର ଖୋଲାଯିବାକୁ ଥିବାବେଳେ ସୋମବାର ୨ଟି କାର୍ଯ୍ୟକ୍ଷମ ହେବ। ମୁଣ୍ଡିଆସାହି ନୂତନ ଟିକାକରଣ କେନ୍ଦ୍ରରେ ୧ରୁ ୭ନମ୍ବର ୱାର୍ଡ ଏବଂ କୁଦିଆରୀ ସ୍କୁଲରେ ହୋଇଥିବା କେନ୍ଦ୍ରରେ ୧୬ରୁ ୨୩ନମ୍ବର ୱାର୍ଡର ଲୋକେ ଟିକା ନେବା ପାଇଁ ପୌରପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଛି ବୋଲି ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି କହିଛନ୍ତି। ୱାର୍ଡ ନଂ.୮,୯,୧୦,୧୧,୧୨,୧୩ ଓ ୧୪ର ଲୋକେ ଆସନ୍ତା ମଙ୍ଗଳବାରଠୁ ଅନ୍ୟ ଦୁଇଟି ନୂତନ କେନ୍ଦ୍ର ସୁଶୀଳା ଦେବୀ ପ୍ରଗତି ବିଦ୍ୟାପୀଠ,ବାଛରା ଓ ପିଏନ୍ ହାଇସ୍କୁଲରେ ଟିକା ନେଇପାରିବେ। ସକାଳ ୭ଟାରୁ ଟିକାକରଣ ନିମନ୍ତେ ନାମ ପଞ୍ଜୀକରଣ କରାଯିବ। ପରିଚୟପତ୍ର ଦେଖାଇ ପଞ୍ଜୀକରଣ କରି ଟିକା ନେଇପାରିବେ। ଜନସାଧାରଣଙ୍କ ଅବଗତି ନିମନ୍ତେ ପୌର ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ସୂଚନା ଦିଆଯାଇଛି।

## ବିଦ୍ୟୁତ୍ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା ଦାବି

**ଖୋର୍ଦ୍ଧା ଅଫିସ,୨୦।୬**

**ମୃତକଙ୍କ ପରିବାରକୁ ୨.୭୩ଲକ୍ଷ ଟଙ୍କା ସହାୟତା**

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଜାରି ରହିଛି। ଦୈନିକ ସଂକ୍ରମଣ ତୁଳନାରେ ମୃତ୍ୟୁ ସଂଖ୍ୟା ବଢିଚାଲିଛି। ଏଭଳି ସମୟରେ ବିଦ୍ୟୁତ୍ କର୍ମଚାରୀମାନେ ନିରବଚ୍ଛିନ୍ନ ସେବା ଯୋଗାଇ ଆସୁଛନ୍ତି। ରାଜ୍ୟରେ ୭ଶହରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ୨୫ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଓପିଟିସିଏଲ୍‌ର କରଞ୍ଜିଆ ଗ୍ରୀଡରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ଭଗନ ମାରଣ୍ଡି ଗତ ମାସ ୨୪ତାରିଖରେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଭଗନଙ୍କ ଭଳି ଅଧିକାଂଶ ପରିବାରର ଅବସ୍ଥା ଦୁର୍ବିଷହ ହୋଇପଡ଼ିଛି। ଏମାନଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ କୌଣସି ସହାୟତା ପ୍ରଦାନ କରାଯାଇନାହିଁ। ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସଂଘର ସଦସ୍ୟମାନେ ଭଗନଙ୍କ ପରିବାରକୁ ସହଯୋଗର ହାତ ବଢାଇଛନ୍ତି। ୨ଲକ୍ଷ ୭୩ହଜାର ଟଙ୍କା ରବିବାର ସଂଘ ପକ୍ଷରୁ ଦିଆଯାଇଥିବା ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। କରୋନା ସମୟରେ ବିଦ୍ୟୁତ୍ କର୍ମଚାରୀମାନେ ଉପଭୋକ୍ତାଙ୍କ ସଂସ୍ପର୍ଶରେ ଆସୁଛନ୍ତି। ଡ୍ୟୁଟି ସମୟରେ କରୋନା ସଂକ୍ରମିତ ମଧ ହୋଇଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ବିଦ୍ୟୁତ୍ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା କରୁନାହାନ୍ତି। ସରକାର ତୁରନ୍ତ ବିଦ୍ୟୁତ୍ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ପାଇଁ ମହାସଂଘ ଅଧ୍ୟକ୍ଷ ଏନ.ପି ରାୟଗୁରୁ, କାର୍ଯ୍ୟକାରୀ ଅଧ୍ୟକ୍ଷ ଜ୍ଞାନରଞ୍ଜନ ଭୋଇ, ସଙ୍ଗଠନ ସମ୍ପାଦକ ବିସ୍ମୟ ହୋତା, ସାଧାରଣ ସମ୍ପାଦକ ପରିଡା ପ୍ରମୁଖ ଦାବି କରିଛନ୍ତି।

## କଟକଣା ଭୁଲି ମୃତଦେହ ଶୋଭାଯାତ୍ରା

**ବାଣପୁର,୨୦।୬(ଡି.ଏନ୍.ଏ.)**

କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏଥିସହ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ବିବାହ ଓ ମୃତଦେହ ସଂସ୍କାର ପାଇଁ ମଧ ସରକାରଙ୍କ ପକ୍ଷରୁ କଟକଣା କରାଯାଇଛି। କୋଭିଡ୍ ନିୟମ ଉଲ୍ଲଂଘନ କରି ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳରେ ରବିବାର ଜଣେ ପୂର୍ବତନ ଶିକ୍ଷକଙ୍କ ମୃତଦେହ ସଂସ୍କାର ପାଇଁ ଶୋଭାଯାତ୍ରାରେ ନିଆଯାଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସୂଚନା ମୁତାବକ, ଭୀମପୁର ଏମ୍‌ଇ ସ୍କୁଲର ପୂର୍ବତନ ଶିକ୍ଷକ ଝାଡେଶ୍ୱର ସାହୁଙ୍କ ରବିବାର ସକାଳେ ପରଲୋକ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ କୋଭିଡ୍ କଟକଣା ନ ମାନି ମୃତଦେହ ସଂସ୍କାର ପାଇଁ ଶୋଭାଯାତ୍ରାରେ ନିଆଯାଇଥିଲା। କେତେଜଣ ମାସ୍କ ପରିଧାନ କରି ନ ଥିବା ବେଳେ ସାମାଜିକ ଦୂରତ୍ୱକୁ ଭୁଲିଯାଇଥିଲେ। ଏଠାରେ କୋଭିଡ୍ ନିୟମକୁ ଯେପରି ଫୁ କରିଦେଇଥିବା ଦେଖିବାକୁ ମିଳିଛି।



ସପ୍ତାହାନ୍ତ ଶଟ୍‌ଡାଉନ୍ ପାଇଁ ରବିବାର ଖୋର୍ଦ୍ଧା ନୂଆବସ୍‌ଷ୍ଟାଣ୍ଡ ରାସ୍ତା ଶୂନ୍‌ଶାନ୍ ରହିଛି।

## କଳିଙ୍ଗ କ୍ୟାପିଟାଲ କ୍ଲବ ଚାମ୍ପିୟନ

**ବେଗୁନିଆ,୨୦।୬(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅନ୍ତର୍ଗତ ଶଗଡ଼ଭଙ୍ଗା ଖେଳ ପଡିଆରେ ରବିବାର ପ୍ରିମିୟର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ରାମଚଣ୍ଡୀ ରୟାଲ୍‌ସ କ୍ଲବକୁ ହରାଇ କଳିଙ୍ଗ କ୍ୟାପିଟାଲ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ରାମଚଣ୍ଡୀ ରୟାଲ୍‌ସ କ୍ଲବ ନିର୍ଦ୍ଧାରିତ ୧୨ଓଭରରେ ୯ଉଇକେଟ ବିନିମୟରେ ୭୬ରନ ସଂଗ୍ରହ କରିଥିଲା। ଜବାବରେ କଳିଙ୍ଗ କ୍ୟାପିଟାଲ କ୍ଲବ ୧୦ ଓଭରରେ ଆବଶ୍ୟକ ୭୭ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ଅତିଥିଭାବେ ସତ୍ୟବ୍ରତ ସାମନ୍ତସିଂହାର, ସମ୍ମାନିତ ଅତିଥି ସାମାଜିକକର୍ମୀ ସୋମନାଥ ସାହୁ, ପୂର୍ବତନ ସରପଞ୍ଚ ଦୁର୍ଗା ମଙ୍ଗରାଜ, ସମିତି ସଭ୍ୟ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ୩,୩୦୦ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ରନର୍ସ ଟିମକୁ ଟ୍ରଫି ସହ ୨୩୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ରଶ୍ମିରଞ୍ଜନ ସ୍ୱାଇଁ, ରାଧାକାନ୍ତଙ୍କ ସମେତ ଆୟୋଜକ କ୍ଲବର ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଗଡୁନି ଚକ, ଚିନ୍ତାରେ ଅଟୋଚାଳକ

**ଖୋର୍ଦ୍ଧା ଅଫିସ,୨୦।୬**

କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏଥିସହ ସପ୍ତାହାନ୍ତ ଶଟ୍‌ଡାଉନ ରହିଛି। ଏହାର ପ୍ରଭାବରେ ଡାଲା ଏବଂ ଯାତ୍ରୀବାହୀ ଅଟୋ ଚାଳକମାନେ ହାତବାନ୍ଧି ବସିଛନ୍ତି। ଦୈନିକ ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଗ୍ରାହକଙ୍କୁ ଅପେକ୍ଷା କରି ରହୁଛନ୍ତି। ଭଡ଼ା ନ ମିଳିବାରୁ ଖାଲି ହାତରେ ଘରକୁ ଫେରୁଛନ୍ତି। ଏପରି କରୁଣ ଚିତ୍ର ଖୋର୍ଦ୍ଧା ସହରରେ ଦେଖିବାକୁ ମିଳିଛି। କରୋନା ପାଇଁ ଗତ ବର୍ଷଠାରୁ ଏମାନଙ୍କ ବେପାର ଏକପ୍ରକାର ଠପ୍ ହୋଇଯାଇଛି।

ଖୋର୍ଦ୍ଧା ଷ୍ଟେଟ୍ ବ୍ୟାଙ୍କ ଛକରେ ରହିଛି ବରୁଣେଇ, କରୁରେଇ ଡାଲା ଅଟୋ ସଂଘ। ସମବାୟ ଛକରେ ରହିଛି ଅଟୋ ସଂଘ। ଡାଲା ଅଟୋ ସଂଘରେ ୩୦ରୁ ୪୦ଜଣ ସଦସ୍ୟ ରହିଛନ୍ତି। ଦୋକାନ ବନ୍ଦ ଯୋଗୁ ଭଡା ମିଳୁନାହିଁ। ଯାହା ଭଡା ମିଳୁଛି, ସମୁଦ୍ରକୁ ଶଙ୍ଖେ ବୋଲି ଚାଳକ ଅଶୋକ ବେହେରା, ପ୍ରଭାତ ପତି, ଅରବିନ୍ଦ ଗଜେନ୍ଦ୍ର ପ୍ରମୁଖ କହିଛନ୍ତି। ସେହିପରି ଯାତ୍ରୀବାହୀ ଅଟୋଚାଳକ ପ୍ରଶାନ୍ତ ପାତ୍ର କୁହନ୍ତି, ଲକ୍‌ଡାଉନ ଯୋଗୁ ଯାତାୟାତ ସହ ଶିକ୍ଷାନୁଷ୍ଠାନ, ଶିଳ୍ପ ସଂସ୍ଥା ବନ୍ଦ ଫଳରେ ଭଡା ମିଳୁନାହିଁ। ମେଡିକାଲ କାମକୁ

**କରୋନା ଛଡ଼ାଇ ନେଇଛି ଜୀବିକା**



ଗ୍ରାହକଙ୍କ ଅପେକ୍ଷାରେ ଅଟୋ ଚାଳକ।

ବାଦ୍ ଦେଲେ ଲୋକେ ମିଳୁନାହାନ୍ତି। ରୋଜଗାର ଅପେକ୍ଷା ଖର୍ଚ୍ଚ ବଢିଚାଲିଛି। ସେହିପରି ଅଟୋଚାଳକ ରମାକାନ୍ତ ପାଟଶାଣୀ, ବିଜୟ ମଙ୍ଗରାଜ, ଅଭୟ ସେନାପତି, ବିଜୟ ସାମନ୍ତରାୟ କହିଛନ୍ତି, ବହୁ ଅଟୋଚାଳକ ଋଣରେ ଅଟୋ ଚଳାଉଛନ୍ତି। ଅଟୋ ଫିଟନେସ, ଇନ୍‌ସ୍ୟୁରାନ୍ସ ମଧ ରହିଛି। ଗତ ମେ' ୫ରୁ କାଁଭାଁ ଗ୍ରାହକଙ୍କୁ ଛାଡି ଦେଲେ, ଗ୍ରାହକ ମିଳୁନାହାନ୍ତି। ଲକ୍‌ଡାଉନ ଯୋଗୁ ସବୁ ବନ୍ଦ ରହିଛି। ଫଳରେ ଅଟୋ ଧରି ଆସି ପାର୍କିଂ ସ୍ଥାନରେ ଠିଆ ହୋଇ ଘରକୁ ଫେରିବାକୁ ବାଧ ହେଉଛୁ। ଗୋଟିଏ ପଟେ କରୋନା ଭୟ, ଅନ୍ୟପଟେ ପରିବାର କିପରି ଚଳାଇବୁ ଚିନ୍ତା ଘାରୁଛି। ଅଟୋ ଚାଳକ ଅମୂଲ୍ୟ ସାହୁ କୁହନ୍ତି, ଦୈନିକ ରାତିରେ ଶୋଇବା ବେଳେ ଠାକୁରଙ୍କୁ ଧ୍ୟାନ କରୁଛି, ଆସନ୍ତାକାଲି କିଛି ରୋଜଗାର ହେଉ, କିନ୍ତୁ କରୋନା ଯେପରି ପରିବାରର ହସ ଓ ରୋଜଗାର ଛଡାଇ ନେଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୧ ଜୁନ୍, ୨୦୨୧

**୩ ମାମଲାରେ ରାଜା ଗିରଫ**

ପୁରୀ ଅଫିସ : ଦାଦାବଟି ମାଗିବା ଓ ଡକାୟତି ଯୋଜନାରେ ସାମିଲ ଥିବା ଅଭିଯୋଗରେ ରବିବାର ବଳିଆପଣ୍ଡା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବଳିଆପଣ୍ଡା ଅଞ୍ଚଳର ରାଜେନ୍ଦ୍ର ନାୟକ ଓରଫ ରାଜା। ପୋଲିସ ତାଙ୍କଠାରୁ ଏକ ମୋବାଇଲ ଫୋନ୍ ଜବତ କରିଛି। ଏ ନେଇ କେସ୍ ନଂ. ୮୬/୨୧, ୮୭/୨୧, ୯୨/୨୧ରେ ରୁଜୁ ହୋଇଛି। ୩ ମାମଲାରେ ଅଭିଯୁକ୍ତ ରାଜାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।






୨୦।୦୬।୨୦୨୧

୩୮୦୫ ଟଙ୍କା

## ସଂକ୍ଷେପରେ

### ମିଳିତ ଶିକ୍ଷକ ସଂଘ ବୈଠକ

**କାକଟପୁର:୨୦।୬(ଡି.ଏନ୍.ଏ.):** କାକଟପୁର ବ୍ଲକର ମିଳିତ ଶିକ୍ଷକ ସଂଘର ସଭାପତି ମୁନିର ଅହମ୍ମଦ ଖାଁଙ୍କ ସଭାପତିତ୍ୱରେ ଶିକ୍ଷକ ଭବନରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପୂର୍ବରୁ ବ୍ଲକର ଦିବଂଗତ ଶିକ୍ଷକ ରବି ସାର,ସାଗର ସାର୍, ପ୍ରଭାତି ଗୁରୁମାଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ୨୧ ଜୁନରୁ ପିଲାଙ୍କ ଅନଲାଇନ ପାଠପଢ଼ା, "ଶିକ୍ଷକ କଲ୍ୟାଣ ପାଣ୍ଠି "ଗଠନର ଆବଶ୍ୟକତା ଓ ଏହାର ରେଜିଷ୍ଟ୍ରେଶନ ପ୍ରକ୍ରିୟା ଉପରେ ଆଲୋଚନା ହୋଇଥିଲା। ସମସ୍ତ ଦିବଂଗତ ଶିକ୍ଷକଙ୍କ ଫଟୋ ଶିକ୍ଷକ ଭବନରେ ସ୍ଥାନ ପାଇବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ମିଳିତ ଶିକ୍ଷକ ସଂଘ ସମ୍ପାଦକ ହୃଦାନନ୍ଦ ସାଶମଲ, ଦୀପ୍ତିମୟୀ ମହାନ୍ତି, ସଦାଶିବ ସାହୁ, ବିଷ୍ଣୁଚରଣ ମହାନ୍ତି, ଆଲୋକ ପରିଡା, ସୁନୀଲ ମହାନ୍ତି, ମଲ୍ଲିକ ଜାକିର ହୁସେନ, ରକ୍ଷକ ସ୍ୱାଇଁ, ସୁରେଶ ଚନ୍ଦ୍ର ସ୍ୱାଇଁ, ଅନ୍ନପୂର୍ଣ୍ଣା ସାହୁ, ରଣଜିତ ନାୟକ, ଫଜଲୁର ରହମାନ, ସିଆରସିସି ସନ୍ତୋଷ ସାହୁ, ଦୁର୍ଗା ଦାସ ଓ ଶିବ ଚରଣ ମାୟକ ପ୍ରମୁଖ ଯୋଗଦେଇଥିଲେ।

### ବାଲି, ପଥର ବୋଝେଇ ୨ ଗାଡ଼ି ଜବତ: ଡ୍ରାଇଭର ଗିରଫ

ଡେଲାଙ୍ଗ,୨୦।୬(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ପୋଲିସ ରବିବାର ବେଆଇନ ଚାଲାଣ ହେଉଥିବା ଏକ ବାଲି ବୋଝେଇ ହାଇୱା ଓ ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର ଜବତ କରିଛି। ଏହାସହିତ ୨ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ହରିରାଜପୁର ପଞ୍ଚାୟତର ଗୋଲାପଡା ଗ୍ରାମର ବିକ୍ରମ କାଣ୍ଡି (୩୧) ଓ ସାଉରିଆ ପଞ୍ଚାୟତ କୁଆପଦା ଗ୍ରାମର ସର୍ବେଶ୍ୱର ନିଶଙ୍କ। ଏ ନେଇ ପୋଲିସ ୨ଟି ପୃଥକ ମାମଲା(୧୪୬, ୧୪/୨୧) ରୁଜୁ କରିଛି। ପୋଲିସ ପାଟ୍ରୋଲିଂ କରିବା ସମୟରେ ବାଲି ଓ ମାଙ୍କଡା ପଥର ଚୋରା ଚାଲାଣ ହେଉଥିବା ଖବର ପାଇଥିଲା। ପରେ ଚଢ଼ାଉକରି ଟ୍ରାକ୍ଟର (ଓଡି ୦୨ ବିଇ ୬୬୦୪) ଓ ହାଇୱା (ଓଡି ୦୨ ବିଇ ୫୬୩୨)କୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ଠିକ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଗିରଫ କରିଥିବା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ କହିଛନ୍ତି।

### ଶତାୟୁ ବୃଦ୍ଧଙ୍କ ପରଲୋକ

**କଣାସ,୨୦।୬(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ହରଷପଡା ଗ୍ରାମର ଧର୍ମପରାୟଣ ଶତାୟୁ ବୃଦ୍ଧ ବନମାଳୀ ବିଶ୍ୱାଳଙ୍କ ଶନିବାର ରାତିରେ ପରଲୋକ ହୋଇଛି। ତାଙ୍କୁ ୧୦୧ବର୍ଷ ହୋଇଥିଲା । ସେ କିଛିଦିନ ହେଲା ବାର୍ଦ୍ଧକଜନିତ ପୀଡାରେ ବାସଗୃହରେ ପଡ଼ିରହିଥିଲେ। ତାଙ୍କ ମୃତଦେହକୁ ଗ୍ରାମ୍ୟ ଶ୍ମଶାନରେ ସତ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଗଦାଧର ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ସତ୍କାର ସମୟରେ ପୁଅ-ବୋହୂ, ନାତି-ନାତୁଣୀ, ଝିଅ-ଜ୍ୱାଇଁ ଉପସ୍ଥିତ ଥିଲେ।

# ୨୩ ପଦବୀ ଖାଲି, କାର୍ଯ୍ୟ ବାଧାପ୍ରାପ୍ତ

**ନିମାପଡ଼ା ବ୍ଲକ**

ନିମାପଡ଼ା,୨୦।୬ (ଡି.ଏନ୍.ଏ.)

ପୁରୀ ଜିଲା ନିମାପଡ଼ା ବ୍ଲକରେ ୩୨ ପଞ୍ଚାୟତ ରହିଥିବା ବେଳେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ଦୀର୍ଘଦିନ ହେବ ଏହି ବ୍ଲକ କାର୍ଯ୍ୟାଳୟରେ ୨୩ଟି ପଦବୀ ଖାଲିପଡ଼ିଛି। ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ନିର୍ବାଚିତ ପ୍ରତିନିଧି ଓ ପଞ୍ଚାୟତ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ଜିଲା ପ୍ରଶାସନ ଏବଂ ପଞ୍ଚାୟତିରାଜ ବିଭାଗ ଦେବାକୁ ସାଧାରଣରେ ଦାବି ହେଉଛି।

ସୂଚନାଥାଉ କି, ୨୦ଦିନ ହେବ ଏହି ବ୍ଲକ କାର୍ଯ୍ୟାଳୟରେ ବିଡିଓ ପଦବୀ ଖାଲି ପଡ଼ିଛି। ସେହିପରି ପ୍ରାୟ ୧୦ମାସ ହେବ ଅତିରିକ୍ତ ବିଡିଓ (ଏବିଡିଓ) ପଦବୀ ଖାଲି ପଡ଼ିଥିବା ବେଳେ ଦୁଇ ବର୍ଷ ହେବ ୨ କନିଷ୍ଠ ଯନ୍ତ୍ରୀ ପଦବୀ, ଦେଢ଼ ବର୍ଷ ହେବ ଜିପିଓ ପଦବୀ, ୫ବର୍ଷରୁ ଊର୍ଦ୍ଧ୍ୱ ହେବ ବ୍ଲକ ସୋସିଆଲ ଏଜୁକେଶନ ଅଫିସର (ବିଏସ୍ଇଓ) ପଦବୀ, ୪ ବର୍ଷ ହେବ ଜଣେ ବରିଷ୍ଠ ଓ କନିଷ୍ଠ କିରାଣି ପଦବୀ ଖାଲିପଡ଼ିଛି। ବ୍ଲକର ୩୨ ପଞ୍ଚାୟତର ୩୨ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ରହିବାର ନିୟମ ରହିଥିବା ବେଳେ ୧୯ଜଣ ପିଇଓ ରହିଛନ୍ତି। ୧୩ଟି ପିଇଓ ପଦବୀ ଖାଲିପଡ଼ିଛି। ଜଣେ ପିଇଓ ଦୁଇରୁ ତିନୋଟି ଲେଖାଏ ପଞ୍ଚାୟତ ଦାୟିତ୍ୱରେ ରହୁଥିବାରୁ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ ଓ ବିଲ୍‌ରେ ସମସ୍ୟା ହେଉଥିବା ଜଣାପଡ଼ିଛି। ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ବ୍ଲକ କାର୍ଯ୍ୟାଳୟରେ ଶିଳ୍ପ ସମ୍ପ୍ରସାରଣ ଅଧିକାରୀ (ଆଇପିଓ) ପଦବୀ ଓ ୫ବର୍ଷରୁ ଊର୍ଦ୍ଧ୍ୱ ହେବ ସମବାୟ ସମ୍ପ୍ରସାରଣ ଅଧିକାରୀ(ସିଇଓ) ପଦବୀ ଖାଲିପଡ଼ିଛି। ଦୀର୍ଘ ବର୍ଷଧରି ବ୍ଲକ କାର୍ଯ୍ୟାଳୟରେ ଉକ୍ତ ପଦବୀ ଖାଲିପଡ଼ିବା ଦୁର୍ଭାଗ୍ୟଜନକ ବୋଲି ବହୁ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଏବଂ ୱାର୍ଡ ସଭ୍ୟାସଭ୍ୟମାନେ ମତପ୍ରକାଶ କରିଛନ୍ତି। ଏନେଇ ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ କହିଛନ୍ତି, ବ୍ଲକରେ ଖାଲିପଡ଼ିଥିବା ପଦବୀ ପୂରଣ ପାଇଁ ପଞ୍ଚାୟତ ସମିତି ପକ୍ଷରୁ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ସେହିପରି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଖାଲିପଡ଼ିଥିବା ପଦବୀ ପୂରଣ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ଓ ସଚିବଙ୍କୁ ଅବଗତ କରାଯାଇଛି। ତୁରନ୍ତ ଏହି ସମସ୍ତ ପଦବୀ ପୂରଣ କରାଯିବ ବୋଲି ସେ କହିଛନ୍ତି।



ସ୍ନାନଯାତ୍ରା ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସଂଲଗ୍ନ ସାହି ରାସ୍ତାକୁ ବ୍ୟାରିକେଡ୍ ଦ୍ୱାରା ସିଲ୍ କରାଯାଇଛି।

# ଘରେ ମହାପ୍ରସାଦ ପହଞ୍ଚାଇବେ ବୋଝିଆ

ପୁରୀ ଅଫିସ, ୨୦।୬

- ସେବାୟତଙ୍କ କୋଭିଡ୍ ଟେଷ୍ଟ ଆରମ୍ଭ
- ଶ୍ରୀମନ୍ଦିର ଚାରିପାଖରେ ହେଲା ବ୍ୟାରିକେଡ୍

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ରବିବାର ବିଭିନ୍ନ ନିଯୋଗ ସହ ଶ୍ରୀମନ୍ଦିର ଉପପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ସ୍ନାନଯାତ୍ରା ସମ୍ପର୍କରେ ଆଲୋଚନା କରିଛନ୍ତି। ନୀତି ନିର୍ଘଣ୍ଟ ଅନୁଯାୟୀ ମହାପ୍ରଭୁଙ୍କ ନୀତିକାନ୍ତି କିପରି ସୁଚାରୁ ରୂପେ ସମ୍ପାଦନ ହେବ ସେଥିନେଇ ଜିଲାପାଳ ସମସ୍ତ ସେବାୟତଙ୍କ ସହଯୋଗ ଲୋଡ଼ିଛନ୍ତି। ଚଳିତ ବର୍ଷ କରୋନା କାରଣରୁ ଭକ୍ତମାନେ ସ୍ୱଚକ୍ଷୁରେ ସ୍ନାନଯାତ୍ରା ଦେଖିବାରୁ ବଞ୍ଚିତ ହେବେ। ତେଣୁ ସେମାନେ ଘରେ ଟିଭି ମାଧ୍ୟମରେ ସ୍ନାନଯାତ୍ରା ଦେଖିବେ। ସ୍ନାନବେଦି ଉପରେ ବିରାଜିତ ମହାପ୍ରଭୁଙ୍କ ସମ୍ମୁଖରେ ଯେପରି କୌଣସି ସେବାୟତ ଠିଆ କିମ୍ବା ଯା'ଆସ ନ କରିବେ ସେଥିଲାଗି ସେବାୟତଙ୍କୁ ପରାମର୍ଶ ଦିଆପାଇଛି। ଜଳଲାଗି ଓ ହାତୀବେଶ ସମୟରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଅଯଥା ଗହଳି ନ କରିବାକୁ କୁହାଯାଇଛି। ଗତବର୍ଷ ପରି ଚଳିତବର୍ଷ ଭକ୍ତ ଓ ସେବାୟତଙ୍କ ଘରେ ମହାପ୍ରସାଦ ପହଞ୍ଚାଇବା ବ୍ୟବସ୍ଥା କରାଯିବ ବୋଲି ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ପଡିଆରୀ କହିଛନ୍ତି। ସେବାୟତ ପରିବାର ଓ ଭକ୍ତଙ୍କୁ ମିଶାଇ ପ୍ରାୟ ୩ହଜାର ଲୋକଙ୍କ ନିମନ୍ତେ ମହାପ୍ରସାଦ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି।

ସ୍ନାନଯାତ୍ରା ଦିନ ପୁରୀ ସହରକୁ ସଂଯୋଗ କରୁଥିବା ପ୍ରବେଶ ପଥରେ ପୋଲିସ ପକ୍ଷରୁ ପିକେଟିଂ ସହ ୧୬ ସ୍ଥାନରେ ବ୍ୟାରିକେଡ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଚାରିପାଖରେ ତିନିଥାକିଆ ବ୍ୟାରିକେଡ ବ୍ୟବସ୍ଥା ସହ ୧୬୦ ଅଧିକାରୀ, ୩୫ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ୫୩୦ ହୋମଗାର୍ଡ ନିୟୋଜିତ ହେବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୧୨ଟି ସିସିଟିଭି କ୍ୟାମେରା ଲାଗିବ। ଅପରପକ୍ଷରେ ସ୍ନାନଯାତ୍ରାରେ ନିୟୋଜିତ ହେବାକୁ ଥିବା ସେବାୟତମାନଙ୍କର କୋଭିଡ୍ ଟେଷ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ।

# ଗଡ଼କରମଳାକୁ ଭଲ ରାସ୍ତା ନାହିଁ

ଗୋପ,୨୦।୬(ଡି.ଏନ୍.ଏ.)

ସରକାର ପ୍ରତ୍ୟେକ ଗାଁକୁ ସଡ଼କ, ପିଇବା ପାଣି ସହିତ ସାଧାରଣ ଲୋକମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯାଉଥିବା କଥା ବିଭିନ୍ନ ସମୟରେ କହିଛନ୍ତି। ମାତ୍ର ବାସ୍ତବତା କିନ୍ତୁ ଅଲଗା। ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ପଞ୍ଚାୟତର ଗଡକରମଳା ଗାଁରେ ଦୀର୍ଘ ବର୍ଷ ହେବ ରାସ୍ତାଟି ଖାଲ ହୋଇଯାଇଥିବାରୁ ଯାତାୟାତରେ ନାନା ବାଧାପ୍ରାପ୍ତ ହେଉଛି। ଦୀର୍ଘ ଅଢେଇ କିଲୋମିଟର ରାସ୍ତାରେ ବର୍ଷା ଦିନରେ କେବଳ ଗଡକରମଳା ଗାଁ ନୁହେଁ ଏହାର ଆଖପାଖ ଗାଁର ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ବୋଲି ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ବର୍ଷ ବର୍ଷ ଧରି ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ଦେଇ ଚୁପ ରହିଯାଉଥିବା ଗ୍ରାମର ବିଚିତ୍ରା ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ଏହି ଗାଁରେ ପ୍ରାୟ ୨୦୦ଶହରୁ ଅଧିକ ପରିବାର ବସବାସ କରୁଥିବା ବେଳେ ବିଭିନ୍ନ ସମସ୍ୟା ରହିଛି। ପଞ୍ଚାୟତରେ ପିଇବା ପାଣି ଲାଗି ବସୁଧା ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଅଧେ ଗାଁ ପିଇବା ପାଣିରୁ ବଞ୍ଚିତ ହେଉଛନ୍ତି। ସରକାର ପ୍ରତ୍ୟେକ ଗାଁକୁ ରାସ୍ତା ଥିବା କହୁଥିବା ବେଳେ ବହୁ ପୁରାତନ ରାସ୍ତାଟି ଖାଲଖମାରେ ରହିଛି। ଚାଷଜମି ମଝିରେ ଯାଇଥିବା ଏହି ରାସ୍ତା ଉପରେ ବିଧାୟକଠାରୁ ଆରମ୍ଭ କରି ବିଡିଓ, ଲୋକ ପ୍ରତିନିଧିମାନଙ୍କର ମଧ୍ୟ ନଜର ପଡୁନାହିଁ। ବାରମ୍ବାର ଗ୍ରାମବାସୀଙ୍କ ପକ୍ଷରୁ ଜିଲା ପ୍ରଶାସନ, ବିଧାୟକ ତଥା କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଅଭିଯୋଗ କରାଯାଇଛି। ହେଲେ କେହି ଗୁରୁତ୍ୱ ଦେଉ ନାହାନ୍ତି। ଅନ୍ୟପଟେ ରାସ୍ତା ପାଇଁ ସରକାର ଟଙ୍କା ପ୍ରଦାନ କରିଥିଲେ ମଧ୍ୟ ଅଧିକାରୀମାନଙ୍କ ଅବହେଳା ଯୋଗୁ ରାସ୍ତାଟିର କାମ ହୋଇପାରୁ ନାହିଁ ବୋଲି ଅଭିଯୋଗ ହୋଇଛି। ଏପରି ଅଭିଯୋଗକୁ ନେଇ ବିଡିଓ ଦୀପ୍ତି ରାଣୀ ଦାସ କହିଛନ୍ତି, ଏହି ଅଭିଯୋଗ ସମ୍ପର୍କରେ ଅବଗତ ନାହିଁ। ତଥାପି ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବି ବୋଲି କହିଛନ୍ତି ।

## ରଥଖଳାରୁ

# ତିନି ରଥର ଦ୍ୱିତୀୟ ଭୂଇଁ କାର୍ଯ୍ୟ ସରିଲା



ରଥର ଦ୍ୱିତୀୟ ଭୂଇଁ ତିଆରି କରାଯାଉଛି।

ପୁରୀ ଅଫିସ, ୨୦।୬

ରଥଖଳାରେ ରବିବାର ତିନିରଥର ପ୍ରଥମ ଭୂଇଁ ଫ୍ରେମ ଖୋଲାଯାଇ ଡେରା ଯିବା ପରେ ଦ୍ୱିତୀୟ ଭୂଇଁର କାର୍ଯ୍ୟ ହୋଇ ନମ୍ବରିଂ ଶେଷ ହୋଇଛି। ଦ୍ୱିତୀୟ ଭୂଇଁରେ ୧୬ ଫୁଟ୍‌ର ୪ଟି ଭୂଇଁ ଚଉତାକୁ ବର୍ଗାକାର ଭାବେ ପ୍ରତ୍ୟେକ ବାହୁ ସଂଯୋଗ ହୋଇ ଉଭୟ ପାର୍ଶ୍ୱରେ ୧୨ ଫୁଟ୍‌ର ଦୁଇଟି ଓରା ପକାଯାଇ ଏହାର ଉଭୟ ପଟେ ୪ଟି ଲେଖାଏ ଖମ୍ବୀ ସଂଯୋଗ କରାଯିବ। ଏହା ଚାରିପାଖେ ୪ଟି ଲେଖାଏ ୧୬ଫୁଟିଆ ଭୂଇଁ ଶେଣୀ ଉପରେ ମାଛପାତିଆ ଓ ସିଆନ ସଂଯୋଗ କରାଯିବ। ତିନି ରଥର ମୋଟ ୪୨ ନାହାକା ମଧ୍ୟରୁ ୧୪ଟିର ନିର୍ମାଣ ସରିଛି। ସିଂହାସନ ପାଇଁ ୨ଟି ଲେଖାଏ ଧୂଳିଦଣ୍ଡା ଓ ଡମକ ଏବଂ ୫ଟି ଲେଖାଏ ଜଗତ ପୃଷ୍ଠ ଶେଣି ନିର୍ମାଣ ଶେଷ ହୋଇଛି। ରୂପକାର ସେବକମାନେ ୧୫ଟି ନାଟଗୋଡ଼ରେ ରାହୁରୂପ ଖୋଦେଇ ଶେଷ କରିଛନ୍ତି। ଚାରପରିଛରେ ଫୁଲ, ଡାଳି, ଲତା ଖୋଦେଇ ଚାଲିଛି। ଦୋଳବେଦିସ୍ଥିତ କମାରଶାଳରେ ଓଝାସେବକମାନେ ତୃତୀୟ ଭୂଇଁ ଉପର ଗିଡ଼ିଛାଲ କଣ୍ଟା, ବାଗିଆ କଣ୍ଟା ତିଆରି କରୁଛନ୍ତି।

# ଓଡ଼ିଆ ହାର୍ଟ ରଜ କୁଇନ ପ୍ରତିଯୋଗିତା

ଅସ୍ତରଙ୍ଗ,୨୦।୬ (ଡି.ଏନ୍.ଏ.)

ସ୍ଥାନୀୟ କୋଣାର୍କ ଏଣ୍ଟରଟେନମେଣ୍ଟ ପକ୍ଷରୁ ରଜ ଉପଲକ୍ଷେ ଝିଅମାନଙ୍କ ପାଇଁ ୟୁଟ୍ୟୁବ ମାଧ୍ୟମରେ "ଓଡ଼ିଆ ହାର୍ଟ ରଜ କୁଇନ" ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ସମସ୍ତେ ଘରେ ରହି ଭାଗ ନେଇଥିଲେ। ୩ ରାଉଣ୍ଡରେ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଫାଇନାଲ ରାଉଣ୍ଡରେ ବିଚାରକମାନେ ପ୍ରତିଯୋଗୀଙ୍କ କଳା ପ୍ରଦର୍ଶନ ଦକ୍ଷତା ଦେଖି ବିଜେତା ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମ ସବଜୁନିଅର, ଜୁନିଅର ଓ ସିନିଅର ଗ୍ରୁପରେ ହୋଇଥିଲା। ବିଚାରକ ଭାବେ ଅଭିନେତା ଆଲୋକ କୁମାର ପରିଡ଼ା, ଦେବଦତ୍ତ ସାହୁ, ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରା, କୋରିଓଗ୍ରାଫର ଆଶିଷ କୁମାର ଏବଂ କଣ୍ଠଶିଳ୍ପୀ ରଶ୍ମି ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ସବ ଜୁନିୟରରେ ପ୍ରିୟାଂଶୀ ସାହୁ, ଜୁନିୟରରେ ଆଦ୍ୟାଶା ପ୍ରିୟଦର୍ଶିନୀ ଏବଂ ସିନିୟରରେ ଆରୁନି ଅପରୂପା ବିଜେତା ହେଇଥିଲେ। ଏଥିସହ ଜୁନିୟରରେ ରିଦିମା ବାରିକ ବେଷ୍ଟ ଜୁରୀ ଆୱାର୍ଡ ପାଇଥିଲେ।

# ପରିବାରକୁ ଜିଲା ପ୍ରଶାସନର ସହାୟତା

ପୁରୀ ଅଫିସ,୨୦।୬

ତାଳବଣିଆସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ରହୁଥିବା ପ୍ରଭାତୀ ଦାସଙ୍କ ପରିବାରକୁ ରବିବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ପ୍ରଭାତୀଙ୍କ ଦିବ୍ୟାଙ୍ଗ ପୁତ୍ରଙ୍କର ଗତ ଅଗଷ୍ଟରେ ଅକାଳ ବିୟୋଗ ପରେ ମେ ୭ରେ ତାଙ୍କ ବୋହୂ କରୋନାରେ ପ୍ରାଣ ହରାଇଥିଲେ। ଫଳରେ ୧୨ ଓ ୧୦ ବର୍ଷ ବୟସର ଦୁଇ ନାତୁଣୀ ଓ ୪ ବର୍ଷର ନାତିଙ୍କ ଦାୟିତ୍ୱ ପ୍ରଭାତୀଙ୍କ ଉପରେ ରହିଛି। ସମ୍ପୃକ୍ତ ପରିବାରକୁ ସହଯୋଗ ଦାବି ଜୋର ଧରିବା ପରେ ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏହି ସହାୟତା ରାଶି ପ୍ରଭାତୀଙ୍କୁ ପ୍ରଦାନ କରିଛନ୍ତି। ସେହିଭଳି ଅନ୍ୟ ସରକାରୀ ଯୋଜନାର ସୁବିଧା ମଧ୍ୟ ଉକ୍ତ ଶିଶୁମାନଙ୍କୁ ମିଳିବ ବୋଲି କହିଛନ୍ତି। ସହାୟତା ପ୍ରଦାନ ସମୟରେ ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଶକ୍ତିପଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଲୁଣାନଦୀ ଖନନ କାର୍ଯ୍ୟର ସ୍ୱଚ୍ଛତା ଦାବି



ବୈଠକରେ ଯୋଗ ଦେଇଥିବା ଗ୍ରାମବାସୀ ଓ ନୀଳାଚଳ କୃଷକ ମହାସଂଘର କର୍ମକର୍ତ୍ତା।

କଣାସ , ୨୦।୬ (ସ୍ୱ.ପ୍ର.)

ଲୁଣାନଦୀ ଖନନ ପାଇଁ ଅର୍ଥ ମଞ୍ଜୁର ହେବା ଓ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଏହି ଖନନ ଯେପରି ସ୍ୱଚ୍ଛତାର ସହ ହେବ ସେଥିପାଇଁ ରବିବାର ନୀଳାଚଳ କୃଷକ ମହାସଂଘ ପକ୍ଷରୁ କଣାସ ବ୍ଲକର ସିରେଇ ପଞ୍ଚାୟତ ଜଙ୍ଘାର ଛକଠାରେ ସଂଘର ଉପଦେଷ୍ଟା ଗଦାଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଲୁଣାନଦୀର ଟେଣ୍ଡର ପ୍ରକ୍ରିୟାକୁ ନେଇ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଲୁଣା ନଦୀ ଡେଲାଙ୍ଗ ଓ କଣାସ ବ୍ଲକ ଦେଇ ପ୍ରବାହିତ ହେଉଥିବା ବେଳେ କେତୋଟି ଜାଗାରେ ଶଯ୍ୟା ପୋତି ହୋଇପଡିବାରୁ ଚାଷୀମାନେ ଚାଷକାର୍ଯ୍ୟ ପାଇଁ ଜଳ ପାଉନାହାନ୍ତି। ନୀଳାଚଳ ମହାସଂଘ ପକ୍ଷରୁ ନଦୀ ଖନନ ପାଇଁ ବାରମ୍ବାର ଦାବି, ଆନ୍ଦୋଳନ କରାଯିବା ପରେ ରାଜ୍ୟ ସରକାର ଟଙ୍କା ମଞ୍ଜୁର କରି କାର୍ଯ୍ୟ ପାଇଁ ଟେଣ୍ଡର ଡାକି ଜଣେ ସଂସ୍ଥାକୁ ଦେଇଥିଲେ। ହେଲେ ୪।୮।୨୦୧୨ରିଖ ବିଜିପୁରରେ ସର୍ବୋଚ୍ଚ ଯନ୍ତ୍ରୀ ଜଳ ସମ୍ପଦ ବିଭାଗ ଓ ୧୬।୩।୨୦୧୯ରିଖ ଜିଲାପାଳଙ୍କ ବୈଠକ ନିଷ୍ପତ୍ତି ଅନୁଯାୟୀ ରବି ଋତୁରେ ଚାଷଜମିକୁ ଜଳ ଯୋଗାଣ ପାଇଁ ଆଇ.ଆଇ.ସି. ଚେନ୍ନାଇ, ପ୍ରଦାନ କରିଥିବା ଡିଜାଇନ୍‌ଠାରୁ ଅତ୍ୟଧିକ ଦୁଇ ମିଟର ଖନନକୁ ଏହି ଟେଣ୍ଡରରେ ଅନ୍ତର୍ଭୁକ୍ତ କରା ନ ଯିବା ଓ ମୁନିଦାଠାରୁ ୧.୫କି.ମି. ଡ୍ରେଜର ବଦଳରେ ଏସ୍କାଭେଟରରେ ଖନନକୁ ମହାସଂଘ ପକ୍ଷରୁ ବିରୋଧ କରାଯାଇଛି। କାର୍ଯ୍ୟ ନେଇଥିବା ସଂସ୍ଥା ଠିକ୍ ଭାବେ ଖନନ ନ କରିବା, କାମ ନିମ୍ନମାନର ହେଉଥିବା ସମ୍ପର୍କରେ ଗ୍ରାମବାସୀ ଜାଣି ବିରୋଧ କରିବା ସତ୍ତ୍ୱେ ପ୍ରଶାସନ ଚୁପ୍ ବସିଥିବାରୁ ମହାସଂଘର ସଭାପତି ଗୋପୀନାଥ ମିଶ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏକ ତଦାରଖ କମିଟି ଗଠନ ପାଇଁ ସ୍ଥିର ହୋଇଛି। ବୈଠକରେ ମହାସଂଘର ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ଗଦାଧର ସ୍ୱାଇଁ, ଉପସଭାପତି ଶତୃଘ୍ନ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଦୁଃଶାସନ ସ୍ୱାଇଁ, କଣାସ ବ୍ଲକ ସଭାପତି ସମରେନ୍ଦ୍ର ସାହୁ, ଗୁଣନିଧି ପାତ୍ର, ଉଗ୍ରସେନ୍ ବିଶ୍ୱାଳ, ଅରକ୍ଷିତ ଦାଶ, ଭଗୁଚରଣ ପରିଡା, ମାର୍କଣ୍ଡ ସ୍ୱାଇଁ, ସୁଦର୍ଶନ ପ୍ରଧାନ, ସର୍ବେଶ୍ୱର ଜେନା, ବିପ୍ରବର ପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ମହାସଂଘର ସହସମ୍ପାଦକ କେଦାରେଶ୍ୱର ପରିଡା ଧନ୍ୟବାଦ ଦେଇଥିଲେ।

# ଲାଗିଲୁଗା ତିଆରି, ମରାମତି ଆରମ୍ଭ

ପୁରୀ ଅଫିସ, ୨୦।୬

ଆସନ୍ତା ୨୪ ତାରିଖରେ ପବିତ୍ର ସ୍ନାନଯାତ୍ରା ହେବାକୁ ଯାଉଛି। ଏଥିପାଇଁ ପ୍ରଶାସନ ସମେତ ସେବାୟତମାନଙ୍କ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରବିବାର ସ୍ନାନଯାତ୍ରାରେ ମହାପ୍ରଭୁଙ୍କ ପହଣ୍ଡି ନିମନ୍ତେ ଆବଶ୍ୟକ ହେଉଥିବା ଲାଗିଲୁଗା ସହ ସ୍ନାନ ମଣ୍ଡପରେ ଲାଗୁଥିବା ଚାନ୍ଦୁଆ ମରାମତି ଓ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସ୍ନାନଯାତ୍ରା ଦିନ ସ୍ନାନମଣ୍ଡପରେ ୧୪ଟି ଚାନ୍ଦୁଆ ଲାଗିଥାଏ। ଏହି ଚାନ୍ଦୁଆଗୁଡ଼ିକ ନବକଳେବର ସମୟରେ ନୂତନ ଭାବେ ନିର୍ମାଣ କରାଯାଇଥାଏ। କିନ୍ତୁ ପ୍ରତ୍ୟେକ ବର୍ଷ ସ୍ନାନପୂର୍ଣ୍ଣିମା ପୂର୍ବରୁ ଚାନ୍ଦୁଆଗୁଡ଼ିକର ମରାମତି କରାଯାଇଥାଏ। ତେଣୁ ଦରଜି ସେବକ ପ୍ରକାଶ ମହାପାତ୍ରଙ୍କ ନେତୃତ୍ୱରେ ୧୨ଜଣ କାରିଗର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେହିପରି ପହଣ୍ଡି ସମୟରେ ମହାପ୍ରଭୁଙ୍କ ନିମନ୍ତେ ଲାଗିଲୁଗା ଆବଶ୍ୟକ ହୋଇଥାଏ। ବର୍ତ୍ତମାନ ମହାପ୍ରଭୁଙ୍କ ପାଇଁ ୧୨ ହାତି ଗଡ଼ା, ୧୬ ହାତି ଗଡ଼ା , ୨୨ହାତିଆ ସୁତା ପୁଟା, ନେତପୁଟା, କୁସୁମି, ପଟନି, ଟଣାଘଷା, ପାଟ ଏବଂ ସିପତୁଳୀ କାର୍ଯ୍ୟ ଜାରିରହିଛି।



ଦରଜି ସେବକମାନେ ମହାପ୍ରଭୁଙ୍କ ପାଇଁ ଲାଗିଲୁଗା ସିଲେଇ କରୁଛନ୍ତି।

# ଅର୍ଥ ପାଇଁ ଲୁଣ୍ଠନକାରୀ ସାଜିଲେ

ପୁରୀ ଅଫିସ, ୨୦।୬



ପୋଲିସ୍ ଗହଣରେ ଗିରଫ ହୋଇଥିବା ଅଭିଯୁକ୍ତମାନେ।

- ୩ ଯୁବକଙ୍କ ସମେତ ଚୋରା ସାମଗ୍ରୀର କ୍ରେତା ଗିରଫ
- ୪ ମୋବାଇଲ ଫୋନ୍, ୨ ବାଇକ୍ ଜବତ

ପୁରୀ ପୋଲିସ ରବିବାର ଏକ ଲୁଣ୍ଠନକାରୀ ଗ୍ୟାଙ୍ଗର ୩ ସଦସ୍ୟଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟାଉନ ଥାନା ଅଧୀନ ଦୋଳମଣ୍ଡପ ସାହିର ଆଶୀର୍ବାଦ ଦାଶ, ବଡୁମହାପାତ୍ର ଯାଗାର ଦାଡ଼ି ବିଶ୍ୱାଳ ଓରଫ ସୋନୁ, କୁମ୍ଭାରପଡା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣର ରୋହିତ ପ୍ରଧାନ ଓରଫ ସାନୁ ଏବଂ ପିପିଲି ଥାନା ଅଧୀନ ମଙ୍ଗଳପୁର ପାଇକପଡାର ସଦାଶିବ ବେହେରା। ଏମାନଙ୍କଠାରୁ ୪ଟି ମୋବାଇଲ ଫୋନ ଓ ୨ଟି ବାଇକ ଜବତ କରାଯାଇଛି। ଏ ନେଇ ଟାଉନ ଥାନାରେ କେସ୍ ନଂ. ୧୫୫/୨୧ ଓ ସମୁଦ୍ରକୂଳ ଥାନାରେ କେସ୍ ନଂ. ୧୩୦/୨୧ ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ଯୁବକ ହୋଇଥିବାବେଳେ କେବଳ ଟଙ୍କା ପାଇଁ ପ୍ରଥମ ଥର ଅପରାଧ ଦୁନିଆରେ ପାଦ ଦେଇଛନ୍ତି। ଆଗରୁ କୌଣସି ଥାନାରେ ସେମାନଙ୍କ ନାମରେ ଅଭିଯୋଗ ନାହିଁ। ଗିରଫ ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଲୁଟେରା ହୋଇଥିବାବେଳେ ଜଣେ ଲୁଟ ଫୋନକୁ କିଣିଥିଲେ ବୋଲି ଏକ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ ସୂଚନା ଦେଇଛନ୍ତି।

ସିଟି ଡିଏସ୍‌ପି ପାଢୀ କହିଛନ୍ତି, ଗତ ୧୦ ତାରିଖ ରାତିରେ ଟାଉନ୍ ଥାନା ଅନ୍ତର୍ଗତ ଏଲ୍‌ଆଇସି କଲୋନୀର ମୃତ୍ୟୁଞ୍ଜୟ ଦାଶ ରାତି ପ୍ରାୟ ୯ଟା ୧୫ରେ ତାଙ୍କ ଘରକୁ ଫେରୁଥିବା ବେଳେ ଏସ୍‌ସିଏସ୍ କଲେଜ ରୋଡରେ ୩ଜଣ ଯୁବକ ଏକ ବାଇକରେ ଆସି ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ସେ ଏନେଇ ଥାନାରେ ଏତଲା ଦେଇଥିଲେ। ସେହିପରି ୧୮ ତାରିଖ ସନ୍ଧ୍ୟାରେ ସମୁଦ୍ରକୂଳ ଥାନା ଅଞ୍ଚଳର ସନନ୍ଦ କୁମାର ମଲ ଘରକୁ ଫେରୁଥିବାବେଳେ ତାଳବଣିଆ ହେଲିପ୍ୟାଡ ନିକଟରେ ଦୁଇଜଣ ବ୍ୟକ୍ତି ଏକ ବୁଲେଟ୍‌ରେ ଆସି ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ସେ ସମୁଦ୍ରକୂଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଦୁଇଟି ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଧରିଥିଲା। ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଜବତ ମୋବାଇଲ ଫୋନ୍‌ଗୁଡ଼ିକୁ ପୋଲିସ ସମ୍ପୃକ୍ତ ମାଲିକମାନଙ୍କୁ ଫେରାଇ ଦେଇଛି।